


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 43 ◆ISSUE-333 ◆MONDAY ◆1 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୩୩ ◆ସୋମବାର ◆୧ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଆର୍‌ସିବି ପୁଣି ଚାମ୍ପିଅନ

**ଆଇପିଏଲ୍-୧୯ ସଂସ୍କରଣ: ୫ ୱିକେଟ୍‌ରେ ଗୁଜରାଟ ପରାସ୍ତ | କିମ୍ବଦନ୍ତୀ କୋହଲିଙ୍କ ଅପରାଜିତ ୭୫ ରନ୍**

■ **ଅହମ୍ମଦାବାଦ୍, ୩୧।୫ (ଏଜେନ୍ସି):** ଡିଫେଣ୍ଡିଂ ଚାମ୍ପିଅନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)୨୦୨୬-ଆଇପିଏଲ୍ (ଇଣ୍ଡିଆନ୍ ପ୍ରିମିୟର ଲିଗ୍) ଚାମ୍ପିଅନ ହେବା ସହ ଦୀର୍ଘ ଅଢ଼େଇ ମାସ ଧରି ଚାଲିଥିବା ଫଟାଫଟ୍ କ୍ରିକେଟରେ ସର୍ବବୃହତ୍ ମହୋତ୍ସବର ପରିସମାପ୍ତି ଘଟିଛି। ବିଶ୍ୱର ଏହି ସର୍ବବୃହତ୍ ଓ ସବୁଠାରୁ ଲୋକପ୍ରିୟ ଟୁର୍ଣ୍ଣାମେଣ୍ଟର ୧୯ତମ ସଂସ୍କରଣର ଆଜି ଖେଳାଯାଇଥିବା ଫାଇନାଲରେ ଆର୍‌ସିବି ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ଏହା ଫଳରେ ରଜତ ପାଟିଦାରଙ୍କ ନେତୃତ୍ୱରେ ଆର୍‌ସିବି କ୍ରମାଗତ ଦ୍ୱିତୀୟଥର ଆଇପିଏଲ୍ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ପୁରସ୍କାର ବାବଦରେ ଆର୍‌ସିବିକୁ ଟ୍ରଫି ସହ ୨୦ କୋଟି ଟଙ୍କା ମିଳିଛି। ବୋଲରଙ୍କୁ ସହାୟତା ଦେଉଥିବା ଏହି ପିଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ରନ୍ କରିଥିଲା। ଜବାବରେ ବିରାଟ କୋହଲିଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସହାୟତାରେ ଆର୍‌ସିବି ୧୨ଟି ବଲ ଓ ୫ଟି ୱିକେଟ ବାକି ଥାଇ ଫାଇନାଲ ମ୍ୟାଚ୍‌କୁ ଜିତିନେଇଥିଲା। କୋହଲି ୪୨ବଲ୍‌ରୁ ୯ଚୌକା ଓ ୩ଛକା ସହ ୭୫ ରନ୍ କରି ଅପରାଜିତ ରହିଥିଲେ। ସୂଚନାଯୋଗ୍ୟ ଅହମ୍ମଦାବାଦ୍‌ରେ ଅନୁଷ୍ଠିତ ୨୦୨୫ ଆଇପିଏଲ୍ ଫାଇନାଲକୁ ଆର୍‌ସିବି ୬ ରନ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ପରାସ୍ତ କରି ୧୮ ବର୍ଷରେ ପ୍ରଥମ ଟାଇଟଲ ବିଜୟୀ ହୋଇଥିଲା। କୋହଲିଙ୍କୁ ପ୍ଲେୟର୍ ଅଫ୍ ଦ ଫାଇନାଲ୍ ଓ ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ଲେୟର୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ କରାଯାଇଛି। ସୂର୍ଯ୍ୟବଂଶୀଙ୍କୁ ଅରେଞ୍ଜ ଓ କଗିସୋ ରାବାଡ଼ାଙ୍କୁ ପର୍ପଲ୍ କ୍ୟାପ୍ ମିଳିଛି।

**ଶୁଖିଲା ପଡ଼ିଛି ଦେଶର ୧୫ ପ୍ରମୁଖ ଜଳଭଣ୍ଡାର**

# ଜଳସଙ୍କଟ ଜଳଜଳ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ପ୍ରଚଣ୍ଡ ଖରା, ଭୟଙ୍କର ଉତ୍ତାପ ସାରା ଦେଶରେ ଜଳସଙ୍କଟ ସୃଷ୍ଟି କରିଛି। କୂଅ, ପୋଖରୀ, ନଦୀ ଶୁଷ୍କ ହେବାରେ ଲାଗିଛି। ଭୂତଳ ଜଳ ହ୍ରାସ ଯୋଗୁଁ ନଳକୂଅ ଅଚଳ ହୋଇ ପଡ଼ିଛି। ଏହି ସମୟରେ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସଦ୍ୟତମ ତଥ୍ୟ ଆଗାମୀ ଦିନ ପାଇଁ ସତର୍କ ଘଣ୍ଟି ପରି ହୋଇଛି। ମେ ମାସ ଶେଷ ସୁଦ୍ଧା ଦେଶର ୧୬୬ଟି ପ୍ରମୁଖ ଜଳଭଣ୍ଡାରରେ ଜଳଧାରଣ କ୍ଷମତାର ମାତ୍ର ୨୪.୭୫% ଜଳ ମହଜୁଦ୍ ଥିବା ସଂକ୍ରାନ୍ତ ରିପୋର୍ଟ ଅନେକଙ୍କ ଆଖିରୁ ନିଦ ହଜାଇ ଦେଇଛି। ଜଳଭଣ୍ଡାରରେ କମ୍ ଜଳର ଉପଲବ୍ଧି ଓ ମୌସୁମୀରେ କମ୍ ବର୍ଷା ନେଇ ପାଣିପାଗ ବିଭାଗର ଆକଳନ ଆଗାମୀ ଦିନରେ ପରିସ୍ଥିତି ଗୁରୁତର ହୋଇପାରେ ବୋଲି ଆକଳନ କରାଯାଉଛି।

ଜଳ ଆୟୋଗଙ୍କ ରିପୋର୍ଟ ଅନୁସାରେ ଅତ୍ୟଧିକ ଗରମ ଏବଂ ଜଳର ଅଧିକ ବ୍ୟବହାର ଯୋଗୁଁ ମାତ୍ର ଏକ ମାସ ମଧ୍ୟରେ ଜଳାଶୟଗୁଡ଼ିକରୁ ପ୍ରାୟ ୨୧.୪୧୧ ବିଲିୟନ ଘନ ମିଟର ପାଣି ହ୍ରାସ, ଯାହା ଜଳ ସୁରକ୍ଷା ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ମେ ମାସ ଆରମ୍ଭରେ ଏହି ସମସ୍ତ ଜଳଭଣ୍ଡାରଗୁଡ଼ିକରେ ୩୬.୪୧ ପ୍ରତିଶତ ଜଳ ଥିଲା, ଯାହା ମାସ ଶେଷ ବେଳକୁ ହ୍ରାସ ପାଇ ୪୫.୪୧୯ ବିଲିୟନ କ୍ୟୁବିକ ମିଟରରେ ପହଞ୍ଚିଛି। ପାଣିପାଗ ବିଭାଗ ପୂର୍ବରୁ ହିଁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା କରାଯାଇଥିବା ବେଳେ ବର୍ତ୍ତମାନ ୧୫ଟି ପ୍ରମୁଖ ଜଳଭଣ୍ଡାରରେ ପାଣିର ସ୍ତର ସ୍ୱାଭାବିକଠାରୁ ଅଧାକୁ ଖସି ଆସିଛି। ମଇ ମାସ ଆରମ୍ଭରେ ୧୧ଟି ବନ୍ଧ ସଙ୍କଟଜନକ ସ୍ଥିତିରେ ଥିବା ବେଳେ ଗରମ ବଢ଼ିବା ଯୋଗୁଁ ଏହି ସଂଖ୍ୟା ୧୫କୁ ବୃଦ୍ଧି ପାଇଛି। ଦେଶର କେତେକ ବଡ଼ ଜଳଭଣ୍ଡାର, ଯେପରିକି ମହାରାଷ୍ଟ୍ରର ଭୀମା ଉଜ୍ଜୟନୀ ବନ୍ଧ ଏବଂ ବିହାରର ଚନ୍ଦନ ବନ୍ଧ ସମ୍ପୂର୍ଣ୍ଣ ରୂପେ ଶୁଖି ଯାଇଥିବା ରେକର୍ଡ କରାଯାଇଛି। ବିଶେଷ କରି ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକରେ ଏହି ଜଳାଶୟ ସଙ୍କଟ ସବୁଠାରୁ ଭୟଙ୍କର ରୂପ ଧାରଣ କରିଛି। କର୍ଣ୍ଣାଟକ ଏବଂ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟଗୁଡ଼ିକରେ ଜଳସ୍ତର ମେ ମାସ ଆରମ୍ଭରେ ୨୬.୮୩ ପ୍ରତିଶତ ଥିବା ବେଳେ ମାସ ଶେଷ ସୁଦ୍ଧା ତାହା ମାତ୍ର ୧୭.୫୫ ପ୍ରତିଶତକୁ ▶ପୃଷ୍ଠା-୭



- ଗଚ୍ଛିତ ଜଳ ପରିମାଣ ମାତ୍ର ୨୪.୭୫ ପ୍ରତିଶତ
- ଏଲ୍‌ନିନୋ ଯୋଗୁଁ ଚଳିତବର୍ଷ କମ୍ ବର୍ଷା ଆକଳନ
- ପ୍ରଭାବିତ ହେବ ଜଳ ଯୋଗାଣ, ବିଜୁଳି ଉତ୍ପାଦନ

# ଲଘୁଚାପକୁ ଅନେଇଛି ଦୁର୍ବଳ ମୌସୁମୀ

**କେରଳ ଛୁଇଁବା ହୋଇପାରେ ବିଳମ୍ବ**

■ **ଭୁବନେଶ୍ୱର, ୩୧।୫ (ସମିସ):** କେରଳରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗମନ ପୂର୍ବ ଆକଳନ ଅପେକ୍ଷା ଆହୁରି ବିଳମ୍ବ ହେବାରେ ଲାଗିଛି। ଭାରତୀୟ ପାଣିପାଗ ବିଭାଗ ପ୍ରଥମେ ମେ ୨୬ ତାରିଖ ଆଖପାଖରେ ମୌସୁମୀ ଆସିବା ନେଇ ପୂର୍ବାନୁମାନ କରିଥିଲା। ଏହାପରେ ଆଜି ସୁଦ୍ଧା ମୌସୁମୀ ଆଗମନ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇ ନାହିଁ। ବିଶ୍ୱସ୍ତରୀୟ ଏସେମ୍ବଲ୍ ମଡେଲ୍ ଏବଂ ଚଳିତ ପାଣିପାଗ ସ୍ଥିତିର ସମୀକ୍ଷା ଅନୁଯାୟୀ ବର୍ତ୍ତମାନ ମୌସୁମୀ ଛୁଇଁବାର ସମ୍ଭାବ୍ୟ ସମୟ ଜୁନ୍ ୧ ରୁ ୪ ତାରିଖ ମଧ୍ୟରେ ରହିଛି। ବାୟୁମଣ୍ଡଳୀୟ ସଂରଚନା ଯଦି ଏହିପରି ମନ୍ଥର ରହେ, ତେବେ ଏହା ଜୁନ୍ ୫ ରୁ ୬ ତାରିଖ ପର୍ଯ୍ୟନ୍ତ ମଧ୍ୟ ଘୁଞ୍ଚିଯାଇପାରେ ବୋଲି ବରିଷ୍ଠ ପାଣିପାଗ ବିଜ୍ଞାନୀ ଡ. ସୁରେନ୍ଦ୍ର ନାଥ ପଶୁପାଳକ ଆକଳନ କରିଛନ୍ତି।

ଡ. ପଶୁପାଳକଙ୍କ ଅନୁଯାୟୀ ଏହି ବିଳମ୍ବର କାରଣ ବର୍ଷାର ଅଭାବ ନୁହେଁ। କେରଳ, ଲାକ୍ଷାଦ୍ୱୀପ ଏବଂ ସଂଲଗ୍ନ ଆରବ ସାଗର ଅଞ୍ଚଳରେ ପୂର୍ବରୁ ହିଁ ବ୍ୟାପକ ବର୍ଷା, ଘନ ମେଘମାଳା, ଝଟ୍‌କା ପବନ ଏବଂ ଦିନର କମ୍ ତାପମାତ୍ରା ଅନୁଭୂତ ହେଉଛି। ତେବେ, ମୌସୁମୀର ଆନୁଷ୍ଠାନିକ ଘୋଷଣା କେବଳ ବର୍ଷା ଉପରେ ନିର୍ଭର କରେନାହିଁ, ଏଥିପାଇଁ ବାୟୁମଣ୍ଡଳରେ ଏକ ସମ୍ପୂର୍ଣ୍ଣ ସୁସଂଗଠିତ ମୌସୁମୀ ପ୍ରବାହ ସୃଷ୍ଟି ହେବା ଆବଶ୍ୟକ। ପାଣିପାଗ ବିଭାଗର ମାପଦଣ୍ଡ ଅନୁଯାୟୀ ପଶ୍ଚିମା ବାୟୁର ପ୍ରବାହ ବାୟୁମଣ୍ଡଳର ୬୦୦ଏଚପିଏ ସ୍ତର (ସମୁଦ୍ର ପତନଠାରୁ ପ୍ରାୟ ୪ ରୁ ୪.୫ କିଲୋମିଟର ଉଚ୍ଚତା) ପର୍ଯ୍ୟନ୍ତ ନିରନ୍ତର ଓ ଗଭୀର ହେବା ଆବଶ୍ୟକ। ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ପଶ୍ଚିମା ବାୟୁ ସକ୍ରିୟ ଥିଲେ ମଧ୍ୟ, ଏହାର ଗଭୀରତା ଏବଂ ନିରନ୍ତରତା ଏକ ସମ୍ପୂର୍ଣ୍ଣ ପ୍ରତିଷ୍ଠିତ ମୌସୁମୀ ପରି ସୁସଂଗଠିତ ହୋଇପାରି ନାହିଁ ▶ପୃଷ୍ଠା-୭

# ୨୦୩୪କୁ ଘୁଞ୍ଚିବ ଏକ ଦେଶ, ଏକ ନିର୍ବାଚନ

**୨୦୨୯ରେ ୨୦ ବିଧାନସଭା ଓ ଲୋକସଭା ନିର୍ବାଚନ**

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶରେ 'ଏକ ଦେଶ, ଏକ ନିର୍ବାଚନ' ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର ସରକାର ଏକ ଦୁଇ-ପର୍ଯ୍ୟାୟ ବିଶିଷ୍ଟ ଯୋଜନା ଉପରେ ବିଚାର କରୁଛନ୍ତି। ରାଜ୍ୟ ବିଧାନସଭାଗୁଡ଼ିକର କାର୍ଯ୍ୟକାଳରେ ସମସ୍ୟା ଏବଂ ବାରମ୍ବାର ନିର୍ବାଚନକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଉଛି। ମିଳିତ ସଂସଦୀୟ କମିଟିର ସୂତ୍ର ଅନୁଯାୟୀ ସମଗ୍ର ଦେଶରେ ଏକାଥରକେ ନିର୍ବାଚନ ନ କରି ୨୦୨୯ ଓ ୨୦୩୪ ମସିହା ମଧ୍ୟରେ ଦୁଇଟି ପର୍ଯ୍ୟାୟରେ ଏହାକୁ ଶେଷ କରାଯିବ। ସୂଚନା ଅନୁସାରେ ୨୦୨୯ ମସିହା ସାଧାରଣ ନିର୍ବାଚନ ସହିତ ଦେଶର ପ୍ରାୟ ୨୦ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଏକତ୍ର କରାଯିବ। ଅବଶିଷ୍ଟ ରାଜ୍ୟଗୁଡ଼ିକୁ ୨୦୩୪ ମସିହା ସୁଦ୍ଧା ଏହି ସମାନ ନିର୍ବାଚନ ପ୍ରକ୍ରିୟା ମଧ୍ୟକୁ ଅଣାଯିବ ଓ ଯାହାଦ୍ୱାରା ସମଗ୍ର ▶ପୃଷ୍ଠା-୭

**ଜେଇଇ ଆଡଭାନ୍ସଡ୍ ପରୀକ୍ଷା ଫଳ**

# ଶୁଭମ୍ କୁମାର ଟପ୍ପର



**୫୬ ହଜାରରୁ ଅଧିକ କୃତକାର୍ଯ୍ୟ**

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶର ଅନ୍ୟତମ ପ୍ରତିଷ୍ଠିତ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇ ଆଡଭାନ୍ସଡ୍-୨୦୨୬ର ପରୀକ୍ଷାଫଳ ରବିବାର ବିଳମ୍ବିତ ରାତିରେ ପ୍ରକାଶ ପାଇଛି। ଭାରତୀୟ ପ୍ରଯୁକ୍ତି ସଂସ୍ଥାନ (ଆଇଆଇଟି) ରୁର୍କୀ ପକ୍ଷରୁ ଫଳାଫଳ ଘୋଷଣା କରାଯାଇଥିବା ବେଳେ ଆଇଆଇଟି ଦିଲ୍ଲୀ ଜୋନ୍‌ର ଶୁଭମ କୁମାର ୩୬୦ରୁ ୩୩୦ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଆଇଆଇଟି ଦିଲ୍ଲୀ ଜୋନ୍‌ର ଆରୋହୀ ଦେଶପାଣ୍ଡେ ମହିଳା ବର୍ଗରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଫଳାଫଳ ଜୁନ୍ ୧ରେ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ଏକ ରାତି ପୂର୍ବରୁ ଘୋଷଣା କରାଯାଇଛି। ପରୀକ୍ଷାର୍ଥୀମାନେ ଅଧିକାରିକ ୱେବସାଇଟ୍ jeeadv.ac.in ରେ ନିଜର ସ୍କୋରକାର୍ଡ ଯାଞ୍ଚ କରିପାରିବେ। ▶ପୃଷ୍ଠା-୭

**ପେଟ୍ରୋଲ, ଡିଜେଲ, ଏଟିଏଫ୍‌ରୁ ରପ୍ତାନୀ ଶୁଳ୍କ ହ୍ରାସ**



# ଲାଭରେ କମ୍ପାନୀ; ଖାଉଟି ନିରାଶ

■ **ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି):** ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଦେଶର ଅଧିକାଂଶ ସହରରେ ପେଟ୍ରୋଲ ଏବଂ ଡିଜେଲ ଲିଟର ପିଛା ୧୦୦ ଟଙ୍କା ଉପରେ ରହିଛି। ଠିକ୍ ଏହି ସମୟରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦରରେ ବୃହତ୍ ହ୍ରାସ ଘଟିଛି। ଏହି ନିଷ୍ପତ୍ତି ପରେ ସରକାର ପେଟ୍ରୋଲ, ଡିଜେଲ ଏବଂ ଏଟିଏଫ୍ (ବିମାନ ଇନ୍ଧନ) ଉପରୁ ରପ୍ତାନି ଶୁଳ୍କ ହ୍ରାସ କରିଛନ୍ତି। ଫଳରେ ପେଟ୍ରୋଲ ଉପରେ ରପ୍ତାନି ଶୁଳ୍କ ଲିଟର ପିଛା ୧.୫ ଟଙ୍କା, ଡିଜେଲ ଉପରେ ୧୩.୫ ଟଙ୍କା ଏବଂ ଏଟିଏଫ୍ ଉପରେ ୯.୫୦ ଟଙ୍କା ହ୍ରାସ ହୋଇଛି। ତେବେ ଏଠାରେ ସମସ୍ତଙ୍କ ମନରେ ପ୍ରଶ୍ନ ଉଠୁଛି ଯେ, ଉଭୟ ତୈଳର ରପ୍ତାନି ଶୁଳ୍କରେ ଏହି ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କମିବ କି। ତେବେ ବାସ୍ତବ କଥା ହେଉଛି, ଉଭୟ ତୈଳ ଉପରେ ଟିକସ ହ୍ରାସ ପରେ ଘରୋଇ ବଜାରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ କୌଣସି ହ୍ରାସ ଘଟିବ ନାହିଁ। କାରଣ ସରକାର ଘରୋଇ ସ୍ତରରେ ଟିକସରେ କୌଣସି ପରିବର୍ତ୍ତନ କରିନାହାଁନ୍ତି। ସରକାରଙ୍କ ଏହି ନିଷ୍ପତ୍ତିରେ ବରଂ ବଡ଼ ବଡ଼ ସରକାରୀ ଏବଂ ଘରୋଇ ତୈଳ କମ୍ପାନୀ ଲାଭବାନ୍ ହେବେ। ଏ କ୍ଷେତ୍ରରେ ତେଲ କମ୍ପାନୀଙ୍କୁ ଆଶ୍ୱସ୍ତି ▶ପୃଷ୍ଠା-୭


**ବାଲିଅନ୍ତା ଭିଡ଼ହତ୍ୟା: ଆଜିଠାରୁ ଏନ୍‌ଏଚ୍‌ଆର୍‌ସିର ତଦନ୍ତ**

# ଜେରା ହେବେ ଏଡିଜିଙ୍କଠୁ କନେଷ୍ଟବଲ

■ **ଭୁବନେଶ୍ୱର, ୩୧।୫ (ସମିସ):** ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ତଦନ୍ତ କରିବେ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆର୍‌ସି)। ରାଜେନ୍ଦ୍ର ସିଂ ଓ ଅଭିନାଶ କୁମାରଙ୍କୁ ନେଇ ଗଠିତ ଏନ୍‌ଏଚ୍‌ଆର୍‌ସି ଟିମ୍ ସୋମବାର ଘଟଣାସ୍ଥଳ ପରିଦର୍ଶନ କରିବେ। ସୌମ୍ୟଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ଏଡିଜିଙ୍କଠାରୁ ଦ୍ୱୈତନଗରୀ ପୁଲିସ କମିସନର ଓ ଘଟଣାସ୍ଥଳରେ ଉପସ୍ଥିତ ଏସ୍‌ଆଇ, କନେଷ୍ଟବଳ ପ୍ରମୁଖଙ୍କୁ ଏନ୍‌ଏଚଆର୍‌ସି ଜେରା କରିବେ। ଏ ସଂକ୍ରାନ୍ତରେ ରାଜ୍ୟ ମୁଖ୍ୟ ସଚିବ, ପୁଲିସ ଡିଜି ଓ ରେଳବାଇ ଏଡିଜିଙ୍କୁ ମାନବାଧିକାର କମିଶନ ଆଗୁଆ ସୂଚନା ଦେଇଛନ୍ତି।



ସୂଚନା ଅନୁସାରେ ଦ୍ୱୈତନଗରୀ ପୁଲିସ କମିସନର, ଭୁବନେଶ୍ୱର ଡିସିପି, ଏସିପି, ଜିଆର୍‌ପି ସୁପରିଟେଣ୍ଡେଣ୍ଟଙ୍କୁ ତଦନ୍ତ ପରିସରଭୁକ୍ତ କରିଛନ୍ତି ଏନ୍‌ଏଚ୍‌ଆରସି। ଏହା ସହ ବାଲିଅନ୍ତା ଥାନା ଅଧିକାରୀ, ତଦନ୍ତକାରୀ ଅଧିକାରୀ, ଘଟଣାସ୍ଥଳରେ ଉପସ୍ଥିତ ଏସ୍‌ଆଇ, ଏଏସ୍‌ଆଇ, ଦୁଇ କନେଷ୍ଟବଳ, ଆଇନଶୃଙ୍ଖଳା ପାଇଁ ଦାୟୀ ଅଫିସର, କ୍ୟାପିଟାଲ ହସ୍ପିଟାଲ ଡାକ୍ତର ଏବଂ ବ୍ୟବଚ୍ଛେଦରେ ସାମିଲ ଥିବା ଡାକ୍ତରୀ ଟିମ୍ ଓ ସୌମ୍ୟଙ୍କୁ ନିଜ ଘରେ ବ୍ୟକ୍ତିଗତ କାମ କରାଇବା ସହ ଶାରୀରିକ ଶୋଷଣ କରୁଥିବା ବରିଷ୍ଠ ଆଇପିଏସ୍‌ଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରି ଜେରା କରାଯିବ। ଅନୁରୂପ ଭାବରେ ଅଭିଯୋଗକାରୀ ଭଜମନ ▶ପୃଷ୍ଠା-୭

## କୋଠାରେ ବିସ୍ଫୋରଣ; ୫୫ରୁ ଊର୍ଦ୍ଧ୍ୱ ମୃତ

**ନେପିଡ଼ା,୩୧।୫(ଏଜେନ୍ସି):** ମିଆଁମାରର ଉତ୍ତର-ପୂର୍ବ ଅଞ୍ଚଳରେ ଏକ ବିସ୍ଫୋରକ ସାମଗ୍ରୀ ଗୋଦାମରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୫୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୭୦ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ରବିବାର ଚୀନ୍ ସୀମାନ୍ତରୁ ମାତ୍ର ୩ କିଲୋମିଟର ଦୂର ନାମକାମ ସହରର କାଉଙ୍ଗଟୁପ୍ ଗ୍ରାମରେ ଏହି ଦୁର୍ଘଟଣା ଘଟିଛି। ବିସ୍ଫୋରଣର ପ୍ରଭାବରେ ଆଖପାଖର ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଘର କ୍ଷତିଗ୍ରସ୍ତ ହୋଇଛି। ମୃତକଙ୍କ ମଧ୍ୟରେ ୬ ଶିଶୁ ରହିଥିବା ଜଣାପଡ଼ିଛି। ୭୪ ଜଣ ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଦିଲ୍ଲୀରେ ପାଞ୍ଚ ମହଲା କୋଠା ଭୁଶୁଡ଼ି; ୪ ମୃତ, ୧୦ ଆହତ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ରାଜଧାନୀ ଦିଲ୍ଲୀର ସାକେତ ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଏଠାରେ ଏକ ପାଞ୍ଚ ମହଲା ବିଶିଷ୍ଟ କୋଠା ହଠାତ୍ ଭୁଶୁଡ଼ି ପଡ଼ିବା ଫଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଥିରୁ ୩ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ସ୍ଥାନୀୟ ପୁଲିସ ଅଧିକାରୀଙ୍କ ସୂଚନା ଅନୁଯାୟୀ, ଭୁଶୁଡ଼ି ପଡ଼ିଥିବା କୋଠାଟି ମେଡିକାଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ବ୍ୟବହାର କରାଯାଉଥିବା ଏକ କ୍ୟାଣ୍ଟିନ ଥିଲା। ଦୁର୍ଘଟଣା ପରେ ତୁରନ୍ତ ଆହତମାନଙ୍କୁ ଡାକ୍ତରଖାନା ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ସବୁଜ ପଥ (ଗ୍ରୀନ୍ କରିଡର) ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଧ୍ୱଂସାବଶେଷ ତଳୁ ପ୍ରାୟ ୧୨ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏନ୍‌ଡିଆରଏଫ ଏବଂ ଦମକଳ ବାହିନୀ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ସେଠାରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ରୁଷ ପରମାଣୁ କେନ୍ଦ୍ର ଉପରେ ୟୁକ୍ରେନର ଡ୍ରୋନ୍ ମାଡ଼

**ମସ୍କୋ/କିଭ୍,୩୧।୫(ଏଜେନ୍ସି):** ରୁଷ ନିୟନ୍ତ୍ରଣରେ ଥିବା ୟୁରୋପର ସବୁଠାରୁ ବଡ଼ ପରମାଣୁ ଶକ୍ତି କେନ୍ଦ୍ର 'ଜାପୋରିଜିଆ' ଉପରେ ୟୁକ୍ରେନ୍‌ର ଏକ ଡ୍ରୋନ୍ ଆକ୍ରମଣ ହୋଇଥିବା ରୁଷ ଦାବି କରିଛି। ରୁଷର ସରକାରୀ ପରମାଣୁ ଶକ୍ତି ସଂସ୍ଥା 'ରୋସାଟମ୍' ପକ୍ଷରୁ କୁହାଯାଇଛି ଯେ, ଶନିବାର ଅପରାହ୍ଣରେ ଏକ ୟୁକ୍ରେନର କାମିକାଜେ (ଆତ୍ମଘାତୀ) ଡ୍ରୋନ୍ ପରମାଣୁ କେନ୍ଦ୍ରର ୬ ନମ୍ବର ପାୱାର ୟୁନିଟ୍‌ର ଟରବାଇନ୍ ହଲ୍ ଉପରେ ମାଡ଼ ହୋଇଛି। ଏହି ବିସ୍ଫୋରଣ ଯୋଗୁଁ ମୁଖ୍ୟ ଯନ୍ତ୍ରପାତିର କୌଣସି କ୍ଷତି ହୋଇନଥିଲେ ମଧ୍ୟ ଟରବାଇନ୍ ହଲ୍‌ର କାନ୍ଥରେ ଏକ ବଡ଼ ଗାତ ସୃଷ୍ଟି ହୋଇଛି। ଅପରପକ୍ଷରେ, ୟୁକ୍ରେନ୍ ସେନା ରୁଷର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିବା ସହ ଏହାକୁ କେବଳ ଏକ ମିଥ୍ୟା ପ୍ରଚାର ବୋଲି କହିଛି।

## ଭିଏତନାମ ପରେ ବ୍ରହ୍ମୋସ୍ କିଣିବ ଇଣ୍ଡୋନେସିଆ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ପ୍ରତିରକ୍ଷା ରପ୍ତାନି କ୍ଷେତ୍ରରେ ଭାରତକୁ ଆଉ ଏକ ବଡ଼ ସଫଳତା ମିଳିଛି। ଭିଏତନାମ ପରେ ଏବେ ଇଣ୍ଡୋନେସିଆ ମଧ୍ୟ ଭାରତର ସୁପରସୋନିକ କ୍ରୁଜ୍ କ୍ଷେପଣାସ୍ତ୍ର 'ବ୍ରହ୍ମୋସ୍' କିଣିବାକୁ ଯାଉଛି। ସିଙ୍ଗାପୁରରେ ଅନୁଷ୍ଠିତ ଏକ ପ୍ରତିରକ୍ଷା ସମ୍ମିଳନୀ ଅବସରରେ ଭାରତର ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂ ଏହି ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। ଭିଏତନାମ ସହିତ ପ୍ରାୟ ୫,୮୦୦ କୋଟି ଟଙ୍କାର ଚୁକ୍ତି ସ୍ୱାକ୍ଷରିତ ହୋଇସାରିଥିବା ବେଳେ ଇଣ୍ଡୋନେସିଆ ସହ ଆଲୋଚନା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଦକ୍ଷିଣ ଚୀନ ସାଗରରେ ଚୀନ ସହିତ ସାମୁଦ୍ରିକ ବିବାଦ ଲାଗି ରହିଥିବା ଯୋଗୁଁ ନିଜର ସାମୁଦ୍ରିକ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଦକ୍ଷିଣ-ପୂର୍ବ ଏସିଆର ଦେଶଗୁଡ଼ିକ ଭାରତୀୟ କ୍ଷେପଣାସ୍ତ୍ର ପ୍ରତି ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି। ଏହା ପୂର୍ବରୁ ଫିଲିପାଇନ୍ସ ଭାରତଠାରୁ ଏହି କ୍ଷେପଣାସ୍ତ୍ର କିଣିବାରେ ପ୍ରଥମ ବିଦେଶୀ ଦେଶ ସାଜିଥିଲା। ବର୍ତ୍ତମାନ ମାଲେସିଆ ଏବଂ ଥାଇଲ୍ୟାଣ୍ଡ ଭଳି ଦେଶ ମଧ୍ୟ ବ୍ରହ୍ମୋସ୍ କିଣିବା ପାଇଁ ଭାରତ ସହ ଯୋଗାଯୋଗରେ ଅଛନ୍ତି।

## ପଶ୍ଚିମବଙ୍ଗ, ଆସାମ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ

**କୋଲକାତା/ଗୌହାଟୀ, ୩୧।୫ (ଏଜେନ୍ସି):** ପଶ୍ଚିମବଙ୍ଗ ଓ ଆସାମର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ଓ ଏ ନେଇ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରବିବାର ଦିନ ନିଜ ସରକାରର ଏକ ବଡ଼ ଧରଣର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଘୋଷଣା କରିଛନ୍ତି। ସୋମବାର ପୂର୍ବାହ୍ନ ୧୧ଟା ସମୟରେ ରାଜ୍ୟ ସଚିବାଳୟ ନବାନ୍ନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସମୁଦାୟ ୩୫ ଜଣ ନେତା ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ସେହିପରି ଆସାମର ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରବିବାର ଦିନ ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ନେଇ ଘୋଷଣା କରିଛନ୍ତି। ଆସନ୍ତା ଜୁନ୍ ୫ ତାରିଖରେ ରାଜ୍ୟର ମନ୍ତ୍ରୀ ପରିଷଦର ସମ୍ପ୍ରସାରଣ କରାଯିବ ବୋଲି ସେ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସୂତ୍ର ଅନୁଯାୟୀ, ଏହି ସମ୍ପ୍ରସାରଣରେ ପ୍ରାୟ ୮ ରୁ ୯ ଜଣ ବିଧାୟକଙ୍କୁ କ୍ୟାବିନେଟ୍ ମନ୍ତ୍ରୀ ଭାବେ ସାମିଲ କରାଯିବାର ସମ୍ଭାବନା ରହିଛି ଏବଂ ଏହା ସହିତ ଦୁଇ ଜଣଙ୍କୁ ରାଷ୍ଟ୍ରମନ୍ତ୍ରୀ ପଦ ମିଳିପାରେ। ବର୍ତ୍ତମାନ ଆସାମ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ମାତ୍ର ୫ ଜଣ ସଦସ୍ୟ ରହିଛନ୍ତି।

# ଅଧାରେ ଅଟକିଲା ଆମେରିକା-ଇରାନ ଚୁକ୍ତି

**ଗୁରୁତ୍ୱପୂର୍ଣ୍ଣ ବୈଠକ ଛାଡ଼ି ଚାଲିଗଲେ ଟ୍ରମ୍ପ**

**ୱାସିଂଟନ,୩୧।୫(ଏଜେନ୍ସି):** ଇରାନ ସହିତ ହେବାକୁ ଥିବା ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତିକୁ ନେଇ ଆମେରିକାର ହ୍ୱାଇଟ ହାଉସରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚସ୍ତରୀୟ ବୈଠକ କୌଣସି ନିଷ୍କର୍ଷ ବିନା ଶେଷ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଦୁଇ ଘଣ୍ଟିଆ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ମଝିରୁ ଛାଡ଼ି ଚାଲିଯାଇଛନ୍ତି। ରାଷ୍ଟ୍ରପତିଙ୍କ ଏଭଳି ଆଭିମୁଖ୍ୟ ଯୋଗୁଁ ଦୁଇ ଦେଶ ମଧ୍ୟରେ ଚାଲିଥିବା ଚୁକ୍ତି ପ୍ରକ୍ରିୟା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଆମେରିକା ପକ୍ଷରୁ ରଖାଯାଇଥିବା କଠୋର ସର୍ତ୍ତକୁ ଇରାନ ଗ୍ରହଣ ନକରିବା ଯୋଗୁଁ ଏହି ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହି ବୈଠକ ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ସ୍ପଷ୍ଟ କରିଥିଲେ ଯେ, ଯଦି ଇରାନ ଯୁଦ୍ଧବିରତିର ଅବଧି ବଢ଼ାଇବାକୁ ଚାହୁଁଛି, ତେବେ ତାକୁ ବିବାଦୀୟ ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ପାଇଁ ସମ୍ପୂର୍ଣ୍ଣ ଭାବେ ଖୋଲିବାକୁ ହେବ ଏବଂ ସେଠାରେ ବିଛାଯାଇଥିବା ସମସ୍ତ ସାମୁଦ୍ରିକ ବୋମାକୁ ନଷ୍ଟ କରିବାକୁ ପଡ଼ିବ। ଏହା ସହିତ ଇରାନ କେବେ ମଧ୍ୟ ପରମାଣୁ ବୋମା ତିଆରି କରିବ ନାହିଁ ଏବଂ ନିଜ ପାଖରେ ଥିବା ସମୃଦ୍ଧ ୟୁରାନିୟମକୁ ଆମେରିକା ଦ୍ୱାରା ହଟାଇବାକୁ ଅନୁମତି



ଦେବ ବୋଲି ଆମେରିକା ମୁଖ୍ୟ ସର୍ତ୍ତ ରଖିଛି। ଆମେରିକାର ଅଧିକାରୀଙ୍କ କହିବା ଅନୁଯାୟୀ, ଟ୍ରମ୍ପ କେବଳ ସେହି ଚୁକ୍ତିରେ ସ୍ୱାକ୍ଷର କରିବେ ଯାହା ଇରାନର ପରମାଣୁ ଆକାଂକ୍ଷାକୁ ସମ୍ପୂର୍ଣ୍ଣ ରୂପେ ରୋକିପାରିବ।

ଅପରପକ୍ଷରେ, ଇରାନ ଏହି ଚୁକ୍ତିକୁ ନେଇ କ୍ଷୋଭ ପ୍ରକାଶ କରିଛି। ଇରାନର ଜଣେ ଅଧିକାରୀ କହିଛନ୍ତି ଯେ କେବଳ ପ୍ରତିଶ୍ରୁତି ବା କଥାରେ ସେମାନଙ୍କର କୌଣସି ବିଶ୍ୱାସ ନାହିଁ। ବିଗତ ବର୍ଷ ମଧ୍ୟରେ ପରମାଣୁ ଆଲୋଚନା ଚାଲିଥିବା ସମୟରେ ହିଁ ଆମେରିକା ଏବଂ ଇସ୍ରାଏଲ ଦୁଇ ଦୁଇ ଥର ଇରାନ ଉପରେ ଆକ୍ରମଣ କରିଥିବାରୁ ସେମାନେ ଆମେରିକାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି। ଇରାନର ସାମରିକ ବିଶେଷଜ୍ଞମାନେ ଆମେରିକା ଉପରେ କୂଟନୀତିକ ପ୍ରତାରଣା କରୁଥିବା ଅଭିଯୋଗ ଆଣିଛନ୍ତି। ଅନ୍ୟପଟେ ଆମେରିକାର ପ୍ରତିରକ୍ଷା ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ଯଦି ଚୁକ୍ତି ସଫଳ ନହୁଏ, ତେବେ ଇରାନ ଉପରେ ପୁନର୍ବାର ସାମରିକ ଆକ୍ରମଣ କରିବା ପାଇଁ ଆମେରିକା ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। ଆମେରିକା ଏବଂ ଇରାନ ମଧ୍ୟରେ ବଢୁଥିବା ଅବିଶ୍ୱାସ ଏବଂ କଠୋର ଆଭିମୁଖ୍ୟ ଯୋଗୁଁ ପଶ୍ଚିମ ଏସିଆରେ ଶାନ୍ତି ପ୍ରତିଷ୍ଠା ଆଶା ଆଉ ସୁଦୂରପରାହତ ମନେହେଉଛି। ଯଦିଓ ଉଭୟ ଦେଶ ମଧ୍ୟରେ ଯୁଦ୍ଧବିରତିର ଅବଧିକୁ ୬୦ ଦିନ ବଢ଼ାଇବା ପାଇଁ ଏକ ପ୍ରାଥମିକ ସହମତି ପ୍ରକାଶ ପାଇଥିଲା, ତଥାପି ଶୀର୍ଷ ସ୍ତରରେ ରହିଥିବା ମତଭେଦ ସମଗ୍ର ପ୍ରକ୍ରିୟାକୁ ଅଟକାଇ ଦେଇଛି। ଏହି ଆଲୋଚନା ବିଫଳ ହେଲେ ଆଗାମୀ ଦିନରେ ଏହି ଅଞ୍ଚଳରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ, ଯାହା ବିଶ୍ୱ ଅର୍ଥନୀତି ଏବଂ ସୁରକ୍ଷା ପାଇଁ ଚିନ୍ତାଜନକ ହେବ।

## 'ମନ୍ କି ବାତ୍'ରେ ଓଡ଼ିଶାର ବେଲ ପଣା ଓ ସୁବର୍ଣ୍ଣରେଖା ଆମ୍ବ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ତାଙ୍କର ମାସିକ ରେଡିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍'ର ୧୩୪ତମ ସଂସ୍କରଣରେ ଓଡ଼ିଶାର ପ୍ରତିଭା, ପାରମ୍ପରିକ ପାନୀୟ ଏବଂ କୃଷି ସାମଗ୍ରୀକୁ ନେଇ ପ୍ରଶଂସା କରିଛନ୍ତି। ଏଥିରେ ସେ ଓଡ଼ିଶାର ଦ୍ରୁତତମ ଧାବକ ଅନିମେଷ କୁଜୁରଙ୍କ ସହ ସିଧାସଳଖ କଥା ହୋଇଛନ୍ତି। ଏହାସହ ରାଜ୍ୟର ପ୍ରସିଦ୍ଧ ବେଲ ପଣା ଓ ସୁବର୍ଣ୍ଣରେଖା ଆମ୍ବର ଚମତ୍କାର ସ୍ୱାଦ ବିଷୟରେ ସେ ଦେଶବାସୀଙ୍କୁ ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ରାଞ୍ଚିରେ ଅନୁଷ୍ଠିତ ନ୍ୟାସନାଲ୍ ସିନିୟର ଆଥଲେଟିକ୍ସ ଫେଡେରେସନ୍ ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡ଼ା ପ୍ରତିଭାଙ୍କ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ୧୦୦ ମିଟର ଦୌଡ଼ରେ ଓଡ଼ିଶା ପାଇଁ ଖେଳୁଥିବା ଅନିମେଷ କୁଜୁର ଏବଂ ଗୁରିନ୍ଦର ବୀର ସିଂହଙ୍କ ମଧ୍ୟରେ ଚାଲିଥିବା ପ୍ରତିଦ୍ୱନ୍ଦ୍ୱିତାକୁ ସେ ଏକ 'ଯୁଗଳବନ୍ଦୀ' ଭାବେ ଅଭିହିତ କରିଥିଲେ। ମାତ୍ର ଦୁଇ ଦିନ ମଧ୍ୟରେ ତିନି ତିନି ଥର ଜାତୀୟ ରେକର୍ଡ ଭାଙ୍ଗିଥିବା ଏହି ଦୁଇ ଖେଳାଳିଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ସହ କଥା ହେବା ବେଳେ ଅନିମେଷ କହିଥିଲେ ଯେ, ଏହି ସଫଳତା ଭାରତୀୟମାନେ ଦ୍ରୁତ ଦୌଡ଼ରେ ବିଶ୍ୱସ୍ତରୀୟ ମାନଦଣ୍ଡ ହାସଲ କରିପାରିବେ ନାହିଁ ବୋଲି ରହିଥିବା ପୂର୍ବ ଧାରଣାକୁ ଭୁଲ୍ ପ୍ରମାଣିତ କରିଛି। ଆଗାମୀ କମନୱେଲଥ ଗେମ୍ସ ପାଇଁ ମଧ୍ୟ ଏହି ଦୁଇ ଖେଳାଳି ମନୋନୀତ ହୋଇଥିବା ପ୍ରଧାନମନ୍ତ୍ରୀ ଜଣାଇଥିଲେ।



ଏହାପରେ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ଦେଶର ବିଭିନ୍ନ ପ୍ରାନ୍ତର ପାରମ୍ପରିକ ସ୍ୱଦେଶୀ ପାନୀୟ ବିଷୟରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏହି କ୍ରମରେ ସେ ଉତ୍ତର ଭାରତର ଆମ ପନ୍ନା, ପଞ୍ଜାବର ଲସି, ରାଜସ୍ଥାନ-ଗୁଜରାଟର ଛାଛ, ବିହାର-ଝାଡ଼ଖଣ୍ଡର ସାତୁ ସରବତ ସହ ଓଡ଼ିଶାର ପ୍ରସିଦ୍ଧ 'ବେଲ ପଣା'ର ସ୍ୱତନ୍ତ୍ରତା ବିଷୟରେ କହିଥିଲେ। ଏହି ପାନୀୟଗୁଡ଼ିକ କେବଳ ଶରୀରକୁ ଶାନ୍ତି ଦିଅନ୍ତି ନାହିଁ, ବରଂ ଏକ ଭାରତ ଶ୍ରେଷ୍ଠ ଭାରତର ଭାବନାକୁ ମଧ୍ୟ ପ୍ରତିଫଳିତ କରନ୍ତି ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଫଳର ରାଜା ଆମ୍ବ ବିଷୟରେ ଆଲୋଚନା କରିବା ଅବସରରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶର ପ୍ରସିଦ୍ଧ 'ସୁବର୍ଣ୍ଣରେଖା' ଆମ୍ବର ନାମ ଉଲ୍ଲେଖ କରିଥିଲେ। ଦେଶର ଆମ୍ବ ଏବେ ବିଶ୍ୱ ବଜାରରେ ପହଞ୍ଚୁଥିବାରୁ ସେ ଆମ୍ବ ଚାଷୀଙ୍କୁ ପ୍ରଶଂସା କରିଛନ୍ତି।

## ଅଭିଷେକ ବାନାର୍ଜୀଙ୍କୁ ଆକ୍ରମଣ ଘଟଣାରେ ୫ ଗିରଫ

**କଲକାତା,୩୧।୫(ଏଜେନ୍ସି):** ତୃଣମୂଳ କଂଗ୍ରେସ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରକୁ ହୋଇଥିବା ଆକ୍ରମଣ ମାମଲାରେ ପଶ୍ଚିମବଙ୍ଗ ପୁଲିସ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଭିଡିଓ ଚିତ୍ର ଆଧାରରେ ପୁଲିସ ବିଳମ୍ବିତ ରାତିରେ ଚଢ଼ାଉ କରି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଦକ୍ଷିଣ ସୋନାରପୁର ଅଞ୍ଚଳରେ ନିର୍ବାଚନ ପରବର୍ତ୍ତୀ ହିଂସାର ଶିକାର ହୋଇଥିବା ଦଳୀୟ କର୍ମୀଙ୍କୁ ଭେଟିବାକୁ ଯାଇଥିବା ସମୟରେ ଅଭିଷେକଙ୍କ ଗାଡ଼ିକୁ ଘେରି ସେଠାରେ ଉତ୍ତ୍ୟକ୍ତ ଲୋକେ ପଥର ଏବଂ ଅଣ୍ଡା ମାଡ଼ କରିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ ଏକ ସୁରକ୍ଷିତ ହେଲମେଟ ପିନ୍ଧାଇ ସେଠାରୁ ଉଦ୍ଧାର କରିଥିଲେ। ଏହି ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ଏକ ଗଭୀର ଚକ୍ରାନ୍ତ ବୋଲି ଅଭିହିତ କରିଛନ୍ତି। ହସ୍ପିଟାଲରେ ଅଭିଷେକଙ୍କୁ ଭେଟିବା ପରେ ସେ କହିଛନ୍ତି ଯେ ଯଦି ସେହି ସମୟରେ ହେଲମେଟ ନଥାନ୍ତା, ତେବେ ସାଂସଦଙ୍କ ଜୀବନ ଚାଲିଯାଇଥାନ୍ତା। ଏହା ସହିତ ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଦଳ ଏବଂ ପୁଲିସର କିଛି ଅଧିକାରୀଙ୍କ ଚାପ ଯୋଗୁଁ ଡାକ୍ତରମାନେ ଅଭିଷେକଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପୂର୍ବରୁ ହସ୍ପିଟାଲରୁ ଛାଡ଼ିଦେଇଛନ୍ତି।

**ହେଲମେଟ ଯୋଗୁଁ ଜୀବନ ବଞ୍ଚିଲା: ମମତା**

## ଅଭିଷେକଙ୍କ ପରେ କଲ୍ୟାଣ ବାନାର୍ଜୀଙ୍କୁ ଆକ୍ରମଣ

**କୋଲକାତା,୩୧।୫(ଏଜେନ୍ସି):** ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାରେ ରବିବାର ଦିନ ଏକ ବଡ଼ ଧରଣର ରାଜନୈତିକ ସଂଘର୍ଷ ଦେଖିବାକୁ ମିଳିଛି। ଚଣ୍ଡୀତଲା ଥାନା ବାହାରେ ଚାଲିଥିବା ଏକ ବିକ୍ଷୋଭ ପ୍ରଦର୍ଶନ ସମୟରେ ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ତଥା ସାଂସଦ କଲ୍ୟାଣ ବାନାର୍ଜୀଙ୍କ ଉପରକୁ ମାରାତ୍ମକ ଆକ୍ରମଣ ହୋଇଛି। ଏହି ଆକ୍ରମଣରେ ସାଂସଦଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଘଟଣାସ୍ଥଳରେ ବହୁ ସଂଖ୍ୟାରେ ପୁଲିସ ଏବଂ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ କରାଯାଇଛି। ଗିରଫ ହୋଇଥିବା ନିଜ ଦଳର କର୍ମୀମାନଙ୍କୁ ମୁକ୍ତ କରିବା ଦାବିରେ ତୃଣମୂଳ କଂଗ୍ରେସ ସମର୍ଥକମାନେ ଚଣ୍ଡୀତଲା ଥାନା ଅଭିମୁଖେ ଏକ ଶୋଭାଯାତ୍ରା କରୁଥିଲେ। ଏହି ସମୟରେ ସେଠାରେ ବିରୋଧୀ ଦଳର କର୍ମୀମାନେ ଏକାଠି ହୋଇ ସେମାନଙ୍କୁ ଚୋର ବୋଲି କହି ପ୍ରତିବାଦ କରିଥିଲେ। ଦେଖୁଦେଖୁ ଦୁଇ ପକ୍ଷ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସାଂସଦ କଲ୍ୟାଣ ବାନାର୍ଜୀ ଯେତେବେଳେ ଦାବିପତ୍ର ଦେବା ପାଇଁ ଥାନା ଆଡ଼କୁ ଯାଉଥିଲେ, ସେତେବେଳେ କିଛି ଦୁର୍ବୃତ୍ତ ତାଙ୍କ ଉପରକୁ ପଥର ମାଡ଼ କରିଥିଲେ।



ହୁଗୁଳିରେ ପ୍ରବଳ ଉତ୍ତେଜନା

ଏହି ଘଟଣା ପରେ ସାଂସଦ ନିଜ ଆହତ ମୁଣ୍ଡରେ ଓଦା ରୁମାଲ ଜାକି ଥାନା ବାହାରେ ଧାରଣାରେ ବସି ରହିଥିଲେ ଏବଂ ଏହାକୁ ଗଣତନ୍ତ୍ର ଉପରେ ଏକ ଯୋଜନାବଦ୍ଧ ଆକ୍ରମଣ ବୋଲି ଅଭିହିତ କରିଛନ୍ତି। ଏହି ଆକ୍ରମଣ ଘଟଣାକୁ ନେଇ ରାଜ୍ୟରେ ଶାସକ ଏବଂ ବିରୋଧୀ ଦଳ ମଧ୍ୟରେ କାଦୁଅ ଫିଙ୍ଗାଫିଙ୍ଗି ଆରମ୍ଭ ହୋଇଯାଇଛି। ତୃଣମୂଳ କଂଗ୍ରେସର ମୁଖ୍ୟ ଏହି ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ବିରୋଧୀ ଦଳ ଗଣତନ୍ତ୍ରକୁ ହତ୍ୟା କରୁଛି ବୋଲି ଅଭିଯୋଗ କରିଛନ୍ତି। ଏହାର ଦିନକ ପୂର୍ବରୁ ଦଳର ଅନ୍ୟ ଜଣେ ପ୍ରମୁଖ ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରକୁ ମଧ୍ୟ ଅନୁରୂପ ଭାବେ ଆକ୍ରମଣ ହୋଇଥିଲା। ଅପରପକ୍ଷରେ, ବିରୋଧୀ ଦଳ ଏହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛି। ସାଂସଦ କଲ୍ୟାଣ ବାନାର୍ଜୀଙ୍କୁ କୌଣସି ଆଘାତ ଲାଗିନାହିଁ ଏବଂ ସେ ଜନସାଧାରଣଙ୍କ ସହାନୁଭୂତି ସାଉଁଟିବା ପାଇଁ ଏଭଳି ନାଟକ କରୁଛନ୍ତି ବୋଲି ବିରୋଧୀ ଦଳ ପାଲଟା ଦାବି କରିଛି। ନିର୍ବାଚନ ପରବର୍ତ୍ତୀ ସମୟରେ ପଶ୍ଚିମବଙ୍ଗରେ ରାଜନୈତିକ ହିଂସା କମିବା ପରିବର୍ତ୍ତେ ଦିନକୁ ଦିନ ବଢ଼ିବାରେ ଲାଗିଛି।

## ବର୍ଷକର ଶିଶୁକୁ କଚାଡ଼ି ହତ୍ୟା: ଅଭିଯୁକ୍ତକୁ ପୁଲିସର ଏନକାଉଣ୍ଟର

**ଫିରୋଜାବାଦ, ୩୧।୫ (ଏଜେନ୍ସି):** ଉତ୍ତର ପ୍ରଦେଶର ଫିରୋଜାବାଦରେ ଏକ ଅତି ଅମାନୁଷିକ ଘଟଣା ସାମ୍ନାକୁ ଆସିଛି। ଜଣେ ମହିଳା ବିବାହ ପ୍ରସ୍ତାବ ପ୍ରତ୍ୟାଖ୍ୟାନ କରିବାରୁ ଜିତେନ୍ଦ୍ର ପାଠକ ଓରଫ୍ ବିରାଜ ନାମକ ଜଣେ ଯୁବକ ତାଙ୍କର ଦେଢ଼ ବର୍ଷର ଶିଶୁପୁତ୍ରକୁ ତଳେ ବାରମ୍ବାର କଚାଡ଼ି ହତ୍ୟା କରିଛି। ଏହି ଘଟଣା ପରେ ପୁଲିସ ସହ ହୋଇଥିବା ଏକ ଏନକାଉଣ୍ଟରରେ ଅଭିଯୁକ୍ତ ଗୋଡ଼ରେ ଗୁଳି ବାଜିବା ପରେ ତାକୁ ଗିରଫ କରାଯାଇଛି। ପୀଡ଼ିତା ମହିଳା ରତିଙ୍କୁ ବିରାଜ କ୍ରମାଗତ ଭାବେ ବିବାହ ପାଇଁ ଚାପ ପ୍ରୟୋଗ କରୁଥିଲା। ମାତ୍ର ନିଜର ଏକ ସନ୍ତାନ ଥିବା ଦର୍ଶାଇ ରତି ଏହି ପ୍ରସ୍ତାବକୁ ମନା କରିଦେଇଥିଲେ। ଏଥିରେ ଜୋର ଜବରଦସ୍ତ ବିବାହ କରିବା ପାଇଁ ବିରାଜ ଶିଶୁପୁତ୍ର ଆରଭକୁ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ସେ ଶିଶୁଟିକୁ ନେଇଯାଇ ବାରମ୍ବାର ଭୂଇଁରେ କଚାଡ଼ି ହତ୍ୟା କରିବା ପରେ ଫେରାର ହୋଇଯାଇଥିଲା। ଅଜି ଅଭିଯୁକ୍ତ ଫେରାର ହେବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ସହିତ ଗୁଳି ବିନିମୟ ହୋଇଥିଲା। ଗୁଳିମାଡ଼ରେ ବିରାଜର ଗୋଡ଼ରେ ଗୁଳି ବାଜିଥିଲା ଏବଂ ସେ ସେଠାରେ ପଡ଼ିଯିବା ପରେ ତାକୁ ଗିରଫ କରାଯାଇଥିଲା।

■ ଗାଜିଆବାଦ୍ ଏନ୍‌କାଉଣ୍ଟର

## ସାଙ୍ଗକୁ ଛୁରାମାଡ଼ କରିଥିବା ମୁଖ୍ୟ ଅଭିଯୁକ୍ତ ଅସଦ୍ ନିହତ

**ଗାଜିଆବାଦ୍, ୩୧।୫ (ଏଜେନ୍ସି):** ଉତ୍ତର ପ୍ରଦେଶର ଗାଜିଆବାଦ୍‌ରେ ଜଣେ ୧୭ ବର୍ଷୀୟ ନାବାଳକକୁ ସଂଘବଦ୍ଧ ଭାବେ ଛୁରାମାଡ଼ କରି ହତ୍ୟା କରିବା ଘଟଣାର ମୁଖ୍ୟ ଅଭିଯୁକ୍ତ ଅସଦ୍‌କୁ ପୁଲିସ ଏନକାଉଣ୍ଟର କରିଛି। ଶନିବାର ବିଳମ୍ବିତ ରାତିରେ ଖୋଡ଼ା ଏବଂ ଇନ୍ଦିରାପୁରମ୍ ଥାନା ପୁଲିସର ମିଳିତ ଅପରେସନ ବେଳେ ହୋଇଥିବା ଗୁଳିବିନିମୟରେ ଅସଦ୍‌ର ମୃତ୍ୟୁ ହୋଇଛି। ଏହି ସଂଘର୍ଷ ସମୟରେ ଜଣେ ପୁଲିସ ଅଧିକାରୀ ମଧ୍ୟ ଗୁଳିମାଡ଼ରେ ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଗତ ମେ ୨୮ ତାରିଖ ବକରୀ ଇଦ୍ ଦିନ ଖୋଡ଼ା ଅଞ୍ଚଳରେ ସୂର୍ଯ୍ୟ ପ୍ରତାପ ଚୌହାନ ନାମକ ଜଣେ ଯୁବକଙ୍କୁ ଅସଦ୍ ଏବଂ ତାର ସହଯୋଗୀମାନେ ନିର୍ମମ ଭାବେ ଛୁରାମାଡ଼ କରିଥିଲେ, ଯାହା ଫଳରେ ଚିକିତ୍ସାଧୀନ ଅବସ୍ଥାରେ ସୂର୍ଯ୍ୟଙ୍କର ମୃତ୍ୟୁ ଘଟିଥିଲା। ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଘଟଣା ପରଠାରୁ ଅସଦ୍ ଫରାର ଥିଲା ଏବଂ ତାକୁ ଗିରଫ କରିବା ପାଇଁ ପୁଲିସ ପକ୍ଷରୁ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ଗତକାଲି ରାତିରେ ଅସଦ୍ ନିଜ ସହଯୋଗୀ ସହ ମୋଟରସାଇକେଲ୍‌ରେ ପଳାଇବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ତାକୁ ଅଟକାଇବାକୁ ଚେଷ୍ଟା କରିଥିଲା। ଏହି ସମୟରେ ଅଭିଯୁକ୍ତ ପୁଲିସ ଉପରକୁ ଗୁଳି ଚଳାଇଥିଲା ଏବଂ ଜବାବୀ କାର୍ଯ୍ୟାନୁଷ୍ଠାନରେ ପୁଲିସ ଗୁଳିରେ ସେ ଗୁରୁତର ହୋଇ ପ୍ରାଣ ହରାଇଥିଲା।

## ଲେବାନନ୍‌ର ୯୦୦ ବର୍ଷର ପୁରୁଣା ଦୁର୍ଗ ଦଖଲ କଲା ଇସ୍ରାଏଲ

**ବେରୁଟ,୩୧।୫(ଏଜେନ୍ସି):** ଜାତିସଂଘ ଓ ବିଶ୍ୱ ସମୁଦାୟର ମଧ୍ୟସ୍ଥତାରେ ହୋଇଥିବା ଯୁଦ୍ଧବିରତି ଚୁକ୍ତି ସତ୍ତ୍ୱେ ଇସ୍ରାଏଲ ସେନା ଦକ୍ଷିଣ ଲେବାନନରେ ଥିବା ପ୍ରାୟ ୯୦୦ ବର୍ଷର ପୁରୁଣା ଐତିହାସିକ 'ବୋଫୋର୍ଟ ଦୁର୍ଗ' ଏବଂ ଏହାର ଆଖପାଖ ପାର୍ବତ୍ୟ ଅଞ୍ଚଳକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି। ଇସ୍ରାଏଲ ଏହି ଦୁର୍ଗକୁ ସନ୍ତ୍ରାସବାଦୀ ସଂଗଠନ ହିଜବୁଲ୍ଲାର ଏକ ପ୍ରମୁଖ ଗଡ଼ ବୋଲି ଅଭିହିତ କରିଛି। ବୋଫୋର୍ଟ ଦୁର୍ଗ ଏକ ଉଚ୍ଚ ପାହାଡ଼ ଉପରେ ଅବସ୍ଥିତ। ଏହାକୁ ଦଖଲ କରିବା ଦ୍ୱାରା ଇସ୍ରାଏଲ ସେନାକୁ ସମଗ୍ର ଦକ୍ଷିଣ ଲେବାନନ ଏବଂ ଉତ୍ତର ଇସ୍ରାଏଲର ସୀମାନ୍ତ ଅଞ୍ଚଳ ଉପରେ ନଜର ରଖିବା ପାଇଁ ଏକ ସୁବିଧାଜନକ ସ୍ଥାନ ମିଳିଛି। ହିଜବୁଲ୍ଲା ଏହି ସ୍ଥାନରୁ ଇସ୍ରାଏଲର ଆବାସିକ ଅଞ୍ଚଳକୁ ଲକ୍ଷ୍ୟ କରି ଶତାଧିକ ରକେଟ୍ ମାଡ଼ କରୁଥିଲା।

## ନେପାଳ ପ୍ରଧାନମନ୍ତ୍ରୀଙ୍କ ସୀମା ବିବାଦ ବୟାନକୁ ନେଇ ଝଡ଼


**କାଠମାଣ୍ଡୁ, ୩୧।୫ (ଏଜେନ୍ସି):** ନେପାଳ ପ୍ରଧାନମନ୍ତ୍ରୀ ବାଲେନ ଶାହ ରବିବାର ନେପାଳ ସଂସଦରେ ଭାରତ ଓ ନେପାଳ ପରସ୍ପରର ଜମି ଦଖଲ କରି ରଖିଛନ୍ତି ବୋଲି କହିଛନ୍ତି। ତାଙ୍କର ଏହି ମନ୍ତବ୍ୟକୁ ନେଇ ଏବେ ଉଭୟ ଭାରତ ଓ ନେପାଳ ମଧ୍ୟରେ ରାଜନୈତିକ ତଥା କୂଟନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନରୁ ବିବାଦ ରହିଛି। ଉତ୍ତରାଖଣ୍ଡର ଏହି ଅଞ୍ଚଳଗୁଡ଼ିକୁ ନେପାଳ ନିଜର ବୋଲି କହିଆସୁଛି। ଶାହ ସଂସଦରେ କହିଛନ୍ତି ଯେ, ଭାରତ କେବଳ ନେପାଳର ଅଞ୍ଚଳ ଦଖଲ କରିନାହିଁ, ବରଂ ନେପାଳ ମଧ୍ୟ ଭାରତୀୟ ସୀମା ମାଡ଼ି ବସିଛି। ଏହାପରେ ଶାହ ଦୁଇ ଦେଶ ବନ୍ଧୁ ଭାବରେ ବସି ଏହି ପ୍ରସଙ୍ଗର ସମାଧାନ କରିବା ଉଚିତ ବୋଲି କହିଛନ୍ତି। ନେପାଳ ସରକାର ଏହି ବିଷୟରେ ଭାରତକୁ ଏକ କୂଟନୈତିକ ପ୍ରସ୍ତାବ ଦେଇଛି। ଏହା ବ୍ୟତୀତ ନେପାଳ ଏହି ପ୍ରସଙ୍ଗରେ ଚୀନ୍ ଏବଂ ବ୍ରିଟେନ ସହିତ ମଧ୍ୟ କୂଟନୈତିକ ଆଲୋଚନା କରିଛି।

**ଘୁଷୁରି ଦେହରୁ ତିଆରି ହେବ ମଣିଷ ଅଙ୍ଗ**

# ଆଉ ଶୀଘ୍ର ବଢ଼ିବନି ବୟସ

**ମସ୍କୋ,୩୧।୫(ଏଜେନ୍ସି):** ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ନିଜ ଦେଶରେ ବାର୍ଦ୍ଧକ୍ୟ ଏବଂ ଶାରୀରିକ ଦୁର୍ବଳତାକୁ ରୋକିବା ପାଇଁ ଏକ ବଡ଼ ସରକାରୀ ଯୋଜନା ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ ପାଇଁ ପ୍ରାୟ ୨୬ ବିଲିୟନ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ପ୍ରାୟ ୨.୪୭ ଲକ୍ଷ କୋଟି ଟଙ୍କା ବ୍ୟୟ କରାଯାଉଛି। 'ନୂତନ ସ୍ୱାସ୍ଥ୍ୟ ସଂରକ୍ଷଣ ପ୍ରଯୁକ୍ତିବିଦ୍ୟା' ନାମକ ଏହି କାର୍ଯ୍ୟକ୍ରମ ଅଧୀନରେ ବିଶେଷ ପ୍ରଜାତିର ଛୋଟ ଘୁଷୁରି ଶରୀର ମଧ୍ୟରେ ମଣିଷର ବିଭିନ୍ନ ଅଙ୍ଗ ପ୍ରସ୍ତୁତ କରାଯିବ। ବୈଜ୍ଞାନିକମାନଙ୍କ ଅନୁଯାୟୀ, ଏହାଦ୍ୱାରା ବାର୍ଦ୍ଧକ୍ୟ ପ୍ରକ୍ରିୟାକୁ ଧିମା କରାଯାଇପାରିବ ଏବଂ ଭବିଷ୍ୟତରେ ଅଙ୍ଗ ପ୍ରତିରୋପଣ ପାଇଁ ଦେଖାଦେଉଥିବା ସମସ୍ୟାର ସମାଧାନ ହୋଇପାରିବ। ଏହି ପ୍ରକଳ୍ପ ମାଧ୍ୟମରେ ରୁଷିଆ ସରକାର ଚଳିତ ଦଶନ୍ଧି ଶେଷ ସୁଦ୍ଧା ପ୍ରାୟ ୧.୭୫ ଲକ୍ଷ ଲୋକଙ୍କ ଜୀବନ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏଥିରେ ଜିନ ଗବେଷଣା ଏବଂ ମାନବ କୋଷଗୁଡ଼ିକର ବାର୍ଦ୍ଧକ୍ୟ ରୋକିବା ପାଇଁ ବିଭିନ୍ନ ଆଧୁନିକ ଚିକିତ୍ସା ପଦ୍ଧତିର ବ୍ୟବହାର କରାଯାଉଛି। ରିପୋର୍ଟ ଅନୁଯାୟୀ, ୭୩ ବର୍ଷୀୟ ପୁତିନ ନିଜକୁ ସୁସ୍ଥ ଏବଂ ଯୁବକ ରଖିବା ପାଇଁ ଦୀର୍ଘ ସମୟ ଧରି ଅତ୍ୟନ୍ତ କମ୍ ତାପମାତ୍ରା ବିଶିଷ୍ଟ ବିଶେଷ ଚିକିତ୍ସା ପଦ୍ଧତିର ସାହାଯ୍ୟ ନେଉଛନ୍ତି। ଏହି ପ୍ରକଳ୍ପର ଦାୟିତ୍ୱ ପୁତିନଙ୍କ ଡାକ୍ତର କନ୍ୟା ମାରିଆ ଭୋରୋଣ୍ଟସୋଭା ଏବଂ ସେଠାକାର କିଛି ପ୍ରମୁଖ ବୈଜ୍ଞାନିକଙ୍କ ହାତରେ ନ୍ୟସ୍ତ କରାଯାଇଛି। ତେବେ ଏହି ଆଧୁନିକ ଗବେଷଣାକୁ ନେଇ କେତେକ ଅନ୍ତର୍ଜାତୀୟ ବୈଜ୍ଞାନିକ ପ୍ରଶ୍ନବାଚୀ ସୃଷ୍ଟି କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ପାଶ୍ଚାତ୍ୟ ଦେଶଗୁଡ଼ିକର କଟକଣା ଯୋଗୁଁ ରୁଷିଆର ବୈଜ୍ଞାନିକମାନେ ବିଶ୍ୱ ଗବେଷଣା ସମୁଦାୟଠାରୁ ଅଲଗା ହୋଇ ରହିଛନ୍ତି। ତେଣୁ ଏହି ଦାବିଗୁଡ଼ିକ କେତେଦୂର ସତ୍ୟ, ତାହା ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶ ନହେବା ପର୍ଯ୍ୟନ୍ତ ସ୍ପଷ୍ଟ ଭାବେ କହିବା ମୁସ୍କିଲ। ଅନ୍ୟପଟେ ଚୀନ ରାଷ୍ଟ୍ରପତିଙ୍କ ସହ ଏକ ବୈଠକ ସମୟରେ ମଧ୍ୟ ପୁତିନ ମଣିଷର ଆୟୁଷକୁ ୧୫୦ ବର୍ଷ ପର୍ଯ୍ୟନ୍ତ ବଢ଼ାଇବା ସମ୍ପର୍କରେ ଆଲୋଚନା କରିଥିବା ଜଣାପଡ଼ିଛି।

**ପୁତିନଙ୍କ ୨.୪୭ ଲକ୍ଷ କୋଟିର ପ୍ରକଳ୍ପ**



## ଏନ୍‌କାଉଣ୍ଟର୍‌କୁ ବି ଅପରାଧୀଙ୍କ ଖାତିର୍ ନାହିଁ

# ଫୁଲକୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା



**ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଦୁଇଦିନରେ ୨ଟି ହତ୍ୟା**

ବ୍ରହ୍ମପୁର, ୩୧।୫ (ସମିସ): ପୁଲିସ୍ ଏନ୍‌କାଉଣ୍ଟରକୁ ବି ଖାତିର କରୁନାହାନ୍ତି ଅପରାଧୀ। ନିକଟ ଅତୀତରେ ବ୍ରହ୍ମପୁର ପୁଲିସ ପାଞ୍ଚ ପାଞ୍ଚଟି ଏନ୍‌କାଉଣ୍ଟର୍ କରିବା ପରେ ବି ଅପରାଧୀ ପୁଲିସକୁ ଖୋଲା ଚାଲେଞ୍ଜ ଦେଉଛନ୍ତି। ଦିନକୁ ପୂର୍ବରୁ ଗୋଳନ୍ଥରା ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଜଣେ ବିଧବା ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା ଘଟଣାକୁ ୨୪ଘଣ୍ଟା ନ ବିତୁଣୁ ବ୍ରହ୍ମପୁର ସହରରେ ପୁଣି ଜଣେ ଯୁବକଙ୍କୁ ଅତି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ନରସିଂହ ବେହେରା। ଅଭିଯୁକ୍ତମାନେ ଫୁଲକୁଣ୍ଡରେ ଛେଚି ତାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ହିଲପାଟଣାସ୍ଥିତ ଏକ ପରିତ୍ୟକ୍ତ ଘରୁ ପୁଲିସ ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ପରେ ତାହାକୁ ଏମକେସିଜି ମେଡିକାଲରେ ସଂରକ୍ଷିତ ରଖାଯାଇଛି।

ଘଟଣାର ବିଭିନ୍ନ ଦିଗକୁ ନେଇ ପୁଲିସ ଛାନଭିନ ଚଳାଇଛି। ମୃତ ନରସିଂହ କେଉଁମାନଙ୍କ ସହ ଘଟଣାସ୍ଥଳକୁ ଯାଇଥିଲେ, ସେଠାରେ ତାଙ୍କୁ କିଏ ଏବଂ କାହିଁକି ହତ୍ୟା କଲେ, ସେନେଇ ଖୋଳତାଡ଼ ଜାରି ରଖିଛି। ଅନୁସନ୍ଧାନ ବେଳେ ଘଟଣାସ୍ଥଳରେ ଅଥବା ଆଖପାଖରେ କୌଣସି ସିସିଟିଭି କ୍ୟାମେରା ନଥିବା ଜଣାପଡ଼ିଛି। ତେବେ ଉକ୍ତ ପରିତ୍ୟକ୍ତ ଘରକୁ କାହାର ଯାତାୟତ ରହୁଥିଲା, ସେନେଇ ତନାଘନା ଚଳାଇଛି। ନରସିଂହଙ୍କୁ ଏକ ସିମେଣ୍ଟର ଫୁଲକୁଣ୍ଡରେ ସଂଘବଦ୍ଧ ଭାବେ ଆକ୍ରମଣ କରି ହତ୍ୟା କରାଯାଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସାଇଣ୍ଟିଫିକ୍ ଟିମ ଓ ସନ୍ଧାନୀ କୁକୁର ସହାୟତାରେ ପୁଲିସର ତଦନ୍ତ ଜାରି ରହିଛି। ଖବର ପାଇ ଥାନାରେ ମୃତକଙ୍କ ଭାଇ ପହଞ୍ଚି ଏତଲା ଦେଇଥିବା ଜଣାପଡ଼ିଛି। ସହରରେ ବଢ଼ୁଥିବା ଅପରାଧିକ କାର୍ଯ୍ୟକଳାପକୁ ନେଇ ପୁଲିସ ପକ୍ଷରୁ ଯେତିକି ପଦକ୍ଷେପ ନିଆଯାଉଛି, ଅପରାଧୀମାନେ ସେତିକି ସତର୍କ ହୋଇ ନିର୍ବିଘ୍ନରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ଏହା ଉଭୟ ପୁଲିସ୍ ଓ ଲୋକଙ୍କ ପାଇଁ ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ସାଜିଛି।



ନବୀନ ନିବାସରେ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଜୟଦେବ ନିର୍ବାଚନ ମଣ୍ଡଳୀର ବିଜେଡି ସଂଯୋଜନା କମିଟି ସଦସ୍ୟ

## ସ୍ନାନଯାତ୍ରା ଓ ରଥଯାତ୍ରା ନୀତି ନିର୍ଘଣ୍ଟ

# ଅପରାହ୍ଣ ୪ଟାରେ ରଥଟଣା

ପୁରୀ, ୩୧।୫ (ସମିସ): ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ସ୍ନାନମଣ୍ଡପକୁ ବିଜେ କରିବେ ଚତୁର୍ଦ୍ଧା ବିଗ୍ରହ। ଏହାପରେ ରଥଯାତ୍ରା, ବାହୁଡ଼ା, ସୁନାବେଶ, ନୀଳାଦ୍ରିବିଜେ ଆଦି ବିଶେଷ ପର୍ବପର୍ବାଣୀ ରହିଛି। ଏହି ସବୁ ପର୍ବପର୍ବାଣୀ ସମୟରେ ଠାକୁରଙ୍କ ନୀତିକାନ୍ତି କିପରି ସୁଚାରୁରୂପେ ସମ୍ପାଦନ କରାଯିବ, ସେନେଇ ରବିବାର ଅନୁଷ୍ଠିତ ହୋଇଥିଲା ଛତିଶାନିଯୋଗ ଓ ନୀତି ସବ୍-କମିଟି ବୈଠକ। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ବୈଠକରେ ସ୍ନାନଯାତ୍ରା, ନବଯୌବନ ଦର୍ଶନ, ରଥଯାତ୍ରା, ବାହୁଡ଼ା, ସୁନାବେଶ, ଅଧରପଣା ଓ ନୀଳାଦ୍ରି ବିଜେ ଆଦି ନୀତି ନିର୍ଘଣ୍ଟ ହୋଇଛି।

ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରୀବିଜେ ପର୍ଯ୍ୟନ୍ତ ନୀତିକାନ୍ତି ସମ୍ପର୍କରେ ଆଲୋଚନା କରାଯାଇ ଏହାକୁ ଅନୁମୋଦନ କରାଯାଇଛି। ଜୁଲାଇ ୧୬ରେ ପଡୁଥିବା ରଥଯାତ୍ରା ନୀତିକାନ୍ତି କିପରି ଶୃଙ୍ଖଳିତ ହୋଇପାରିବ, ସେନେଇ ନୀତି ନିର୍ଘଣ୍ଟ କରାଯାଇଛି। ସେହିଦିନ ସକାଳ ୯ଟାରେ ତିନିରଥକୁ ପ୍ରତିଷ୍ଠା କରାଯିବ। ୯ଟା ୧୫ରେ ମଙ୍ଗଳାର୍ପଣ ପରେ ସାଢ଼େ ୯ଟାରୁ ଆରମ୍ଭ ହେବ ଠାକୁରଙ୍କ ପହଣ୍ଡି। ମଧ୍ୟାହ୍ନ ସାଢେ ୧୨ଟା ସୁଦ୍ଧା ଦାରୁବିଗ୍ରହମାନେ ରଥାରୁଢ଼ ହେବା ପରେ ମଦନମୋହନ ବିଜେ କରିବେ। ଚିତା ଲାଗି ପରେ ବେଶ ଶେଷ ହେବ। ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଛେରାପହଁରା ଶେଷ ହେବା ପରେ ଚାରମାଳ ଫିଟାଯାଇ ଘୋଡ଼ା ଓ ସାରଥୀ ଲାଗିବେ। ଏହାପରେ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି।

ଏହା ପୂର୍ବରୁ ଜୁନ୍ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା। ପୂର୍ବ ରାତି ସାଢ଼େ ୪ଟାରେ ମଙ୍ଗଳାର୍ପଣ ସରି ଭୋର୍ ୫ଟାରୁ

- ସକାଳ ସାଢ଼େ ୯ରୁ ରଥଯାତ୍ରା ପହଣ୍ଡି
- ଭୋର ୫ରୁ ସ୍ନାନପହଣ୍ଡି, ଅପରାହ୍ନ ୪ରୁ ହାତୀବେଶ
- ଅପରାହ୍ନ ୪ଟାରେ ବାହୁଡ଼ା ଯାତ୍ରା ରଥଟଣା
- ଅପରାହ୍ଣ ୫ଟାରୁ ମହାପ୍ରଭୁଙ୍କ ସୁନାବେଶ

ପହଣ୍ଡି ଆରମ୍ଭ ହେବ। ପହଣ୍ଡି ପାଇଁ ୨ ଘଣ୍ଟା ସମୟ ରହିଛି। ଅର୍ଥାତ୍ ସକାଳ ୭ଟାରେ ପହଣ୍ଡି ସରି ସକାଳ ୯ଟାରେ ମଙ୍ଗଳ ଆଳତି ହେବ। ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୨ଟା ମଧ୍ୟରେ ଜଳବିଜେ, ପୂଜା ଓ ଠାକୁରଙ୍କ ସ୍ନାନ ସରିବ। ଅପରାହ୍ନ ସାଢେ ୩ଟାରେ ଛେରାପହଁରା ପରେ ଅପରାହ୍ନ ୪ଟାରେ ଠାକୁରଙ୍କ ହାତୀବେଶ କରାଯିବ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୯ଟା ଅର୍ଥାତ୍ ୨ ଘଣ୍ଟା ସାହାଣମେଳା ଦର୍ଶନ ରହିଛି। ଶ୍ରଦ୍ଧାଳୁମାନେ ସ୍ନାନମଣ୍ଡପ ସମ୍ମୁଖରୁ ଦର୍ଶନ କରିବେ। କିନ୍ତୁ ସେହି ଠାକୁରଙ୍କୁ ସ୍ପର୍ଶ କରିପାରିବେ ନାହିଁ। ରାତି ୧୦ଟାରେ ହାତୀବେଶ ମଇଲମ ହେବ। ପୁଷ୍ପାଞ୍ଜଳି ଏବଂ ଡୋରଲାଗି ପରେ ସ୍ନାନଯାତ୍ରାର ବାହୁଡ଼ା ପହଣ୍ଡି ରାତି ୧୧ଟାରୁ ଆରମ୍ଭ ହୋଇ ରାତି ୨ଟାରେ ଶେଷ ହେବ। ପରେ ଠାକୁରଙ୍କ ସୁନାଚିତା ଏବଂ ରାହୁରେଖା ମଇଲମ ହେବ।

ସେହିପରି ବୈଠକରେ ଜୁଲାଇ ୨୪ରେ ବାହୁଡ଼ା ଯାତ୍ରା ନୀତି ନିର୍ଘଣ୍ଟ ହୋଇଛି। ମଧ୍ୟାହ୍ନ ୧୨ଟାରୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇ ଅପରାହ୍ନ ସାଢେ ୨ଟାରେ ପହଣ୍ଡି ଶେଷ ହେବ। ଦିନ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ଶେଷ ହୋଇ ଅପରାହ୍ଣ ୪ଟାରେ ରଥଟଣା ଯିବ। ଜୁଲାଇ ୨୫ ତାରିଖ ଅପରାହ୍ଣ ୫ଟାରୁ ସନ୍ଧ୍ୟା ସାଢ଼େ ୬ଟା ରଥ ଉପରେ ମହାପ୍ରଭୁଙ୍କୁ ସୁନାବେଶରେ ସଜେଇ ଦିଆଯିବ। ରାତି ୧୦ରୁ ୧୧ଟା ମଧ୍ୟରେ ବେଶ ମଇଲମ କରାଯିବ। ଅର୍ଥାତ୍ ଭକ୍ତମାନେ ୬ ଘଣ୍ଟା ରଥ ଉପରେ ମହାପ୍ରଭୁଙ୍କ ଦୁର୍ଲ୍ଲଭ ସୁନାବେଶ ଦର୍ଶନ କରିପାରିବେ ବୋଲି ନୀତି ନିର୍ଘଣ୍ଟ ହୋଇଛି। ୨୬ ତାରିଖ ରାତି ୮ଟାରେ ଅଧରପଣା ନୀତି ସଂପନ୍ନ ହେବ। ୨୭ ତାରିଖରେ ମହାପ୍ରଭୁ ନୀଳାଦ୍ରିବିଜେ ଅର୍ଥାତ୍ ରତ୍ନସିଂହାସନକୁ ବିଜେ କରିବେ ବୋଲି ନୀତି ଚୂଡ଼ାନ୍ତ ହୋଇଛି।

ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ ଓ ଛତିଶା ନିଯୋଗର କର୍ମକର୍ତ୍ତା ଯୋଗଦେଇଥିଲେ।

## କେମିକାଲ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ

# ସୁପରଭାଇଜର ଜୀବନ୍ତ ଦଗ୍ଧ

**ବାଲେଶ୍ୱର/ଧାମନଗର, ୩୧।୫ (ସମିସ):** ଶନିବାର ବିଳମ୍ବିତ ରାତି ପାଖାପାଖି ୧ଟା ବେଳେ ବାଲେଶ୍ୱର ଶିଳ୍ପାଞ୍ଚଳ ଥାନାରେ ଅଧୀନରେ ଥିବା 'ବାୟୋ ସେମ୍' କେମିକାଲ ଗୋଦାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଦାମର ସୁପରଭାଇଜର୍ ଉତ୍ତପ୍ତ କେମିକାଲରେ ପଡ଼ି ଜୀବନ୍ତ ଜଳିଯାଇଥିବା ବେଳେ ଅନ୍ୟ ଜଣେ କର୍ମଚାରୀ ପାରେରି ଡେଇଁ ନିଜ ଜୀବନ ବଞ୍ଚାଇଛନ୍ତି। ମୃତ ସୁପରଭାଇଜର୍ ହେଉଛନ୍ତି, ଭଦ୍ରକ ଧାମନଗର ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା (୫୫)। ଦୁର୍ଘଟଣାରୁ ବର୍ତ୍ତିଯାଇଥିବା ଅନ୍ୟ ଜଣେ କର୍ମଚାରୀ ହେଲେ ରବୀନ୍ଦ୍ର ସେଠୀ। ଖବର ପାଇ ପୁଲିସ ଓ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ପରେ ନିଆଁକୁ ଆୟତ୍ତ କରିବାକୁ ସକ୍ଷମ ହୋଇଥିଲେ। ଅନ୍ୟପଟେ ଏହି ଦୁର୍ଘଟଣା ପରେ ପୁଲିସ ଏକ ମାମଲା ରୁଜୁ କରିବା ସହ ସୁପରଭାଇଜର୍‌ଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ସୂଚନାନୁସାରେ, ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନରେ ବାୟୋ ସେମ (ମିଶ୍ର ଲାଇମ୍ସ) ନାମକ ଏକ ଚୂନ ଓ କେମିକାଲ ଗୋଦାମ ରହିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ଏହି ରଙ୍ଗ ଗୋଦାମରେ କୌଣସି କାରଣରୁ ନିଆଁ ଲାଗିଥିଲା। ଗୋଦାମରୁ ପ୍ରବଳ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ କିଛି ଯୁବକ ସେଠାକୁ ଯାଇ କର୍ମଚାରୀମାନଙ୍କୁ ଡାକିବା ସହ ଦମକଳବାହିନୀକୁ ଖବର ଦେଇଥିଲେ। ହେଲେ, ସେତେବେଳକୁ ନିଆଁ ଭୟଙ୍କର ରୂପ ଧାରଣ କରିସାରିଥିଲା। ଗୋଦାମରେ କାର୍ଯ୍ୟରତ ଥିବା ଜଣେ ସୁପରଭାଇଜର ଏବଂ ଅନ୍ୟ ଜଣେ କର୍ମଚାରୀ ପ୍ରାଣ ବିକଳରେ ନିଜ ଜୀବନକୁ ବଞ୍ଚାଇବା ପାଇଁ ଦୌଡ଼ିଥିଲେ। ଜଣେ କର୍ମଚାରୀ କୌଣସି ପ୍ରକାର ପାରେରି ଡେଇଁ ନିଜକୁ ସୁରକ୍ଷିତ କରିଥିବା ବେଳେ ଗୋଦାମର ସୁପରଭାଇଜର୍ କିନ୍ତୁ ନିଜକୁ ବଞ୍ଚାଇ ପାରିନଥିଲେ। ସେ ପାରେରି ଡେଇଁ ବାହାରକୁ ଆସୁଥିବା ବେଳେ ଡ୍ରେନ୍‌ରେ ପଡ଼ିଯାଇଥିଲେ। ନିଆଁ ଲାଗିଥିବା କେମିକାଲଗୁଡ଼ିକ ଗୋଦାମରୁ ବାହାରି ଡ୍ରେନ୍‌ରେ ଜମା ହେବା କାରଣରୁ ସେ ସେଠାରେ ପୋତି ହୋଇଯାଇଥିଲେ। ଫଳରେ ସେ ଜୀବନ୍ତ ପୋଡ଼ିଯାଇଥିଲେ।



ଅନ୍ୟପଟେ ଏହି ଘଟଣାରେ ମୃତ୍ୟୁମୁଖରୁ ବଞ୍ଚିଯାଇଥିବା ଅନ୍ୟ ଜଣେ କର୍ମଚାରୀ ରବୀନ୍ଦ୍ରଙ୍କ କହିବା ଅନୁସାରେ, ସେମାନେ ରାତିରେ ସେଠାରେ ଡ୍ୟୁଟି କରିଥିଲେ। ହେଲେ କେମିତି ଓ କିପରି ଭାବେ ନିଆଁ ଲାଗିଲା, ସେମାନେ ସଠିକ ଭାବେ ଜାଣି ନାହାନ୍ତି। ଅନ୍ୟପଟେ ବିଦ୍ୟୁତ୍ ସଟ୍‌ସର୍କିଟ୍ ହେଉ କିମ୍ବା ଅନ୍ୟ କୌଣସି କାରଣରୁ ନିଆଁ ଲାଗିଥାଇପାରେ ବୋଲି ଅନୁମାନ କରାଯାଉଛି। ଡ୍ରେନରୁ କୈଳାସଙ୍କ ମୃତଦେହ କରାଯାଇଛି। ପରେ ଏନେଇ ଏକ ମାମଲା ରୁଜୁ କରାଯିବା ସହ ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଯାଇଛି।

## ବିଦ୍ୟୁତ୍ ଆଘାତରେ ହାତୀ ମୃତ

# ଘଟଣା ଲୁଚାଇବାକୁ ଫାର୍ମ ହାଉସ୍‌ରେ ପୋତିଦେଲେ!

ହିନ୍ଦୋଳ,୩୧।୫(ସମିସ): ବିଦ୍ୟୁତ୍ ଆଘାତରେ ହୋଇଥିବା ହାତୀମୃତ୍ୟୁକୁ ଲୁଚାଇବା ପାଇଁ ଫାର୍ମ ହାଉସ୍ ପରିସରରେ ଶବକୁ ପୋତିଦେଲେ। ହିନ୍ଦୋଳ ଏନ୍‌ଏସି ଅଞ୍ଚଳରେ ଏଭଳି ଏକ ଆପରାଧିକ ଘଟଣା ଘଟିଥିବା ବେଳେ ବନ ବିଭାଗ ଫାର୍ମ ହାଉସ୍ ମାଲିକ ସମେତ ୩ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି। ସେମାନେ

- ମାଲିକ ସମେତ ୩ ଅଟକ
- ବନ ବିଭାଗର ତଦନ୍ତ ଜାରି

ହେଲେ, ଫାର୍ମ ହାଉସ୍ ମାଲିକ କୁବେର ରାଜ, କୁନୁ ଭୂତିଆ, ରାଜୁ ଚୌଧୁରୀ।

ସୂଚନାନୁଯାୟୀ, ହିନ୍ଦୋଳ ଏନ୍‌ଏସିର ୧୪ ନମ୍ବର ୱାର୍ଡ ଚରଣପୁରଠାରେ କୁବେର ରାଜଙ୍କ ୪ ଏକର ବିଶିଷ୍ଟ ଫାର୍ମ ହାଉସ୍ ରହିଛି। ଉକ୍ତ ଫାର୍ମ ହାଉସ୍ ଚାରିପାଖରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ତେବେ କିଛି ଦିନ ତଳେ ସୋଲାର୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ହାତୀର ମୃତ୍ୟୁ ହୋଇଥିବା କୁହାଯାଉଛି। ଘଟଣାକୁ ଲୁଚାଇବା ପାଇଁ ଫାର୍ମ ହାଉସ୍ ମାଲିକ କୁବେର ରାଜ ଜେସିବିରେ ମାଟି ଖୋଳି ମୃତଦେହକୁ ପୋତି ଦେଇଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ହିନ୍ଦୋଳ ବନ ବିଭାଗକୁ ଖବର ମିଳିଛି। ଫଳରେ, ଆଜି ଅପରହ୍ଣରେ ବନବିଭାଗ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ହାତୀ ପୋତାଯାଇଥିବା ସ୍ଥାନ ଚିହ୍ନଟ କରିଛନ୍ତି। କିନ୍ତୁ ସନ୍ଧ୍ୟା ହୋଇଯିବାରୁ ବନ କର୍ମଚାରୀମାନେ ଉକ୍ତ ସ୍ଥାନରେ ଜଗି ରହିଛନ୍ତି। ସୋମବାର ମାଟି ଖୋଳାଯାଇ ହାତୀ ମୃତଦେହ ଉଦ୍ଧାର କରାଯିବ ବୋଲି ଜଣାପଡ଼ିଛି। ଘଟଣାସ୍ଥଳରେ ଏସିଏଫ୍ କୁଞ୍ଜବିହାରୀ ନାୟକ, ରେଞ୍ଜର୍ ତ୍ରିଲୋଚନ ଦେହୁରୀ, ଫରେଷ୍ଟର୍ ଦୀପ୍ତିରଞ୍ଜନ ଆଚାର୍ଯ୍ୟ, ଫରେଷ୍ଟ ଗାର୍ଡ ଦୀପୁରଞ୍ଜନ ଖିଲାରଙ୍କ ସମେତ ହିନ୍ଦୋଳ ପୁଲିସ ଅଧିକାରୀମାନେ ତଦନ୍ତ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଦେହୁରୀଙ୍କୁ ପଚାରିବାରୁ କହିଛନ୍ତି ଯେ ଫାର୍ମ ହାଉସ୍‌ରେ ହାତୀ ମୃତଦେହ ପୋତାଯାଇଥିବା ଖବର ପାଇ ଆମେ ସେହି ସ୍ଥାନକୁ ଚିହ୍ନଟ କରିଛୁ। ଆସନ୍ତାକାଲି ଜେସିବି ଦ୍ୱାରା ଖୋଳାଯିବା ପରେ ସବୁ କଥା ଲୋକଲୋଚନକୁ ଆସିବ ବୋଲି ସେ କହିଛନ୍ତି।

## ମଉଳୁଛି ସଂସ୍କୃତି ସ୍ୱପ୍ନ

# ଦୁଇ ବର୍ଷ ହେଲା ଆଣ୍ଟେଇଛି ବିକାଶ

ଭୁବନେଶ୍ୱର, ୩୧।୫(ସମିସ): ପ୍ରେକ୍ଷାଳୟ ନିର୍ମାଣ ନିଅଁ ପଡ଼ିଲା; ଛଡ଼ ବନ୍ଧାହେଲା। ତ୍ୱରିତ ବେଗରେ ନିର୍ମାଣ କାର୍ଯ୍ୟ ସାରିବାକୁ ଅଧିକାରୀମାନେ ଘନଘନ ସମୀକ୍ଷା କଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନ

- ନିଅଁ ଖୋଳାରେ ଅଟକିଛି ପ୍ରେକ୍ଷାଳୟ ନିର୍ମାଣ
- ମୁହଁ ଖୋଲୁ ନାହାନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ

ସରିବା ପରେ ସବୁକିଛି ସେଇଠି ଅଟକିଗଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବା ପରେ ଓଡ଼ିଶାର ଐତିହ୍ୟ ଓ ସଂସ୍କୃତିକୁ ମାର୍ଜିତ କରୁଥିବା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ ଉପରେ ସତେ ଯେପରି କାହାର କଳା ଛାଇ ପଡ଼ିଗଲା। ଦୀର୍ଘ ୨ ବର୍ଷ ହେଲା ଇଟା ଖଣ୍ଡେ ଯୋଡ଼ାଯାଇ ନ ଥିବାବେଳେ ଏବେ ଏହାର ଭବିଷ୍ୟତ ଏବେ ଅନ୍ଧକାରମୟ।

୨୦୨୪ ଜାନୁଆରୀ ୪ ତାରିଖ ଦିନ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଅବସରରେ ଏକ ପ୍ରେକ୍ଷାଳୟ ନିର୍ମାଣ କରିବାକୁ



ତତ୍କାଳୀନ ସଚିବ ଘୋଷଣା କରିଥିଲେ। ଏହାପରେ ଜି+୧ କୋଠା ନିର୍ମାଣ ପାଇଁ ୨୬ କୋଟି ୩୯ ଲକ୍ଷ ୭୬ ହଜାର ୬୦୮ ଟଙ୍କା ଅନୁଦାନ ମିଳିଥିଲା। ବର୍ଷେ ମଧ୍ୟରେ ନିର୍ମାଣ କାର୍ଯ୍ୟ ସାରିବା ସହ ୨୦୨୫-୨୬ ଶିକ୍ଷାବର୍ଷରୁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ମାତ୍ର ନିର୍ବାଚନ ପରେ ଏହି ପ୍ରକଳ୍ପ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି। ୨୦୨୫ ମାର୍ଚ୍ଚ ୬ ତାରିଖରୁ ଏହାର ନିର୍ମାଣ ଅବଧି ସରିଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟ ଆଣ୍ଟେଇ ପଡ଼ିଛି। ପ୍ରେକ୍ଷାଳୟ ନିର୍ମାଣ କାର୍ଯ୍ୟ କେଉଁ କାରଣରୁ ବନ୍ଦ ରହିଛି ସେନେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ମୁହଁ ଖୋଲୁ ନଥିବାବେଳେ କାର୍ଯ୍ୟର ତଦାରଖ ଦାୟିତ୍ୱରେ ଥିବା ଇଡକୋ ଭୁବନେଶ୍ୱର ଡିଭିଜନ-୧ର ଯନ୍ତ୍ରୀ ମଧ୍ୟ ନୀରବ ରହିବାକୁ ଶ୍ରେୟସ୍କର ମଣୁଛନ୍ତି।

ନିଅଣ୍ଟିଆ ଭିତ୍ତିଭୂମି ଦେଇ ଗତି କରୁଥିବା ଏହି ବିଶ୍ୱବିଦ୍ୟାଳୟର ପ୍ରେକ୍ଷାଳୟ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବହୁ ବିଶିଷ୍ଟ ବ୍ୟକ୍ତି ଦାବି କରିଛନ୍ତି। ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ତଥା ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଭିତ୍ତିଭୂମିନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ରାଜ୍ୟର ସଂସ୍କୃତି ଓ ପରମ୍ପରାରେ ଉଲ୍ଲେଖନୀୟ ଅବଦାନ ରଖିଥିବା ମହାମନିଷୀଙ୍କ ସମ୍ପର୍କରେ ଗବେଷଣା କରିବାକୁ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବାକୁ ସରକାରଙ୍କ ନିକଟରେ ଦାବି କରିଥିଲେ। ଅନ୍ୟ ଅତିଥିମାନେ ମଧ୍ୟ ନିଅଣ୍ଟିଆ ଭିତ୍ତିଭୂମି କଥା ଉଲ୍ଲେଖ କରିବା ସହ ଉତ୍କର୍ଷ ପାଇବାକୁ ସଂଘର୍ଷ କରୁଥିବା କହିଥିଲେ। ଛାତ୍ରଛାତ୍ରୀମାନେ ମଧ୍ୟ ଭିତ୍ତିଭୂମୀକୁ ନେଇ ଅସନ୍ତୋଷ ଜାହିର କରିଛନ୍ତି। ରାଜଧାନୀ ଉପକଣ୍ଠରେ ଥିବାରୁ ସରକାରୀ ବାବୁଙ୍କ ପାଦ ପଡୁ ନଥିବାବେଳେ ନେତାମାନେ ମଧ୍ୟ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ କରିଛନ୍ତି।

## ଶୃଙ୍ଖଳା ବିଭାଗରେ ବିଶୃଙ୍ଖଳା

# କାହିଁକି ବିଗୁଡୁଛି ପୁଲିସର ଭାବମୂର୍ତ୍ତି

**ଭୁବନେଶ୍ୱର,୩୧।୫(ବରୁଣ ସାହୁ):**

ଆଇନଶୃଙ୍ଖଳା ରକ୍ଷା କରିବା, ଅପରାଧ ନିୟନ୍ତ୍ରଣ କରିବାଠାରୁ ଆରମ୍ଭ କରି ଜନସାଧାରଣଙ୍କ ଜୀବନ ଓ ସମ୍ପତ୍ତି ସୁରକ୍ଷା ସୁନିଶ୍ଚିତ କରିବା ହେଉଛି ପୁଲିସର ଦାୟିତ୍ୱ। ଏହାସହ ଥାନାକୁ ଆସୁଥିବା ଲୋକଙ୍କୁ ଉତ୍ତମ ବ୍ୟବହାର ସହ ସେମାନଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଦିଗରେ କାମ କରିବାକୁ ଉଚ୍ଚ ଅଧିକାରୀମାନେ ସବୁବେଳେ ନିର୍ଦ୍ଦେଶ ଦେଇ ଆସୁଛନ୍ତି। ନାଗରିକ ସେବାକୁ ଅଧିକ କ୍ରିୟାଶୀଳ କରିବା ଲାଗି ପ୍ରତ୍ୟେକ ଥାନାକୁ ପ୍ରତି ମାସରେ ଟଙ୍କା ମଧ୍ୟ ଦିଆଯାଉଛି। ଏତେ ସବୁ ପରେ ମଧ୍ୟ ମଧ୍ୟ ଶୃଙ୍ଖଳା ବିଭାଗରେ ବିଶୃଙ୍ଖଳା ବଢ଼ିଚାଲିଛି। କେଉଁଠି ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଥିବା ମାଆ-ପୁଅଙ୍କୁ ପୁଲିସ ଅମାନୁଷିକ ଭାବେ ମାଡ଼ ମାରୁଛି ତ ଆଉ କେଉଁଠି ମିଛ ବୟାନ ଦେବାକୁ ବାଧ କରି ଯୁବକଙ୍କୁ ଥାର୍ଡ ଡିଗ୍ରିର ଯନ୍ତ୍ରଣା ଦେଉଛି। କେବଳ ସେତିକି ନୁହେଁ, ବିବାଦର ସମାଧାନ ଆଶାରେ ଥାନାକୁ ଯାଇଥିବା ମହିଳାଙ୍କ ହାତ ଭାଙ୍ଗି ଦେଉଛି ପୁଲିସ। ଗତ କିଛି ମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଥାନାରେ ଥାର୍ଡ ଡିଗ୍ରି ଭଳି ବ୍ରିଟିଶ୍ ଅମଳର କୁତ୍ସିତ ପରମ୍ପରାର ଚିତ୍ର ସାମ୍ନାକୁ ଆସିଛି। ଠିକଣା ସମୟରେ ଏହାକୁ ନେଇ ପୁଲିସର ଆଚରଣ ସଂହିତା ଉପରେ ପ୍ରଶ୍ନ ଉଠିଛି।

ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରା ନିଜ ପତ୍ନୀ ନିଖୋଜ ଥିବା ନେଇ ବାରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ କାଠଯୋଡ଼ି ନଦୀପଠାରୁ ଜଣେ ମହିଳାଙ୍କ ମୃତଦେହ ମିଳିଥିଲା। ସେହି ମୃତଦେହଟି ତାଙ୍କ ପତ୍ନୀର ବୋଲି ସ୍ୱୀକାର କରିବାକୁ ପୁଲିସ ଚାପ ପକାଇଥିଲା। ହେଲେ ରାକେଶ ରାଜି ନହେବାରୁ ପୁଲିସ ଜଙ୍ଗଲକୁ ଟେକି ନେଇ ଦୀର୍ଘ ୪ ଦିନ ଧରି ନିର୍ମମ ଭାବେ ପିଟିଥିଲା। ରାକେଶ ଚେତାଶୂନ୍ୟ ହୋଇଯିବା ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲା। ସେପଟେ, କେନ୍ଦ୍ରାପଡ଼ା ଜିଲ୍ଲା ଗିରିଆପାହି ଗ୍ରାମର ପବନ ମଣ୍ଡଳ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଓ ପୁଅ ଅନନ୍ତଙ୍କ ବିରୋଧରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିବା ପରେ



(ଏ.ଆଇ ଫଟୋ)

ପୁଲିସ ମାଆ-ପୁଅଙ୍କୁ ଡକାଇଥିଲା। ଅନ୍ନପୂର୍ଣ୍ଣା ତାଙ୍କ ସ୍ୱାମୀ ପବନଙ୍କ ବିରୋଧରେ ପାଲଟା ଅଭିଯୋଗ ଦେବାରୁ ଥାନାଧିକାରୀ ସନ୍ଧ୍ୟାରାଣୀ ଜେନା ରାଗି ଯାଇଥିଲେ। ଅନ୍ନପୂର୍ଣ୍ଣାଙ୍କ ଚୁଟି ଟାଣି ଘୋଷାଡ଼ିବା ସହ ପୁଅ ସାମ୍ନାରେ ତାଙ୍କୁ ଅର୍ଦ୍ଧ-ଉଲଗ୍ନ କରି ମାଡ଼ ମାରିଥିଲେ। ପୁଅ ଅନନ୍ତ ପ୍ରତିବାଦ କରିବାରୁ ସନ୍ଧ୍ୟା ଓ ଜଣେ କନେଷ୍ଟବଳ ମିଶି ପୁଅ ଅନନ୍ତଙ୍କୁ ପାଇଖାନା ଭିତରେ ପୂରାଇ ନିସ୍ତୁକ ପିଟିଥିଲେ। ତାଙ୍କ ତଣ୍ଟିଚିପି ହତ୍ୟା କରିବାକୁ ମଧ୍ୟ ଉଦ୍ୟମ କରାଯାଇଥିବା ନେଇ ସେ ଅଭିଯୋଗ କରିଛନ୍ତି। ଥାର୍ଡ ଡିଗ୍ରୀ ଅଭିଯୋଗ ଆସିବା ପରେ ଥାନା ଅଧିକାରୀ ସନ୍ଧ୍ୟାରାଣୀ ଜେନାଙ୍କୁ ନିଲମ୍ବନ କରିଥିଲେ ପୁଲିସ ଡିଜି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସନ୍ଧ୍ୟାରାଣୀଙ୍କ ନାମରେ ଏହା ପ୍ରଥମ ଅଭିଯୋଗ ନୁହେଁ। ସେ ପୂର୍ବରୁ ମଧ୍ୟ ୨ଥର ନିଲମ୍ବନ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାର ପାଟଣା ଥାନାରେ କାର୍ଯ୍ୟରତ ଥିବା ବେଳେ ସନ୍ଧ୍ୟା ଜଣେ ଯୁବକଙ୍କୁ ନିର୍ଘାତ

- ତଦନ୍ତ ଆଳରେ ବ୍ରିଟିଶ୍ ଅମଳର ଥାର୍ଡ ଡିଗ୍ରୀ
- ବାରମ୍ବାର ନିଲମ୍ବିତ ଅଧିକାରୀଙ୍କୁ ସୁରକ୍ଷା କାହିଁକି?

ମାଡ଼ ମାରି ନିଲମ୍ବନ ହୋଇଥିଲେ। ଦୁଇବର୍ଷ ପାଇଁ ତାଙ୍କୁ ଥାନାରେ ପୋଷ୍ଟିଂ ନକରିବା ପାଇଁ ମାନବାଧିକାର କମିସନ ନିର୍ଦ୍ଦେଶ ଦେଇଥିଲେ। ସେହିପରି, ଲଖନପୁର ଥାନା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୩ ଜଣଙ୍କ ମୃତଦେହକୁ ନିଜ ଥାନା ପରିସୀମାରୁ ନେଇ ନିକଟବର୍ତ୍ତୀ ଥାନା ପରିସୀମାରେ ଫିଙ୍ଗି ଦେଇଥିଲେ। ଘଟଣା ପଦାକୁ ଆସିବା ପରେ ତାଙ୍କୁ ପୁଣିଥରେ ନିଲମ୍ବନ କରାଯାଇଥିଲା। ଏତେଥର ବିଶୃଙ୍ଖଳା ଘଟାଇବା ସହ ବାରମ୍ବାର ନିଲମ୍ବନ ହେଉଥିବା ସନ୍ଧ୍ୟାରାଣୀଙ୍କୁ କାହା ସ୍ୱାର୍ଥରେ ବାରମ୍ବାର ଥାନାରେ ନିୟୋଜିତ କରାଯାଉଛି, ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ସମ୍ବେଦନଶୀଳ ପ୍ରସଙ୍ଗ ହେଉଛି, ଜଣେ ପୁଲିସ ଅଧିକାରିଣୀ ବାରମ୍ବାର ନିଲମ୍ବନର ସମ୍ମୁଖୀନ ହେବା ସତ୍ତ୍ୱେ ତାଙ୍କ ବିରୋଧରେ ପୁଣି ସମାନ ପ୍ରକାରର ଅଭିଯୋଗ ଆସୁଥିବାରୁ ପୁଲିସ ବିଭାଗର ଆଭ୍ୟନ୍ତରୀଣ ନିରୀକ୍ଷଣ (ବିଭାଗୀୟ ତଦନ୍ତ)କୁ ନେଇ ପ୍ରଶ୍ନ ଉଠିଛି। ଯଦି ଜଣେ ଅଧିକାରିଣୀ ପୂର୍ବରୁ ଦଣ୍ଡିତ ହେବା ପରେ ମଧ୍ୟ ଆଚରଣରେ ପରିବର୍ତ୍ତନ ନ ଆଣିବା ବ୍ୟବସ୍ଥାଗତ ତ୍ରୁଟିକୁ ସ୍ପଷ୍ଟ ଇଙ୍ଗିତ କରୁଛି। ଏପରିସ୍ଥଳେ ନିଜ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଆସିଥିବା ଅଭିଯୋଗର ତଦନ୍ତ କରୁଥିବା ଉଚ୍ଚ ଅଧିକାରୀମାନେ ଅଭିଯୋଗର ଅନୁସନ୍ଧାନ କରିବା ପରିବର୍ତ୍ତେ ଅନୁକମ୍ପା ଦେଖାଉଥିବା ପ୍ରମାଣିତ ହେଉଛି।

ଅପରପକ୍ଷେ, କେବଳ ସନ୍ଧ୍ୟା ନୁହନ୍ତି, ପୂର୍ବରୁ ଅନେକ ବରିଷ୍ଠ ପୁଲିସ ଅଧିକାରୀ ମଧ୍ୟ ସମାନ ଢଙ୍ଗରେ କାର୍ଯ୍ୟ କରୁଥିଲେ। ଅର୍ଥାତ୍ ବ୍ରିଟିଶ୍ ଅମଳର କୁତ୍ସିତ ଥାର୍ଡ ଡିଗ୍ରି ନିର୍ଯାତନାକୁ ଆପଣାଉଥିଲେ। ଏହି ତାଲିକାରେ ବରିଷ୍ଠ ଆଇପିଏସ୍ ଅଧିକାରୀମାନେ ମଧ୍ୟ ସାମିଲ ଅଛନ୍ତି। ଯେଉଁଥିପାଇଁ କମିସନରେଟ୍ ପୁଲିସଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାସ୍ତରୀୟଗୁଡ଼ିକରେ ଅନେକ ସମୟରେ ହାଜତ ମୃତ୍ୟୁ ଭଳି ସଙ୍ଗୀନ ମାମଲା ସାମ୍ନକୁ ଆସିଛି। ତେବେ ପ୍ରତିଦିନ ସାଧାରଣ ଲୋକଙ୍କ ସହ ଯୋଡ଼ି ହେଉଥିବା ପୁଲିସ ବାବୁମାନଙ୍କର କାର୍ଯ୍ୟକଳାପରେ ଯଦି ସୁଧାର ନ ଆସିବ, ତେବେ ଲୋକେ ନ୍ୟାୟିକ ବ୍ୟବସ୍ଥା ଉପରୁ ଭରସା ହରାଇବେ ଏବଂ ପ୍ରତି କ୍ଷେତ୍ରରେ ସୌମ୍ୟ ଭଳି ଭିଡ଼ହିଂସା ଓ କଙ୍ଗାରୁ କୋର୍ଟ ଦେଖିବାକୁ ମିଳିବ ବୋଲି ବୁଦ୍ଧିଜୀବୀମହଲରେ ମତ ପ୍ରକାଶ ପାଇଛି।

## ପ୍ରେମ ନେଇଗଲା ଜୀବନ

# ନବବଧୂଙ୍କୁ ହତ୍ୟା କରି ଟାଙ୍ଗିଦେଲେ!

ବାଲେଶ୍ୱର, ୩୧।୫ (ସମିସ): ଯେଉଁ ପ୍ରେମକୁ ହାସଲ କରିବାକୁ ଜନ୍ମ କଲା ମା'-ବାପାକୁ ବି ସାତପର କରିବାକୁ ପଛାଇ ନଥିଲେ, ସେଇ ପ୍ରେମିକ ନିଜ ଘରଲୋକଙ୍କ ସହ ମିଶି ଶେଷରେ ଜୀବନ ନେଇଗଲା। ବାଲେଶ୍ୱର ଜିଲ୍ଲା ଶିଳ୍ପାଞ୍ଚଳ ଥାନାରୁ ବଧୂହତ୍ୟା ଭଳି ଏକ ଚାଞ୍ଚଲ୍ୟକର ଘଟଣା ପଦାକୁ ଆସିଛି। ମୃତ ମହିଳାଜଣଙ୍କ ହେଲେ, ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ଆଗପାଳ ଅଞ୍ଚଳର ଦୀନେଶ ନାୟକଙ୍କ ଏକମାତ୍ର ଝିଅ ଚର୍ଚ୍ଚିତା। ପୁଲିସ ବେଡ୍‌ରୁମ୍‌ରୁ ଚର୍ଚ୍ଚିତାଙ୍କ ଝୁଲନ୍ତା ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ବାପା ଦୀନେଶଙ୍କ ଅଭିଯୋଗ ଆଧାରରେ ନମ୍ବର ୧୮୧/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସ୍ୱାମୀ ଜଗଦୀଶଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ମାଟ୍ରିକ୍ ପରେ ଚର୍ଚ୍ଚିତା ବାଲେଶ୍ୱରର ଏକ କଲେଜରେ ପାଠ ପଢୁଥିଲେ। ସେହି କଲେଜରେ ପିଅନ ଭାବେ କାର୍ଯ୍ୟରତ ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଛଣପୁର ଗ୍ରାମର କୁନ୍ଦୁରି ଚରଣ ମହାନ୍ତିଙ୍କ ପୁଅ ଜଗଦୀଶଙ୍କ ସହ ତାଙ୍କ ପ୍ରେମ ସଂପର୍କ ଗଢ଼ି ଉଠିଥିଲା। ପରିବାରଲୋକ ଏହାକୁ ବିରୋଧ କରିବାରୁ ଚର୍ଚ୍ଚିତା ପ୍ରେମ ପାଇଁ ନିଜ ଜନ୍ମକଲା ବାପା-ମା'ଙ୍କୁ ମଧ୍ୟ ପର କରିଦେଇଥିଲେ। ଗତବର୍ଷ ଦୁହେଁ ଲୁଚି ପଳାଇ ବାଲେଶ୍ୱରର ଖଡ଼େଶ୍ୱର ନାଥ ଶିବ ମନ୍ଦିରରେ ବିବାହ କରିଥିଲେ। ସେତେବେଳେ ଚର୍ଚ୍ଚିତାଙ୍କୁ ମାତ୍ର ୧୮ ବର୍ଷ ୨ମାସ ହୋଇଥିଲା। ପରିବାରଲୋକେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁହିଁଙ୍କୁ ଥାନାକୁ ଆଣିଥିଲା। ହେଲେ ଝିଅ ପ୍ରେମିକ ସହ ଯିବାକୁ ଜିଦ୍ ଧରିବାରୁ ବାପା-ମା' ନିରାଶ ହୋଇ ଫେରିଥିଲେ ଏବଂ ସମ୍ପର୍କ ବିଚ୍ଛିନ୍ନ କରିଦେଇଥିଲେ। ଗତକାଲି ଚର୍ଚ୍ଚିତାଙ୍କ ୨୦ତମ ଜନ୍ମଦିନ ଥିଲା। ସେ କେକ୍ କାଟି ଖୁସି ମନାଇବା ସହ ସୋସିଆଲ ମିଡିଆରେ ଫଟୋ ଓ ଷ୍ଟାଟସ୍ ମଧ୍ୟ ପୋଷ୍ଟ କରିଥିଲେ। ହେଲେ ରାତିରେ କୌଣସି କଥାକୁ ନେଇ ଶ୍ୱଶୁର ଘରଲୋକଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା ଏବଂ ଏଥିରେ ଉତ୍‌କ୍ଷିପ୍ତ ହୋଇ ସେମାନେ ଚର୍ଚ୍ଚିତାଙ୍କୁ ନିର୍ଘାତ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା କରିଛନ୍ତି ବୋଲି ଥାନାରେ ଅଭିଯୋଗ ହୋଇଛି। ଆଜି ସକାଳେ ଝିଅର ମୃତ୍ୟୁ ଖବର ପାଇ ବାପା ଓ ପରିବାର ଲୋକେ ମେଡିକାଲରେ ପହଞ୍ଚିବା ପରେ ଝିଅର ଶରୀରରେ ନିର୍ଯାତନାର ସ୍ପଷ୍ଟ ଚିହ୍ନ ଦେଖିବାକୁ ପାଇଥିଲେ।

### କଣାସରେ ଗାଁକୁ ଗାଁ ବ୍ୟାପୁଛି ଝାଡ଼ାବାନ୍ତି

# ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଦିଆଯାଉଛି ନିମ୍ନମାନର ଖାଦ୍ୟ





ପୁରୀ/କଣାସ,୩୧।୫(ସମିସ)

କଣାସ ବ୍ଲକ୍‌ରେ ଦୀର୍ଘ ୧୫ ଦିନ ହେଲା ଗାଁକୁ ଗାଁ ଝାଡ଼ାବାନ୍ତି ବ୍ୟାପିବାରେ ଲାଗିଛି। ରବିବାର ଆଉ ୭ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି। ଦେଠିଆପଡ଼ା ଗ୍ରାମର ନୟନା ବିଶ୍ୱାଳ (୪୫), ଏକରୁଖା ଗ୍ରାମର ରଘୁନାଥ ପରିଡ଼ା (୮୨), କଉଡ଼ିଖିଣି ଗ୍ରାମର ସ୍ୱାଧୀନ ବେହେରା (୪୫), ମଣିଜପୁରର ପ୍ରମିଳା ମାନସିଂହ (୩୫), ବଡ଼ାସର ଶୀନା ପ୍ରଧାନ (୧୬), ଘରଛିଆର ସନାତନ ପରିଡ଼ା (୪୪), ଦୋକନ୍ଦାର ବିରାଟ ରାଉତରାୟ (୫୫) ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହେଉଛନ୍ତି। ଝାଡ଼ାବାନ୍ତି ନିୟନ୍ତ୍ରଣକୁ ଆସୁ ନ ଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନକୁ ନେଇ ଅସନ୍ତୋଷ ଦେଖାଦେଇଛି। ରୋଗୀଙ୍କୁ ରନ୍ଧା ଖାଦ୍ୟ ଦିଆଯିବାର ନିୟମ ରହିଛି। କିନ୍ତୁ ରୋଗୀଙ୍କୁ ଚୂଡ଼ା, ଲେମ୍ବୁ, ୨ଟି କଦଳୀ ଦିଆଯାଉଛି। ହେଲେ ଦିଆଯାଉଥିବା କଦଳୀ ଖାଇବା ଅବସ୍ଥାରେ ନାହିଁ। କଦଳୀ ସମ୍ପୂର୍ଣ୍ଣ କଳା ପଡ଼ିଯାଇଛି। ରୋଗୀ ଓ ସମ୍ପର୍କୀୟମାନେ ଏହାକୁ ନେଇ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନଙ୍କ କହିବା କଥା, 'ଏହି ଖାଦ୍ୟ ଭଲ ଲୋକ ଖାଇବେ ନାହିଁ, ତେବେ ରୋଗୀ କେମିତି ଖାଇବେ? ଏହି ଘଟଣାକୁ ନେଇ ପୁରୀ ଜିଲ୍ଲା ଆମ୍ ଆଦ୍‌ମୀ ପାର୍ଟି ଉଦ୍‌ବେଗ ପ୍ରକାଶ କରିଛି। ଆପ୍ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, 'ଖାଦ୍ୟରୁ ଜଣାପଡୁଛି ସରକାରଙ୍କ ପାଖରେ ସ୍ୱାସ୍ଥ୍ୟ ବଜେଟ୍ ନାହିଁ, ଅବା କିଏ ଚଳୁ କରିଦେଉଛି। ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ କଥା ବଡ଼ କିନ୍ତୁ କାମ ଶୂନ୍। ତୁରନ୍ତ କଣାସ ହସ୍ପିଟାଲର ଖାଦ୍ୟ ଯାଞ୍ଚ କରି ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅକ୍ଷୟ କୁମାର ଶତପଥୀ କହିଛନ୍ତି, 'ଫଟୋ ଓ ଭିଡିଓ ଦେଖିବା ପରେ ତୁରନ୍ତ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନ୍‌ଚାର୍ଜଙ୍କ ସହ କଥା ହୋଇଛି। ପୂର୍ବରୁ ଟେଣ୍ଡର ହୋଇ ଯେଉଁ ଏଜେନ୍ସି ରନ୍ଧା ଖାଦ୍ୟ ଦେଉଥିଲା ତା'ର ମାନ ଭଲ ରହୁ ନ ଥିଲା ବୋଲି ଅଭିଯୋଗ ହୋଇଥିଲା। ପରେ ଅନ୍ୟ ଜଣେ ଦେଉଥିଲେ। ଯାହା ବି ହେଉ, ରୋଗୀଙ୍କୁ ରନ୍ଧାଖାଦ୍ୟ ଦିଆଯିବା କଥା। ଏମିତି ଖାଦ୍ୟ ଦିଆଯିବା କଥା ନୁହେଁ। ରୋଗୀଙ୍କ ଖାଦ୍ୟରେ ଏଭଳି ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ନୂଆ ଟେଣ୍ଡର ହେବା ପର୍ଯ୍ୟନ୍ତ ରୋଗୀଙ୍କୁ ରନ୍ଧାଖାଦ୍ୟ ଦେବାକୁ ସେ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।' ଗତବର୍ଷ ଝାଡ଼ାବାନ୍ତି ଦୁଇମାସ ପର୍ଯ୍ୟନ୍ତ ଲାଗିରହିଥିବା ବେଳେ ଏଥିରେ ୭ ଜଣଙ୍କର ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ୧୫ ଦିନ ହେଲା ଝାଡ଼ାବାନ୍ତି ଲାଗିରହିଥିବା ବେଳେ ଜଣଙ୍କର ମଧ୍ୟ ମୃତ୍ୟୁ ହୋଇସାରିଲାଣି।

# ନବୀନ ବାବୁଙ୍କୁ ସାକ୍ଷାତ୍ କଲେ ପଞ୍ଚାୟତ ପ୍ରତିନିଧି



ସାକ୍ଷୀଗୋପାଳ,୩୧।୫(ସମିସ): ସତ୍ୟବାଦୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସତ୍ୟବାଦୀ ବ୍ଲକ୍‌ର କାଦୁଆ ଓ ବାଗରାମଚନ୍ଦ୍ରପୁର ପଞ୍ଚାୟତ ଏବଂ କଣାସ ବ୍ଲକ୍‌ର ଗୋପାଳମଠପୁର ଓ ଦୋଛିଆଁ ପଞ୍ଚାୟତ ସରପଞ୍ଚଙ୍କ ବିରୋଧରେ ନିକଟରେ ଅନାସ୍ଥା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ନିର୍ବାଚନରେ ସତ୍ୟବାଦୀ ବ୍ଲକ୍‌ର କାଦୁଆ ପଞ୍ଚାୟତରେ ବିଜେଡି ସମର୍ଥିତ ସରପଞ୍ଚ ଗାୟତ୍ରୀ ମହାପାତ୍ର, ବାଗରାମଚନ୍ଦ୍ରପୁର ପଞ୍ଚାୟତର ବିଜେଡି ସମର୍ଥିତ ନାଏବ ସରପଞ୍ଚ ପ୍ରଦୀପ୍ତ କୁମାର ମିଶ୍ର, କଣାସ ବ୍ଲକ୍‌ର ଗୋପାଳମଠପୁର ପଞ୍ଚାୟତର ବିଜେଡି ସମର୍ଥିତ ନାଏବ ସରପଞ୍ଚ ସସ୍ମିତା ଦେବେଶ୍ରୀ ଓ ଦୋଛିଆଁ ପଞ୍ଚାୟତର ବିଜେଡି ସମର୍ଥିତ ନାଏବ ସରପଞ୍ଚ ତୁଳସୀ ମଙ୍ଗରାଜ ବିଜୟୀ ହୋଇଛନ୍ତି। ଅନାସ୍ଥା ପ୍ରସ୍ତାବରେ ବିଜୟୀ ପ୍ରାର୍ଥୀମାନଙ୍କ ସହିତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ଭୁବନେଶ୍ୱରସ୍ଥିତ ନବୀନ ନିବାସରେ ପହଞ୍ଚି ବିରୋଧୀ ଦଳ ନେତା ତଥା ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟି ତାଙ୍କୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଖଣ୍ଡୁଆପାଟ ସହ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ମଧ୍ୟ ସମସ୍ତଙ୍କୁ ଶୁଭକାମନା ସହ ଅଭିନନ୍ଦନ ଜଣାଇଥିଲେ। ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀ ଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ସତ୍ୟବାଦୀ ବ୍ଲକ୍ ବିଜେଡି ସଭାପତି ପ୍ରମୋଦ ରାଉତରାୟ, କଣାସ ବ୍ଲକ୍ ବିଜେଡି ସଭାପତି ସୁରେଶ କୁମାର ସାହୁ, ଯୁବନେତା ରାଜେଶ ହରିଚନ୍ଦନ, ସତ୍ୟବାଦୀ ବ୍ଲକ୍ ପୂର୍ବତନ ଅଧ୍ୟକ୍ଷ ତଥା ବିଜେଡି ରାଜ୍ୟ ସମ୍ପାଦକ ପ୍ରେମାନନ୍ଦ ବେହେରା, ଯୁବନେତା ପ୍ରକାଶ ଖଟେଇ, ସୁବାସ ପ୍ରଧାନ, ସବୁଜ ମିଶ୍ର, ସତ୍ୟପ୍ରସାଦ ଦାସ ସହ ଅନେକ ବିଜେଡି କର୍ମକର୍ତ୍ତା ଯୋଗଦେଇଥିଲେ।

## ଡିଭାଇଡରରେ ପିଟି ହୋଇ ୨ ଗୁରୁତର

ବଳଙ୍ଗା,୩୧।୫(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ଭାଣପୁର ଛକରେ ଡିଭାଇଡରରେ ଏକ ସ୍କୁଟି ପିଟି ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ସ୍ଥାନୀୟଲୋକେ ୨ଜଣଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପିପିଲି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସୂଚନାମୁତାବକ, ଅପରାହ୍ଣରେ ୨ଜଣ ଯୁବକ ଏକ ସ୍କୁଟିରେ ଦ୍ରୁତଗତିରେ ପିପିଲି ଅଭିମୁଖେ ଯାଉଥିବାବେଳେ ଭାଣପୁର ଛକଠାରେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲା। ଖବର ପାଇ ବଳଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ୪୦ ବୋତଲ ବିଦେଶୀ ମଦ ଜବତ

ନୟାହାଟ,୩୧।୫(ସମିସ): ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଶନିବାର ରାତିରେ ପାଟ୍ରୋଲିଂ କରୁଥିବା ସମୟରେ ପିଣ୍ଡଳ ଛକରୁ ଏକ ପେଟି ମଧ୍ୟରେ ଥିବା ୪୦ ବୋତଲ ବିଦେଶୀ ମଦ ଜବତ କରିଥିଲେ। ଚୋରା ମଦ ବେପାରୀ ଘଟଣାସ୍ଥଳରୁ ଫେରାର୍ ହୋଇଯିବାରେ ସକ୍ଷମ ହୋଇଥିଲା। ଏ ସଂକ୍ରାନ୍ତରେ ଗୋପ ଥାନା କେସ୍ ନମ୍ବର ୧୭୭/୨୬ରେ ଏକ ମୋକଦ୍ଦମା ରୁଜୁ କରାଯାଇଛି। ପଣ୍ଡଳ ଗ୍ରାମର ରାଜକିଶୋର ସ୍ୱାଇଁଙ୍କ ନାମରେ କେସ୍ ରୁଜୁ କରାଯାଇଛି।

## ମରଣାନ୍ତକ ଆକ୍ରମଣ କରି ଫେରାର୍ ଅଭିଯୁକ୍ତ ଗିରଫ

ନୟାହାଟ,୩୧।୫(ସମିସ): ଦୁଇ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଅଶୋକ ଭୋଇଙ୍କୁ ଗିରଫ କରିବା ପାଇଁ ନୟାହାଟ ଫାଣ୍ଡି ଆଗରେ କନ୍ତିଲା ଗ୍ରାମବାସୀ ଧାରଣା ଦେବା ପରେ ଅଭିଯୁକ୍ତକୁ ପୁଲିସ ଗିରଫ କରିବାରେ ସଫଳ ହୋଇଥିଲା। ପ୍ରକାଶ ଯେ, କନ୍ତିଲା ଗ୍ରାମରେ ମାଛ ପୋଖରୀକୁ କେନ୍ଦ୍ରକରି ଅଶୋକ ଭୋଇ ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦ ଦେଖାଯାଇଥିଲା। ଉଭୟ ପକ୍ଷର ଗଣ୍ଡଗୋଳ ଘଟି ୩ ଜଣ ଆହତ ହୋଇଥିବାବେଳେ ଆରତ ଭୋଇ ଓ ତାଙ୍କ ବୋଉ ବିଦ୍ୟୁଲତା ଭୋଇଙ୍କୁ ହାଣି ଅଶୋକ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଗୋପ ଥାନା କେସ୍ ନମ୍ବର ୧୭୨/୨୬ରେ ମାମଲା ରୁଜୁ କରାଯାଇଥିଲା। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଗୋପରେ ଅଶୋକ ବୁଲୁଥିବା ଖବର ପାଇ ତାକୁ ଗିରଫ କରି କୋଣାର୍କ କୋର୍ଟକୁ ଚାଲାଣ କରିଥିଲେ। ସେଠାରେ ଜାମିନ ନାମଞ୍ଜୁର ହେବାରୁ ଆଶୋକକୁ ଜେଲ୍ ହାଜତକୁ ପଠାଯାଇଛି।

## କଣାସରେ ରବି ଧାନ ପାଇଁ ମଣ୍ଡି ଉଦ୍‌ଘାଟିତ



କଣାସ,୩୧।୫(ସମିସ): ରବିବାର କଣାସ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠିତ ମା' କୁଞ୍ଜେଶ୍ୱରୀ ସେବା ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କଠାରୁ ରବି ଋତୁରେ ଧାନ କିଣିବା ପାଇଁ ମଣ୍ଡି ଖୋଲାଯାଇଥିବା ଜଣାପଡ଼ିଛି। ସମବାୟ ସମିତିର ସଭାପତି ସୁକାନ୍ତ କିଶୋର ସାମନ୍ତରାୟ ନଡ଼ିଆ ବାଡ଼େଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ୨୭୪ ଜଣ ଚାଷୀ ୧୧ ହଜାର କ୍ୱିଣ୍ଟାଲ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୧ ହଜାର କ୍ୱିଣ୍ଟାଲ ଧାନ କ୍ରୟ କରିବା ପାଇଁ ସରକାର ଟାର୍ଗେଟ୍ ଦେଇଛନ୍ତି। ଡେଲାଙ୍ଗ ଦୁଲଣା ରାଇସ୍ ମିଲ୍ ଚାଷୀମାନଙ୍କଠାରୁ ଧାନ କ୍ରୟ କରୁଛନ୍ତି। ଉଦ୍‌ଘାଟନୀ ସମୟରେ ସମ୍ପାଦକ ଧୀରେନ କୁମାର ମାନସିଂହ ପରିଚାଳନା କମିଟି ସଭ୍ୟ ପ୍ରକାଶ କୁମାର ପ୍ରଧାନ, ପ୍ରଭାକର ବଳିୟାରସିଂହ, ଟିକନ ପ୍ରଧାନ, ସୁମିତ୍ରା ଭୋଳ, ରବି ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ୨୦ ଜଣ ଚାଷୀଙ୍କଠାରୁ ୫୨୦ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଥିବା ଜଣାପଡ଼ିଛି।

## କଂଗ୍ରେସକୁ ଫେରିଲେ ପ୍ରିୟବ୍ରତ



ପିପିଲି,୩୧।୫(ସମିସ): ପିପିଲିର ପୂର୍ବତନ ବିଧାୟକ ସ୍ୱର୍ଗତ ଯୁଧିଷ୍ଠିର ସାମନ୍ତରାୟଙ୍କ ଏକମାତ୍ର ପୁତ୍ର ପ୍ରିୟବ୍ରତ ସାମନ୍ତରାୟ ଓରଫ ରାଜା ରବିବାର କଂଗ୍ରେସରେ ବିଧିବଦ୍ଧ ଭାବେ ମିଶିଛନ୍ତି। ରାଜା କଂଗ୍ରେସରେ ମିଶିବା ପରେ ଡେଲାଙ୍ଗ-ପିପିଲିରେ କଂଗ୍ରେସର ନେତୃତ୍ୱ ସଙ୍କଟ ଦୂର ହୋଇଥିବା ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ସହ ପ୍ରଭାରୀ ଜେଟି କୁସନ କୁମାର, ପିସିସି ସଭାପତି ଭକ୍ତ ଚରଣ ଦାସ, ବିଧାୟକ ତାରାପ୍ରସାଦ ବାହିନୀପତି, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଉପସଭାପତି ଦେବାଶିଷ ପଟ୍ଟନାୟକ, କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ ମିଶ୍ର, ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର (ରମ୍ମୁ), ଡେଲାଙ୍ଗ-ପିପିଲିର ପୂର୍ବତନ ବିଧାୟକ ପ୍ରାର୍ଥୀ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ନାରୀନେତ୍ରୀ ନିରୁପମା ପାତ୍ର ପ୍ରମୁଖ ରାଜାଙ୍କୁ ଉତ୍ତରାଠାରୁ ସ୍ୱାଗତ କରି ଏକ ବାଇକ୍ ରାଲିରେ ପିପିଲି ପଦାପଡ଼ିଆ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ପିପିଲି ପଦାପଡ଼ିଆଠାରେ ମିଶ୍ରଣ ସଭା ଆରମ୍ଭ ହୋଇଥିଲା।

### ଦୀର୍ଘ ଦିନ ଧରି ଲାଗିରହିଥିବା ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ

# ଡେଲାଙ୍ଗକୁ ମିଳିଲା ଆଉ ଏକ ଗ୍ରିଡ୍

ଡେଲାଙ୍ଗ,୩୧।୫(ସମିସ): ଡେଲାଙ୍ଗରେ ଦୀର୍ଘ ଦିନରୁ ଲାଗିରହିଥିବା ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ହୋଇଛି। ଖୋର୍ଦ୍ଧା ଗ୍ରିଡ୍‌ରୁ ତିରୁମଲ ଦେଇ ଡେଲାଙ୍ଗ ସବ୍‌ଷ୍ଟେସନକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ୍ ତାର ଜଙ୍ଗଲିଆ ରାସ୍ତା ଦେଇ ପ୍ରାୟ ୩୫ କି.ମି ଦୂରରୁ ଆସିଥିଲା। ଅଂଶିକ ବର୍ଷା ତଥା ଜଙ୍ଗଲ ଭିତରେ ଗଛ ପଡ଼ିଯାଉଥିବାରୁ ଘଣ୍ଟା ଘଣ୍ଟା ଧରି ଡେଲାଙ୍ଗବାସୀ ବିଦ୍ୟୁତ୍ ସେବାରୁ ବଞ୍ଚିତ ରହୁଥିଲେ। ଡେଲାଙ୍ଗକୁ ଗୋଟିଏ ଉତ୍ସରୁ ବିଦ୍ୟୁତ୍ ମିଳୁଥିବାରୁ ବାରମ୍ବାର ଏଭଳି ପରିସ୍ଥିତି ଉପୁଜୁଥିବା ଜାଣିବା ପରେ ଏହାର ସ୍ଥାୟୀ ସମାଧାନ ନିମନ୍ତେ ଅଞ୍ଚଳବାସୀ ଦାବି କରିଥିଲେ।

ଗତ ଫନୀ ବାତ୍ୟା ସମୟରେ ସାତଶଙ୍ଖ ଦେଇ ପିପିଲି ଠଣଠଣା ଗ୍ରିଡ୍‌ରୁ ଡେଲାଙ୍ଗକୁ ସଂଯୋଗ ହୋଇଥିବା ୩୩ କେଭି ବିଦ୍ୟୁତ୍ ତାର ଦୀର୍ଘଦିନ ଧରି ଅକାମି ହୋଇ ପଡ଼ିରହିଥିବାବେଳେ ଏହାକୁ କାର୍ଯ୍ୟକାରୀ କରାଗଲେ ଡେଲାଙ୍ଗକୁ ବିଦ୍ୟୁତ୍‌ର ଦ୍ୱିତୀୟ ଉତ୍ସ ମିଳିପାରିବ ବୋଲି ବିଦ୍ୟୁତ୍ ବିଭାଗ ଉପଖଣ୍ଡ ଅଧିକାରୀ ଜାଣିବାକୁ ପାଇଥିଲେ। ପରେ ଉପଖଣ୍ଡ ଅଧିକାରୀଙ୍କ ସହିତ ଡେଲାଙ୍ଗ କନିଷ୍ଠ ଯନ୍ତ୍ରୀ ଓ ବିଭାଗୀୟ କର୍ମକର୍ତ୍ତାମାନେ ଠଣଠଣା ଲାଇନ୍‌ର ମରାମତି ସହିତ ଗଛକଟା କାର୍ଯ୍ୟରେ ଲାଗିପଡ଼ିଥିଲେ। ମାତ୍ର ୪ ମାସ ମଧ୍ୟରେ ଉକ୍ତ ଲାଇନ୍‌ର ମରାମତି କରାଯାଇ ପ୍ରାୟ ୧୨କି.ମି ପର୍ଯ୍ୟନ୍ତ ରାସ୍ତାକଡ଼ରେ ବିଦ୍ୟୁତ୍ ତାର ଉପରେ ଥିବା ଗଛଗୁଡ଼ିକୁ କଟାଯାଇଥିଲା। ସମ୍ପୃକ୍ତ ଲାଇନ୍‌ର ସମସ୍ତ ମରାମତି କାର୍ଯ୍ୟ ସମାପ୍ତ ହେବାରୁ ଶୁକ୍ରବାର ଠଣଠଣା ଗ୍ରିଡ୍‌ରୁ ଡେଲାଙ୍ଗ ସବ୍‌ଷ୍ଟେସନକୁ ୩୩ କେଭି ବିଦ୍ୟୁତ୍ ସରବରାହର ସଫଳ ପରୀକ୍ଷଣ କରାଯାଇଥିଲା। ବିଦ୍ୟୁତ୍ ସରବରାହର ସଫଳ ପରୀକ୍ଷଣ ପରେ ଏହି ଲାଇନ୍‌କୁ ମୁଖ୍ୟ ସ୍ରୋତ ଭାବେ ବ୍ୟବହାର କରାଯିବ ଏବଂ ଖୋର୍ଦ୍ଧା ଗ୍ରିଡ୍‌ରୁ ଆସୁଥିବା ବିଦ୍ୟୁତ୍ ଦ୍ୱିତୀୟ ଉତ୍ସ ଭାବେ ରଖାଯିବ ବୋଲି ଉପଖଣ୍ଡ ଅଧିକାରୀ ରାକେଶ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ଠଣଠଣାରୁ ଡେଲାଙ୍ଗକୁ ବିଦ୍ୟୁତ୍ ସରବରାହ ଡେଲାଙ୍ଗବାସୀଙ୍କ ଦୀର୍ଘଦିନର ସମସ୍ୟା ଦୂର କରିପାରିବ ବୋଲି ଜଣାପଡ଼ିଛି।




ଏନେଇ ଡେଲାଙ୍ଗ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ଗଣେଶ କୁମାର ସ୍ୱାଇଁ, ସୁକାନ୍ତ କୁମାର ସାହୁ, ମନୋଜ କୁମାର ପ୍ରଧାନ, ସ୍ୱାଗତ ବରାଳ, କଳ୍ପତରୁ ବାରିକ ପ୍ରମୁଖଙ୍କ ସମେତ ଶତାଧିକ ଉପଭୋକ୍ତା ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପ୍ରଭାତ କ୍ଲବ୍‌ର ସମସ୍ତ ସଦସ୍ୟ ଉପଖଣ୍ଡ ଅଧିକାରୀ ଶ୍ରୀ ପଟ୍ଟନାୟକଙ୍କ ସହ କନିଷ୍ଠ ଯନ୍ତ୍ରୀ ଅମରେନ୍ଦ୍ର ବେହେରା ଏବଂ ବିଦ୍ୟୁତ୍ ବିଭାଗର ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ପରିବେଶ ସୁରକ୍ଷାର ଉପଯୋଗିତା ସମ୍ବନ୍ଧରେ ଆଲୋଚନା




ଅସ୍ତରଙ୍ଗ,୩୧।୫(ସମିସ): ଜଙ୍ଗଲ ସୁରକ୍ଷା ହେଉଛି ପରିବେଶର ସନ୍ତୁଳନ ବଜାୟରଖିବା। ପୁରୀ ସୁରକ୍ଷା ପରିଷଦ ଓ ଲତା ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ବିଶ୍ୱ ପରିବେଶ ସୁରକ୍ଷା ସପ୍ତାହର ଦ୍ୱିତୀୟ ଦିବସରେ ଅସ୍ତରଙ୍ଗ ପୀର୍‌ଜାହାନିଆଁ କଲ୍ୟାଣମଣ୍ଡପ ପରିସରରେ 'ବନ ସୁରକ୍ଷା ସମିତି ଓ ପରିବେଶ ସୁରକ୍ଷା' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନାଚକ୍ରରେ ପରିଷଦର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଆୟୋଜନ ସମିତିର ଅଧ୍ୟକ୍ଷ ବିନୟ ନୃସିଂହ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏଥିରେ ଉଦ୍ଭିଦ ବିଜ୍ଞାନର ପ୍ରାଧ୍ୟାପକ ପ୍ରଫେସର ଅଭିମନ୍ୟୁ ଭୂୟାଁ ଯୋଗଦେଇ କହିଲେ ପରିବେଶ ସୁରକ୍ଷାର ଉପଯୋଗିତା ସମ୍ବନ୍ଧରେ ଆଲୋଚନା କରିଥିଲେ। ଓଡ଼ିଶା ବନ ସେବା ଅଧିକାରୀ ଦୟାନିଧି ତ୍ରିପାଠୀ ଯୋଗଦେଇ କହିଲେ, ପରିବେଶ ସୁରକ୍ଷାରେ ବନ ସୁରକ୍ଷା ସମିତିର ଅବଦାନ ଓ ଆବଶ୍ୟକତା ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ସହିତ ବନ ସୁରକ୍ଷାକୁ ସମୃଦ୍ଧ କରିବା ପାଇଁ ଜନସଚେତନତାକୁ ସୁଦୃଢ଼ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅତିଥିଭାବେ ପ୍ରାକ୍ତନ ସରପଞ୍ଚ ପ୍ରଫୁଲ୍ଲ କୁମାର ବେହେରା, ଦେବବ୍ରତ ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ, ଲତା ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠାତା ଲତା ଦାସ, କାର୍ଯ୍ୟକ୍ରମ ସଂଯୋଜକ ଲଲାଟେନ୍ଦୁ ମିଶ୍ର, ସହ ସଂଯୋଜକ ସନ୍ଦୀପ କର୍ମକାର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ପ୍ରଫୁଲ୍ଲ ବେହେରା, ଦେବବ୍ରତ ତ୍ରିପାଠୀ, ବିଶ୍ୱଜିତ୍ ବିଶ୍ୱାଳ ଓ ବନ ସୁରକ୍ଷା ସଭାପତି ଚାରୁଲତା ବିଶ୍ୱାଳଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ତପନ ସେଠୀ।

### ବିଶ୍ୱ ତମାଖୁ ବର୍ଜନ ଦିବସର ଆହ୍ୱାନ

# 'ଜୀବନକୁ ବାଛନ୍ତୁ; ମୃତ୍ୟୁକୁ ନୁହେଁ'




ପୁରୀ,୩୧।୫(ସମିସ): ନିୟମ କାନୁନ, ସରକାର କି ପ୍ରଶାସନର ସଚେତନତା ବାର୍ତ୍ତାକୁ ଅପେକ୍ଷା ନ କରି, ପ୍ରତିଟି ମଣିଷ ପ୍ରଥମେ ନିଜ ପରିବାରକୁ ତମାଖୁମୁକ୍ତ କରିବାର ସଂକଳ୍ପ ନେଇ ଏକ ସୁସ୍ଥ ସମାଜ ତଥା କର୍କଟମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ ଦେଇଛନ୍ତି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ। ମିଶନ ଓଡ଼ିଶା, ମାଇଁ ଭାରତ, ଜିଲ୍ଲା ତମାଖୁ ନିୟନ୍ତ୍ରଣ ଯୋଜନା ଓ କଳିଙ୍ଗ ବୈଶ୍ୟ ସଂଘର ମିଳିତ ସହଯୋଗରେ ସମାଜସେବୀ ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ମଧୁସୂଦନ ମିଶ୍ରଙ୍କ ପରିଚାଳନାରେ ଦୋଳମଣ୍ଡପ ସାହି ପେଣ୍ଠଘର ସମ୍ମିଳନୀ କକ୍ଷରେ ରବିବାର ବିଶ୍ୱ ତମାଖୁ ବର୍ଜନ ଦିବସ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କହିଥିଲେ ଯେ ଅର୍ଥ ଦେଇ ମୃତ୍ୟୁ କିଣୁଥିବା ମଣିଷ ଜାଣିନି ଯେ ତମାଖୁ ସେବନ ହୁଏତ ତାଙ୍କୁ ମୃତ୍ୟୁ ଦେଇପାରେ। ତେଣୁ ମୂଲ୍ୟବାନ ଜୀବନକୁ ନିଜ ପରିବାରର ସୁଖ ପାଇଁ ସୁରକ୍ଷିତ ରଖିବାକୁ ତମାଖୁ ବର୍ଜନ ଲାଗି ସେ ଅନୁରୋଧ କରିଥିଲେ। ଏଥିରେ ପୁରୀ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଡା. ସଞ୍ଜୁ ଦାସ କହିଥିଲେ ଯେ, ତମାଖୁ ସେବନର ଅପକାରିତା ସମ୍ପର୍କରେ ଶିଶୁ-କିଶୋରଙ୍କୁ ସଚେତନ କରିବା ଏବେ ବଡ଼ ଆବଶ୍ୟକତା। ସମ୍ମାନିତ ଅତିଥି ଭାବେ ଡା. ଦେବ ଦାଶ ଓ ଡା. ଭବାନୀ ମହାପାତ୍ର ତମାଖୁ ସେବନର ଭୟାବହତା ଉପରେ ବକ୍ତବ୍ୟ ରଖିଥିବାବେଳେ ଜାତୀୟ ତମାଖୁ ନିୟନ୍ତ୍ରଣ ଯୋଜନାର ପରାମର୍ଶଦାତା ଅନୀତା ଦାସ ତମାଖୁ ନିୟନ୍ତ୍ରଣ ସମ୍ପର୍କରେ ତଥ୍ୟ ପ୍ରଦାନ ସହ ତମାଖୁମୁକ୍ତ ଓଡ଼ିଶା ପାଇଁ ଯୁବଗୋଷ୍ଠୀଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମଧୁସୂଦନ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସହଯୋଗ କରିଥିଲେ ଜୟନ୍ତୀ ମହାପାତ୍ର, ସବ୍ୟସାଚୀ ସେନାପତି, ଜ୍ୟୋତିର୍ମୟୀ ଦାସ, ଦେବରାଜ ଦାସ, କେଦାର ମହାପାତ୍ର, ଶିବରାମ ପ୍ରଧାନ, ସୌମ୍ୟରଞ୍ଜନ ପାତ୍ର, ଅଜୟ ପ୍ରଧାନ ଓ ସତ୍ୟବାଦୀର ଅଧିବକ୍ତା ସୁଶାନ୍ତ ରଥ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଚାରିଛକ,୩୧।୫(ସମିସ): ଚାରିଛକ ନିକଟସ୍ଥ ଛଣିଜଙ୍ଗ ପଞ୍ଚାୟତ ଚାରିମୌଜାଠାରେ ଥିବା ନୀଳକଣ୍ଠେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ଭଞ୍ଜଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବେଶ୍ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଏବିଇଓ ସୀମାନ୍ତ ଶେଖର ରଥଙ୍କ ସଭାପତିତ୍ୱ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭୁବନେଶ୍ୱର ଓସେପାର ଯୁଗ୍ମ ନିର୍ଦ୍ଦେଶକ ହିମାଂଶୁ ଭୂଷଣ ସମରଥ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ନିମାପଡ଼ା ମଣ୍ଡଳ ଶିକ୍ଷାଧିକାରୀ ଅନିଲ କୁମାର ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଛଣିଜଙ୍ଗ କ୍ଲଷ୍ଟର ସିଆର୍‌ସିସି ଅବ୍‌ଦୁଲ ମିସ୍କିନ ଖାନ୍, ନିମାପଡ଼ା ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ପରିଚାଳନା କମିଟିର ସଭାପତି ବିଶ୍ୱନାଥ ନାୟକ, ନିମାପଡ଼ା ଓପିଟିଏ ସଭାପତି ସୁମନ୍ତ କୁମାର ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଅଜୟ ପରିଡ଼ା, ସମିତିସଭ୍ୟା ଲକିବାଳା ନାୟକ, ଶିକ୍ଷକନେତା ତ୍ରିଲୋଚନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ କର, ବ୍ରଜକିଶୋର ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ନେତ୍ରାନନ୍ଦ ବାରିକ, ଶିକ୍ଷକ ବିଜୟ କୁମାର ନାୟକ, ପ୍ରଧାନଶିକ୍ଷକ ଅଜୟ କୁମାର ସେଠୀ ଏବଂ ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ କୈଳାସ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକଙ୍କ ସମେତ ପୁରାତନ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ ଯୋଗଦେଇ ଅବସର ଗ୍ରହଣ କରୁଥିବା ପ୍ରଧାନଶିକ୍ଷକ ଶ୍ରୀ ଭଞ୍ଜଙ୍କ କାର୍ଯ୍ୟଦକ୍ଷତାର ଉଚ୍ଚ ପ୍ରଶଂସା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଶ୍ରୀ ଭଞ୍ଜଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ଅନୁଷ୍ଠାନର ସହକାରୀ ଶିକ୍ଷକ ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବକୁ ସଫଳ କରିବାରେ ପୂର୍ବତନ ସଭାପତି ନିହାର ରଞ୍ଜନ ସ୍ୱାଇଁ, ୱାର୍ଡ ସଭ୍ୟ ପ୍ରତାପ ନାୟକ, ପୂର୍ବତନ ଛାତ୍ର ତପନ ପ୍ରଧାନ, ସୁବାସ ବାରିକ, ସୁକାନ୍ତ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପରିଚାଳନା କମିଟିର ସଭ୍ୟ/ସଭ୍ୟା, ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ବିୟୋଗ



ଚାରିଛକ,୩୧।୫(ସମିସ): ଚାରିଛକ ନିକଟସ୍ଥ ତୁଳସୀପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୌତମ ଗୋଛାୟତ(୭୪)ଙ୍କର ରବିବାର ହୃଦ୍‌ଘାତରେ ପରଲୋକ ଘଟିଛି। ସେ ଜଣେ ଛାତ୍ରବତ୍ସଳ, ସମୟାନୁବର୍ତ୍ତୀ, ମେଳାପି ଓ ଆଦର୍ଶ ଶିକ୍ଷକ ଥିଲେ। ରବିବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି। ତାଙ୍କ ବିୟୋଗ ଖବର ପାଇ ଅଞ୍ଚଳର ବହୁ ଶିକ୍ଷକଶିକ୍ଷୟିତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ନିଜ ଗ୍ରାମ ଶ୍ମଶାନରେ ତାଙ୍କର

### ● ଅଟୋ ଚାଳକଙ୍କ ମହାନୁଭବତା

## ମହାରାଷ୍ଟ୍ର ପର୍ଯ୍ୟଟନଙ୍କୁ ପାଇଥିବା ବ୍ୟାଗ୍ ଫେରାଇଲେ

ଗୋପ,୩୧।୫(ସମିସ): ଦୀର୍ଘ ୩୦ ଘଣ୍ଟା ପରେ ହଜି ଯାଇଥିବା ବ୍ୟାଗ୍ ଫେରି ପାଇଲେ ମହାରାଷ୍ଟ୍ର ପୁନେ ଅଞ୍ଚଳର ସଫ୍ଟୱେର୍ ଇଞ୍ଜିନିୟର ସଞ୍ଜୟ କୁମାର। ପୁରୀରେ ଦୀର୍ଘ ଦିନ ଧରି ଗୋପ ବ୍ଲକ୍ ଅଞ୍ଚଳ କୁଆଁପଡ଼ା ପଞ୍ଚାୟତ ଓରୁଆଳି ଗ୍ରାମର ଅଟୋ ଚାଳକ ଧନେଶ୍ୱର ସେନାପତି ପର୍ଯ୍ୟଟକଙ୍କ ବ୍ୟାଗ୍ ପାଇବା ପରେ ଗୋପ ଥାନାରେ ଫେରାଇ ନିଜର ମହାନୁଭବତାର ପରିଚୟ ସୃଷ୍ଟି କରିଛନ୍ତି। ପ୍ରକାଶ ଯେ, ମହାରାଷ୍ଟ୍ର ପୁନେ ଅଞ୍ଚଳର ୧୨ ଜଣ ସାଙ୍ଗ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ପୁରୀ ଆସିଥିଲେ। ଶନିବାର ସମସ୍ତ ସାଙ୍ଗ ପୁରୀ କୋଣାର୍କ ବୁଲି ସାରିବା ପରେ ପୁରୀ ଶ୍ରୀମନ୍ଦିର ନିକଟ କାକୁଡ଼ିଖାଇ ଛକ ନିକଟରେ ଏହି ବ୍ୟାଗ୍ ଭୁଲ୍ ବଶତଃ ଛାଡ଼ି ଦେଇଥିଲେ। କିଛି ଘଣ୍ଟା ପରେ ସେହି ବାଟ ଦେଇ ଯାଉଥିବା ଅଟୋ ଚାଳକ ଧନେଶ୍ୱର ଏହି ବ୍ୟାଗ୍ ପାଇଥିଲେ। ପର୍ଯ୍ୟଟକଙ୍କ ଏହି ବ୍ୟାଗ୍‌ରେ ଲାପଟପ୍, ମନିପର୍ସ ସହିତ ଅନ୍ୟାନ୍ୟ ବୈଦୁତିକ ଜିନିଷ ରହିଥିବାବେଳେ ଆଇକାର୍ଡ, ଆଧାର ସହିତ ଆଉ କେତେକ ଦରକାରୀ କାଗଜପତ୍ର ରହିଥିଲା। ମାତ୍ର ବ୍ୟାଗ୍ ଭିତରେ ପର୍ଯ୍ୟଟକଙ୍କ ଫୋନ୍ ନମ୍ବର ନ ଥିବାରୁ ସଫ୍ଟୱେର ଇଞ୍ଜିନିୟରଙ୍କ ଆଇକାର୍ଡରୁ ଅଫିସ ସହିତ ସମ୍ପର୍କ କରିବା ପରେ ସମ୍ପୃକ୍ତ ପର୍ଯ୍ୟଟକ ରବିବାର ରାତି ସାଢ଼େ ୯ଟାରେ ବ୍ୟାଗ୍ ନେଇଛନ୍ତି। ବ୍ୟାଗ୍ ଫେରସ୍ତ ସମୟରେ ଗୋପ ଥାନା ଏସ୍‌ଆଇ ଦେବସ୍ମିତା ସିଂ, କୁଆଁପଡ଼ା ପଞ୍ଚାୟତର ଯୁବନେତା ବିଚିତ୍ରାନନ୍ଦ ପ୍ରଧାନ ଉପସ୍ଥିତ ଥିଲେ।



୩୧/୫/୨୦୨୬ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୮,୩୧,୦୧୧/- ସୁନା:୦୦.୦୬୦ ଗ୍ରାମ୍ ରୁପା: ୧୯.୦୦୦ ଗ୍ରାମ୍



**ଦଇତାପତି ନିଯୋଗ-ପୁଲିସ ସମନ୍ୱୟ ବୈଠକ**

# ରଥଯାତ୍ରାରେ ସମନ୍ୱୟ ରକ୍ଷାକୁ ଗୁରୁତ୍ୱ

ପୁରୀ,୩୧ା୫(ସମିସ)



ଆସନ୍ତା ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥଯାତ୍ରା ଯେପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ ତା' ଉପରେ ଗୁରୁତ୍ୱ ଦେଇ ପ୍ରସ୍ତୁତି ଚଳାଇଛି ପୁରୀ ପୁଲିସ। ଏହି କ୍ରମରେ ରବିବାର ପୁଲିସ ପକ୍ଷରୁ ଦଇତାପତି ନିଯୋଗ ସଦସ୍ୟମାନଙ୍କ ସହ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପ୍ରତୀକ୍ ସିଂ ଅଧକ୍ଷତା କରିଥିଲେ। ବୈଠକରେ ସ୍ନାନପୂର୍ଣ୍ଣିମା, ନବଯୌବନ ଦର୍ଶନ, ରଥଯାତ୍ରା, ଧୂଳିଆଗୁଣ୍ଡିଚା, ଆଡ଼ପ ମଣ୍ଡପରେ ଦର୍ଶନ, ସନ୍ଧ୍ୟା ଦର୍ଶନ, ବାହୁଡ଼ାଯାତ୍ରା, ସୁନାବେଶ ଏବଂ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ପୁଲିସ ସମ୍ପୃକ୍ତ ବ୍ୟବସ୍ଥା ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ପୁଲିସ ଦଇତାପତି ଓ ଅନ୍ୟ ସେବାୟତଙ୍କ ସହିତ ସମନ୍ୱୟ ରକ୍ଷାକରି ପହଣ୍ଡି ଶୃଙ୍ଖଳା, ସ୍ନାନପୂର୍ଣ୍ଣିମାରେ ମହାପ୍ରଭୁଙ୍କ ଦର୍ଶନ ଏବଂ ରଥାରୂଢ଼ ଠାକୁରମାନଙ୍କ ଦର୍ଶନ କିପରି ଭଲ ଭାବେ ହୋଇପାରିବ ଏବଂ ସେବାୟତମାନେ ମହାପ୍ରଭୁଙ୍କ ସେବା ପୂଜା ପାଇଁ ଯିବାବେଳେ ପୁଲିସର କଟକଣା କିପରି ନ ରହିବ, ପରିମାଣିକ ଟିକଟ କିପରି ସଠିକ୍ ଭାବେ ଯାଞ୍ଚ କରାଯିବ, ସେବାୟତଙ୍କ ଯିବାଆସିବା ପାଇଁ ଗାଡ଼ି ପାସ୍‌ର ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ଏସ୍‌ପି ଶ୍ରୀ ସିଂ ଦଇତାପତି ନିଯୋଗର ସହଯୋଗ ଓ ପରାମର୍ଶକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ମଧ୍ୟ ପୁଲିସ ପ୍ରଶାସନ ଓ ଦଇତାପତି ନିଯୋଗ ମଧ୍ୟରେ ନିୟମିତ ସମନ୍ୱୟ ବୈଠକ ଜାରି ରହିବ ଏବଂ ସମସ୍ତ ଆବଶ୍ୟକ ପଦକ୍ଷେପ ସମୟ ପୂର୍ବରୁ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା।

ଆଲୋଚନା ଚାଲିଥିବାବେଳେ କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ୍ ନାୟକ ପହଞ୍ଚି ରଥଯାତ୍ରା କିପରି ସୁରୁଖୁରୁରେ ହେବ ସେ ନେଇ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ବୈଠକରେ ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର, ବିନାୟକ ଦାସ ମହାପାତ୍ର, ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ସମେତ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପୁଲିସ ପକ୍ଷରୁ କମାଣ୍ଡାଣ୍ଟ ତପସ ଦାସ, ଅତିରିକ୍ତ ଏସ୍‌ପି ସୁଶୀଲ ମିଶ୍ର, ଦେବୀ ପ୍ରତାପ, ସଚିନ ପଟେଲ, ସୌମ୍ୟରଞ୍ଜନ ମଲ୍ଲିକ, ଏସ୍‌ଏସ୍‌ଏମ୍‌ଏସ୍‌ଭିର ଡିସି କୌଶିକ ନାୟକ, ଦୀପକ ଗଡ଼ନାୟକ ପ୍ରମୁଖ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

**• ଛତିଶା ନିଯୋଗ, ନୀତି ସବ୍ କମିଟି ବୈଠକ**

## ଗତବର୍ଷ ଅଘଟଣ ପୁନରାବୃତ୍ତି ନ ହେବା ଉପରେ ଗୁରୁତ୍ୱ

ପୁରୀ,୩୧ା୫(ସମିସ): ୨୦୨୪ ରଥଯାତ୍ରାରେ ଆଡ଼ପମଣ୍ଡପକୁ ବିଜେ ସମୟରେ ଚାରମାଳ ଉପରୁ ଖସି ପଡ଼ିଥିଲେ ବଡ଼ଠାକୁର ଶ୍ରୀବଳଭଦ୍ର। ଏହି ଘଟଣା କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଶକ୍ତ ଆଘାତ ପହଞ୍ଚାଇଥିଲା। ସେହିପରି ଗତବର୍ଷ ମଧ୍ୟ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଆଗରେ ଦଳାଚକଟାରେ ୩ ଜଣ ଭକ୍ତଙ୍କ ଜୀବନ ଯାଇଥିଲା। ତେଣୁ ଚଳିତବର୍ଷ ରଥଯାତ୍ରାରେ ଯେପରି ସେହିଭଳି କିଛି ତ୍ରୁଟି ବା ଅଘଟଣର ପୁନରାବୃତ୍ତି ନ ହୁଏ ତା' ଉପରେ ସ୍ୱତନ୍ତ୍ର ଫୋକସ୍ ଦେଇଛି ଶ୍ରୀମନ୍ଦିର ପ୍ରଶାସକ। ରବିବାର ଅନୁଷ୍ଠିତ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ରାଜେନ୍ଦ୍ରାଭିଷେକଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ କିପରି ସୁରୁଖୁରୁରେ ସମ୍ପନ୍ନ ହେବ ସେ ନେଇ ପ୍ରସ୍ତୁତ ନୀତିକାନ୍ତି ଉପରେ ଆଲୋଚନା କରାଯାଇ ସେଥିରେ ମୋହର ବାଜିଛି। ତେବେ ଏଥର ଠାକୁରଙ୍କ ନୀତିକାନ୍ତି ଏବଂ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏଥର ରଥଯାତ୍ରାରେ କୌଣସି ପ୍ରକାର ବିଶୃଙ୍ଖଳା ନ ହୁଏ ତା' ଉପରେ ଆଲୋଚନା ହୋଇଥିଲା। ଗତବର୍ଷ ହୋଇଥିବା ଗୁଣ୍ଡିଚା ମନ୍ଦିର ଆଗରେ ଯେଉଁ ଅଘଟଣ ଘଟିଥିଲା ତାହାର ଯେପରି ପୁନରାବୃତ୍ତି ନ ହେବ ସେଥିଲାଗି ସମସ୍ତଙ୍କୁ ଅବଗତ କରାଯାଇଛି। ସେବାୟତ, ପୁଲିସ, ଅଧିକାରୀ ସମସ୍ତଙ୍କ ଭିତରେ ସୁସମନ୍ୱୟ ରହିଲେ କୌଣସି ଅଘଟଣକୁ ଏଡ଼ାଇ ଦେଇହେବ। ଜିଲ୍ଲାପାଳଙ୍କ ସ୍ତରରେ ବିଭିନ୍ନ ନିଯୋଗ କର୍ମକର୍ତ୍ତା ମଧ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଆଗାମୀ ଦିନରେ ଆଲୋଚନା କରିବେ। ବୈଠକରେ ଶୃଙ୍ଖଳିତ ନୀତି ଓ ଶୃଙ୍ଖଳିତ ଘୋଷଯାତ୍ରା ଉପରେ ସମସ୍ତେ ସହମତି ପ୍ରକାଶ କରିଥିଲେ। ନୀତି ସବ୍ କମିଟିରେ ବିଭିନ୍ନ ନୀତି ସମ୍ପାଦନ ଉପରେ ସମସ୍ତ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ଦ୍ୱାରଫିଟା ନୀତି ଏବଂ ସକାଳରେ ମହାପ୍ରଭୁଙ୍କ ମଙ୍ଗଳ ଆଳତି ବଡିଭୋରୁ ହେବା ପାଇଁ କହିଥିଲେ। ସମ୍ପୃକ୍ତ ସେବକ ଏଥିରେ ସହଯୋଗ କରିବେ ଆଶା କରୁଛୁ ବୋଲି କହିଥିଲେ ମୁଖ୍ୟ ପ୍ରଶାସକ। ତେବେ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟିରେ ଯେଉଁ ନୀତି ନିର୍ଘଣ୍ଟ ହୋଇଛି ତାହା ଆସନ୍ତା ୫ ତାରିଖ ପରିଚାଳନା କମିଟି ବୈଠକରେ ଅନୁମୋଦନ ଲାଭ କରିବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି।

**ବଡ଼ିଭୋରୁ ଦ୍ୱାରଫିଟା ଓ ମଙ୍ଗଳ ଆଳତି କରିବାକୁ ଆସିଲା ପ୍ରସ୍ତାବ**

**• ଚାଙ୍ଗଡ଼ା ଘର ନିକଟରେ ବାନ୍ତି**

## ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

**ପୁରୀ,୩୧ା୫(ସମିସ):** ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଚାଙ୍ଗଡ଼ା ଘର ନିକଟରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ରବିବାର ରାତି ୮ଟା ୧୫ରେ ମଧ୍ୟାହ୍ନ ଧୂପ ଭୋଗ ଶେଷ ହୋଇଥିଲା। ଏହା ପରେ ଶ୍ରଦ୍ଧାଳୁମାନେ ଭିତରକାଠରେ ଦର୍ଶନ କରୁଥିଲେ। ମାତ୍ର କେହି ଜଣେ ବେହେରଣ ଦ୍ୱାର ନିକଟ ଚାଙ୍ଗଡ଼ା ଘର ପାଖରେ ବାନ୍ତି କରି ଦେଇଥିଲେ। ଏହା ନଜରକୁ ଆସିବା ପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ଏହାପରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ମହାସ୍ନାନ ପୂଜା ବଢ଼ିବା ପରେ ଯେଉଁଠାରେ ନୀତି ଅଟକାଯାଇଥିଲା ପୁନଶ୍ଚ ସେହିଠାରୁ ନୀତିକାନ୍ତି ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଫଳରେ ପ୍ରାୟ ଘଣ୍ଟାଏରୁ ଊର୍ଦ୍ଧ୍ୱ ନୀତିକାନ୍ତିରେ ବିଳମ୍ବ ହୋଇଥିଲା। ସୂଚନାଥାଉ କି, ଶନିବାର ମଧ୍ୟ ବଡ଼ ମହାସ୍ନାନ ହୋଇଥିଲା। ଭିତରକାଠରେ ଛେପ ପଡ଼ିଥିବାରୁ ସ୍ୱତନ୍ତ୍ର ବିଧି ସମ୍ପନ୍ନ କରାଯାଇଥିଲା।

## ଧୂପରେ ଅଧିକ ଭୋଗ ତୋଳିଲେ ହେବ କାର୍ଯ୍ୟାନୁଷ୍ଠାନ

**ପୁରୀ,୩୧ା୫(ସମିସ):** ଶ୍ରୀମନ୍ଦିର ସ୍ୱତ୍ୱଲିପି ତଥା ଆଇନକୁ ଅବମାନନା କରି ଧୂପରେ ନିର୍ଦ୍ଧାରିତ ପରିମାଣଠାରୁ ଅଧିକ ମହାପ୍ରସାଦ ପ୍ରସ୍ତୁତ କରି ଭୋଗ ଲଗାଇଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଏ ନେଇ ସ୍ୱଷ୍ଟ ସୂଚନା ଦେଇଛନ୍ତି। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ମହାପ୍ରଭୁଙ୍କ ପ୍ରତି ଧୂପରେ ନିର୍ଦ୍ଦିଷ୍ଟ ପରିମାଣର ମହାପ୍ରସାଦ ହିଁ ପ୍ରସ୍ତୁତ ହୋଇ ଭୋଗ ଲାଗି ହେବ। କିନ୍ତୁ କିଛି ସେବାୟତ ନିଜ ବରାଦି ରଖିଥିବା ମହାପ୍ରସାଦକୁ ମଧ୍ୟ ଧୂପ ସହ ମିଶାଇ ଭୋଗ ପାଇଁ ପଠାଉଛନ୍ତି, ଯାହାକି ସ୍ୱତ୍ୱଲିପିର ଉଲ୍ଲଂଘନ। ଗତ ଶୁକ୍ରବାର ସକାଳ ଧୂପ ସମୟରେ ଜଣେ ସେବାୟତ ନିୟମଠାରୁ ଅଧିକ ମହାପ୍ରସାଦ ତୋଳିଥିବା ଜଣାପଡ଼ିଥିଲା। ଖବର ପାଇବା ପରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଶ୍ରୀମନ୍ଦିରରୁ ୧୯ ହାଣ୍ଡି ମହାପ୍ରସାଦ ଜବତ କରାଯାଇଥିଲା। ଜବତ ହୋଇଥିବା ଅନ୍ନ, ଖେଚୁଡ଼ି, କାନିକା ଓ ଡାଲମା ଆଦିକୁ ବ୍ୟାଟେରୀ ଗାଡ଼ିରେ ନେଇ ବାଳାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ପଠାଯାଇଥିଲା। ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, 'ଶ୍ରୀମନ୍ଦିରର ନୀତିକାନ୍ତିକୁ ଶୃଙ୍ଖଳିତ କରିବା ନିମନ୍ତେ ଅନେକ ବ୍ୟବସ୍ଥା କରାଯାଇଛି। ଯଦି କୌଣସି ଧୂପ ସମୟରେ ଅଧିକ ମହାପ୍ରସାଦ ତୋଳାଯାଏ, ତେବେ ଶୃଙ୍ଖଳିତ ବ୍ୟବସ୍ଥା ଅନୁଯାୟୀ ତାହାକୁ ଜବତ କରାଯିବ। ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସମସ୍ତଙ୍କୁ ନିବେଦନ ଯାହା ବି ନୀତି ନିୟମ ରହିଛି ତାହାକୁ ସମସ୍ତେ ମାନି ଚଳନ୍ତୁ। ଏହି ନିର୍ଦ୍ଦେଶ ସମ୍ପର୍କରେ ସୁଆର ମହାସୁଆର ନିଯୋଗକୁ ମଧ୍ୟ ଅବଗତ କରାଯାଇଛି। ଭବିଷ୍ୟତରେ କୌଣସି ଧୂପରେ ଅଧିକ ମହାପ୍ରସାଦ ତୋଳିବାକୁ ବାରଣ କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ଏହା ଉପରେ କଡ଼ା ନଜର ରଖିଛି।

## ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଜଳକ୍ରୀଡ଼ା

**ପୁରୀ,୩୧ା୫(ସମିସ):** ଶ୍ରୀମନ୍ଦିରରେ ଭିତର ଚନ୍ଦନ ଚାଲିଥିବାବେଳେ ରବିବାର ମହାପ୍ରଭୁ ଜଳକ୍ରୀଡ଼ା କରିଛନ୍ତି। ମହାପ୍ରଭୁଙ୍କ ଯାତ ଭୋଗ ସରିବା ପରେ ମଦନମୋହନ ଓ ଶ୍ରୀଦେବୀ ଆଜ୍ଞାମାଳ ପାଇଥିଲେ। ଏହାପରେ ଦେବଦେବୀଙ୍କୁ ବଟମୂଳେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ପାଲିଙ୍କିକୁ ବିମାନବଡୁ ସେବକମାନେ ବିମଳା ମନ୍ଦିର ସମ୍ମୁଖରେ ଥିବା ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ମହାଜନ ସେବକମାନେ ମଦନମୋହନ ଓ ଶ୍ରୀଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ବିଜେ କରାଇଥିଲେ। ପୂର୍ବରୁ ଜଳକୁ ପବିତ୍ର କରାଯାଇ କୁଣ୍ଡରେ ପୂର୍ଣ୍ଣ କରାଯାଇଥିଲା। ଠାକୁର ଠାକୁରାଣୀ ସେହି ଜଳ କୁଣ୍ଡରେ ସ୍ନାନ କରିଥିଲେ। ଜଳକୁଣ୍ଡରେ ଥିବା ଅବସ୍ଥାରେ ତାଙ୍କ ନିକଟରେ ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି ଏବଂ ବନ୍ଦାପନା କରାଯାଇଥିଲା। ଏହାପରେ ଠାକୁର ଠାକୁରାଣୀ ଜଳକୁଣ୍ଡରୁ ବାହାର କରାଯିବା ପରେ ବେଶ କରାଯାଇଥିଲା। ଏହି ସମସ୍ତ ନୀତି ସାରି ମଦନମୋହନ ଓ ଶ୍ରୀଦେବୀ ପାଲିଙ୍କିରେ ବିଜେ ହୋଇ ପ୍ରତ୍ୟାବର୍ତ୍ତନ କରିଥିଲେ। ଶ୍ରୀଦେବୀ ରତ୍ନସିଂହାସନକୁ ଏବଂ ମଦନମୋହନ ଦକ୍ଷିଣୀଘରକୁ ବିଜେ କରିଥିଲେ। ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରାକାଳୀନ ଏହା ହେଉଛି ପଞ୍ଚମ ଜଳକ୍ରୀଡ଼ା।

## ଫେରାର୍ କୁଖ୍ୟାତ ଅସ୍ତ୍ର ବେପାରୀ କାଳିଆ ପଲେଇ ଗିରଫ

**ପୁରୀ,୩୧ା୫(ସମିସ):** ଦୀର୍ଘଦିନ ଧରି ଫେରାର୍ ଥିବା କୁଖ୍ୟାତ ଅସ୍ତ୍ର ବେପାରୀ କାଳିଆ ପଲେଇ ଓରଫ କୃଷ୍ଣଚନ୍ଦ୍ର ପଲେଇ (୩୭)କୁ ଟାଉନ ଥାନା ପୁଲିସ ରବିବାର ଗିରଫ କରିଛି। ହାଇକୋର୍ଟରୁ ଅଗ୍ରୀମ ଜାମିନ ଖାରଜ ହେବା ପରେ ସେ ଲୋକନାଥ ରୋଡ୍ ଷଣ୍ଢ ଜଗାରେ ଲୁଚି ରହିଥିଲାବେଳେ ପୁଲିସ କାବୁ କରିଛି। ମାମଲା ଅନୁଯାୟୀ, ଗତ ଫେବୃଆରୀ ୮ ତାରିଖ ରାତି ୮ଟା ୩୦ରେ କୁଖ୍ୟାତ ଅପରାଧୀ ଜୁଲୁ ମାଣିଆ ବାରବାଟୀ ଜଗା ପୁରୁଣା ପାର୍କରେ ଦେଶୀ ପିସ୍ତଲ ସହ ମ୍ୟାଗାଜିନ୍ ବିକ୍ରି ପାଇଁ ଅପେକ୍ଷା କରିଥିଲା। ପୁଲିସ ଚଢ଼ଉ କରି ତାକୁ ଧରିଥିଲା। ତା' ନିକଟରୁ ଦେଶୀ ପିସ୍ତଲ, ଲାପଟପ୍ ଓ ଅନ୍ୟ ଆପତ୍ତିଜନକ ସାମଗ୍ରୀ ଜବତ ହୋଇଥିଲା। ପଚରାଉଚରାରେ ସେ ଅସ୍ତ୍ରଟିକୁ କୁନା ଓରଫ ଶିବାନୀ ଶଙ୍କର ମହାପାତ୍ରଙ୍କଠାରୁ ଆଣିଥିବା କହିଥିଲା। ଉଭୟଙ୍କୁ ଗତ ଫେବୃଆରୀ ୮ ତାରିଖରେ ଗିରଫ କରାଯାଇ ୯ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତରୁ ଜଣାପଡ଼ିଲା କାଳିଆ ଶିବାନୀଙ୍କୁ ୫୦ ହଜାର ଟଙ୍କାରେ ଉକ୍ତ ଅସ୍ତ୍ର ଯୋଗାଇଥିଲା। ସେବେଠାରୁ ସେ ଫେରାର୍ ଥିଲା। ସେ ଜଣେ ଅଭ୍ୟାସଗତ ଅସ୍ତ୍ର ଯୋଗାଣକାରୀ ଓ ପୁରୀ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ଥିବାରୁ ହାଇକୋର୍ଟ ତା'ର ଅଗ୍ରୀମ ଜାମିନ ଖାରଜ କରିଥିଲେ। ରବିବାର ପୁଲିସ ତାକୁ ଷଣ୍ଢ ଜଗାରୁ ଗିରଫ କରିଛି। ତା'ର ଘର ସଦର ଥାନା ବୀରହରେକୃଷ୍ଣପୁର ରାହାଙ୍ଗିରିଆରେ। ବର୍ତ୍ତମାନ ସେ ଖୁଣ୍ଟିଆ କଲୋନୀରେ ରହୁଥିଲା। ଗିରଫ ପରେ ପୁଲିସ କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାକୁ ତାକୁ ଜେଲ୍ ପଠାଯାଇଛି। ଅଭିଯୁକ୍ତ ବାସେଳୀସାହି, ସଦର ଓ ଟାଉନ ଥାନା ଅଞ୍ଚଳରେ ଡକାୟତି ଯୋଜନା, ଦାଦାବଟି ଓ ଅସ୍ତ୍ର ମାମଲାରେ ସମ୍ପୃକ୍ତ। ବିଏନ୍‌ଏସ୍‌ଏସ୍ ଧାରା ୧୨୯ ଅନୁଯାୟୀ ତା' ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପୁଲିସ କହିଛି।

**■ ରଥଖଳାରୁ...**

## ତିନିରଥର ୪୨ ଚକ ସହ ୨୧ ଅଖର ସଂଯୋଗ ଶେଷ

**ପୁରୀ,୩୧ା୫(ସମିସ):** ଦ୍ରୁତ ଗତିରେ ଆଗେଇ ଚାଲିଛି ବିଶ୍ୱ ନିଅନ୍ତାଙ୍କ ରଥନିର୍ମାଣ କାର୍ଯ୍ୟ। ୪୧ ଦିନରେ ଚଳଚଞ୍ଚଳ ରଥଖଳା। ସମାନ୍ତରାଳ ଭାବରେ ତିନି ରଥର ଚାଲିରେ ଜାରି ରହିଛି କାର୍ଯ୍ୟ। ଭଉଁରୀ ତିଥିରେ ହୋଇଥିଲା ଚକ ଅଖ ଡେରା ନୀତି। ପରମ୍ପରା ଅନୁସାରେ, ଭଉଁରୀ ତିଥିରେ ତିନି ରଥର ଗୋଟିଏ ଲେଖାଏଁ ଅଖରେ ଦୁଇଟି ଲେଖାଏଁ ଚକ ଡେରା ହୋଇଥିଲା। ତେବେ ରବିବାର ଅନ୍ୟ ସମସ୍ତ ଅଖ, ଚକ ଡେରା ସମ୍ପନ୍ନ ହୋଇଛି। ତିନିରଥର ୪୨ ଚକ ସହ ୨୧ ଅଖର ସଂଯୋଗ ହୋଇଛି। ତିନିରଥର ମୁଖ୍ୟ ମହାରଣା ଏବଂ ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ତିନିରଥର ଭୋଇ ସେବକମାନଙ୍କ ସହାୟତାରେ ଚକ-ଅଖ ସଂଯୋଗ ସମ୍ପୂର୍ଣ୍ଣ ହୋଇଥିଲା। ସୋମବାର ତିନିରଥର ଚକ ଥାକ ସହ ଚକ ଅଖକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହେବ। ଆବଶ୍ୟକ ଅନୁଯାୟୀ ଅଖ ସଂଶୋଧନ କାର୍ଯ୍ୟ ସହ ଚକ ଆଗକୁ ନ ଗଡ଼ି ଯିବା ପାଇଁ ଚକ ଦୁଇ ପାର୍ଶ୍ୱରେ ବାନ୍ଧ ଲାଗି କରାଯିବ। ଏଥିସହ ତାଳଧ୍ୱଜ ରଥ ଏବଂ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଗୟଳରୁ ୫ଟି ଲେଖାଏଁ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦର୍ପଦଳନ ରଥର ୮ଟି ଗୟଳ ମଧ୍ୟରୁ ଦୁଇଟି ଗୟଳର ଚଉପଟ କାର୍ଯ୍ୟ ଶେଷ ହେବା ସହ ଆଉ ଦୁଇଟି ଗୟଳର ଚଉପଟ କାର୍ଯ୍ୟ ଜାରି ରହିଛି। ଏଥିସହ ମହାରଣା ସେବକମାନେ ତିନିରଥର ଦଣ୍ଡା ଅଂଶଗୁଡ଼ିକର କଳସା କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକମାନେ ତିନିରଥର ବେଦୀ ସିଂହାସନ ମୁହାଁଟିରେ କୁମ୍ଭ, ଡାଳି ଲତା ଚିତ୍ର ଖୋଦେଇ ସହ ରବିବାର ତିନିରଥର ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଚିତ୍ର ଅଙ୍କନ ପରେ ଖୋଦେଇ କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳଠାରେ ତିନି ରଥର ଓଝା କମାର ସେବକମାନେ ଦଣ୍ଡା କଣ୍ଟା ନିର୍ମାଣ ଶେଷ କରି ତିନିରଥର ପୋଟଳ ପାଇଁ ଜଙ୍ଘା କଣ୍ଟା ସହ ନନ୍ଦାବାଗିଆ କଣ୍ଟା ସେବନ ଗୟଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।



## ନନ୍ଦ ସାହିରେ ପହଞ୍ଚିଲା ପାଣି

**ପୁରୀ,୩୧ା୫(ସମିସ):** ପୁରୀ ସଦର ବ୍ଲକ୍ ଜମାରସୁଆଁ ପଞ୍ଚାୟତ ନୀଳକଣ୍ଠପୁର ଗାଁ ନନ୍ଦ ସାହି। ୪୦ ପରିବାରର ୧୫୦ରୁ ଅଧିକ ଲୋକ ପିଇବା ପାଣି ପାଇଁ ଦହଗଞ୍ଜ ହେଉଥିଲେ। ପୂରା ଗାଁ ପାଇଁ ଭରସା ଥିବା ଏକମାତ୍ର ନଳକୂଅର ଜଳସ୍ତର ଖସିଯିବାରୁ ଆବଶ୍ୟକ ପାଣି ଯୋଗାଇପାରୁ ନ ଥିଲା। ପ୍ରବଳ ଖରାରେ ପାଣି ମୁନ୍ଦିଏ ପାଇଁ ହନ୍ତସନ୍ତ ହେଉଥିଲେ ନନ୍ଦ ସାହିର ଲୋକେ। ସ୍ଥାନୀୟ ଜନପ୍ରତିନିଧିଙ୍କୁ ବାରମ୍ବାର ଗୁହାରି କଲେ ବି ଶୁଣୁ ନ ଥିଲେ। ବାଧ୍ୟ ହୋଇ ଗାଁର ମହିଳାମାନେ ପ୍ରତିଦିନ ପ୍ରାୟ ୧ କିମି ଦୂର ରାସ୍ତାକଡ଼ରେ ଥିବା ଏକ ଟ୍ୟୁବ୍‌ୱେଲ୍‌ରୁ ପାଣି ଆଣି ଶୋଷ ମେଣ୍ଟାଉଥିଲେ। ପ୍ରଚଣ୍ଡ ଖରାରେ ଏତେବାଟ ଚାଲି ଚାଲି ପାଣି ବୋହିବା ସେମାନଙ୍କ ପାଇଁ ନିତିଦିନିଆ ଯନ୍ତ୍ରଣା ପାଲଟିଥିଲା। ଏ ନେଇଗତ ଶୁକ୍ରବାର 'ସକାଳ'ରେ ତଥ୍ୟଭିତ୍ତିକ ଖବର ପ୍ରକାଶ ପାଇଥିଲା। ଶେଷରେ ପ୍ରଶାସନର ନିଦ ଭାଙ୍ଗିଥିଲା। ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଗାଁକୁ ଟ୍ୟାଙ୍କର ଯୋଗେ ପାଣି ପହଞ୍ଚାଯାଇଛି। ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି ନନ୍ଦସାହିକୁ ଯାଇ ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ତେଣୁ ପ୍ରଶାସନ ପାଣି ପହଞ୍ଚାଇଥିବାରୁ ଉଭୟେ ପ୍ରଶାସନକୁ ଧନ୍ୟବାଦ ଦେବା ସହ ଖରାଦିନେ ଯେଉଁ ଗାଁରେ ପିଇବା ପାଣିର ସମସ୍ୟା ରହିଛି ତୁରନ୍ତ ସମାଧାନ କରିବାକୁ ଅନୁରୋଧ କରିଛନ୍ତି।



**'ସକାଳ' ପ୍ରଭାବ**

## ସେବାୟତ ପରିବାରର ୩୬ ମେଧାବୀ ପୁରସ୍କୃତ

**ପୁରୀ,୩୧ା୫(ସମିସ):** ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେବାୟତ ପରିବାରର ମେଧାବୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି। ଦଶମରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୫ ଜଣ ଛାତ୍ରୀ ଓ ୫ ଜଣ ଛାତ୍ରଙ୍କୁ ୫୦ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ସହ ପୁରସ୍କୃତ କରାଯାଇଛି। ଦଶମରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୦ ଜଣଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ଯୁକ୍ତ ୨ରେ ୭୦ ପ୍ରତିଶତରୁ ଅଧିକ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ୧୬ ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ପୁରସ୍କୃତ କରାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ସମେତ ବିଭିନ୍ନ ସେବାୟତ ପ୍ରତିନିଧି ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



# ଆଜିଠୁ ଜାତୀୟ ଲୋକମେଳା, କୃଷିମେଳା

ପୁରୀ,୩୧ା୫(ସମିସ)




ସୋମବାରଠାରୁ ପୁରୀର ସ୍ୱର୍ଣ୍ଣାଭ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଛି ଜାତୀୟ ୨୪ତମ ଲୋକମେଳା ଓ ୧୭ତମ କୃଷିମେଳା। ଏହି ୫ ଦିନିଆ ମେଳାରେ ଦେଶର ୨୫ ରାଜ୍ୟର ପାରମ୍ପରିକ ଲୋକ କଳାକାରଙ୍କୁ ନେଇ ଅନୁଷ୍ଠିତ ହେବ ଲୋକନୃତ୍ୟ ମହାକୁମ୍ଭ। ୫୦୦ରୁ ଊର୍ଦ୍ଧ୍ୱ କଳାକାର ଯୋଗଦେଇ ବିଭିନ୍ନ ପ୍ରକାର ଲୋକନୃତ୍ୟ ପରିବେଷଣ କରିବେ। ସେହିପରି ଆଧୁନିକ ଚାଷ ପ୍ରଣାଳୀ ସମ୍ପର୍କରେ ଜ୍ଞାନ ବିତରଣ କରିବ ୧୭ତମ ଜାତୀୟ କୃଷି ମେଳା। ଆୟୋଜକ ଅନୁଷ୍ଠାନ 'ଶ୍ରୀ ଶ୍ରୀକ୍ଷେତ୍ର ସୂଚନା' ପକ୍ଷରୁ ରବିବାର ୟୁଥ୍ ହଷ୍ଟେଲରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି।

**ଲୋକକଳାରେ ୨୫ ରାଜ୍ୟର ୫୦୦ରୁ ଊର୍ଦ୍ଧ୍ୱ କଳାକାର**

ଅନୁଷ୍ଠାନର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି କହିଛନ୍ତି, ଜାତୀୟ ଲୋକମେଳାରେ ଓଡ଼ିଶା ସମେତ ଆନ୍ଧ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଜମ୍ମୁ ଓ କାଶ୍ମୀର, ହରିୟାଣା, ତାମିଲନାଡୁ, କେରଳ, ଆସାମ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ରାଜ୍ୟର କଳାକାରମାନେ କଳା ପରିବେଷଣ କରିବେ। ଲୋକମେଳା ପ୍ରଦର୍ଶନୀରେ ଗୁଜରାଟର ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ନିଗମ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଭାରତୀୟ ରେଳବାଇ, ଟ୍ରାଇଫେଡ୍, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ବୟନଶିଳ୍ପ ବିଭାଗ, ବନ୍ୟଜନ୍ତୁ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆଦି ଯୋଗଦେବେ। ସେହିପରି କୃଷିମେଳାରେ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ, ବୈଜ୍ଞାନିକ ଓ ଔଦ୍ୟୋଗିକ ଅନୁସନ୍ଧାନ ପରିଷଦ, ଜୈବ ପ୍ରଯୁକ୍ତି ବିଭାଗ, ଜାତୀୟ ଉଦ୍ୟାନ କୃଷି ବୋର୍ଡ, କେନ୍ଦ୍ରୀୟ ମତ୍ସ୍ୟ ବିଭାଗ, ଜଳଜୀବ କୃଷି ସଂସ୍ଥାନ, ଓଡ଼ିଶା କୃଷି ଓ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ଓଡ଼ିଶା ଦୁଗ୍ଧ ଉତ୍ପାଦକ ସମବାୟ ମହାସଂଘ, ବାଉଁଶ ବିକାଶ ସଂଘ, କୃଷି, ମତ୍ସ୍ୟ, ପଶୁପାଳନ ଓ ଗ୍ରାମୀଣ ବିକାଶ ସଂସ୍ଥାନର ପ୍ରଦର୍ଶନୀ ଦେଖିବାକୁ ମିଳିବ। ଆଖପାଖର କୃଷକମାନେ କୃଷି ମେଳା ପରିଦର୍ଶନ କରିବା ସହ ୩ ଜଣ ସଫଳ ଚାଷୀଙ୍କୁ ପୁରସ୍କୃତ କରାଯିବ। ଉଦ୍‌ଘାଟନୀ ପର୍ବରେ ବିଭିନ୍ନ ରାଜ୍ୟର କଳାକାରମାନେ ବଡ଼ଦାଣ୍ଡରେ ଶୋଭାଯାତ୍ରା କରିବେ। ପୁରୀରେ ବ୍ରିକ୍‌ସ ସମ୍ମିଳନୀ ହେଉଥିବାରୁ ୧୧ ଦେଶର ପ୍ରତିନିଧି ଏହି ମେଳା ପରିଦର୍ଶନ କରିବା ପାଇଁ ସରକାରଙ୍କ ମାଧ୍ୟମରେ ଅନୁରୋଧ କରାଯାଇଛି ବୋଲି ସାଧାରଣ ସମ୍ପାଦକ ଶ୍ରୀ ମହାନ୍ତି ସୂଚନା ଦେଇଥିଲେ।

ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟି ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅନୁଷ୍ଠାନର ଅଧ୍ୟକ୍ଷ ତଥା ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ଡ. ବଦ୍ରି ମିଶ୍ର, ବିଶ୍ୱନାଥ ମିଶ୍ର, ସନ୍ତୋଷ ମହାନ୍ତି, ଚକ୍ରଧର ମହାପାତ୍ର, ନାରାୟଣ ପାତ୍ର, ବିଦ୍ରୋହ କେଶରୀ ସିଂହ, ସତ୍ୟବ୍ରତ ଦାଶ, ଶ୍ୟାମପ୍ରକାଶ ସେନାପତି, ଚନ୍ଦ୍ର ବିଜୟୀ ମିଶ୍ର, ରିତେଶ କୁମାର ମହାନ୍ତି, ଭବାନୀ ଶଙ୍କର ପ୍ରମୁଖ ବିବିଧ ସୂଚନା ଦେଇଥିଲେ।

## ଚନ୍ଦନ ନାଁରେ ରାଜ୍ୟର ୮ ଥାନାରେ ରହିଛି ୨୩ ମାମଲା: ଏସ୍‌ପି

**ପୁରୀ,୩୧ା୫(ସମିସ):** ପୁରୀ ପୁଲିସ ଶନିବାର ବିଳମ୍ବିତ ରାତିରେ ଦୁର୍ଦ୍ଦାନ୍ତ ଅପରାଧୀ ଚନ୍ଦନ ଜେନାକୁ ଏନ୍‌କାଉଣ୍ଟର କରିଥିଲା। ବାସେଳୀ ସାହି ଥାନା ଅନ୍ତର୍ଗତ ଓଁକାରେଶ୍ୱର ମନ୍ଦିର ନିକଟ ଜଙ୍ଗଲଠାରେ ଚନ୍ଦନକୁ ପୁଲିସ ଏନ୍‌କାଉଣ୍ଟର କରିଥିଲା। ଏନ୍‌କାଉଣ୍ଟରରେ ଚନ୍ଦନର ଡାହାଣ ଗୋଡ଼ରେ ଗୁଳି ଲାଗିଥିବାବେଳେ ପୁଲିସ ତାକୁ ଉଦ୍ଧାର କରି ପ୍ରଥମେ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟ ପରେ ଅଧିକ ଚିକିତ୍ସା ନିମନ୍ତେ କଟକ ମେଡିକାଲକୁ ସ୍ଥାନାନ୍ତର କରିଥିଲା। ତେବେ ଏନ୍‌କାଉଣ୍ଟର ନେଇ ଏସ୍‌ପି ପ୍ରତୀକ୍ ସିଂ ପ୍ରତିକ୍ରିୟା ଦେଇ କହିଛନ୍ତି କି ଶନିବାର ବାସେଳୀ ସାହି ଥାନାକୁ ଏକ ଖବର ମିଳିଥିଲା କି ଦୁର୍ଦ୍ଦାନ୍ତ ଅପରାଧୀ ଥାନା ଅଞ୍ଚଳରେ ଅପରାଧିକ କାର୍ଯ୍ୟ ଘଟାଇବା ଉଦ୍ଦେଶ୍ୟରେ ରହିଛି। ଖବରପାଇ ବାସେଳୀ ସାହି ଥାନା ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳକୁ ଯିବା ସମୟରେ ପୁଲିସକୁ ଦେଖି ଚନ୍ଦନ ସେଠାରୁ ଖସି ଯିବାକୁ ଚେଷ୍ଟା କରିଥିଲା। ପୁଲିସ ତା'ର ପିଛା କରିଥିଲା। ଖସିଯିବା ସମୟରେ ଚନ୍ଦନର ବାଇକ୍ ସ୍ଲିପ୍ ହୋଇଥିଲା। ଏହି ସମୟରେ ସେ ପୁଲିସ ଉପରକୁ ଗୁଳି ଚାଳନା କରିଥିଲା। ପୁଲିସ ନିଜକୁ ବଞ୍ଚାଇବା ପାଇଁ ପାଲଟା ଗୁଳିଚାଳନା କରିଥିଲା। ପୁଲିସ ଚନ୍ଦନ ନିକଟରୁ ବନ୍ଧୁକ ଓ ଜୀବନ୍ତ ଗୁଳି ସହ ଏକ ବାଇକ୍ ମଧ୍ୟ ଜବତ କରିଛି। ପର୍ଯ୍ୟଟକମାନଙ୍କୁ ଚନ୍ଦନ ଟାର୍ଗେଟ କରିଥିଲା। ଚନ୍ଦନ ଜେନା ନାଁରେ ରାଜ୍ୟର ୮ଟି ଥାନାରେ ରହିଛି ୨୩ ସଙ୍ଗୀନ ମାମଲା। କେବଳ ଖଣ୍ଡଗିରି ଥାନାରେ ରହିଛି ୧୨ ମାମଲା, ସହିଦ୍ ନଗର, ବଡ଼ଗଡ଼, ନୟାପଲ୍ଲୀ, ପିପିଲି ଥାନାରେ ମଧ୍ୟ ରହିଛି ଏକାଧିକ ମାମଲା। ୨୦୨୧ରୁ ୨୦୨୪ ମଧ୍ୟରେ ଚନ୍ଦନ ନାଁରେ ଡକାୟତି, ଚୋରି ଜିନିଷ ରଖିବା ଆଦି ବିଭିନ୍ନ ମାମଲା ରହିଛି। ବଳିଆପଣ୍ଡା ଥାନାରେ କେସ୍ ନଂ ୧୪୩/୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି। ଏହି ପରିପ୍ରେକ୍ଷୀରେ ଗାଁ ଗାଁରେ ରହିଥିବା ଅପରାଧୀଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଏସ୍‌ପି। କ୍ରିମିନାଲ ବିରୋଧରେ କଡ଼ା ଆକ୍ସନ ନିଆଯିବ। ପୁଲିସ ଅଭିଯୁକ୍ତମାନଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ଏସ୍‌ପି କହିଛନ୍ତି।



ମାନବ ବିକାଶ ଲକ୍ଷ୍ୟରେ ସାମର୍ଥ୍ୟ ନିବେଶ ବିନା ଅର୍ଥନୈତିକ ଅଭିବୃଦ୍ଧି ଦୀର୍ଘସ୍ଥାୟୀ ଓ ନୀତିଗତ ହୋଇପାରେନାହିଁ।
-ଅମର୍ତ୍ତ୍ୟ ସେନ୍

# ସାର ବୋଝ

ରାସାୟନିକ ସାରରେ ସମ୍ପୂର୍ଣ୍ଣ ଭାବେ ଆମଦାନୀ ନିର୍ଭରଶୀଳ ଭାରତୀୟ କୃଷି ଚଳିତ ବର୍ଷ କିଭଳି ସମସ୍ୟାବହୁଳ ହେବ ସେ ସମ୍ପର୍କରେ ଆମେ ଏ ସ୍ତମ୍ଭରେ ପୂର୍ବରୁ ଆଲୋଚନା କରିଥିଲୁ। ଏହାର ନିରାକରଣ ବା ତତ୍କାଳ ବିକଳ୍ପର ସମ୍ଭାବନା ମଧ୍ୟ ସଙ୍କୁଚିତ ହୋଇସାରିଥିବା ସୂଚନା ଦେଇଥିଲୁ। ସାର ଉପରେ ମାତ୍ରାଧିକ ନିର୍ଭରଶୀଳତା କିଭଳି ଦେଶର ଅର୍ଥନୀତିକୁ ପ୍ରଭାବିତ କରୁଛି ସେ ସମ୍ପର୍କରେ ଆଜି କିଛି ଆଲୋଚନା କରିବା।

ସ୍ୱାଧୀନତା ପରେ ପରେ ଖାଦ୍ୟସଙ୍କଟ ସହିତ ଯୁଝୁଥିବା ଭାରତକୁ ସବୁଜ ବିପ୍ଳବ ଐତିହାସିକ ମୁକ୍ତି ଦେଇଥିବା ଅନସ୍ୱୀକାର୍ଯ୍ୟ। ସବୁଜ ବିପ୍ଳବ ସମ୍ପୂର୍ଣ୍ଣ ରୂପେ ସଙ୍କରଜାତୀୟ ବିହନ, ରାସାୟନିକ ସାର ଓ କୀଟନାଶକ ଆଧାରିତ ଥିବାରୁ ଦୀର୍ଘମିଆଦରେ ଏହା ପରିହାର୍ଯ୍ୟ ବୋଲି ମତ ପ୍ରକାଶ ପାଇଥିଲା। କିନ୍ତୁ ରାସାୟନିକ ସାର ଓ କୀଟନାଶକର ପଞ୍ଝାରୁ ମୁକୁଳିବାର ପ୍ରୟାସ ପରିବର୍ତ୍ତେ ଆମେ ସମ୍ପୂର୍ଣ୍ଣ ଭାବରେ ତା' ପାଖରେ ଆତ୍ମସମର୍ପଣ କରିଦେବାର ଫଳ ଏବେ ଦେଶ ଭୋଗିବାକୁ ଯାଉଛି। କୃଷିପ୍ରଧାନ ଓ ଜନମଙ୍ଗଳ ରାଷ୍ଟ୍ର ଭାରତରେ 'କୃଷି' ସହିତ 'ସର୍ବନିମ୍ନ ସହାୟକ ମୂଲ୍ୟ'(ଏମ୍ଏସ୍ପି) ଏବଂ 'ସାର' ସହିତ 'ରିହାତି' ଭଳି ଦୁଇଟି ସମ୍ବେଦନଶୀଳ ପ୍ରସଙ୍ଗ ଯୋଡ଼ି ହୋଇଯାଇଥିବାରୁ ସମସ୍ୟାକୁ ଆହୁରି ଉତ୍କଟ କରିଛି। ଏମ୍ଏସ୍ପି ଓ ରିହାତି ଭଳି ଦୁଇ ବିତର୍କିତ ଶବ୍ଦର ଭୂମିକା ଭୋଟ ରାଜନୀତିରେ ନିର୍ଣ୍ଣାୟକ ହୋଇଥିବାରୁ ଅର୍ଥନୀତି ଉପରେ ବୋଝ ବଢ଼ିଚାଲିଛି। ସାମ୍ପ୍ରତିକ ସ୍ଥିତିରେ ତୁଷ୍ଟୀକରଣ ରାଜନୀତିର ପ୍ରଭାବ ଓ ପରିସୀମା ବଢ଼ିଚାଲିଥିବା ଦୃଷ୍ଟିରୁ ସାର ରିହାତି ବୋଝରୁ ଅର୍ଥନୀତି ଏତେଶୀଘ୍ର ମୁକୁଳିବା ସହଜ ନୁହେଁ।

ଚଳିତ ସାଧାରଣ ବଜେଟ୍‌ରେ ସାର ରିହାତି ବୋଝର ପରିମାଣ ୨ ଲକ୍ଷ କୋଟି ଟଙ୍କା। ଖାଦ୍ୟ ରିହାତି ପରେ ଏହା ଦେଶର ଦ୍ୱିତୀୟ ସର୍ବାଧିକ ରିହାତି ବୋଝ। ବିପୁଳ ରିହାତି ମିଳୁଥିବାରୁ ସାର ଉପରେ କୃଷିକ୍ଷେତ୍ରର ନିର୍ଭରଶୀଳତା ମଧ୍ୟ ବଢ଼ି ଚାଲିଛି। ସାର ରିହାତି ପ୍ରତ୍ୟାହାର କିମ୍ବା କାଣ୍ଟଛାଣ୍ଟ କରି ସରକାର ମଧ୍ୟ ଭୋଟ ହରାଇବାକୁ ଚାହୁଁ ନାହାନ୍ତି। ତେଣୁ ଏକଦା ଅପରିହାର୍ଯ୍ୟ ଆବଶ୍ୟକତାରୁ 'ସାର' ଏବେ ସୁବିଧାବାଦୀ ରାଜନୀତିର ଗୋଟି ପାଲଟିଛି। ରାସାୟନିକ ସାର ମଧ୍ୟରେ ସିଂହଭାଗ ସ୍ଥାନ ଦଖଲ କରିଛି ୟୁରିଆ। ସାର ଉତ୍ପାଦନରେ ଭାରତ ସମ୍ପୂର୍ଣ୍ଣ ରୂପେ ଆତ୍ମନିର୍ଭରଶୀଳ ହୋଇନଥିବାରୁ ଆମଦାନୀ ଖର୍ଚ୍ଚ ବଢ଼ୁଛି। ଭାରତରେ ଯେତିକି ପରିମାଣରେ ୟୁରିଆ ଉତ୍ପାଦନ ହେଉଛି ସେଥିପାଇଁ ଆମଦାନୀ ହେଉଥିବା ପ୍ରାକୃତିକ ବାଷ୍ପର ୭୮% ଖର୍ଚ୍ଚ ହୋଇଯାଉଛି। ପଟାସ ପାଇଁ ଭାରତ ସମ୍ପୂର୍ଣ୍ଣ ରୂପେ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ୁଛି। ସେହିପରି ସାମଗ୍ରିକ ଭାବେ ସାର ରିହାତି ପାଇଁ ଯେତିକି ବ୍ୟୟବରାଦ ହେଉଛି ତାହାର ଦୁଇ-ତୃତୀୟାଂଶ ୟୁରିଆ ବାବଦରେ ଖର୍ଚ୍ଚ ହେଉଛି।

ଗତ ଆର୍ଥିକ ବର୍ଷରେ ଭାରତ ୨୮.୨ ନିୟୁତ ଟନ୍ ସାର ଆମଦାନୀ କରିଥିଲା, ଯାହାର ଖର୍ଚ୍ଚ ଥିଲା ୧୪୫୦ କୋଟି ଡଲାର। ସେଥିମଧ୍ୟରୁ କେବଳ ୟୁରିଆର ପରିମାଣ ଥିଲା ସର୍ବାଧିକ ୧୧.୨ ନିୟୁତ ଟନ୍ ଏବଂ ସେଥିପାଇଁ ଖର୍ଚ୍ଚ ହୋଇଥିଲା ୫୨୦ କୋଟି ଡଲାର। ଏହାଛଡ଼ା ଭାରତ ଘରୋଇ ଭାବେ ୟୁରିଆ ଉତ୍ପାଦନ ପାଇଁ ୧୩୩୦ କୋଟି ଡଲାର ମୂଲ୍ୟର ୨୬ ନିୟୁତ ଟନ୍ ପ୍ରାକୃତିକ ଗ୍ୟାସ୍ ଆମଦାନୀ କରିବାକୁ ପଡ଼ିଥିଲା। ମୋଟ ଉପରେ ସାର ବାବଦରେ(ଆମଦାନୀ ଓ ଉତ୍ପାଦନ) ପାଇଁ ଭାରତ ଗତ ଆର୍ଥିକ ବର୍ଷରେ ୨୭୨୦ କୋଟି ଡଲାର ବ୍ୟୟ କରିଥିଲା। ମଧ୍ୟପ୍ରାଚ୍ୟ ଯୁଦ୍ଧ ଆରମ୍ଭ ହେବା ପରେ ଟନ୍ ପିଛା ସାର ଓ କଞ୍ଚାମାଲର ଆମଦାନୀ ମୂଲ୍ୟ ପ୍ରାୟ ଦୁଇଗୁଣାରୁ ଅଧିକ ବଢ଼ିଯାଇଛି। ଚଳିତ ବର୍ଷ ଭାରତର ସାର ଆମଦାନୀ ଖର୍ଚ୍ଚ ୩୩୪୦ କୋଟି ଡଲାର ଟପି ଯାଇପାରେ ବୋଲି ଆକଳନ କରାଯାଇଛି। ଏ ବାବଦରେ ଯେତିକି ଅଧିକ ଡଲାର ଭାରତ ବାହାରକୁ ଯାଉଛି ଟଙ୍କା ଉପରେ ସେତିକି ଅଧିକ ଚାପ ପଡ଼ୁଛି। ତେଣୁ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ସାର ବ୍ୟବହାରରେ ମିତବ୍ୟୟିତା ପାଇଁ ପରାମର୍ଶ ଦେଇଛନ୍ତି। କିନ୍ତୁ ତୁଷ୍ଟୀକରଣ ରାଜନୀତିରେ ରିହାତି ମିଳୁଥିବା ପର୍ଯ୍ୟନ୍ତ ସାର ବ୍ୟବହାରରେ ମିତବ୍ୟୟିତା ଆଶା କରିବା ବୃଥା।

ବିପୁଳ ରିହାତି ବା ଶସ୍ତାରେ ମିଳୁଥିବାରୁ ଚାଷ ଜମିରେ ୟୁରିଆ ବ୍ୟବହାର ଅନୁମୋଦିତ ହାରଠାରୁ ବଢ଼ିଚାଲିଛି ଏବଂ ଏହା ମୃତ୍ତିକାର ସ୍ୱାସ୍ଥ୍ୟକୁ ଦୁର୍ବଳ କରିଚାଲିଛି। ସ୍ୱଳ୍ପମିଆଦୀ ଲାଭ ଦୃଷ୍ଟିରୁ ଏଭଳି ବିଷମ ଆନୁପାତିକ ଓ ଅପରିଣାମଦର୍ଶୀ ବ୍ୟବହାର ଯୋଗୁଁ ଶସ୍ୟ ଉତ୍ପାଦନରେ ସାରର ଦୀର୍ଘମିଆଦୀ ପ୍ରଭାବ ବା ଉତ୍ପାଦକତା ହ୍ରାସ ପାଇ ଚାଲିଛି। ୧୯୭୦ରେ ସାର ଓ ଶସ୍ୟ ଉତ୍ପାଦନର ଅନୁପାତ ୧:୧୦ ଥିବା ବେଳେ ୨୦୧୫ ବେଳକୁ ତାହା ୧:୨.୭କୁ ହ୍ରାସ ପାଇଛି। ଅଧିକନ୍ତୁ ସାରର ମାତ୍ରାଧିକ ଅଣଆନୁପାତିକ ବ୍ୟବହାର ଯୋଗୁଁ ପରିବେଶ ଓ ଜଳ ପ୍ରଦୂଷଣ ମଧ୍ୟ ବଢ଼ିଚାଲିଛି। ମାତ୍ରାଧିକ ସରକାରୀ ରିହାତି ଯୋଗୁଁ ଭାରତରୁ ରିହାତିଯୁକ୍ତ ୟୁରିଆର ୨୫-୩୦ ପ୍ରତିଶତ ବାହାର ଦେଶକୁ ଚୋରାଚାଲାଣ ହେଉଥିବା ଭଳି ସାଂଘାତିକ ଅଭିଯୋଗ ମଧ୍ୟ ଆସିଛି।

ତେଣୁ ବର୍ତ୍ତମାନ ସାର ରିହାତି ବ୍ୟାପକ ସଂସ୍କାରର ଅପେକ୍ଷା ରଖୁଛି। ୟୁରିଆରୁ ରିହାତି ହ୍ରାସ କରି ପୋଟାସିୟମ ଓ ନାଇଟ୍ରୋଜେନ୍‌ରେ ଅଧିକ ରିହାତି ଦେବାର ସମୟ ଆସିଛି ବୋଲି କୃଷି-ଅର୍ଥନୀତିଜ୍ଞମାନେ ଯେଉଁ ପରାମର୍ଶ ଦେଉଛନ୍ତି ତାହାକୁ ସରକାର ଗୁରୁତ୍ୱ ଦେବା ଉଚିତ। ଏହାଦ୍ୱାରା ସଞ୍ଚିତ ପ୍ରାୟ ୪୦ ହଜାର କୋଟି ଟଙ୍କା କୃଷି କ୍ଷେତ୍ରରେ ଅଧିକ ଗବେଷଣା ଦିଗରେ ବିନିଯୋଗ କରାଯାଇପାରିବ। ସାର ଉପରୁ ରିହାତି ସମ୍ପୂର୍ଣ୍ଣ ହଟାଇବା ସମ୍ଭବ ନ ହେଲେ ମଧ୍ୟ କୃଷି କ୍ଷେତ୍ରରେ ଅତ୍ୟାଧୁନିକ ପଦ୍ଧତି ବ୍ୟବହାର କରି ବିକଳ୍ପ ସାର ବ୍ୟବହାରର ପଦ୍ଧତି ଅନୁସରଣ କରିବାକୁ କୃଷକମାନଙ୍କୁ ବୁଝାଇବାକୁ ପଡ଼ିବ। କିନ୍ତୁ ଏବେ ଆମ ଦେଶରେ ଚାଲୁଥିବା 'ବାବୁ ସଂସ୍କୃତି'ରେ କୃଷକଙ୍କ ପାଖକୁ ଯାଇ ଏ ବିଷୟରେ ବୁଝାଇବ କିଏ? ପୂର୍ବରୁ ଗ୍ରାମୀଣକୃଷିସେବକମାନେ ସରକାରୀ ଯୋଜନା ଓ ତୃଣମୂଳସ୍ତରରେ ରୂପାୟନରେ ସେତୁ ଭଳି ନିର୍ଣ୍ଣାୟକ ଭୂମିକା ନିର୍ବାହ କରୁଥିଲେ। କିନ୍ତୁ ଏବେ ସେହି ପଦବୀରେ ଆବଶ୍ୟକତା ବୋଧହୁଏ ସରକାର ଅନୁଭବ କରିପାରୁନାହାନ୍ତି। ତେଣୁ ଯୋଜନା ଓ ରୂପାୟନ ଭିତରେ ବଡ଼ ପାର୍ଥକ୍ୟ ରହିଯାଉଛି। ଅପରପକ୍ଷରେ ସରକାରଙ୍କ ଜନମଙ୍ଗଳ ଓ ରାଷ୍ଟ୍ରମଙ୍ଗଳ ନୀତି କେବଳ ତୁଷ୍ଟୀକରଣ ରାଜନୀତିରେ କ୍ଷମତା ଆହରଣରେ ସୀମିତ ରହିଛନ୍ତି। ଏଭଳି ବିଚିତ୍ର ବ୍ୟବସ୍ଥାରେ ଅର୍ଥନୀତି ଉପରୁ ସାର ବୋଝ ହ୍ରାସ ହେବ କେମିତି? ●

# ୨୦୩୬: ବିକଶିତ ଓଡ଼ିଶାର ଖସଡ଼ା

**ପଞ୍ଚାନନ କାନୁନ୍‌ଗୋ**

## ମୋ ସ୍ୱପ୍ନର ଓଡ଼ିଶା

ମାଟି ଉପରେ ଥିବା ସଂପଦ- ଚାଷ, ଜଙ୍ଗଲାଜାତ ଦ୍ରବ୍ୟର ଉତ୍ପାଦନ ବୃଦ୍ଧି, ଗୋ ସମ୍ପଦ, ଜଳ ସମ୍ପଦ, ମାନବ ସମ୍ବଳର ବିନିଯୋଗ କରି ଗଢ଼ାଯାଇ ପାରୁଥିବା ଶିଳ୍ପ ଉପରେ ଗୁରୁତ୍ୱ ଦେବା ସହିତ ସବୁପ୍ରକାର ବୈଷମ୍ୟ ଦୂର ପାଇଁ ଉଦ୍ୟମ ହିଁ ହେଉଛି ପ୍ରକୃତ ପକ୍ଷେ 'ବିକଶିତ ଓଡ଼ିଶା'ର ଅଗ୍ରଗତିର ଲକ୍ଷ୍ୟ। ଏହି 'ବିକଶିତ ରାଜ୍ୟ'ର ଅର୍ଥଟି କ'ଣ ତାହା ସର୍ବସାଧାରଣ ଜାଣିବାକୁ ଚାହାନ୍ତି। ପ୍ରତ୍ୟେକ ନାଗରିକର ଓ ଅଞ୍ଚଳର ବିକାଶ ସମସ୍ତେ ଚାହାନ୍ତି। ସମସ୍ତ ନାଗରିକ ପୂର୍ଣ୍ଣ ସୁସ୍ଥ ଥାଇ ସ୍ୱାଭାବିକ ପ୍ରକ୍ରିୟାରେ କାର୍ଯ୍ୟକ୍ଷମ ହେଲେ, ପୂର୍ଣ୍ଣ ମଜୁରୀ ବା ରୋଜଗାର ଲାଭ କରିପାରିଲେ ତାକୁ ହିଁ ବିକାଶ ଯଥାର୍ଥରେ କୁହାଯାଏ। ଅନ୍ୟ ରାଜ୍ୟମାନଙ୍କ ସହିତ ଏହି ବିକାଶ ସବୁକୁ ତୁଳନା କରାଯିବା ବେଳେ ବର୍ତ୍ତମାନ ପରି ସେଥିରେ ଓଡ଼ିଶା ପଛରେ ପଡ଼ିବ ନାହିଁ ବୋଲି ବିଚାର ଦରକାର।

ଆଜି ଯେଉଁମାନେ ଓଡ଼ିଶା ଏକ ବିକଶିତ ରାଜ୍ୟ ହେଇପାରିବାର ସ୍ୱପ୍ନ ବାଣ୍ଟୁଛନ୍ତି, ସେମାନେ ଏଥିପାଇଁ ତିଆରି କରିଥିବା ଭିଜନ୍ ପେପର୍ ଏବଂ ତା'ର ବାର୍ଷିକ ମାଇଲଷ୍ଟୋନ୍ ପ୍ରସ୍ତୁତ କଲେଣି କି? ନା ଅପେକ୍ଷା କରିଛନ୍ତି ଏପରି ବିକାଶ ନକରି ପାରିଲେ ପ୍ରକୃତି ଉପରେ ଦୋଷ ଦେଇ ଅବା ଅନ୍ୟ କୌଣସି କାରଣ ଦେଖାଇ ଖସିଯିବେ? ଏସବୁକୁ ବିଚାର କଲା ବେଳେ ଅନ୍ୟ ଏକ କଥା ସାମ୍ନାକୁ ଆସେ। ବର୍ତ୍ତମାନର ସରକାର ଆସିଛନ୍ତି ମାତ୍ର ୫ ବର୍ଷ ପାଇଁ। ଅର୍ଥାତ୍ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁସାରେ ୨୦୨୯ ବେଳକୁ ଏହାଙ୍କ କାର୍ଯ୍ୟକାଳ ପୂରି ଯାଇଥିବ। କିନ୍ତୁ ସରକାର ୨୦୩୬ ପର୍ଯ୍ୟନ୍ତ ବାଣ୍ଟୁଥିବା ସ୍ୱପ୍ନକୁ ଏହି ୫ ବର୍ଷ ଭିତରେ କେତେ ପରିମାଣରେ ଏବଂ କେଉଁ ଅବସ୍ଥାରେ ପହଞ୍ଚାଇ ପାରିଛନ୍ତି ସେଥିପାଇଁ ବିକାଶର ପ୍ରମାଣ ରଖିବା ଦରକାର। ସମସ୍ତେ ବିକାଶ ଚାହାନ୍ତି। ଆଜିର ଓଡ଼ିଶାର ପ୍ରତ୍ୟେକ ଯୁବକ, ଛାତ୍ରଙ୍କର ଇଚ୍ଛା ଓଡ଼ିଶା ଏକ ବିକଶିତ ରାଜ୍ୟ ହେଉ। ଯେଉଁଥିପାଇଁ ସରକାରଙ୍କ ପ୍ରଚାର କାନକୁ ଭଲ ଶୁଭୁଛି ଏବଂ ଆଖିକୁ ଭଲ ଦେଖାଯାଉଛି। ଏହାର ଅର୍ଥ ନୁହେଁ ଯେ, ଏହିସବୁ ପ୍ରଚାର ସରକାରଙ୍କ କଥା ଅନୁସାରେ କାର୍ଯ୍ୟକାରୀ ହୋଇଯିବ। ଆଶା ଓ ବିଶ୍ୱାସ ଅଞ୍ଚଳ ଅଞ୍ଚଳ ଭିତରେ ଥିବା ବୈଷମ୍ୟ ଦୂର କରି ଆର୍ଥିକ ବିକାଶର ମାନଦଣ୍ଡ ଓଡ଼ିଶାରେ ଏକ ସମୃଦ୍ଧ ଶକ୍ତିଶାଳୀ ଚିତ୍ର ଉପସ୍ଥାପନ କରିବ। ଅଞ୍ଚଳ ଅଞ୍ଚଳ ଭିତରେ ଥିବା ମଣିଷଙ୍କର ସମସ୍ତ ମାପକ ଗୋଟିଏ ସ୍ତରର ହୋଇଥିବ। ଏହିପରି ଏକ ବିକାଶ ୨୦୩୬ ମସିହା ସୁଦ୍ଧା ଓଡ଼ିଶାବାସୀ ଆଶା କରନ୍ତି।

ଅଳ୍ପ କେଇବର୍ଷ (୧୦ ବର୍ଷ) ପରେ ଆସୁଥିବା ୨୦୩୬ ବର୍ଷରେ ଏକ ବିକଶିତ ଓଡ଼ିଶାର କଥା ବିକଶିତ କରିବାରେ ରାଜ୍ୟ ସରକାର ଲାଗି ପଡ଼ିଛନ୍ତି। ମତାମତ ସଂଗ୍ରହ ଚାଲିଛି। ଅନେକ ଆଲୋଚନାଚକ୍ର, ଚର୍ଚ୍ଚାଶିବିର ଅନୁଷ୍ଠିତ ହେଉଛି। ମାତ୍ର ବର୍ତ୍ତମାନର ସ୍ଥିତିଟି ପ୍ରତିମୁହୂର୍ତ୍ତରେ ବିଗାଡ଼ିବାରେ ଲାଗିଛି। ଉଭୟ କେନ୍ଦ୍ର ଓ ରାଜ୍ୟରେ ଥିବା ସରକାର(ଡବଲ୍ ଇଞ୍ଜିନ୍) ସାମାଜିକ, ଅର୍ଥନୈତିକ ଅସମାନତା ବୃଦ୍ଧିର କାରକ ଭାବେ କାର୍ଯ୍ୟ କରି ଚାଲିଛନ୍ତି। କେବଳ ସଂପତ୍ତି ଠୁଳ କରିବାର ଅସମାନତା ଦେଖାଯାଉନାହିଁ। ଅଧିକନ୍ତୁ, ଦୈନନ୍ଦିନ ରୋଜଗାରରେ ତାରତମ୍ୟ ବୃଦ୍ଧି ପାଇବାରେ ଲାଗିଛି। ଯାହାଦ୍ୱାରା ବ୍ୟୟର ତାରତମ୍ୟ ମଧ୍ୟ ବଢ଼ୁଛି। ଅର୍ଥନୈତିକ ଦିଗଗୁଡ଼ିକୁ ବିଶ୍ଳେଷଣ କଲେ ଦେଖାଯାଏ ଯେ, ଔପନିବେଶୀୟ ଶୋଷଣ ତୀବ୍ର ହେବାରେ ଲାଗିଛି। ରାଜ୍ୟ-ରାଜ୍ୟ ମଧ୍ୟରେ, ଅଞ୍ଚଳ-ଅଞ୍ଚଳ ମଧ୍ୟରେ, ଜାତି-ଜାତି ମଧ୍ୟରେ ଅର୍ଥନୈତିକ, ସାମାଜିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟଗତ ବୈଷମ୍ୟ ବୃଦ୍ଧି ପାଉଛି। ଏପରିକି ଧାର୍ମିକ ଆଧାରରେ ବଞ୍ଚି ରହିଥିବା ଗୋଟିଏ ଗୋଷ୍ଠୀ ଯେତେ କ୍ଷୁଦ୍ର ହେଉ ନା କାହିଁକି ସବୁପ୍ରକାର ଶୋଷଣର ଶିକାର ହେଉଛି। ଏପରି ଅସମାନତା, ବୈଷମ୍ୟ, ତାରତମ୍ୟ, ଔପନିବେଶୀୟ ଅର୍ଥନୀତି, ଅସାମଞ୍ଜସ୍ୟତା ଲୋପ ନ ପାଇଲେ ଆଗକୁ ଆଗେଇବାର ଖେଳ ପାଇଁ ପଡ଼ିଆଟି ପ୍ରସ୍ତୁତ ନୁହେଁ ବୋଲି ସ୍ଥୂଳ ଭାବରେ ବାରି ହୋଇଯାଏ। ପୂର୍ବବର୍ଣ୍ଣିତ ସମସ୍ତ ଅସମାନତା, ବୈଷମ୍ୟ ପ୍ରକୃତିକୃତ ସର୍ଜନା ନୁହେଁ। ମୋଟାମୋଟି ଭାବେ ମଣିଷକୃତ ବୋଲି ଧରିନେବାକୁ ହେବ। ଏହାର ଜ୍ୱଳନ୍ତ ଉଦାହରଣ ଓଡ଼ିଶା।

ନୂଆ ଓଡ଼ିଶାର ରାଜନୈତିକ ମାନଚିତ୍ର ୧୯୩୬ ମସିହାରେ ପ୍ରକଟିତ ହେଲା। ସେ ସମୟକୁ ଦେଶରେ ବ୍ରିଟିଶ୍ ରାଜୁତି ଚାଲୁଥିଲା।। ରାଜ୍ୟରେ ଭରି ରହିଥିବା ସଂପଦକୁ ସ୍ଥାନାନ୍ତର କରି ଅନ୍ୟତ୍ର ଉତ୍ପାଦିତ ପଦାର୍ଥର ବିରାଟ ଖାଉଟି ବଜାର ଭାବେ ଭାରତ ସହିତ ଓଡ଼ିଶାର କ୍ଷେତ୍ର ପ୍ରସ୍ତୁତ ହେଲା। ଏପରିକି ମାନବ ସମ୍ବଳକୁ ପଣ୍ୟ ଭାବେ ରେଙ୍ଗୁନ, କଲିକତା ନେଇ ବ୍ୟବହାର କରାଗଲା। ସେ ସବୁକୁ ଉନ୍ନତ ସହର ଭାବେ ଗଢ଼ାଗଲା। ଦେଶ ସ୍ୱାଧୀନ ହେଲା, ୧୯୫୦ ରେ ସାର୍ବଭୌମତ୍ୱ ଲାଭ କଲା। ହେଲେ ସେହି ପୁରୁଣା ଧାରାର ବେଗ ଅଧିକ ପ୍ରଶସ୍ତ ଓ କ୍ଷୀପ୍ର ହେଲା। ଏ ରାଜ୍ୟର କୋଇଲା ଅନ୍ୟତ୍ର ଯାଇ ଶକ୍ତି ଉତ୍ପାଦନ ହେଲା। କଳକାରଖାନା, କ୍ଷେତବାଡ଼ିରେ ବ୍ୟବହୃତ ହେଲା। ବାହାରକୁ ଯାଇ ଦେଶ ପ୍ରଭୂତ ଅର୍ଥ ଉପାର୍ଜନ କଲା। ଓଡ଼ିଶାର ଶକ୍ତିମାନ ମଣିଷ ସେ ସବୁର କଳକାରଖାନାରେ ମଜୁରୀ ଖଟିଲା। ପଡ଼ୋଶୀ ରାଜ୍ୟର କୋଠାବାଡ଼ି ନିର୍ମାଣ କଲା, ପାଇପ୍ ବିଛାଇଲା। ଯାହାକିଛି ମଜୁରୀ ପାଇଲା ସେ ସବୁ ତା'ର ଚଳିବାକୁ ନିଅଣ୍ଟ ହେଲା।

ଏହା ସତେଯେପରି ଓଡ଼ିଶାର ଅସ୍ଥିମଜ୍ଜାଗତ ହୋଇଯାଇଛି। ତେଣୁ ଓଡ଼ିଶାର କୁଶଳୀ ଯୁବକ ଏବେ ମଧ୍ୟ ରାଜ୍ୟର ତନ୍ତ, ବୟନ ଶିଳ୍ପ ରୁଗ୍ଣ କରି କଲିକତା ଚଟକଳ ଅବା ସୁରାଟର ଲୁଗାକଳରେ ଖଟି ଚାଲିଛି। ଓଡ଼ିଶାରୁ ଉତ୍ପାଦିତ ମକା, ଅନ୍ୟ ରାଜ୍ୟରେ ସୌଖିନ ଖାଦ୍ୟରେ ପରିଣତ ହେଉଛି। ଏ ରାଜ୍ୟ ଏକଦା ଲୁଣ ଉତ୍ପାଦନରେ ଅଗ୍ରଣୀ ଥିବା ବେଳେ ଏବେ ରାଜ୍ୟ ଭିତରେ ବ୍ୟବହୃତ ସମସ୍ତ ଲୁଣ ବାହାରୁ ଆସୁଛି। ରାଜ୍ୟର ଆବଶ୍ୟକ ମୁଖ୍ୟ ଖାଦ୍ୟ (କେବଳ ଚାଉଳକୁ ଛାଡ଼ିଦେଲେ) ପଦାର୍ଥ, ତେଲ, ଡାଲି, ଲୁଣ, ପରିବା, ଫଳ, କ୍ଷୀର, ମାଛ, ଅଣ୍ଡା ପାଇଁ ଓଡ଼ିଶା ବାହାର ରାଜ୍ୟ ଉପରେ ନିର୍ଭରଶୀଳ। ମୋଟାମୋଟି ଭାବେ ଦେଖିବାକୁ ଗଲେ ରାଜ୍ୟ ଗୋଟିଏ ଔପନିବେଶିକ ବଜାର ଭାବେ ମୁଣ୍ଡ ଟେକିଛି। ଓଡ଼ିଶାର ପାଖାପାଖି ୪ କୋଟି ୫୦ ଲକ୍ଷ ଲୋକ ବ୍ୟବହାର କରୁଥିବା କେବଳ ଖାଦ୍ୟ ଓ ପୋଷାକ ପାଇଁ ମାସିକ ୨୫ ହଜାର କୋଟି ଟଙ୍କା ରାଜ୍ୟ ବାହାରକୁ ଯାଉଛି। ରାଜ୍ୟରେ ଗଚ୍ଛିତ ଅନେକ ପ୍ରାକୃତିକ ସଂପଦ କୋଇଲା, ଲୁହାପଥର, ମାଙ୍ଗାନିଜ, କ୍ରୋମାଇଟ୍ ଆଦି ଖଣିଜ ସଂପଦ ଏ ମାଟିରୁ ଟ୍ରେନ୍ ଯୋଗେ, ଜାହାଜ ଯୋଗେ ଦେଶ ଭିତରେ ଅନ୍ୟ ରାଜ୍ୟକୁ ଓ ବିଦେଶକୁ ବୁହା ହୋଇଯାଉଛି। ପରିକଳ୍ପିତ ବିକଶିତ ଓଡ଼ିଶାର ଆୟ ମୁଖ୍ୟତଃ ଏହି ଭାବରେ ପ୍ରତ୍ୟହ ଶୋଷି ହୋଇଯାଇଥାଏ। ଓଡ଼ିଶାରୁ ଯାଉଥିବା ଏହି ସମସ୍ତ ସଂପଦ ପାଇଁ ଦେଶ ଅନେକ ଅର୍ଥ ଉପାର୍ଜନ କରୁଛି। ଅଥଚ ଓଡ଼ିଶା ପ୍ରତ୍ୟହ ସଂପଦ ହରାଇଚାଲିଛି।

ଏ ସମସ୍ତ ଉପରେ ବିହଙ୍ଗାବଲୋକନ କଲେ ୧୯୩୬ ରୁ ଏ ରାଜ୍ୟ ସଂପଦହରା, ରୁଗ୍ଣ, ଦୁର୍ବଳ ରାଜ୍ୟର ସ୍ଥିତିରେ ବିଶେଷ କିଛି ପରିବର୍ତ୍ତନ ଘଟିନାହିଁ। କୃଷି ଅତି ଦୁର୍ବଳ। ପ୍ରକୃତିଦତ୍ତ ବର୍ଷାଜଳ ଓ ଭୂତଳ ଜଳରାଶିର ଅଧିକାରୀ ହୋଇ ମଧ୍ୟ ମନୁଷ୍ୟକୃତ ତ୍ରୁଟି ପାଇଁ କୃଷି କ୍ଷେତ୍ରରେ ବିଶେଷ ଅଗ୍ରଗତି କରି ପାରିନାହିଁ। ରାଜ୍ୟର ସାମଗ୍ରିକ ବିକାଶ କ୍ଷେତ୍ରରେ କୃଷି ଓ ତତ୍‌ସଂଲଗ୍ନ ବ୍ୟବସ୍ଥାର ସାମଗ୍ରିକ ବିକାଶରେ (ଜିଏସ୍‌ଡିପି) ଏକ ସମୟରେ ସହଯୋଗ ୭୦.୪% ଥିଲା। ବର୍ତ୍ତମାନ କମିଆସି ମାତ୍ର ୧୭% ରେ ପହଞ୍ଚିଛି। ଅଥଚ ଏହା ଉପରେ ମୋଟ ଲୋକସଂଖ୍ୟାର ୭୦% ନିର୍ଭରଶୀଳ। ଗୋଟିଏ କୃଷି ପରିବାରର ମାସିକ ଆୟ ୨୦୨୩ ରେ ୫୧୧୨ ଟଙ୍କାରେ ଅଛି। କୃଷି ଓ ଆନୁସଙ୍ଗିକ ବ୍ୟବସ୍ଥା ସବୁକୁ ସଜାଡ଼ିବା ହେଉଛି ୨୦୩୬ର ମୂଳଲକ୍ଷ୍ୟ। ଯାହାଦ୍ୱାରା ରାଜ୍ୟର ସାମଗ୍ରିକ ଆୟକୁ କୃଷିର ଅବଦାନ ୪୦%ରେ ପହଞ୍ଚି ପାରିବ ଏବଂ କୃଷି ଉପରେ ନିର୍ଭରଶୀଳ ପ୍ରତ୍ୟେକ ପରିବାରର ଆୟ ମାସିକ ୨୫ ହଜାର ଟଙ୍କା ହେବ। ଖଦ୍ୟ ଓ ବସ୍ତ୍ର ପାଇଁ ଅପସାରିତ ଅର୍ଥ(ମନି ଡ୍ରେନ୍) ୫୦% କମିଯିବ। ବର୍ତ୍ତମାନ ବ୍ୟୟର ଅର୍ଦ୍ଧେକ ହେବ।

ଏଥିପାଇଁ (୧) ଏକ ପ୍ରଗତିଶୀଳ ଭୂସଂସ୍କାର ଦରକାର, ଯେଉଁଥିରେ ଫସଲ ଉତ୍ପାଦନକାରୀର ଫସଲ ଉପରେ ହକ୍ ସାବ୍ୟସ୍ତ ହେବ; (୨) ସମସ୍ତ ଫସଲ ଜମିକୁ ଅନ୍ତତଃ ଦ୍ୱିଫସଲ କରିବା ନିମନ୍ତେ ପୂର୍ଣ୍ଣ ଜଳସେଚନର ବ୍ୟବସ୍ଥା ହେବ। ଅର୍ଥାତ୍ ୫୭ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ହେବ; (୩) ଅର୍ଥକରୀ ଫସଲ ଡାଲି, ତେଲ, ଫଳ, ପନିପରିବା ଚାଷ ଉପରେ ଗୁରୁତ୍ୱ ଦିଆଯିବ; (୪) ସବୁ କୃଷି ଉତ୍ପାଦନ ମୂଲ୍ୟ ସ୍ଥିର ହେବା ସହିତ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ରହିବ; (୫) ଫସଲ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ୨ ଗୁଣ ରହିବ। ଏପରି ଏକ ସ୍ପଷ୍ଟ ଖସଡ଼ା ପ୍ରସ୍ତୁତ ହୋଇ ଆଗାମୀ ଦଶବର୍ଷରେ କାର୍ଯ୍ୟକାରୀ ହେବା ଦରକାର। ଏଥିସହିତ ଆନୁସଂଗିକ କୃଷି, ମତ୍ସ୍ୟଚାଷ, ଗୋପାଳନ(କ୍ଷୀର ଉତ୍ପାଦନ) ଉପରେ ଗୁରୁତ୍ୱ ଦେବା ସହିତ ବ୍ୟବହାର ଉପଯୋଗୀ ଲୁଣ ରାଜ୍ୟରେ ପ୍ରସ୍ତୁତ କରାଯିବା ଦରକାର। (କ୍ରମଶଃ...) ●

*(ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ, ରାଜନୀତିଜ୍ଞ ତଥା ଅର୍ଥନୀତି ବିଶାରଦ)*

# କଅଁଳ ହାତରେ ଶ୍ରମର ବୋଝ

**ମୋଜାଫର ଖାଁ**

ଆକାଶର ରଙ୍ଗ ଏକ ହେଲେ ମଧ୍ୟ ପ୍ରତିଟି ଶିଶୁ ପାଇଁ ଏହାର ରଙ୍ଗ ଭିନ୍ନ। କେହି ଜନ୍ମ ହେବା କ୍ଷଣି ସୁନାର ଚଉକିରେ ବସି ସ୍ୱପ୍ନ ଦେଖେ ତ କାହାର ସ୍ୱପ୍ନ ଭାଙ୍ଗିଯାଏ କ୍ଷୁଧାର ଜ୍ୱାଳାରେ। ଆମେ ପ୍ରାୟତଃ ଶୈଶବକୁ ଅସୀମ ସମ୍ଭାବନାର ସମୟ ଭାବରେ ବିବେଚନା କରିଥାଉ। ଏହା ଏକ ପର୍ଯ୍ୟାୟ, ଯେଉଁଠାରେ ପ୍ରତ୍ୟେକ ଇଚ୍ଛା ପୂରଣ ହୁଏ ଏବଂ ପ୍ରତ୍ୟେକ ସ୍ୱପ୍ନକୁ ବାସ୍ତବିକତାରେ ପରିଣତ କରିବା ପାଇଁ ଚେଷ୍ଟା କରାଯାଏ। କିଛି ଶିଶୁ ଜନ୍ମ ନେବା କ୍ଷଣି ସାରା ବିଶ୍ୱର ସୁଖ ସେମାନଙ୍କ ପାଦତଳେ ଅଜାଡ଼ି ହୋଇପଡ଼େ। ସେମାନଙ୍କର ଅଳି, ଅର୍ଦ୍ଦଳି ଆଉ ଅଝଟ ହେଉଛି ସେମାନଙ୍କ ଅଧିକାର। ସେମାନେ ଯାହା ଚାହାନ୍ତି, ତାହା ପାଆନ୍ତି - ଖେଳନାଠାରୁ ଆରମ୍ଭ କରି ଖୁସି ପର୍ଯ୍ୟନ୍ତ। କାହା ପାଇଁ ପାଠପଢ଼ା ଏକ ଉତ୍ସବ ତ କାହା ପାଇଁ ଏହା ଏକ ସଂଘର୍ଷ। କାହା ପାଇଁ ବିକାଶର ଅର୍ଥ ବିଳାସ ତ କାହା ପାଇଁ ଏହା କେବଳ ଅସ୍ତିତ୍ୱର ଲଢ଼େଇ।

ପିଲାଟିଏ ଜନ୍ମ ହେଲା ବେଳେ ଆମେ ସମସ୍ତେ ଚାହୁଁ ସେ ଦୁନିଆର ସବୁ ସୁଖ ପାଉ। ଭଲ ପାଠ ପଢ଼ୁ, ବଡ଼ ମଣିଷ ହେଉ। କିନ୍ତୁ ଆମ ଦେଶ ଭାରତର ବାସ୍ତବ ଚିତ୍ର ଟିକେ ଅଲଗା। ଆଜି ବି ଅନେକ ଗରିବ ପିଲା ଖାତାକଲମ ଧରିବା ବଦଳରେ ରାସ୍ତା କଡ଼ରେ ଭିକ ମାଗୁଛନ୍ତି କିମ୍ବା କାମ କରୁଛନ୍ତି। ସରକାର ଅନେକ ଚେଷ୍ଟା କରୁଥିଲେ ମଧ୍ୟ ସେମାନଙ୍କ ପାଖରେ ଶିକ୍ଷାର ଆଲୋକ ପହଞ୍ଚିପାରୁ ନାହିଁ। ବିଶେଷକରି ଆମ ଓଡ଼ିଶାର ଜନଜାତି ବା ଆଦିବାସୀ ପିଲାମାନେ ଏବେ ବି ମୌଳିକ ସୁବିଧାରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ଅଛନ୍ତି। ଓଡ଼ିଶାର ଆଦିବାସୀବହୁଳ ଅଞ୍ଚଳରେ ସମସ୍ୟା କେବଳ ଇଚ୍ଛାର ନୁହେଁ, ଏହା ଭୌଗୋଳିକ ଦୂରତା, ଭାଷାର ସମସ୍ୟା ଓ ଚରମ ଦରିଦ୍ରତାର ଏକ ମିଶ୍ରଣ। ରାସ୍ତା କଡ଼ରେ ଭିକ୍ଷା ମାଗୁଥିବା ଶିଶୁଟିକୁ ଦେଖିଲେ ଆମକୁ କେବଳ ଦରିଦ୍ରତା ଦେଖାଯାଏ। କିନ୍ତୁ ଏହା ପଛରେ ଏକ ବଡ଼ ସାମାଜିକ ବିଫଳତା ରହିଛି। ଓଡ଼ିଶାର ଅନେକ ଆଦିବାସୀ ପିଲାଙ୍କ ପାଖରେ ନା ଅଛି ପରିଚୟ ପତ୍ର, ନା ଅଛି ସ୍ଥାୟୀ ଠିକଣା। ପାଠ ପଢ଼ିବା ବୟସରେ ସେମାନେ ବଞ୍ଚିବା ପାଇଁ ସଂଘର୍ଷ କରନ୍ତି ଏବଂ ଅନେକ ସମୟରେ ଆପରାଧିକ ଦୁନିଆରେ ଫସିଯା'ନ୍ତି।

ଅବହେଳିତ ଜନସଂଖ୍ୟା ଅନେକ ପରିବେଶଗତ ଓ ଭୌଗୋଳିକ ଜଳବାୟୁ ପରିସ୍ଥିତିରେ ବାସ କରନ୍ତି, ଯାହା ତୃଣଭୂମିରୁ ଜଙ୍ଗଲ, ପର୍ବତ ଓ ଅପହଞ୍ଚ ଅଞ୍ଚଳ ପର୍ଯ୍ୟନ୍ତ ଅସ୍ଥିର ହୁଏ। ନିଜର ଗୁଜରାଣ ପୂରଣ କରି ଦି ଓଳି ଖାଇବା ପାଇବା ପାଇଁ ଆଜି ବି ଆମ ରାଜ୍ୟରେ ଅନେକ ଅବହେଳିତ, ନିଷ୍ପେସିତ ଶିଶୁଙ୍କ କାନ୍ଧରେ ବହିବସ୍ତାନିର ଅପେକ୍ଷା ହାତରେ ଥାଏ କଳକାରଖାନାର କଳଙ୍କିତ ଲୁହା, ଇଟାଭାଟିର ତତଲା କାଦୁଅ କିମ୍ବା ଚା' ଦୋକାନର ଗିଲାସ। ସେମାନେ ଆମ ରାଜ୍ୟର ଭବିଷ୍ୟତ। କିନ୍ତୁ ଆଜି ସେମାନଙ୍କ ବର୍ତ୍ତମାନ କେଉଁଠି ନା କେଉଁଠି ପୋତି ହୋଇଯାଇଛି ଦାରିଦ୍ର୍ୟର ଅନ୍ଧକାର ଗର୍ଭରେ।

ଓଡ଼ିଶାର ମାଟି ଏବେ ଶିଳ୍ପ ଆଉ ପ୍ରଗତିର ନୂଆ ସ୍ୱପ୍ନ ଦେଖୁଛି। ସେଇ ମାଟିର ଗୋଟିଏ କୋଣରେ ଆଜି ବି ଶୈଶବ ସିଝୁଛି ଅଭାବର ନିଆଁରେ। ଏମାନେ ହେଉଛନ୍ତି ସେହି ଶିଶୁ ଶ୍ରମିକ, ଯେଉଁମାନେ ନିଜ ଇଚ୍ଛାରେ ନୁହେ. ବରଂ ପରିବାରର ପେଟ ପାଇଁ ନିଜ ସ୍ୱପ୍ନକୁ ବଳି ପକେଇ ଦେଇଛନ୍ତି। ସେମାନଙ୍କ ଆଖିରେ ଲୁହ ନାହିଁ; ଅଛି କେବଳ ଏକ ଶୂନ୍ୟତା। ସେମାନେ ଜାଣନ୍ତି ନାହିଁ 'ଶିଶୁ ଦିବସ' କ'ଣ କିମ୍ବା 'ଶିଶୁ ଅଧିକାର' କାହାକୁ କୁହନ୍ତି। ସେମାନଙ୍କ ପାଇଁ ପ୍ରତିଟି ଦିନ ଏକ ସଂଗ୍ରାମ, ପ୍ରତିଟି ସକାଳ ଏକ ନୂଆ ବୋଝ।

ଏହି ପିଲାମାନଙ୍କୁ ରାସ୍ତାରୁ ଆଣି ଶ୍ରେଣୀଗୃହରେ ବସାଇବାକୁ ହେଲେ ଆମକୁ ସେମାନଙ୍କ ସମସ୍ୟାର ମୂଳକୁ ବୁଝିବାକୁ ହେବ। କେବଳ ସ୍କୁଲ ଘରଟିଏ ତିଆରି କରିଦେଲେ ହେବନି; ଶିକ୍ଷାକୁ ସେମାନଙ୍କ ପାଇଁ ଏକ ସୁବିଧାଜନକ ବିକଳ୍ପ ଭାବେ ଗଢ଼ିବାକୁ ହେବ। ଶିଶୁମାନେ ଦେଶର ଭବିଷ୍ୟତ ନାଗରିକ ଏବଂ ସେମାନଙ୍କର ପର୍ଯ୍ୟାପ୍ତ ବିକାଶ ଦେଶର ସର୍ବୋଚ୍ଚ ପ୍ରାଥମିକତା। ଶିକ୍ଷା ବିକାଶର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ଭାରତ ସରକାର ଶିଶୁ ଶ୍ରମିକ ନିୟନ୍ତ୍ରଣ ପାଇଁ ଅନେକ କିଛି ପଦକ୍ଷେପ ନେଇଛନ୍ତି। କିନ୍ତୁ କେବଳ ଆଇନ ଲାଗୁ କରିଦେଲେ ଏହା ସମାଧାନ କରିବାରେ ସାହାଯ୍ୟ କରିପାରିବ ନାହିଁ। ସରକାର ଏହି ପିଲାମାନଙ୍କ ପୁନର୍ବାସନ ଏବଂ ସେମାନଙ୍କ ପରିବାରର ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିବା ଉଚିତ। ଜ୍ଞାନକୁ ଆଇନ ଓ କାର୍ଯ୍ୟରେ ପରିଣତ କଲେ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରେରଣା ଦେଲେ ଶିଶୁ ଶ୍ରମିକକୁ ବନ୍ଦ କରାଯାଇପାରିବ। ଛୋଟ ପିଲାମାନଙ୍କର ସହନଶକ୍ତି ଅଧିକ ଏବଂ ସେମାନେ ଭେଦଭାବ ବିରୁଦ୍ଧରେ ପ୍ରତିବାଦ କରିପାରିବେ ନାହିଁ। ଶିଶୁ ଶ୍ରମିକ ବିରୁଦ୍ଧରେ ସମ୍ପ୍ରଦାୟଗୁଡ଼ିକୁ ସଂଗଠିତ କରିବା ଏବଂ ଶିଶୁ ଶ୍ରମିକମାନଙ୍କୁ ସେମାନଙ୍କ ଘର ଓ ସ୍କୁଲରେ ପୁନଃସଂଯୋଜିତ କରିବା ପାଇଁ ତୃଣମୂଳ ରଣନୀତି ଉପରେ ଧ୍ୟାନ ଦେବା ଶିଶୁଶ୍ରମିକ ଚକ୍ରକୁ ଭାଙ୍ଗିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସମାଜର ଏହି ବିଷଚକ୍ରକୁ ଭାଙ୍ଗିବା ପାଇଁ ଚିକିତ୍ସା, ମାନସିକ ଓ ସାମାଜିକ-ମନୋବିଜ୍ଞାନ ସ୍ତରର ବିଶେଷଜ୍ଞମାନଙ୍କୁ ସାମିଲ କରି ଏକ ବହୁମୁଖୀ ପଦ୍ଧତି ଆବିଷ୍କାର କରିବା ଆବଶ୍ୟକ।

ଇତିମଧ୍ୟରେ ଓଡ଼ିଶା ସରକାର 'ଭିଜନ-୨୦୩୬'ରେ ଓଡ଼ିଶାକୁ ସୁଦୃଢ଼, ସକ୍ଷମ ଓ ସମୃଦ୍ଧ କରିବାର ଲକ୍ଷ୍ୟ ରଖିଛନ୍ତି। ବିକଶିତ ଭାରତର ରାଷ୍ଟ୍ରୀୟ ଲକ୍ଷ୍ୟ ସହିତ ବିକଶିତ ଓଡ଼ିଶା ମଧ୍ୟ ଉନ୍ନତି ପଥରେ ଅଗ୍ରସର ହୋଇଛି। ଏଥିପାଇଁ ଆମକୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଂହତି, କୃଷି ଓ ପ୍ରଯୁକ୍ତିବିଦ୍ୟା, ରୋଜଗାର, ଗମନାଗମନ ଓ ଯୋଗାଯୋଗ ସୁବିଧାରେ ବିକାଶ କରିବା ସହିତ ଦରିଦ୍ରତା ହ୍ରାସ ଏବଂ ସାକ୍ଷରତା ବୃଦ୍ଧି କରିବାକୁ ପଡ଼ିବ। ପ୍ରଥମେ ଶିଶୁଙ୍କ ବିକାଶ କରିବା ନିହାତି ଜରୁରୀ। ●

ତରିକୁନ୍ଦ(ଜଗତସିଂହପୁର)
କଟକ, ମୋ: ୬୩୭୦୦୦୧୫୭୦

# ଆମ ବୃକ୍ଷଲତା ଆମ ଜୀବନ

## ପ୍ରକୃତି-ପରିବେଶ

## ଚଢ଼େଇଗୁଡ଼ି
(White Wood Chaste Tree or Siva Tulsi- Vitex leucoxylon)

**ସୌଭାଗ୍ୟସୁନ୍ଦର**

ଚଢ଼େଇଗୁଡ଼ିର ମୂଳଜାତ ଅଞ୍ଚଳ ହେଉଛି ଭାରତ, ପାକିସ୍ତାନ, ଶ୍ରୀଲଙ୍କା, ମିଆଁମାର, ଚୀନ୍, ମାଲେସିଆ, ଆଣ୍ଡାମାନ ଦ୍ୱୀପପୁଞ୍ଜ ସମେତ ଭାରତୀୟ ଉପମହାଦେଶ। ଏହା ୯୦୦ ମିଟର ପର୍ଯ୍ୟନ୍ତ ଉଚ୍ଚତାରେ ପର୍ଣ୍ଣମୋଚୀ ଜଙ୍ଗଲରେ ବଢ଼ିଥାଏ, ବିଶେଷକରି ଝରଣା କୂଳରେ। ଏହା ଏକ ଶୋଭାବର୍ଦ୍ଧକ ଓ ଔଷଧୀୟ ଉଦ୍ଭିଦ। ଚଢ଼େଇଗୁଡ଼ି ସାଧାରଣତଃ 'ହ୍ୱାଇଟ ଉଡ୍ ଚେଷ୍ଟ ଟ୍ରି' ବା ପବିତ୍ର 'ଶିବତୁଳସୀ' ଉଦ୍ଭିଦ ଭାବରେ ଜଣାଶୁଣା। ଏହା ପ୍ରାୟ ୫ ରୁ ୧୦ ମିଟର ଉଚ୍ଚତା ବିଶିଷ୍ଟ ଏକ ଦୃଢ଼ କାଷ୍ଠବିଶିଷ୍ଟ ଉଦ୍ଭିଦ, ଯାହାର ଶାଖା ଡାଳ ଶୀର୍ଷ ଭାଗରେ ବିସ୍ତାରିତ। କଅଁଳ ଶାଖାଗୁଡ଼ିକ ଚତୁର୍ଭୁଜ, ସୂକ୍ଷ୍ମ ମଖମଲ, ଭାଡୁଡିମୟ। କାଣ୍ଡ ଛାଲି ମାଟିଆ କିମ୍ବା ହାଲୁକା ଧୂସର ଓ ଧଳା ରଙ୍ଗର। ପତ୍ରର ଗଠନ ଓ ଆକୃତି ଚଢ଼େଇ ଗୋଡ଼ ଭଳି। ତେଣୁ ଏହାକୁ 'ଚଢ଼େଇଗୋଡ଼ି' ଉଦ୍ଭିଦ ନାମରେ ସ୍ଥାନୀୟ ସମ୍ପ୍ରଦାୟ ଚିହ୍ନନ୍ତି। ପତ୍ରଗୁଡ଼ିକ କାଗଜ କିମ୍ବା ପତଳା ଚମଡ଼ା ଭଳି, ତଳ ପଟେ ଫିକା ସବୁଜ। ଥାଳି ଭଳି ସଜେଇ ହୋଇଥିବା ଫୁଲଗୁଡ଼ିକ ଡେଙ୍ଗବିହୀନ, କ୍ଷୁଦ୍ର, ନଳୀକାର, ଧଳାରୁ ଫିକା ବାଇଗଣୀ। ଫଳଗୁଡ଼ିକ ଗୋଲାକାର ଅଷ୍ଠିଳା, ବାଇଗଣୀ କଳା, ପରିପକ୍ୱତା ପରେ ଗାଢ଼ ବାଦାମୀ ହୋଇଯାଏ। ଚାରୋଟି ବିହନ ଧାରଣ କରେ।

ଏହା ଏକ ଶକ୍ତିଶାଳୀ ଆୟୁର୍ବେଦିକ ଔଷଧି, ଯାହା ଏହାର ଅନୁକୂଳନ ଓ ପ୍ରଦାହ-ବିରୋଧୀ ପ୍ରଭାବ ପାଇଁ ମୂଲ୍ୟବାନ। ଆୟୁର୍ବେଦରେ ମୁଖ୍ୟତଃ ଚଢ଼େଇଗୁଡ଼ିର ଛାଲି ଓ ଫଳ ବ୍ୟବହୃତ ହୁଏ, ଯଦିଓ କିଛି ଫର୍ମୁଲେସନରେ ଏହାର ପତ୍ର ମଧ୍ୟ ଅନ୍ତର୍ଭୁକ୍ତ। ଏହା ତିକ୍ତ ଓ କଟୁ ରସ, ପିତ୍ତ-ଶାନ୍ତକାରୀ, ରକ୍ତଶୋଧକ ଓ ରକ୍ତସ୍ରାବରୋଧକ। ଋତୁସ୍ରାବ ସମସ୍ୟା, ପାଚନ ସମସ୍ୟା, ଜ୍ୱର, ସର୍ଦ୍ଦି, ଶ୍ଳେଷ୍ମା, ମୁଣ୍ଡବିନ୍ଧା, କୃମି ଉପଶମକାରୀ ଭାବେ ପରିଚିତ। କେରଳର କିଛି ତାଳପତ୍ର ରେକର୍ଡରେ ଦ୍ୱାଦଶ ଶତାବ୍ଦୀର ଶାସ୍ତ୍ରୀୟ ଦକ୍ଷିଣ ଭାରତୀୟ ଔଷଧୀୟ ପାଣ୍ଡୁଲିପିରେ ଏହା ବିଷୟରେ ଉଲ୍ଲେଖ ଅଛି। ୧୯୦୦ ଦଶକ ମଧ୍ୟରେ କେରଳ ଓ କର୍ଣ୍ଣାଟକର ଆୟୁର୍ବେଦିକ ଚିକିତ୍ସକମାନେ ଆର୍ଥରାଇଟିକ୍, ଅର୍ଥାତ୍ ସନ୍ଧି ପ୍ରଦାହ ବା ଆଣ୍ଠୁଗଣ୍ଠି ବାତ ଚିକିତ୍ସା ପାଇଁ ପାରମ୍ପରିକ ଭାବରେ ଏହାର ବ୍ୟବହାର କରୁଥିଲେ। ଆଜି ଚଢ଼େଇଗୁଡ଼ି ଆୟୁର୍ବେଦିକ ଫର୍ମୁଲେସନରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ପ୍ରାୟତଃ ଅଶୋକ ଓ ଶତାବରୀ ସହିତ ମିଶ୍ରିତ ହୋଇ ଏହାର ମହିଳା ପ୍ରଜନନ ପ୍ରକ୍ରିୟାକୁ ବୃଦ୍ଧି କରିଥାଏ। ଗର୍ଭବତୀ କିମ୍ବା ସ୍ତନ୍ୟପାନ କରାଇବା ମହିଳାମାନେ ଗର୍ଭାଶୟ ପ୍ରଭାବ ଉପରେ ପର୍ଯ୍ୟାପ୍ତ ତଥ୍ୟ ନଥିବାରୁ ଏହାକୁ ଏଡ଼ାଇବା ଉଚିତ। ଡୋପାମିନର୍ଜିକ୍ ଔଷଧ କିମ୍ବା ହରମୋନ୍ ଚିକିତ୍ସା ନେଉଥିବା ବ୍ୟକ୍ତିମାନେ ବ୍ୟବହାର କରିବା ପୂର୍ବରୁ ଜଣେ ଯୋଗ୍ୟ ଚିକିତ୍ସକଙ୍କ ସହିତ ପରାମର୍ଶ କରିବା ଉଚିତ। ଯକୃତ ବିକୃତି ଥିବା ବ୍ୟକ୍ତିମାନେ ଅତିରିକ୍ତ ସତର୍କତା ଅବଲମ୍ବନ କରିବାକୁ ହେବ।

ଚଢ଼େଇଗୁଡ଼ି ଗଛର କାଠ ମଧ୍ୟମ ଧରଣର କଠିନ, ହାଲୁକା ଧୂସର-ବାଦାମୀ ରଙ୍ଗର, ସୂକ୍ଷ୍ମ ଦାନାଯୁକ୍ତ ଓ ସ୍ଥାୟୀ। ଶଗଡ଼ ଚକ ଓ ଫର୍ଣ୍ଣିଚର ତିଆରି ପାଇଁ ଏହା ଏକ ଉପଯୋଗୀ କାଠପ୍ରଦାନକାରୀ ବୃକ୍ଷ। ଚଢ଼େଇଗୁଡ଼ିରେ ଅନେକ ପ୍ରମୁଖ ସକ୍ରିୟ ଯୌଗିକ ଉପାଦାନ ଅଛି। ଯେପରିକି ଭିଟେକ୍ସିନ୍-ଏ ଏବଂ -ବି (ଫ୍ଲାଭୋନଏଡ୍ ଗ୍ଲାଇକୋସାଇଡ୍), ଆଗ୍ନୁସାଇଡ୍ (ଇରିଡୋଏଡ୍ ଗ୍ଲାଇକୋସାଇଡ୍), ଭାନିଲିକ୍ ଏସିଡ୍, ଆବଶ୍ୟକୀୟ ତେଲ ଏବଂ କିଛି ଟାନିନ୍।

ପାରମ୍ପରିକ ଅମଳକାରୀମାନେ ଶୁଷ୍କ ମାସଗୁଡ଼ିକରେ (ଜାନୁଆରୀ-ମାର୍ଚ୍ଚ) ଛାଲି ସଂଗ୍ରହ କରନ୍ତି ଯେତେବେଳେ ରସର ସ୍ତର କମ୍ ଥାଏ, ଯାହା ଭଲ ଛାଲି ପୃଥକୀକରଣ ସୁନିଶ୍ଚିତ କରେ ଏବଂ ଗଛକୁ ମାରି ଦେଉଥିବା ରିଙ୍ଗ-ଭର୍କ ପୋକକୁ ରୋକିଥାଏ। ବର୍ଷା ପୂର୍ବରୁ ପତ୍ର ଓ ଫଳଗୁଡ଼ିକ ସାଧାରଣତଃ ଗ୍ରୀଷ୍ମ ଋତୁର ଆରମ୍ଭରେ ସଂଗ୍ରହ କରାଯାଏ। ଏହା ବିହନ ଦ୍ୱାରା କିମ୍ବା କାଣ୍ଡ ଦ୍ୱାରା ବଂଶବିସ୍ତାର ହୁଏ। ପ୍ରାକୃତିକ ଆବାସସ୍ଥାନ କ୍ଷୟକ୍ଷତି ଏବଂ ବିଭିନ୍ନ କାରଣରୁ ଅପସାରଣ ହେତୁ ଏହି ଜାତୀୟ ଉଦ୍ଭିଦର ଅସ୍ତିତ୍ୱ ପାଇଁ ବିପଦ ରହିଛି। ତେବେ ପରିସ୍ଥିତି ସଙ୍କଟାପନ୍ନ ନୁହେଁ। ପ୍ରକୃତି ସଂରକ୍ଷଣ ପାଇଁ ଆନ୍ତର୍ଜାତିକ ସଂଘ ଦ୍ୱାରା ଲାଲ ତାଲିକାରେ ବିପଦପୂର୍ଣ୍ଣ ଜାତୀୟ ବର୍ଗରେ ଏହି ଉଦ୍ଭିଦକୁ 'ସର୍ବନିମ୍ନ ଚିନ୍ତାଜନକ ଉଦ୍ଭିଦ' ଭାବରେ ବର୍ଗୀକୃତ କରାଯାଇଛି। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଜେନେରାଲ ଏସ୍ଏସ୍ ସୁବ୍ରମଣି ପ୍ରତିରକ୍ଷା ମୁଖ୍ୟ



ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଜେନେରାଲ ଏନଏସ ରାଜା ସୁବ୍ରମଣି ରବିବାର ଆନୁଷ୍ଠାନିକ ଭାବେ ଭାରତର ନୂତନ ପ୍ରତିରକ୍ଷା ମୁଖ୍ୟ (ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍) ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଜେନେରାଲ ସୁବ୍ରମଣିଙ୍କୁ ତିନି ସେବା ବାହିନୀ (ସ୍ଥଳ, ନୌ ଏବଂ ବାୟୁ ସେନା) ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ଦାୟିତ୍ୱ ଗ୍ରହଣ କରିବା ପରେ ନୂତନ ପ୍ରତିରକ୍ଷା ମୁଖ୍ୟ କହିଛନ୍ତି ଯେ, ସଶସ୍ତ୍ର ବାହିନୀର ଆଧୁନିକୀକରଣ ଏବଂ ତିନି ସେବା ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସାଂଗଠନିକ ସଂସ୍କାର ଆଣିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ହେବ। ଏଥି ସହିତ ସେନା ବାହିନୀରେ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଅସ୍ତ୍ରଶସ୍ତ୍ରର ସାମିଲକରଣ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ। ଜେନେରାଲ ସୁବ୍ରମଣିଙ୍କର ପ୍ରାଥମିକ କାର୍ଯ୍ୟ ହେବ ଭାରତୀୟ ସେନାର ମିଳିତ ସାମରିକ କମାଣ୍ଡ ଯୋଜନାକୁ କାର୍ଯ୍ୟକାରୀ କରିବା ଏବଂ ସ୍ଥଳ, ନୌ ଓ ବାୟୁ ସେନା ମଧ୍ୟରେ ରଣନୈତିକ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା। ଚୀନ ଏବଂ ପାକିସ୍ତାନ ସମ୍ପର୍କିତ ସାମରିକ ରଣନୀତିରେ ବିଶେଷ ଦକ୍ଷତା ରଖିଥିବା ଜେନେରାଲ ସୁବ୍ରମଣି ପୂର୍ବରୁ ସ୍ଥଳ ସେନାର ଉପମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ। ସେ ଜାତୀୟ ସୁରକ୍ଷା ପରିଷଦ ସଚିବାଳୟରେ ସାମରିକ ପରାମର୍ଶଦାତା ଭାବେ ସେବା ପ୍ରଦାନ କରିଛନ୍ତି।

## ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ନୌସେନା ମୁଖ୍ୟ



ନୂଆଦିଲ୍ଲୀ, ୩୧।୫ (ଏଜେନ୍ସି): ଆଡମିରାଲ କ୍ରିଷ୍ଣା ସ୍ୱାମୀନାଥନ ରବିବାର ଆନୁଷ୍ଠାନିକ ଭାବେ ଭାରତର ୨୭ତମ ନୌସେନା ମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ନୌସେନାର ସର୍ବୋଚ୍ଚ ପଦବୀ ସମ୍ଭାଳିବା ପୂର୍ବରୁ ଆଡମିରାଲ ସ୍ୱାମୀନାଥନ ପଶ୍ଚିମ ନୌସେନା କମାଣ୍ଡର ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୭ ଜୁଲାଇ ୧ରେ ଭାରତୀୟ ନୌସେନାରେ ଯୋଗ ଦେଇଥିବା ଆଡମିରାଲ ସ୍ୱାମୀନାଥନ ଜଣେ ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ ୱାର୍ଫେୟାର ବିଶେଷଜ୍ଞ। ପ୍ରାୟ ଚାରି ଦଶନ୍ଧିର କ୍ୟାରିୟର ମଧ୍ୟରେ ସେ ଯୁଦ୍ଧଜାହାଜ ଆଇଏନଏସ ବିଦ୍ୟୁତ, ଆଇଏନଏସ ବିନାଶ, ଆଇଏନଏସ କୁଲିଶ, ଆଇଏନଏସ ମହୀଶୂର ଏବଂ ବିମାନବାହୀ ଯୁଦ୍ଧପୋତ 'ଆଇଏନଏସ ବିକ୍ରମାଦିତ୍ୟ'ର ସଫଳ କମାଣ୍ଡିଂ ଅଫିସର ଭାବେ ଦାୟିତ୍ୱ ତୁଲାଇଛନ୍ତି।

# ମହାନଦୀକୁ ଡେଇଁପଡ଼ିଲେ ନବବିବାହିତା

ମନମୁଣ୍ଡା, ୩୧।୫(ସମିସ): ମାତ୍ର ୧୫ ଦିନ ତଳେ ବିବାହ କରିଥିଲେ। ଆଜି ସ୍ୱାମୀଙ୍କ ସହ ମହାନଦୀ ସେତୁ ଉପରେ ଫଟୋ ଉଠାଇବା ସହ ବେଶ୍ କିଛି ସମୟ ନିରୋଳାରେ କାଟିଥିଲେ। ସବୁ ଠିକ୍ଠାକ୍ ଚାଲିଥିବା ବେଳେ ହଠାତ୍ ମହିଳାଜଣଙ୍କ ବ୍ରିଜ୍ ଉପରକୁ ଚଢ଼ି ମହାନଦୀକୁ ଲମ୍ଫ ଦେଇଥିଲେ। ସୋନପୁରସ୍ଥିତ ମହାନଦୀ ସେତୁ ଉପରେ ଆଜି ଦିନ ପ୍ରାୟ ୧୦ଟା ବେଳେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଅଗ୍ନିଶମ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଇଛି। ମହିଳାଜଣଙ୍କ ସୋନପୁର ଥାନା କଇଁଫୁଲ ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ କାହିଁକି ଓ କେଉଁ ପରିସ୍ଥିତିରେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଥିଲେ, ତାହା ଜଣାପଡ଼ିନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଜଳସଙ୍କଟ ଜଳଜଳ...

ଖସି ଆସିଛି। ଏହି ଜଳ ସଙ୍କଟ କେବଳ ପିଇବା ପାଣି କିମ୍ବା ଚାଷ କାର୍ଯ୍ୟକୁ ପ୍ରଭାବିତ କରିନାହିଁ, ଦେଶର ବିଦ୍ୟୁତ ଉତ୍ପାଦନ ଉପରେ ମଧ୍ୟ ଏହାର ସିଧାସଳଖ ପ୍ରଭାବ ପଡ଼ିବାକୁ ଯାଉଛି। ଦେଶର ପ୍ରମୁଖ ଜଳବିଦ୍ୟୁତ ପ୍ରକଳ୍ପ ସହିତ ଜଡ଼ିତ ଥିବା ଜଳାଶୟଗୁଡ଼ିକ ମଧ୍ୟରୁ ୬ଟି ବଡ଼ ପ୍ରକଳ୍ପର ଜଳଭଣ୍ଡାର ବର୍ତ୍ତମାନ ଅତି ଶୋଚନୀୟ ସ୍ଥିତିରେ ରହିଛି। ଯଦିଓ ବର୍ତ୍ତମାନର ଜଳ ସ୍ତର ବିଗତ ବର୍ଷ ଏବଂ ଦଶ ବର୍ଷର ହାରାହାରି ତୁଳନାରେ ସାମାନ୍ୟ ଅଧିକ ରହିଛି, ତଥାପି ଯେଉଁଭଳି ଭାବରେ ଜଳାଶୟଗୁଡ଼ିକ ଶୁଖିବାରେ ଲାଗିଛି, ତାହା ଆଗାମୀ ଦିନ ପାଇଁ ଏକ ବଡ଼ ଚେତାବନୀ। ମୌସୁମୀ ବର୍ଷା ଆସିବାରେ ବିଳମ୍ବ ହେଲେ ଦେଶରେ ପିଇବା ପାଣି ଏବଂ ବିଦ୍ୟୁତ ସଙ୍କଟ ଉତ୍କଟ ରୂପ ଧାରଣ କରିପାରେ ବୋଲି କୁହାଯାଉଛି।

## ଲଘୁଚାପକୁ ଅନେଇଛି...

ବୋଲି ଡ, ପଶୁପାଳକ କହିଛନ୍ତି। ସେହିପରି ମୌସୁମୀ ବିଳମ୍ବର ଦ୍ୱିତୀୟ କାରଣ ଭାବେ ବଙ୍ଗୋପସାଗରୀୟ ଶାଖାର ଆଚରଣକୁ ଡ. ପଶୁପାଳକ ଦର୍ଶାଇଛନ୍ତି। ପୂର୍ବ ପୂର୍ବାନୁମାନ ଅନୁଯାୟୀ ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ଥିଲା, ଯାହା ପୂର୍ବ ଭାରତକୁ ମୌସୁମୀର ଅଗ୍ରଗତିକୁ ତ୍ୱରାନ୍ୱିତ କରିଥା'ନ୍ତା। କିନ୍ତୁ ଏହା ବଦଳରେ ବଙ୍ଗୋପସାଗରୀୟ ପ୍ରବାହ ଦକ୍ଷିଣ-ପୂର୍ବ ଏବଂ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ବ୍ୟାପି ଏକ ବ୍ୟାପକ ଏବଂ ବିକ୍ଷିପ୍ତ ଆଦ୍ରତା କ୍ଷେତ୍ର ଭାବେ ବିକଶିତ ହୋଇଛି। ବାୟୁମଣ୍ଡଳରେ ଆଦ୍ରତା ପ୍ରଚୁର ପରିମାଣରେ ଥିଲେ ମଧ୍ୟ ଏକ ସୁସଂଗଠିତ ଘୂର୍ଣ୍ଣିବଳୟ କେନ୍ଦ୍ରର ଅଭାବ ଯୋଗୁଁ ବୃହତ ସ୍ତରୀୟ ମୌସୁମୀ ସଂଗଠନର ଗତି ମନ୍ଥର ହୋଇଯାଇଛି। ଏହା ସହିତ ଉଷ୍ଣକଟୀବନ୍ଧୀୟ ବାୟୁମଣ୍ଡଳର ଏକ ପ୍ରମୁଖ ଚାଳକ 'ମାଡେନ୍-ଜୁଲିଆନ୍ ଅସିଲେସନ୍' ଗତ କିଛି ସପ୍ତାହ ମଧ୍ୟରେ ପୂର୍ବ ଦିଗକୁ ମେରିଟାଇମ୍ କଣ୍ଟିନେଣ୍ଟ୍ ଏବଂ ପଶ୍ଚିମ ପ୍ରଶାନ୍ତ ମହାସାଗର ଆଡ଼କୁ ଗତି କରିଛି। ଏହା ଭାରତ ମହାସାଗର ଅଞ୍ଚଳରେ ବୃହତ ସ୍ତରୀୟ ବର୍ଷା ଅନୁକୂଳ ପ୍ରଭାବକୁ ହ୍ରାସ କରିଛି ଏବଂ ମୌସୁମୀ ପ୍ରବାହର ସଂଗଠନକୁ ମନ୍ଥର କରିବାରେ ସହାୟକ ହୋଇଛି ବୋଲି ଡ.ପଶୁପାଳକ ମତବ୍ୟକ୍ତ କରିଛନ୍ତି।

ଓଡ଼ିଶାକୁ ମୌସୁମୀ ଆଗମନ ସମ୍ପର୍କରେ ଡ.ପଶୁପାଳକ କହିଛନ୍ତି ଯେ କେରଳରେ ଏହି ବିଳମ୍ବିତ ସଂଗଠନର ଅର୍ଥ ଏହା ନୁହେଁ ଯେ ଓଡ଼ିଶାରେ ମଧ୍ୟ ସେତିକି ଦିନ ମୌସୁମୀ ବିଳମ୍ବ ହେବ। ବର୍ତ୍ତମାନର ବାୟୁମଣ୍ଡଳୀୟ ସ୍ଥିତି ଅନୁଯାୟୀ ଓଡ଼ିଶା ଆସନ୍ତା ସପ୍ତାହରେ ଏକ ପରିବର୍ତ୍ତନଶୀଳ ପ୍ରାକ୍-ମୌସୁମୀ ପର୍ଯ୍ୟାୟ ମଧ୍ୟରେ ଗତି କରିବ। ତେବେ ଏବେ ସବୁଠାରୁ ବଡ଼ ଅନିଶ୍ଚିତତା ବଙ୍ଗୋପସାଗରକୁ ନେଇ ରହିଛି। ଆସନ୍ତା ଏକରୁ ଦୁଇ ସପ୍ତାହ ମଧ୍ୟରେ ଯଦି କେନ୍ଦ୍ରୀୟ କିମ୍ବା ଉତ୍ତର ବଙ୍ଗୋପସାଗରରେ ଏକ ସୁସଂଗଠିତ ଲଘୁଚାପ କ୍ଷେତ୍ର ବିକଶିତ ହୁଏ, ତେବେ ଓଡ଼ିଶାକୁ ମୌସୁମୀର ଆଗମନ ଅତି ଦ୍ରୁତ ହେବ। ଯଦି ବଙ୍ଗୋପସାଗରୀୟ ଖଣ୍ଡ ଏହିପରି ବିକ୍ଷିପ୍ତ ରହେ, ତେବେ ଏହି ପରିବର୍ତ୍ତନ ପ୍ରକ୍ରିୟା ଧୀମା ହେବ ଏବଂ ସ୍ଥିର ମୌସୁମୀ ବର୍ଷା ସ୍ଥାପିତ ହେବା ପୂର୍ବରୁ ମଝିରେ ମଝିରେ ବଜ୍ରପାତ ସହ ବର୍ଷା, ଗୁଳୁଗୁଳି ପାଗ ଏବଂ ସାମୟିକ ଶୁଷ୍କ ପାଗ ଦେଖାଦେବ ବୋଲି ସେ କହିଛନ୍ତି।

## ଜେରା ହେବେ...

ବିଶ୍ୱାଳ, ପରିବାରବର୍ଗ, ଉପସ୍ଥିତ ଦୁଇ ଯୁବତୀ, ସହଯୋଗୀ ଓମ୍, ସ୍ଥାନୀୟ ଲୋକ ଏବଂ ସ୍ୱାଧୀନ ମତ ରଖୁଥିବା ସାକ୍ଷୀ, ସୌମ୍ୟଙ୍କୁ ହସ୍ପିଟାଲ ନେଇଥିବା ଲୋକ, ଫଟୋ ଏବଂ ଭିଡ଼ିଓ ଉତ୍ତୋଳନ କରୁଥିବା ବ୍ୟକ୍ତି ବିଶେଷମାନଙ୍କୁ ମଧ୍ୟ ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଏନ୍ଏଚ୍ଆର୍ସି ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ଠାରୁ ୫ଜୁନ୍ ମଧ୍ୟରେ ଏହି ଟିମ୍ ବାଲିଅନ୍ତାରେ ରହି ପ୍ରତ୍ୟେକ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବେ। ଭିଡ଼ ହତ୍ୟା ସମେତ ଜିଆର୍ପି କନ୍ଷ୍ଟେବଳ ସୌମ୍ୟଙ୍କୁ ଯେଉଁଭଳି ଭାବେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ଦ୍ୱାରା ଘରେ ରଖାଯାଇ ଘରୋଇ ସହାୟକ ଭାବେ ନିର୍ଯ୍ୟାତନ ଦିଆଯାଉଥିଲା ସେ ସବୁର ଟିକିନିକ୍ ତଦନ୍ତ ହେବ।

ଅନ୍ୟପକ୍ଷରେ ଏନ୍ଏଚ୍ଆରସିଙ୍କ ତଦନ୍ତ ବରିଷ୍ଠ ଆଇପିଏସ୍ ତଥା ଏଡ଼ିଜିଙ୍କ ଅଡୁଆ ବଢାଇପାରେ ବୋଲି କୁହାଯାଉଛି। ସେ କେଉଁଥି ପାଇଁ ସୌମ୍ୟଙ୍କୁ ନିଜ ଘରେ ରଖିଥିଲେ? କାହିଁକି ଜିମ୍ରେ ଖଟାଉଥିଲେ? ଏଡ଼ିଜିଙ୍କ କେତୋଟି ଜିମ୍ରେ ଜିଆର୍ପି କନେଷ୍ଟବଳ ସୌମ୍ୟ କାମ କରୁଥିଲେ? ସେ ସୌମ୍ୟଙ୍କୁ କିଭଳି ନିର୍ଯାତନା ଦେଉଥିଲେ? ଏନେଇ ଏଡିଜିଙ୍କୁ କମିସନ ପ୍ରଶ୍ନ କରିବାର ସମ୍ଭାବନା ରହିଛି। ସେହିପରି ଏହି ଘଟଣା ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ସମ୍ପୃକ୍ତ ସମସ୍ତ ସରକାରୀ ଅଧିକାରୀ, ଜନସାଧାରଣଙ୍କୁ ତଦନ୍ତ ସମୟରେ ଉପସ୍ଥିତ ରହିବାକୁ ଏନ୍ଏଚ୍ଆର୍ସି ଅନୁରୋଧ କରିଛନ୍ତି। ସାକ୍ଷୀମାନଙ୍କୁ ସରକାରୀ ଗେଷ୍ଟ ହାଉସ୍ କିମ୍ବା ସର୍କିଟ ହାଉସରେ ପଚରାଉଚରା କରାଯିବ। କମିସନଙ୍କ ଟିମ୍ ଅପରାହ୍ଣ ୧୨ଟାରେ ଭୁବନେଶ୍ୱର ଏୟାରପୋର୍ଟରେ ପହଞ୍ଚିବେ ଓ ଏହାପରେ ସେମାନେ ଘଟଣାସ୍ଥଳକୁ ଯିବେ। ଭାଷାଗତ ସମସ୍ୟା ଯୋଗୁଁ ସେମାନଙ୍କୁ ଜଣେ ଟ୍ରାନ୍ସଲେଟର ଏବଂ ବୟାନ ରେକର୍ଡ କରିବାକୁ ଟାଇପିଷ୍ଟ ସହ ଆବଶ୍ୟକ ସୁରକ୍ଷା ଯୋଗାଇ ଦେବାକୁ ମୁଖ୍ୟ ସଚିବ ଓ ପୁଲିସ ଡ଼ିଜିଙ୍କୁ ସୂଚନା ଦିଆଯାଇଛି। ସେହିପରି ଖୋର୍ଦ୍ଧା ଜିଲ୍ଲାପାଳ, ଦ୍ୱୈତନଗରୀ ପୁଲିସ କମିସନର, ଖୋର୍ଦ୍ଧା ଏସ୍ପି ଏବଂ ରେଳବାଇର ସୁପରିଟେଣ୍ଡେଣ୍ଟଙ୍କୁ ମଧ୍ୟ ଏନ୍ଏଚ୍ଆର୍ସି ତଦନ୍ତ ସମ୍ପର୍କରେ ଆଗୁଆ ଅବଗତ କରାଯାଇଛି।

## ଲାଭରେ କମ୍ପାନୀ...

ମିଳିବ ହେଲେ, ଉଚ୍ଚ ତୈଳ ଦର ସହ ଯୁଝୁଥିବା ସାଧାରଣ ଖାଉଟିଙ୍କୁ ଏଥିରୁ କୌଣସ ଆଶ୍ୱସ୍ତି ମିଳିବ ନାହିଁ।

ସରକାରୀ ବିଜ୍ଞପ୍ତି ଅନୁଯାୟୀ, ପେଟ୍ରୋଲ ରପ୍ତାନି ଉପରେ ପ୍ରତି ଲିଟର ୧.୫୦ ଟଙ୍କାର ଏକ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ରହିବ ଏବଂ ଏଥିରେ ସଡ଼କ ଏବଂ ଭିତ୍ତିଭୂମି ସେସ୍ ପ୍ରଯୁଜ୍ୟ ହେବ ନାହିଁ। ପୂର୍ବରୁ, ଏହା ୩ ଟଙ୍କା ଥିଲା। ସେହିପରି, ଡିଜେଲ ରପ୍ତାନି ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କ ପ୍ରତି ଲିଟର ୧୬.୫ଟଙ୍କାରୁ ୧୩.୫୦ ଟଙ୍କାକୁ ହ୍ରାସ କରାଯାଇଥିବାବେଳେ ଏଟିଏଫ୍ ଉପରେ ୧୬ ଟଙ୍କାରୁ ୯.୫୦ ଟଙ୍କାକୁ ହ୍ରାସ କରାଯାଇଛି। ତେବେ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ଘରୋଇ ବଜାରରେ ପ୍ରଚଳିତ ଉତ୍ପାଦ ଶୁଳ୍କ ହାରରେ କୌଣସି ପରିବର୍ତ୍ତନ ହୋଇନାହିଁ।

ଦେଶରେ ପ୍ରଥମ ଥର ପାଇଁ ୨୦୨୨ ଜୁଲାଇରେ ଅସ୍ଥାୟୀ (ୱିଣ୍ଡଫୁଲ) ଟିକସ ଲାଗୁ କରାଯାଇଥିଲା। ଇରାନ ଯୁଦ୍ଧ ବିଶ୍ୱବ୍ୟାପୀ ଅଶୋଧିତ ତୈଳ ଯୋଗାଣକୁ ବାଧା ଦେଇଥିଲା, ଯାହା ଫଳରେ ମୂଲ୍ୟରେ ତୀବ୍ର ବୃଦ୍ଧି ଘଟିଥିଲା। ଦେଶରେ ପେଟ୍ରୋଲିୟମ ଉତ୍ପାଦର ଉପଲବ୍ଧତା ବଜାୟ ରଖିବା ପାଇଁ ସରକାର ମାର୍ଚ୍ଚ ୨୭ରେ ରପ୍ତାନି ଶୁଳ୍କ ଲାଗୁ କରିଥିଲେ। ଅସ୍ଥାୟୀ ଟିକସ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଭଳି ବଡ଼ ଘରୋଇ ରିଫାଇନାରକୁ ପ୍ରଭାବିତ କରିଥାଏ, ଯେଉଁମାନେ କି ଯଥେଷ୍ଟ ପରିମାଣରେ ପେଟ୍ରୋଲିୟମ ଉତ୍ପାଦ ରପ୍ତାନି କରିଥାନ୍ତି। ଶୁକ୍ରବାର, ଅନ୍ତର୍ଜାତୀୟ ବଜାରରେ ଭାରତୀୟ ତୈଳ ବାସ୍କେଟର ମୂଲ୍ୟ ମାର୍ଚ୍ଚ ୬ ପରେ ପ୍ରଥମ ଥର ପାଇଁ ପ୍ରତି ବ୍ୟାରେଲ ୧୦୦ ଡଲାର ତଳକୁ ଖସିଯାଇଛି। ଗତ ସପ୍ତାହରେ ଅଶୋଧିତ ତୈଳ ମୂଲ୍ୟରେ ୧୧% ହ୍ରାସ ପାଇଛି।

## ଶୁଭମ୍ କୁମାର...

ଚଳିତ ବର୍ଷ ଜେଇଇ (ଆଡଭାନ୍ସଡ୍) ପାଇଁ ମୋଟ ୧,୮୭,୩୮୯ ଜଣ ପ୍ରାର୍ଥୀ ପଞ୍ଜୀକୃତ ହୋଇଥିବାବେଳେ ୧,୭୯,୬୯୪ ଜଣ ଉଭୟ ପେପରରେ ଅଂଶଗ୍ରହଣ କରିଥିଲେ। ସେଥିରୁ ୫୬,୮୮୦ ଜଣ ପ୍ରାର୍ଥୀ ଯୋଗ୍ୟତା ହାସଲ କରିଛନ୍ତି। ଉତ୍ତୀର୍ଣ୍ଣ ପ୍ରାର୍ଥୀଙ୍କ ମଧ୍ୟରେ ୧୦,୧୦୭ ଜଣ ଛାତ୍ରୀ ରହିଛନ୍ତି। ଜେଇଇ ଆଡଭାନ୍ସଡ ପରୀକ୍ଷାରେ ଯୋଗ୍ୟତା ହାସଲ କରିଥିବା ସମସ୍ତ ପ୍ରାର୍ଥୀଙ୍କୁ ଜୋସା (JoSAA)-୨୦୨୬ କାଉନସେଲିଂ ଓ ସିଟ୍ ବଣ୍ଟନ ପ୍ରକ୍ରିୟାରେ ସାମିଲ ହେବାକୁ ପରାମର୍ଶ ଦିଆଯାଇଛି।

## ୨୦୩୪କୁ ଘୁଞ୍ଚିବ...

ଦେଶରେ ଏକ ସମାନ ନିର୍ବାଚନ ବ୍ୟବସ୍ଥା ପ୍ରତିଷ୍ଠା ହୋଇପାରିବ। ଏହି ପ୍ରସ୍ତାବ ଉପରେ ଅଧ୍ୟୟନ କରୁଥିବା ମିଳିତ ସଂସଦୀୟ କମିଟିର କାର୍ଯ୍ୟକାଳକୁ ୨୦୨୬ ମସିହା ମୌସୁମୀ ଅଧିବେଶନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଅଧିବେଶନର ଶେଷ ସପ୍ତାହର ପ୍ରଥମ ଦିନରେ କମିଟିର ସୁପାରିସ ଉପରେ ସଂସଦରେ ଆଲୋଚନା ହେବ। ଭାରତରେ ୧୯୫୨ ରୁ ୧୯୬୭ ମସିହା ମଧ୍ୟରେ ପ୍ରଥମ ଚାରୋଟି ନିର୍ବାଚନ ଚକ୍ରରେ ଏକ ସଙ୍ଗେ ଲୋକସଭା ଏବଂ ବିଧାନସଭା ନିର୍ବାଚନ ହୋଇଥିଲା। ମାତ୍ର ବିଭିନ୍ନ ରାଜ୍ୟ ସରକାର ଭାଙ୍ଗିବା ଯୋଗୁଁ ଏହି ବ୍ୟବସ୍ଥା ବନ୍ଦ ହୋଇଯାଇଥିଲା।

**ବରଗଡ଼ ଧନୁଯାତ୍ରା ସ୍ୱାଗତ ତୋରଣ ନିର୍ମାଣରେ ଆର୍ଥିକ ଅନିୟମିତତା**

# ବିଜେପି ସାଂସଦଙ୍କ ଅଭିଯୋଗର ତଦନ୍ତ କରନ୍ତୁ ମୋହନ ସରକାର: ବିଜେଡି

ଭୁବନେଶ୍ୱର,୩୧।୫(ସମିସ): ସାରା ରାଜ୍ୟରେ ଦୁର୍ନୀତି, ନାରୀ ନିର୍ଯାତନା, ଆଇନଶୃଙ୍ଖଳା ବିପର୍ଯ୍ୟୟ ଆଦି ଦୈନନ୍ଦିନ ଘଟଣାରେ ପରିଣତ ହେଲାଣି। ଏସବୁକୁ ନେଇ ସରକାରଙ୍କ ଶାସନ ବ୍ୟବସ୍ଥା ଉପରେ ସାଧାରଣ ଲୋକେ ପ୍ରଶ୍ନ ଉଠାଉଛନ୍ତି। ଏବେ ଖୋଦ୍ ଶାସକ ଦଳର ସାଂସଦ ସରକାରୀ ଦଳ ଓ କଳର ଦୁର୍ନୀତିକୁ ନେଇ ପ୍ରଶ୍ନ ଉଠାଇଲେଣି। ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ସ୍ୱାଗତ ତୋରଣ ଭାଙ୍ଗିଯିବା ପରେ ଏହି ତୋରଣ ନିର୍ମାଣରେ ଆର୍ଥିକ ଅନିୟମିତତା ହୋଇଥିବା ନେଇ ବିଜେପିର ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଏହାର ସଠିକ୍ ତଦନ୍ତ କରିବାକୁ ସେ ଦାବି କରିଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କ ଦଳର ଜଣେ ସାଂସଦ ଆଣିଥିବା ଅଭିଯୋଗର ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ବିଜୁ ଜନତା ଦଳ ଦାବି କରିଛି।

ଏକ ପ୍ରେସ୍ ବିବୃତ୍ତିରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି ଯେ ବିଜେପି ସରକାରରେ ଦୁର୍ନୀତି ସବୁ ସୀମା ଟପିଗଲାଣି। ପୂର୍ବରୁ ସାଧାରଣ

## ସାଧାରଣ ଜନତାଙ୍କ ପରେ ଏବେ ପ୍ରଶ୍ନ ଉଠାଇଲେଣି ସାଂସଦ ପ୍ରଦୀପ

ଲୋକ ଅଭିଯୋଗ କରୁଥିଲେ; ଏବେ କିନ୍ତୁ ଖୋଦ୍ ବିଜେପି ଦଳର ସାଂସଦ ଅଭିଯୋଗ ଆଣିଲେଣି। ତେଣୁ ଶ୍ରୀ ପୁରୋହିତ ଆଣିଥିବା ଅଭିଯୋଗର ଯୁକ୍ତିଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାରେ ଅସୁବିଧା କେଉଁଠି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି।? ସେ ଆହୁରି କହିଛନ୍ତି ଯେ ବରଗଡ଼ ଧନୁଯାତ୍ରାର ଶୋଭା ବଢ଼ାଇବା ପାଇଁ ୨ରୁ ୨.୫ କୋଟି ବ୍ୟୟରେ ବରଗଡ଼ ଥାନା ସମ୍ମୁଖରେ ସ୍ୱାଗତ ତୋରଣ ଗେଟ୍ ନିର୍ମିତ ହୋଇଥିଲା। କିନ୍ତୁ ଝଡ଼ତୋଫାନରେ ଏହା ଭାଙ୍ଗି ଯାଇଛି। ତୋରଣ ନିର୍ମାଣ ସମୟରେ ଦୁର୍ନୀତି ତଥା ଅନିୟମିତତା ହେଉଥିବା ଅନୁଭବ କରି ପୂର୍ବରୁ ସାଂସଦ ପ୍ରଦୀପ ପୁରୋହିତ ମଧ୍ୟ ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ଅନୁରୋଧ କରିଥିଲେ। ସେତେବେଳେ ସରକାର ନିଦାବିଷ୍ଟ ଥିଲେ। କିନ୍ତୁ ଏବେ ଏହାର ସଠିକ୍ ତଦନ୍ତ କରି ଏଜେନ୍ସି ତଥା ସଂପୃକ୍ତ ଅଧିକାରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି କାହିଁକି ରାଜ୍ୟ ସରକାର ଏହାର ତଦନ୍ତ କରୁ ନାହାନ୍ତି। କାହିଁକି ମୋହନ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି।

ଗୋଟିଏ ପଟେ ସାଧାରଣ ଲୋକ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଅହେତୁକ ବୃଦ୍ଧିକୁ ନେଇ କଷ୍ଟରେ ଥିଲା ବେଳେ ଅନ୍ୟପଟେ ସାରା ରାଜ୍ୟରେ ରାହାଜାନୀ, ଚୋରି ଡକାୟତି, ନାରୀ ଅସୁରକ୍ଷିତ ଓ ଆଇନଶୃଙ୍ଖଳାର ଖୋଲା ଉଲ୍ଲଂଘନ ହେଉଛି। ରାଜ୍ୟ ସରକାର ନିଘୋଡ଼ ନିଦରେ ଶୋଇଥିବାରୁ ଦୁର୍ନୀତି ଓ ଅନିୟମିତତାର ଚେର ବଢ଼ିବାରେ ଲାଗିଛି। ବରଗଡ଼ ଧନୁଯାତ୍ରାର ସ୍ୱାଗତ ତୋରଣ ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦିଅନ୍ତୁ, ନଚେତ ଏ ଘଟଣାକୁ ନେଇ ଆଗାମୀ ଦିନରେ ବିଜେଡି ଜୋରଦାର ବିରୋଧ କରିବ ବୋଲି ଡ. ମହାନ୍ତି କହିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Rayagada, No.1010, dated 11.05.2026, I, Gokul Chandra Karjee, S/o Late Neeladri Chandra Karjee, Aged about 52 years, resident of Brahmin Street, Po/Ps/Block/ Dist.- Rayagada, Odisha, Pin-765001 hereby declare that I have changed my name from Gokula Chandra Karji to **Gokul Chandra Karjee.** Henceforth, I shall be known as **Gokul Chandra Karjee** for all purposes.

Sd/- **Gokul Chandra Karjee**

**AFFIDAVIT**

By virtue of an affidavit sworn before Executive Magistrate, Tihidi, Dtd: 31.05.2026, I, Dhananjaya Ghosh, S/o- Amar nath Ghosh, At: Mirjapur, Po:- Bhatapada ,Tihidi, Pin-756130, declare that I have changed the name of my son from Pruthwiraj Ghos (old name) to Prithiraj Ghosh (New name) and Date of birth 14.02.2006(wrong DOB) to 01.08.2007(New DOB) Henceforth, He shall be known as **Prithiraj Ghosh** for all purposes.

# ପରପୁରୁଷ ସହ ଦେଖିଦେବାରୁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ

ଦିଗପହଣ୍ଡି,୩୧।୫(ସମିସ): ପରପୁରୁଷ ସହ ଅନୈତିକ ସଂପର୍କ ଦେଖିଦେବାରୁ ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା ଉଦ୍ୟମ। ଏଭଳି ଏକ ଅଭିଯୋଗରେ ଦିଗପହଣ୍ଡି

## ସ୍ତ୍ରୀ ଗିରଫ, ପ୍ରେମିକ ଫେରାର୍

ପୁଲିସ୍ ଆଜି ଅଭିଯୁକ୍ତ ସ୍ତ୍ରୀ ଏସ୍. ରଶ୍ମିତା ରେଡ୍ଡୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁଯାୟୀ, ବାସୁଦେବପୁର ପଞ୍ଚାୟତ ବଜାପଲ୍ଲୀ ଗାଁ ଛକରେ ରହୁଥିବା ଏସ୍. ଶଙ୍କର ରେଡ୍ଡୀ ଓ ତାଙ୍କ ସ୍ତ୍ରୀ ଏସ୍. ରଶ୍ମିତା ରେଡ୍ଡୀ ରହନ୍ତି। ଇତିମଧ୍ୟରେ ରଶ୍ମିତାଙ୍କ ସହ ଲକ୍ଷ୍ମୀନାରାୟଣପୁର ଗ୍ରାମର ଦିବାକର ଦୋରାଙ୍କ ପ୍ରେମସଂପର୍କ ଗଢ଼ି ଉଠିଥିଲା। ଗତ ୨୨ତାରିଖ ରାତିରେ ଦିବାକର ଓ ରଶ୍ମିତା ଅସଂଯତ ଅବସ୍ଥାରେ ଥିବା ବେଳେ ଶଙ୍କର ଏହା ଦେଖିଦେଇଥିଲେ। ଶଙ୍କର ଏହାର ବିରୋଧ କରିବାରୁ ଦୁହେଁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଉଦ୍ୟମ କରିଥିଲେ। ଦିବାକର ଓ ରଶ୍ମିତା ମିଳିତ ଭାବେ ଶଙ୍କରଙ୍କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ। ଏନେଇ ଗତ ୨୪ ତାରିଖରେ ଶଙ୍କର ଦିଗପହଣ୍ଡି ଥାନାରେ ଏତଲା ଦେବାରୁ ପୁଲିସ ନଂ.୨୨୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅପରପକ୍ଷେ, ଗିରଫଦାରୀ ଭୟରେ ରଶ୍ମିତା ଓ ଦିବାକର ଭୁବନେଶ୍ୱର ଫେରାର୍ ହୋଇଯାଇଥିଲେ। ରବିବାର ରଶ୍ମିତା ଗାଁକୁ ଫେରିଥିବା ଖବର ପାଇ ପୁଲିସ ରଶ୍ମିତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅପରପକ୍ଷେ, ଅଭିଯୁକ୍ତ ପ୍ରେମିକ ଦିବାକର ଫେରାର୍ ଥିବା ଜଣାପଡ଼ିଛି।

■ ମହଙ୍ଗା ପଡ଼ିଲା କାର୍ଯ୍ୟରେ ଅବହେଳା

# ପାରାଦୀପ ଅବକାରୀ ଇନ୍ସପେକ୍ଟର୍ ନିଲମ୍ବିତ

ପାରାଦୀପ, ୩୧।୫ (ସମିସ): କାହାକୁ ନ ଜଣାଇ ଅନୁପସ୍ଥିତ ରହିବା, ଡ୍ୟୁଟିରେ ଅବହେଳା କରିବା ଘଟଣାକୁ ନେଇ ପାରାଦୀପ ଅବକାରୀ ଇନ୍ସପେକ୍ଟର୍ ବନ୍ଦନା ପଟ୍ଟନାୟକଙ୍କୁ ମହଙ୍ଗା ପଡ଼ିଛି। ଜିଲ୍ଲାପାଳଙ୍କ ସୁପାରିସ୍ ଆଧାରରେ ଅବକାରୀ କମିଶନର୍ ଇନସ୍ପେକ୍ଟର୍ ବନ୍ଦନା ନାୟକଙ୍କୁ ଚାକିରିରୁ ନିଲମ୍ବିତ କରିଛନ୍ତି। ସେହିପରି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା କରିବା

## ଅଧୀକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି

ଅଭିଯୋଗରେ ଅବକାରୀ ଅଧୀକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖିଛନ୍ତି ଜିଲ୍ଲାପାଳ।

ମିଳିଥିବା ସୂଚନାନୁସାରେ, ୨୨ତାରିଖରେ ଜିଲ୍ଲାପାଳଙ୍କ ନେତୃତ୍ୱରେ ଅଠରବାଙ୍କୀଠାରେ ସର୍ବସାଧାରଣରେ ମଦ୍ୟପାନ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ମଦୁଆ ଧରପଗଡ଼ କରାଯାଇଥିଲା। ସେହି ସମୟରେ ପାରାଦୀପ ରେଞ୍ଜ ଅବକାରୀ ଇନସ୍ପେକ୍ଟର ବନ୍ଦନା ପଟ୍ଟନାୟକଙ୍କୁ ଖୋଜା ପଡ଼ିଥିଲା। କିନ୍ତୁ ସେ ଅନୁପସ୍ଥିତ ଥିଲେ। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକଙ୍କୁ ମଧ୍ୟ ଅବଗତ କରାଯାଇଥିଲା। ଇନ୍ସପେକ୍ଟର୍ ବନ୍ଦନା ପଟ୍ଟନାୟକ ଉପରିସ୍ଥ ଅଧିକାରୀଙ୍କୁ ନ ଜଣାଇ ଭୁବନେଶ୍ୱର ପାହାଳସ୍ଥିତ ତାଙ୍କ ଘରକୁ ଚାଲିଯାଇଥିଲେ। ଇନ୍ସପେକ୍ଟର୍ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲାପାଳ ଅବକାରୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ଅବକାରୀ ଅଧୀକ୍ଷକ କାର୍ଯ୍ୟାନୁଷ୍ଠାନ ନନେଇ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ଜିଲ୍ଲାପାଳ ଏହା ଜାଣିବା ପରେ ଅବକାରୀ ଅଧୀକ୍ଷକଙ୍କ ଉପରେ କ୍ଷୁବ୍ଧ ହେବା ସହ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଥିଲେ। ପରେ ଇନ୍ସପେକ୍ଟର୍ଙ୍କ ବିରୋଧରେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବକାରୀ କମିଶନରଙ୍କୁ ଚିଠି ଲେଖିଥିଲେ ଜିଲ୍ଲାପାଳ। ଜିଲ୍ଲାପାଳଙ୍କ ସୁପାରିସ୍ ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେହିପରି ଅବକାରୀ ଅଧୀକ୍ଷକଙ୍କ ଦରମା ବନ୍ଦ ପାଇଁ ବିଭାଗକୁ ଚିଠି ଲେଖା ଯାଇଥିବା ଜଣାପଡ଼ିଛି।

# ପଦୋନ୍ନତି ପୂର୍ବରୁ ବଦଳି ପ୍ରକ୍ରିୟା ସାରିବାକୁ ଟିଜିଟି ଶିକ୍ଷକଙ୍କ ଦାବି

ଭୁବନେଶ୍ୱର, ୩୧।୫ (ସମିସ): ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ପଦୋନ୍ନତି ପୂର୍ବରୁ ଟିଜିଟି ଶିକ୍ଷକଙ୍କ ବଦଳି ପ୍ରକ୍ରିୟା ସାରିବାକୁ ଆଶାୟୀ ଶିକ୍ଷକମାନେ ଦାବି କରିଛନ୍ତି। ଶିକ୍ଷକଙ୍କ କହିବା ଅନୁଯାୟୀ, ସରକାରୀ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକଙ୍କ ବଦଳି ପାଇଁ ଅନଲାଇନ୍ ଆବେଦନ ପ୍ରକ୍ରିୟା ଗତ ୨୬ତାରିଖରୁ ଆରମ୍ଭ ହୋଇଛି। ଅପରପକ୍ଷରେ ବରିଷ୍ଠ ମାଧ୍ୟମିକ ପ୍ରଧାନ ଶିକ୍ଷକ ପଦୋନ୍ନତି ପାଇଁ ଡିପିସି ପ୍ରକ୍ରିୟା ବହୁ ପୂର୍ବରୁ ଶେଷ ହୋଇଥିଲେ ମଧ୍ୟ ପଦୋନ୍ନତି ତାଲିକା ପ୍ରକାଶ ପାଇନାହିଁ। ପଦୋନ୍ନତି ପାଇଁ ଯୋଗ୍ୟ ଅନେକ ଟିଜିଟି ଶିକ୍ଷକ ବଦଳି ପାଇଁ ଆବେଦନ କରିଥିବାରୁ ପ୍ରଥମେ ବଦଳି ପ୍ରକ୍ରିୟା ଶେଷ କରି ପରେ ପଦୋନ୍ନତି କରିବାକୁ ସେମାନେ ଦାବି କରିଛନ୍ତି। ସେମାନଙ୍କ ମତରେ, ଏହାଦ୍ୱାରା ଶିକ୍ଷକମାନେ ନିଜ ପସନ୍ଦର ସ୍ଥାନରେ ବଦଳି ସୁଯୋଗ ପାଇବେ ଏବଂ ପଦୋନ୍ନତି ପରବର୍ତ୍ତୀ ପାରିବାରିକ ଓ ପ୍ରଶାସନିକ ସମସ୍ୟାରୁ ରକ୍ଷା ପାଇପାରିବେ।

# ସାପ ବନ୍ଧନରେ ପକ୍ଷାଘାତ ରୋଗୀ

ବୌଦ୍ଧ, ୩୧।୫(ସମିସ): ପକ୍ଷାଘାତ ରୋଗୀଙ୍କୁ ଦୀର୍ଘ ୨ଘଣ୍ଟା ଧରି ବାନ୍ଧି ରଖିଲା ସାପ। ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ଆଡ଼େନିଗଡ଼ ଗ୍ରାମରେ ଘଟିଥିବା ଏପରି ଏକ ଘଟଣା ଆଜି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ଗାଁର କୃଷ୍ଣଚନ୍ଦ୍ର ସାହୁ ଜଣେ ପକ୍ଷାଘାତ ରୋଗୀ। ସେ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଘରର ଝରକା ଦେଇ ଗୋଟିଏ ସାପଟି ଭିତରକୁ ପଶି ଆସି କୃଷ୍ଣଚନ୍ଦ୍ରଙ୍କ ଉପରେ ଚଢ଼ି ଯାଇଥିଲା। ସେ ଏହା ଜାଣିପାରିଥିଲେ ହେଁ ହଠାତ୍ ଉଠି ପାରିନଥିଲେ କି କାହାକୁ ପାଖକୁ ଡାକି ପାରିନଥିଲେ। ରୋଗରେ



## ୨ ଘଣ୍ଟା ବାନ୍ଧି ରଖିଲା ସାପ

ପୀଡ଼ିତ ଥିବାରୁ ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। କିଛି ସମୟ ପରେ କୃଷ୍ଣ ଉଠିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ, ସେତେବେଳକୁ ସାପଟି ତାଙ୍କ ହାତକୁ ଏକ ଚେୟାର୍ ସହ ଜୋର୍ରେ ଗୁଡ଼ାଇ ବାନ୍ଧିସାରିଥିଲା। କୃଷ୍ଣଙ୍କ ପାଟି ଶୁଣି ପରିବାର ଲୋକେ ଏହା ଦେଖିବା ପରେ ଭୟଭୀତ ହୋଇପଡ଼ିଥିଲେ। ପରିବାରଲୋକେ ଅତି ସତର୍କତାର ସହ ପ୍ରାୟ ୨ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ସାପ କବଳରୁ କୃଷ୍ଣଙ୍କୁ ସୁରକ୍ଷିତ ଉଦ୍ଧାର କରିଥିଲେ। ପରେ ସାପଟିକୁ ଘର ବାହାରକୁ ସୁରକ୍ଷିତ ଭାବେ ନେଇ ଛାଡ଼ି ଦିଆଯାଇଥିଲା। ଏବେ ଏହି ଆଶ୍ଚର୍ଯ୍ୟଜନକ ଘଟଣା ପୂରା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

**ସୂଚନା**

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜଣାଯାଉଛି ଯେ ନିମ୍ନଲିଖିତ ମୂଳ ଦଲିଲଟି ଘରୋଇ ସାମଗ୍ରୀ ସ୍ଥାନାନ୍ତର ସମୟରେ କେଉଁଠି ହଜିଯାଇଥିବା/ହରାଇଯାଇଥିବା ସମ୍ଭାବନା ଅଛି ଏବଂ ବହୁ ଖୋଜାଖୋଜି କରିଲେ ମଧ୍ୟ ଏହା ମିଳୁନାହିଁ: ବିକ୍ରୟ ଦଲିଲ (Sale Deed) ନଂ: 606/2003, ପଞ୍ଜୀକରଣ କର୍ତ୍ତୃପକ୍ଷ: ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ, ଗୁଣୁପୁର, ସମ୍ପତ୍ତିର ଅବସ୍ଥିତି: ଶାନ୍ତି ନଗର, ଗୁଣୁପୁର, ଜିଲ୍ଲା ରାୟଗଡା* ଜମିର ପରିମାଣ: 0.05 ଏକର, ମାଲିକଙ୍କ ନାମ: ଶ୍ରୀମତୀ ପଦ୍ମାବତୀ ଚୌଧୁରୀ ଉକ୍ତ ଦଲିଲ ହରାଇଯିବା ସମ୍ବନ୍ଧରେ ବିଷମ କଟକ ଥାନାରେ ଜି.ଡି. ନଂ 011, ତାରିଖ 30/05/2026 ରେ ଅଭିଯୋଗ ଦାଖଲ କରାଯାଇଛି। ଯଦି କୌଣସି ବ୍ୟକ୍ତି ଉକ୍ତ ମୂଳ ଦଲିଲଟି ପାଇଥାନ୍ତି କିମ୍ବା ଏହା ସମ୍ବନ୍ଧରେ କୌଣସି ସୂଚନା ଜାଣିଥାନ୍ତି, ତେବେ ଏହି ସୂଚନା ପ୍ରକାଶ ପାଇବାର 7 ଦିନ ମଧ୍ୟରେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। ଶ୍ରୀମତୀ ପଦ୍ମାବତୀ ଚୌଧୁରୀ, ସି.ଏଚ୍. ନଂ-09, ଚନ୍ଦ୍ରଚାଗୁଡା, ବିଷମ କଟକ, ଜିଲ୍ଲା-ରାୟଗଡା-765019, ମୋବାଇଲ: 8456001373

**କଟକ ଉନ୍ନୟନ କର୍ତ୍ତୃପକ୍ଷ**
CDA
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/701/2627

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର - 7 ରେ ପ୍ଲଟ୍ ନଂ-F/358 ଟିକୁ ଶ୍ରୀ ପ୍ରଦୋଷ ଚନ୍ଦ୍ର ମହାନ୍ତି, ପିତା- ୰ ପ୍ରକାଶ ଚନ୍ଦ୍ର ମହାନ୍ତି, ସା-ପ୍ଲଟ ନଂ-F/358, ସେକ୍ଟର-୭, ସିଡିଏ, ଥା-ମର୍କତ ନଗର, ପୋ-ଅଭିନବ ବିଡାନାସୀ, ଜିଲ୍ଲା- କଟକ-୭୫୩୦୧୪ କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ପ୍ରଦୋଷ ଚନ୍ଦ୍ର ମହାନ୍ତି ଉକ୍ତ ପ୍ଲଟ ସହିତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ବନଜାଲକ୍ଷ୍ମୀ ପରିଡା, ସ୍ୱାମୀ- ୰ ଅଞ୍ଜନ କୁମାର ସାମଲ, ପିତା- ରମେଶ ଚନ୍ଦ୍ର, ସା-ହରିପୁର, ଥା-ରାମଚନ୍ଦ୍ରପୁର, ଜିଲ୍ଲା-ଯାଜପୁରଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ସହିତ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର(15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

OIPR-13001/13037/1/26-27/0038 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

**ODISHA HYDRO POWER CORPORATION LIMITED** 4001/118/2627
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT; Post: BALIMELA, Dist: MALKANGIRI (ODISHA); PIN: 764051
Phones: 06861-291058(O) / 06861-291048(R)
E-mail: bhep.balimela@gmail.com, unit.head_balimela@yahoo.com

**TENDER CALL NOTICE NO: BHEP/09/2026-27, DATED: 29.05.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC (Refundable) in Rs. | Period of Availability of Tender at OHPC Website | Last Date & Time of Receipt of Tender | Date & Time of Opening of Bid |
|---|---|---|---|---|---|---|
| 01 | HIRING OF 01 (ONE) NUMBER OF VEHICLE (TUV 300/BOLERO/SUMO GOLD/ERTIGA) WITH SINGLE DRIVER PROVISION FOR THREE (03) YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty only) | Rs. 17,500/- | From 01.06.2026 to up to 11.30 hrs on 12.06.2026 | 11:30 Hrs of 12.06.2026 | 12:00 Hrs of 12.06.2026 |

For details of the tender documents, terms & conditions please visit our website www.ohpcltd.com.

C&P Head
BHEP, Balimela

OIPR-4001/4019/1/26-27/0008

**OFFICE OF THE NOTIFIED AREA COUNCIL, DHARAMGARH**
(Dt.)-KALAHANDI
E-mail: nacdharamgarh@gmail.com
No. 2092 /DMH Dated. 21.05.2026
13001/705/2627

**Quotation Call Notice**

| | |
|---|---|
| Name of the work | Supply, Installation, Commissioning of Solar LED based Traffic Blinker System under Dharmagarh NAC. |
| No of works | 01 No |
| Tender notice no. & Date | 2088/DMH, Dt.21.05.2026 |
| Agency | As per eligibility |
| Period of Tender | 2 Months |
| Available of Documents | Dt.29.05.2026 to Dt.08.06.2026 (In Office Hours) at NAC Office Dharamgarh |
| EMD & Tender Paper Cost | Rs.5,000.00 & Rs.1,000.00 |
| Last date of receipt of bid documents | Upto 01:00 PM of Dt.08.06.2026 |
| Date of opening of Bid | 10:00 AM of Dt.09.06.2026 |
| Name and address of the Officer inviting the notice | Executive Officer, NAC, Dharamgarh, Kalahandi |

OIPR-13001/13163/1/26-27/0007

Executive Officer
NAC, Dharamgarh

## ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ: ୨ ଗିରଫ

ଓଡ଼ଗାଁ,୩୧।୫(ସମିସ): ଓଡ଼ଗାଁ ଥାନା କୋରପିଠା ହରିଜନ ସାହିରେ ଭୁଲ ବୁଝାବଣାକୁ କେନ୍ଦ୍ରକରି ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଛି। ପୁଲିସ ଦୁଇଟି ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରିଛି।



ରବିବାର ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାବଣ ଓରଫ ଲକ୍ଷ୍ମଣ ନାୟକ ଓ କୁମୁଦ ନାୟକ। ପୁଲିସ ସୂଚନା ଅନୁସାରେ, ବାନାମ୍ବର ନାହାକଙ୍କ ବାପା ଗତ ତିନିଦିନ ଧରି ଝାଡ଼ା ରୋଗରେ ପୀଡ଼ିତ ଥିଲେ। ଏହି ସମୟରେ ବାନାମ୍ବରଙ୍କ ସ୍ତ୍ରୀ ପ୍ରତିଭା ଶଶୁରଙ୍କ ସେବା କରୁଥିବା ବେଳେ ସ୍ୱାମୀ ଓ ପୁଅଙ୍କ ପକ୍ଷରୁ ସହଯୋଗ ନ ମିଳିବାରୁ ସେ ସେମାନଙ୍କ ସହ ପାଟିତୁଣ୍ଡ କରିଥିଲେ। ଘର ସମ୍ମୁଖରେ ରହୁଥିବା ରାବଣ ନାୟକ ପ୍ରତିଭା କାଳେ ତାଙ୍କୁ ଗାଳିଗୁଲଜ କରୁଛନ୍ତି ଭାବି ପରିବାର ଲୋକଙ୍କ ସହ ଆସି ବଚସା କରିଥିଲେ। ଦିନବେଳେ ଘଟିଥିବା ଏହି ଘଟଣା ଶାନ୍ତ ପଡ଼ିଥିଲେ ମଧ ରାତିରେ ପୁଣି ଗଣ୍ଡଗୋଳ ହୋଇଥିଲା। ଅଭିଯୋଗ ଅନୁଯାୟୀ, ରାବଣ ନାୟକ ତାଙ୍କ ସହଯୋଗୀଙ୍କୁ ନେଇ ବାନାମ୍ବରଙ୍କ ଘରକୁ ଯାଇ ଗଣ୍ଡଗୋଳ କରିଥିଲେ। ଏହି ଘଟଣାରେ ବାନାମ୍ବରଙ୍କ କାନର କିଛି ଅଂଶ ଛିଣ୍ଡି ଯାଇଥିବା ବେଳେ ଅନ୍ୟ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଛି। ଗତ ୩୦ ତାରିଖ ଉଭୟ ପକ୍ଷରୁ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ଦୁଇଟି ମାମଲା ରୁଜୁ କରି ୨ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

● ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ

## ନୂତନ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ

ନୟାଗଡ଼,୩୧।୫(ସମିସ): ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିପିନ କୁମାର ପଟ୍ଟନାୟକ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ପ୍ରକାଶ କୁମାର ରାଉତ ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ମହାବିଦ୍ୟାଳୟ ପରିସରରେ ଆୟୋଜିତ ସ୍ୱତନ୍ତ୍ର ସଭାରେ ବିଦାୟୀ ଅଧ୍ୟକ୍ଷ ପଟ୍ଟନାୟକ ନବନିଯୁକ୍ତ ଅଧ୍ୟକ୍ଷ ରାଉତଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଦାୟିତ୍ୱ ଗ୍ରହଣ କରି ପ୍ରକାଶ କୁମାର ରାଉତ କହିଛନ୍ତି, ବିକାଶ ଧାରାକୁ ଆଗକୁ ନେବା ସହ ମହାବିଦ୍ୟାଳୟକୁ ରାଜ୍ୟର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଗଢ଼ି ତୋଳିବା ପ୍ରାଥମିକତା ହେବ। ରାଉତ ଜଣେ ଅନୁଭବୀ ଶିକ୍ଷାବିତ୍ ଓ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସୁପରିଚିତ ବ୍ୟକ୍ତିତ୍ୱ। ଏହି ଅବସରରେ ମହାବିଦ୍ୟାଳୟର ସମସ୍ତ ବିଭାଗର ମୁଖ୍ୟ, ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।



## ଅବସର ଗ୍ରହଣ କଲେ ସୂଚନା ଓ ଲୋକସମ୍ପର୍କ ଅଧିକାରୀ



ନୟାଗଡ଼,୩୧।୫(ସମିସ): ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ରବିବାର ଅବସର ଗ୍ରହଣ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧ୍ୟକ୍ଷତାରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଡେପୁଟି କଲେକ୍ଟର ତପସ୍ୱିନୀ ହାଁସଦା ଏବଂ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଭାରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଚାର୍ଯ୍ୟ ନୟାଗଡ଼ରେ ଦୀର୍ଘ ଏକ ବର୍ଷ କାଳ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଥିଲେ।

**ଦାୟିତ୍ୱ ଗ୍ରହଣ କଲେ କ୍ରୀଡ଼ା ଅଧିକାରୀ**

## ଓସିଏସ ପରୀକ୍ଷାରେ କୃତକାର୍ଯ୍ୟ ଶ୍ୱେତାଙ୍କୁ ସମ୍ବର୍ଦ୍ଧନା



ରଣପୁର,୩୧।୫(ସମିସ): ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ ୧୫୯ ନମ୍ବର ରାଙ୍କରେ ସଫଳତା ହାସଲ କରିଥିବା ରଣପୁର ବ୍ଲକ ସୂର୍କାବାଡ଼ି ଗ୍ରାମର ପ୍ରମୋଦ ସେଠୀ ଓ ଜାନକୀ ସେଠୀଙ୍କ ଝିଅ ଶ୍ୱେତା ସୁଚରିତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ନୟାଗଡ଼ ଜିଲ୍ଲା ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ ଦେବାଶିଷ ପଟ୍ଟନାୟକ, ସୁର୍କାବାଡ଼ି ସମିତି ସଭ୍ୟା ଅନୁରାଧା ମିଶ୍ର, ବରିଷ୍ଠ ନେତା ଶଙ୍କର ସାହୁ, କୃଷ୍ଣଚନ୍ଦ୍ର ମିଶ୍ର ଏବଂ ଭାସ୍କର ସେଠୀ ଶ୍ୱେତା ଓ ଓଡ଼ିଶା ହାଇ କୋର୍ଟରେ ସେକ୍ସନ ଅଫିସର ଭାବେ ନିଯୁକ୍ତି ପାଇଥିବା ତାଙ୍କ ସାନ ଭଉଣୀ ଶ୍ୱାତି ସ୍ୱାଗତିକାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ବ୍ରାଉନସୁଗର କବଳରେ ନୟାଗଡ଼

ନୟାଗଡ଼,୩୧।୫(ସମିସ)

ବ୍ୟାପକ ବ୍ରାଉନସୁଗର କାରବାର ହେଉଥିବା ଖୋର୍ଦ୍ଧା ଜିଲ୍ଲାରେ ପୁଲିସ ତତ୍ପରତାର ସହ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବ୍ରାଉନସୁଗର ଜବତ କରୁଛି। ତେବେ ଖୋର୍ଦ୍ଧାରୁ ନୟାଗଡ଼କୁ ଚେର ଲମ୍ବାଇଥିବା ମାଫିଆଙ୍କୁ ନୟାଗଡ଼ ପୁଲିସ ଧରିବାକୁ ସାମାନ୍ୟତମ ଆନ୍ତରିକତା ପ୍ରକାଶ କରୁନାହିଁ। ନୟାଗଡ଼ ଏସ୍‌ପି ଭାବେ ଦାୟିତ୍ୱରେ ଥିବା ସିଦ୍ଧାର୍ଥ କାଟରିଆଙ୍କ ସମୟରେ ବ୍ରାଉନସୁଗର କାରବାରକୁ ନେଇ ପୁଲିସ ବଳିଷ୍ଠ ପଦକ୍ଷେପ ନେଇଥିଲା। ଅନେକ ବ୍ରାଉନସୁଗର ବେପାରୀଙ୍କୁ ପୁଲିସ ଗିରଫ କରି ଜେଲରେ ପୂରାଇଥିଲା। ତାଙ୍କ ବଦଳି ପରଠାରୁ ନୟାଗଡ଼ ଜିଲ୍ଲାରେ ଆଦୌ ଆଖିଦୃଶିଆ ଧରପଗଡ଼ ହେଉ ନ ଥିବା ଜଣାପଡ଼ିଛି। ଜିଲ୍ଲାର ରଣପୁର ଓ ଫତେଗଡ଼ ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗର କାରବାର ହେଉଛି। ଖୋର୍ଦ୍ଧା ଲିଙ୍କରେ ଏହି କାରବାର ଚାଲୁଥିବାରୁ ଖୋର୍ଦ୍ଧା ନିକଟତର ଏହି ଥାନା ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗର କାରବାର ହେଉଛି। ସମାନ ଭାବେ ଇଟାମାଟି, ଟାଉନଥାନା, ଶରଣକୁଳ ଓ ସଦରଥାନା ଅଞ୍ଚଳରେ ମଧ ବ୍ୟାପକ କାରବାର ଚାଲୁଛି। ଫଳରେ ଏହି ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି, ଡକାୟତି ଓ ରାହାଜାନୀ ବୃଦ୍ଧି ପାଉଛି। ଗଣିଆ ଥାନା ଅଞ୍ଚଳରେ ପୂର୍ବରୁ ବ୍ରାଉନସୁଗର କାରବାର ନ ଥିବା ବେଳେ ଏବେ କିଛି ନିଶାଖୋର ଯୁବକ ଫତେଗଡ଼ ଅଞ୍ଚଳରୁ ନେଇ ବ୍ରାଉନସୁଗର କାରବାର କରୁଛନ୍ତି। ଖଣ୍ଡପଡ଼ା ଥାନା ଖଳିସାହିରେ ଜଣେ ବଡ଼ ବ୍ୟବସାୟୀ ପୂରା କାରବାରକୁ ନିୟନ୍ତ୍ରଣ କରୁଥିବା ବେଳେ ଟାଉନଥାନା ଓ ରଣପୁର ଥାନା ଅଞ୍ଚଳରେ ବ୍ୟାପକ ମାଫିଆ ରହିଛନ୍ତି। ଖୋର୍ଦ୍ଧାରୁ ବାଇକ ଓ କାର ଯୋଗେ ପ୍ରତ୍ୟେକ ଦିନ ବ୍ରାଉନସୁଗର ନୟାଗଡ଼ ଜିଲ୍ଲାକୁ ଆସୁଥିବା ବେଳେ ଧରପଗଡ଼ ଆଦୌ ହେଉନାହିଁ। ପୁଲିସ ଥାନାକୁ ଆସୁଥିବା ଗଣ୍ଡଗୋଳ, ପାରିବାରିକ ବିବାଦ, ଜମିଜମା ମାମଲା ସମାଧାନ କରୁ କରୁ ବେଳ ଯାଉଥିବା ବେଳେ ନିଶା କାରବାର ପ୍ରତି ଆଦୌ ଧ୍ୟାନ ଦିଆଯାଉନାହିଁ। ଜିଲ୍ଲା ପୁଲିସ ପକ୍ଷରୁ ଗଠନ ହୋଇଥିବା ସ୍ପେଶାଲ୍ ସ୍କ୍ୱାଡ୍ ଦୀର୍ଘଦିନ ହେବ ଭାଙ୍ଗି ଦିଆଯାଇଛି। ଏହି ସ୍କ୍ୱାଡ୍‌ରେ ଥିବା କିଛି ପୁଲିସ କର୍ମଚାରୀ ବିଗତ ଦିନରେ ମାଫିଆ ଲିଙ୍କରେ ରହି ସେମାନଙ୍କୁ ସୁରକ୍ଷା ଦେଉଥିବା ଅଭିଯୋଗ ହୋଇଥିଲା। ଏହା ମଧ୍ୟରେ ତିନିଜଣ ଏସ୍‌ପି ନୟାଗଡ଼ରେ କାର୍ଯ୍ୟ କରିସାରିଥିବା ବେଳେ ନିଶା କାରବାର ରୋକିବାକୁ କୌଣସି ବଳିଷ୍ଠ ପଦକ୍ଷେପ ନିଆଯାଉନାହିଁ। ଅବକାରୀ ବିଭାଗ ମଧ ଦେଶୀ ମଦ ବେପାରୀଙ୍କୁ ଧରିବା ବ୍ୟତିରେକ ଅନ୍ୟ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ ହେଉଛି। ଅବକାରୀ ବିଭାଗ ଗଞ୍ଜେଇ, ଦେଶୀ ମଦ ଧରି ବାହାବା ନେଉଥିବା ବେଳେ ବ୍ରାଉନସୁଗର ଜିଲ୍ଲାକୁ କବଳିତ କରିବାକୁ ବସିଲାଣି। ଜିଲ୍ଲାରେ ପୁଲିସ ଓ ଅବକାରୀ ବିଭାଗ ଏହାକୁ ଦୃଷ୍ଟି ଦେଉ ନ ଥିବା ବେଳେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ରବିବାର ବିପୁଳ ବ୍ରାଉନସୁଗର ଜବତ କରିବା ସମସ୍ତଙ୍କୁ ଚକିତ କରିଛି।

**● ମାଲ ମାଲ ବେପାରୀ, କୋଟି କୋଟି ଟଙ୍କାର କାରବାର**
**● ପୁଲିସ ଓ ଅବକାରୀ ବିଭାଗ ନିରବଦ୍ରଷ୍ଟା**

### ୨୨୧ ଗ୍ରାମ ବ୍ରାଉନସୁଗର ଜବତ, ଜଣେ ଗିରଫ

ନୟାଗଡ଼: ନୟାଗଡ଼ ଜିଲ୍ଲା ଚାନ୍ଦପୁର ଥାନା ଅଞ୍ଚଳରେ ଚଢ଼ଉ କରି କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ରବିବାର ୨୧୧ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ଚାନ୍ଦପୁର ଥାନା ମୟୂରଝାଲିଆ ପଞ୍ଚାୟତ ଶ୍ୟାମଘନପୁରର ସଚ୍ଚିନ ପ୍ରଧାନ। ସଚ୍ଚିନ ଦୀର୍ଘଦିନ ଧରି ବ୍ରାଉନସୁଗର କାରବାର କରି ଆସୁଥିଲେ। ପୂର୍ବରୁ ଜିଲ୍ଲା ଅବକାରୀ ମୋବାଇଲ ସ୍କ୍ୱାଡ୍ ତାଙ୍କୁ ଗିରଫ କରିଥିଲା। ଜେଲରୁ ଫେରିବା ପରେ ସେ ପୁଣି ଖୋର୍ଦ୍ଧା ଲିଙ୍କରେ ରହି ବ୍ରାଉନସୁଗର କାରବାର କରୁଥିଲେ। ଖବରପାଇ ଅବକାରୀ କମିଶନର ଅଭିଷେକ ରେଡ୍ଡୀ, ଡେପୁଟି କମିଶନର ଡମ୍ବରୁଧର ଖଣ୍ଡାଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗ୍ରାମରେ ଚଢ଼ଉ କରିଥିଲା। ଅବକାରୀ ଇନ୍ସପେକ୍ଟର ଅବନୀ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏସଆଇ ବିଭୂତି କୁମାର ପ୍ରଧାନ, ଏଏସଆଇ କିଶୋର ଚନ୍ଦ୍ର ରାଉତ, ଥବିର ପଟ୍ଟନାୟକଙ୍କ ସହ ଟିମ୍ ଚଢ଼ଉ କରି ସଚ୍ଚିନଙ୍କ ପାଖରୁ ୨୨୧ ଗ୍ରାମ ବ୍ରାଉନସୁଗର ଜବତ କରିଛନ୍ତି। ସେ କେଉଁଠାରୁ ବ୍ରାଉନସୁଗର ଆଣୁଥିଲେ ଏବଂ କାହାକୁ ବିକ୍ରି କରୁଥିଲେ ତାହାର ତଦନ୍ତ ଚାଲିଛି।

## ବାସୁଦେବ ଫାଉଣ୍ଡେସନ୍ ପକ୍ଷରୁ ମେଧା ଶିକ୍ଷା ସମ୍ମାନ ଓ ସମ୍ବର୍ଦ୍ଧନା




ଗଣିଆ,୩୧।୫(ସମିସ): ଗଣିଆ ବିନ୍ଧ୍ୟଗିରି ଭବନରେ ବାସୁଦେବ ଫାଉଣ୍ଡେସନ ତରଫରୁ ସମ୍ବର୍ଦ୍ଧନା ସଭା ଓ ମେଧା ଶିକ୍ଷା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ମୁଖ୍ୟବକ୍ତା ଭାବେ ହାଡ଼ିବନ୍ଧୁ ଚୌଧୁରୀ, ସମ୍ମାନିତ ଅତିଥି ଭାବେ ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ବନମାଳୀ ବାରିକି, ମହାବିଦ୍ୟାଳୟ ଅଧ୍ୟକ୍ଷ ସଞ୍ଜୟ କୁମାର ପଣ୍ଡା, ବାସୁଦେବ ଫାଉଣ୍ଡେସନ ପ୍ରତିଷ୍ଠାତା ତଥା ପୂର୍ବତନ ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଶିକ୍ଷାବିତ କୁଳମଣି ବାରିକଙ୍କ ସମେତ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସମ୍ପାଦକ ବଳରାମ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରକ୍ତଦାନ ଶିବିର, ବନ୍ୟା ପ୍ରପୀଡ଼ିତଙ୍କୁ ସହାୟତା, ଚାରାରୋପଣ, ଶିକ୍ଷାର ବିକାଶ, ଗରିବ ଶିକ୍ଷାର୍ଥୀଙ୍କୁ ସହାୟତା, ମେଧା ସମ୍ମାନ ଭଳି ଅନେକ ଜନହିତକର କାର୍ଯ୍ୟକ୍ରମ ଫାଉଣ୍ଡେସନ୍ ପକ୍ଷରୁ ଆୟୋଜିତ ହେଉଥିବା ଅତିଥିମାନେ ସୂଚନା ଦେଇଥିଲେ। ଗଣିଆ, ନୂଆଗାଁ ଏବଂ ଦଶପଲ୍ଲା ବ୍ଲକର ମାଟ୍ରିକ ଏବଂ ଯୁକ୍ତ ଦୁଇ ପରୀକ୍ଷାରେ ୫ ଶହରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଛି। ଜ୍ଞାନ ବିଭାଗରେ ଜିଲ୍ଲା ଟପ୍ପର ନୟାଗଡ଼ ଡିଭାଇନ କଲେଜ ଛାତ୍ର ପଦ୍ମନାଭ ମେହେରଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଦାଶିବ ମିଶ୍ର, ପ୍ରଫୁଲ୍ଲ କୁମାର ବେହେରା, ବଳରାମ ମହାନ୍ତି, ଚନ୍ଦ୍ରଶେଖର ସାହୁ, ମହେଶ୍ୱର ମହାରଣା, ଅଜୟ କୁମାର ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ।

**୩ ବର୍ଷ ହେଲା ସରୁନି ନିର୍ମାଣ**

## କାଫେ ଖୋଲିବା ନାଁରେ ଭୂଆଁ ବୁଲାଉଛି ପ୍ରଶାସନ

ନୂଆଗାଁ,୩୦।୫(ସମିସ): ମହିଳା ସଶକ୍ତୀକରଣ ସହ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାଙ୍କୁ ଆର୍ଥିକ ସୁଦୃଢ଼ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ମିଶନ ଶକ୍ତି କାଫେ ଖୋଲାଯାଇଛି। ତେବେ ନୂଆଗାଁ ବ୍ଲକରେ ଏହା ଦିଗହରା ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଖୋଲାଯିବ ବୋଲି ଦୀର୍ଘ ତିନିବର୍ଷ ଧରି ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆଶ୍ୱାସନା ଦିଆଯାଉଥିଲେ ମଧ ଆଜିପର୍ଯ୍ୟନ୍ତ କାଫେ ଗୃହ ନିର୍ମାଣ କାମ ମଧ ଶେଷ ହୋଇନାହିଁ। ଏ ନେଇ ସାଧାରଣରେ ଅସନ୍ତୋଷ ବଢ଼ିବା ସହ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିଛି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ ବୈଠକ ଓ କାର୍ଯ୍ୟକ୍ରମ ମାଧ୍ୟମରେ କୁହାଯାଇଥିଲା ଯେ ମିଶନ ଶକ୍ତି କାଫେ ଆରମ୍ଭ ହେଲେ ବ୍ଲକକୁ ବିଭିନ୍ନ କାମରେ ଆସୁଥିବା ଜନସାଧାରଣ, କର୍ମଚାରୀ ଓ ଦୂରଦୂରାନ୍ତରୁ ଆସୁଥିବା ଲୋକେ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟକର ଖାଦ୍ୟ ପାଇପାରିବେ। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନେ ଏଠାରେ ଖାଦ୍ୟ ପ୍ରସ୍ତୁତ ଓ ପରିଚାଳନା କାମରେ ନିୟୋଜିତ ହୋଇ ନିଜ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ। କିନ୍ତୁ ପ୍ରକଳ୍ପ ଘୋଷଣା ହେବା ପରେ ଦୀର୍ଘ ସମୟ ବିତିଯାଇଥିଲେ ମଧ ନିର୍ମାଣ କାମରେ ଆଶାନୁରୂପ ଗତି ଦେଖିବାକୁ ମିଳୁନାହିଁ। ସାଧାରଣରେ ଚର୍ଚ୍ଚା ହେଉଛି ଯେ ଯଦି ପ୍ରଶାସନ ସଠିକ ଭାବେ ନଜର ରଖିଥାନ୍ତା ତେବେ ତିନି ବର୍ଷ ଭଳି ଦୀର୍ଘ ସମୟ ମଧ୍ୟରେ କାମ ନିଶ୍ଚିତ ଶେଷ ହୋଇଯାଇଥାନ୍ତା। କିନ୍ତୁ ଏଠାରେ କାମର ଗତି ଦେଖିଲେ ଲାଗୁଛି ଯେ କାହାରି ମଧ ଏହି ପ୍ରକଳ୍ପ ପ୍ରତି ଆଗ୍ରହ ନାହିଁ। ପ୍ରଶାସନ ଯଦି ଶୀଘ୍ର ଏହା ପ୍ରତି ଦୃଷ୍ଟି ନ ଦେଉଛି, ତେବେ ସରକାରଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଯୋଜନା କେବଳ କାଗଜପତ୍ରରେ ସୀମିତ ରହିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏ ବାବଦରେ ନୂଆଗାଁ ବିଡିଓ ଡ. ଅମୃତ କୁମାର ରାଉଳଙ୍କୁ ପଚାରିବାରେ, କେଉଁ ଯୋଜନାରୁ ଅର୍ଥ ବିନିଯୋଗ କରି ନିର୍ମାଣ କାର୍ଯ୍ୟ ଶେଷ କରିହେବ ତାହା ଆମେ ଆଲୋଚନା କରିବୁ ବୋଲି କହିଛନ୍ତି।



## କ୍ରସରରୁ କାଟିଦେଲେ ବିଦ୍ୟୁତ୍ ସଂଯୋଗ

ଭାପୁର,୩୧।୫(ସମିସ): ଭାପୁର ବ୍ଲକ ନିମାଣୀ ପଞ୍ଚାୟତ କାଶିଆ ପାହାଡ଼ରେ ଚାଲିଥିବା କ୍ରସର ୟୁନିଟରେ ଶନିବାର ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଇଛି। ଚଢ଼ଉ ବେଳେ କ୍ରସରକୁ ହୋଇଥିବା ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ଚଢ଼ଉରେ ଭୁବନେଶ୍ୱର କନିଷ୍ଠ ଖଣି ବିଭାଗ ଅଧିକାରୀ ଶୁଭମ କୁମାର ସ୍ୱାଇଁ, ଭାପୁର ଅତିରିକ୍ତ ତହସିଲଦାର ରାଜାରାମ ଛତ୍ରିଆ, ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ, ବିଦ୍ୟୁତ ବିଭାଗର ଖଣ୍ଡପଡ଼ା ଏସଡିଓ ଅନୀଲ କୁମାର ସାହୁ, ଭାପୁର ବିଦ୍ୟୁତ ବିଭାଗ ଯନ୍ତ୍ରୀ ଜିତେନ୍ଦ୍ର କୁମାର ଦାସଙ୍କ ସମେତ ଏପିଆର ଫୋର୍ସ ସାମିଲ ହୋଇଥିଲେ। ତନଖି ସମୟରେ ବିଭିନ୍ନ ଦସ୍ତାବିଜ ଯାଞ୍ଚ କରାଯାଇଛି।

## ରଣପୁରରେ ଏସ୍‌ଆଇଆର୍ ଆରମ୍ଭ


ରଣପୁର,୩୧।୫(ସମିସ): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ରଣପୁର ବ୍ଲକରେ ଶନିବାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଆରମ୍ଭ ହୋଇଛି। ଏହି ଅଭିଯାନ ମେ ୩୦ରୁ ଜୁନ ୨୮ ପର୍ଯ୍ୟନ୍ତ ଚାଲିବ। ନିର୍ବାଚନୀ ତାଲିକାକୁ ଅଧିକ ସଠିକ୍, ନିର୍ଭୁଲ ଏବଂ ଅଦ୍ୟତନ କରିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହେଉଛି। ଏଥିରେ ବ୍ଲକର ୧୬୩ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ନିୟୋଜିତ ହୋଇଛନ୍ତି। ବିଏଲ୍‌ଓଙ୍କ କାର୍ଯ୍ୟ ତଦାରଖ କରିବା ପାଇଁ ୧୬ ଜଣ ବିଏଲଓ ସୁପରଭାଇଜରଙ୍କୁ ନିଯୁକ୍ତ କରାଯାଇଛି। ବିଏଲ୍‌ଓମାନେ ଘରକୁ ଘର ଯାଇ ଭୋଟରଙ୍କ ସୂଚନା ସଂଗ୍ରହ, ଯାଞ୍ଚ ଏବଂ ପରିଶୋଧନ କାର୍ଯ୍ୟ ସମ୍ପାଦନ କରିବେ। ପ୍ରତ୍ୟେକ ପରିବାରକୁ ପରିଗଣନା ଫର୍ମ ପ୍ରଦାନ କରାଯିବ। ଭୋଟରମାନେ ଏହି ଫର୍ମ ପୂରଣ କରି ବିଏଲ୍‌ଓଙ୍କୁ ଦାଖଲ କରିବେ। ଫର୍ମ ପୂରଣ ସମୟରେ ଆବଶ୍ୟକ ଦଲିଲପତ୍ର ସଂଲଗ୍ନ କରିବାକୁ ଅନୁରୋଧ କରାଯାଇଛି। ବ୍ଲକରେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଭାବେ ରଣପୁର ବିଡିଓ ମନୋଜ କୁମାର ନାୟକ, ତହସିଲଦାର ଆର୍ଯ୍ୟ କୁମାର ସର୍ବାଦାମନ, ଅତିରିକ୍ତ ତହସିଲଦାର ବିଜୟ କୁମାର ବାରିକ ଏବଂ ରଣପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ସାମନ୍ତ ମହାପାତ୍ର ନିଯୁକ୍ତ ହୋଇଛନ୍ତି। ପ୍ରଶିକ୍ଷକ ଶକ୍ତିପ୍ରସାଦ ଆଚାର୍ଯ୍ୟ ବିଏଲ୍‌ଓଙ୍କୁ ତାଲିମ ପ୍ରଦାନ କରିଥିଲେ।

## ରଣପୁରରେ ମୋଦୀ-ଶାହଙ୍କ କୁଶପୁତ୍ତଳିକା ଦାହ



ରଣପୁର,୩୧।୫(ସମିସ): ସିପିଆଇ(ଏମ) ସଭ୍ୟ ତଥା କେରଳର ପୂର୍ବତନ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନଙ୍କ ଭଡ଼ା ଘରେ ଗତ ୨୭ ତାରିଖ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ମୋଦୀ ସରକାର ରାଜନୈତିକ ପ୍ରତିହିଂସା ପରାୟଣ ହୋଇ ଅନ୍ୟାୟ ଭାବେ କରିଥିବା ଇଡି ଚଢ଼ଉ ପ୍ରତିବାଦରେ ରଣପୁରରେ ସିପିଆଇ (ଏମ) ତରଫରୁ ପଞ୍ଚୁଦୋଳ ପଡ଼ିଆରେ ଅପରାହ୍ନ ୫ଟାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମିତ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ନିତ୍ୟାନନ୍ଦ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ ଇଡି ଓ ସିବିଆଇ ଭଳି ସ୍ୱାଧୀନ ସଂସ୍ଥାକୁ ରାଜନୈତିକ ଅପବ୍ୟବହାର କରିବାକୁ ତୀବ୍ର ସମାଲୋଚନା କରିଥିଲେ। ପିନାରାୟୀଙ୍କ ଓ ତାଙ୍କ ବନ୍ଧୁମାନଙ୍କ ଘରେ ପ୍ରାୟ ୧୦ ସ୍ଥାନରେ ଇଡି ଚଢ଼ଉ କରି କୌଣସି ଦୁର୍ନୀତି ପ୍ରମାଣ ପାଇ ନ ଥିଲା ବେଳେ ଜନଗଣଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇ ଅପଦସ୍ତ ହୋଇଥିଲେ ବୋଲି କହିଥିଲେ। ବିଜେପି ଜନଗଣଙ୍କୁ ବିଭ୍ରାନ୍ତ କରିବା ପାଇଁ ଔଷଧ ବିକଳରେ ତାଟିଆ କାମୁଡ଼ିଲା ଭଳି ବିରୋଧୀଙ୍କ ସ୍ୱରକୁ ଦମନ କରିବା ପାଇଁ ଇଡିର ଅପପ୍ରୟୋଗ କରୁଛି ବୋଲି ଅଭିଯୋଗ କରିଥିଲେ। ଜନସ୍ୱାର୍ଥ ବିରୋଧୀ ବିଜେପି ସରକାର ବିରୋଧରେ ଜନଗଣ ରାଜରାସ୍ତାକୁ ଓହ୍ଲାଇ ଦୃଢ଼ ଆନ୍ଦୋଳନ ଗଢ଼ି ତୋଳିବାକୁ ପାର୍ଟି ତରଫରୁ ଆହ୍ୱାନ ଦିଆଯାଇଛି।

## ତମାଖୁ ବର୍ଜନ ସଚେତନତା ଶୋଭାଯାତ୍ରା




ଓଡ଼ଗାଁ,୩୧।୫(ସମିସ): ବିଶ୍ୱ ତମାଖୁ ବର୍ଜନ ଦିବସ ଅବସରରେ ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ସମାଜ ପକ୍ଷରୁ ଶ୍ରୀ ରଘୁନାଥଜୀଉଙ୍କ ବେଢ଼ାରୁ ବିଶାଳ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଶୋଭାଯାତ୍ରାରେ ବହୁ ସମାଜସେବୀ, ଯୁବକ ଓ ସ୍ଥାନୀୟ ବାସିନ୍ଦା ଅଂଶଗ୍ରହଣ କରି ତମାଖୁ ଓ ନିଶାଦ୍ରବ୍ୟ ବିରୋଧରେ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ଏହି ଅବସରରେ ଏକ ସୁସ୍ଥ, ସୁରକ୍ଷିତ ଓ ତମାଖୁମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ତମାଖୁ ସେବନରୁ ଦୂରେଇରହିବା ସହ ଅନ୍ୟମାନଙ୍କୁ ମଧ୍ୟ ଏଥିରୁ ନିବୃତ୍ତ କରିବା ପାଇଁ ଶପଥ ନେଇଥିଲେ।

## କିଶୋରପ୍ରସାଦ ପ୍ରିମିୟର ଲିଗ୍ | ଡ୍ରାଗନ ଇଲେଭେନ୍ ଚାମ୍ପିଅନ୍

ଗଣିଆ,୩୧।୫(ସମିସ)

ଗଣିଆ ବ୍ଲକ ଆରସି ସାମନ୍ତରାୟ ମହାବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ମହାନଦୀ ପବ୍ଲିକ ସ୍କୁଲ ପ୍ରାୟୋଜିତ କିଶୋର ପ୍ରସାଦ ପ୍ରିମିୟର ଲିଗ୍ ଉଦଯାପିତ ହୋଇଛି। ଡ୍ରାଗନ ଇଲେଭେନ୍ ଓ ଡିଫଲଟର ଇଲେଭେନ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଡ୍ରାଗନ ଇଲେଭନ୍ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଡ୍ରାଗନ ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଦଳର ଆଶିଷ ୧୬ ବଲରେ ୪୬ ରନ୍ ସଂଗ୍ରହ କରିଥିଲେ। ଜବାବରେ ଡିଫଲଟର ଇଲେଭେନ୍ ୧୨ ଓଭରରେ ୧୮୦ ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ସାମାଜିକ କର୍ମୀ ଭଗବାନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ମହାନଦୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସ୍ନେହଲତା ମିଶ୍ର, ସମ୍ପାଦକ ପଙ୍କଜ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟଅତିଥି ଚାମ୍ପିଅନ୍ ଦଳକୁ ଟ୍ରଫି ସହ ୧୩ ହଜାର ଟଙ୍କା ଏବଂ ରନର୍ସଅପ୍ ଦଳକୁ ଟ୍ରଫି ସହ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାନେଜର ନବକିଶୋର ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଲୋକ ରାଉତ ଏବଂ ବାବୁଲ ପୃଷ୍ଟି ମ୍ୟାଚ୍ ପରିଚାଳନା କରିଥିଲେ।



● ଗୋଳାପୋଖରୀ ପ୍ରିମିୟର ଲିଗ୍

## ଜାଗୁଆର ଇଲେଭେନ ଚାମ୍ପିଅନ

ଭାପୁର,୩୧।୫(ସମିସ): ଗୋଳାପୋଖରୀ ପଞ୍ଚାୟତ ଗୋଳାପୋଖରୀ ଗ୍ରାମ ଖେଳ ପଡ଼ିଆରେ ଆୟୋଜିତ ପ୍ରଥମ ଗୋଳାପୋଖରୀ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହୋଇଛି। ଜାଗୁଆର ଇଲେଭେନ ଓ ପ୍ରଗତି ୱାରିୟର ରୟାଲ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଜାଗୁଆର ଇଲେଭେନ୍ ୪୪ ରନରେ ବିଜୟୀ ହୋଇ ଚାମ୍ପିଅନ ହୋଇଛି। ଟସ୍ ଜିତି ଜାଗୁଆର ଇଲେଭେନ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୭ ୱିକେଟ ହରାଇ ୧୨୨ ରନ କରିଥିଲା। ଦଳ ପକ୍ଷରୁ ପୃଥିରାଜ ଛୁଆଳ ସିଂ ସର୍ବାଧିକ ୩୨ ରନ କରିଥିଲେ। ଜବାବରେ ପ୍ରଗତି ୱରିୟର ରୟାଲ ଦଳ ୯.୩ ଓଭରରେ ସମସ୍ତ ୱିକେଟ ହରାଇ ୭୮ ରନ କରିବାକୁ ସକ୍ଷମ ହୋଇଥିଲା। ଜାଗୁଆର ଇଲେଭେନ୍‌ର ଶ୍ରୀକାନ୍ତ ସାସମଲ ମ୍ୟାନ ଅଫ୍ ଦି ମ୍ୟାଚ ଓ ମ୍ୟାନ ଅଫ୍ ଦି ସିରିଜ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ଉଦ୍ଧବ ପଲେଇ, କାଳିଆ ବେହେରା ଖେଳ ପରିଚାଳନା କରିଥିଲେ। ଆଇନଜୀବୀ ପ୍ରଦୀପ ପ୍ରଧାନ ଧାରାବିବରଣୀ ପ୍ରଦାନ କରିଥିଲେ। ରଶ୍ମିରଞ୍ଜନ ରାଉତରାୟ ଓ ସୂର୍ଯ୍ୟ ପ୍ରକାଶ ସାହୁ ସ୍କୋର ସିଟ୍ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭାପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବସନ୍ତ ମାଝୀ, ଦୀନବନ୍ଧୁ ପରିଡ଼ା ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ଚିଲିକାରୁ ହ୍ରାସ ପାଉଛି ମତ୍ସ୍ୟ ଉତ୍ପାଦନ

ବାଲୁଗାଁ, ୩୧।୫(ସମିସ): ଚିଲିକା ହ୍ରଦରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ନେଇ ଚିଲିକା ଉନ୍ନୟନ ପରିଷଦ 'ସିଡ଼ିଏ' ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରି ଆସୁଥିବା ବେଳେ ଏହାର ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଓଲଟା। ପ୍ରକୃତ ପକ୍ଷେ ଚିଲିକାରୁ ମତ୍ସ୍ୟ ଉତ୍ପାଦନ କ୍ରମାଗତ ଭାବେ ହ୍ରାସ ପାଇବାରେ ଲାଗିଛି। କିଛି ବର୍ଷ ଧରି ଚିଲିକାରେ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଆସୁ ଥିବାରୁ ମତ୍ସ୍ୟଜୀବୀ ମାନେ ଜୀବିକା ହରାଇ ବାଧ ହୋଇ ରାଜ୍ୟ ବାହାରକୁ ତଥା ବିଦେଶକୁ ଦାଦନ ଖଟିବା ପାଇଁ ଯାଉଥିବା ଦେଖିବାକୁ ମିଳୁଛି। ଚିଲିକାରୁ ଯେଉଁ ସ୍ୱଳ୍ପ ପରାମାଣରେ ମତ୍ସ୍ୟ ଉତ୍ପାଦନ ହେଉଛି ତାହା କଲିକତା, ମୁମ୍ବାଇ, ଚେନ୍ନାଇ, ହାଇଦ୍ରାବାଦ ଓ ବାଙ୍ଗାଲୋର ଆଦି ସହରରେ ଉକ୍ତ ଚିଲିକା ମାଛ ଚିଙ୍ଗୁଡିର ଅଧିକା ଚାହିଦା ଥିବାରୁ ସେସବୁ ରପ୍ତାନୀ ହୋଇ ଯାଉଛି। ଯାହା ଫଳରେ ଅଞ୍ଚଳରେ ଖାଉଟିଙ୍କୁ ଚିଲିକା ମାଛ ଚିଙ୍ଗୁଡି ଚାହିଦା ଅନୁଯାଇ ମିଳୁ ନଥିବା ସହ ଦିନକୁ ଦିନ ଦର ବୃଦ୍ଧି ଘଟି ବିଗତ ବର୍ଷ ତୁଳନାରେ ଦର ଦୁଇଗୁଣ ହୋଇ ପଡୁଛି। ସମୟ ଥିଲା ବିଗତ ବର୍ଷରେ ଚିଲିକାରେ ଏତେ ପରିମାଣରେ ଚିଙ୍ଗୁଡ଼ି ଉତ୍ପାଦନ ହେଉଥିଲା ଯେ ଜ୍ୟେଷ୍ଠ ମାସରେ ଚିଲିକା କୂଳ ମାଛ ବଜାରରେ ସବୁ ବିକ୍ରୀ ହୋଇ ନପାରିବାରେ ବେପାରୀ ଓ ଖାଉଟି ସେସବୁକୁ ଶୁଖୁଆ କରିବାରେ ଅଞ୍ଚଳ ଗନ୍ଧରେ ଫାଟି ପଡୁଥିଲା। ବର୍ତ୍ତମାନ ଜ୍ୟେଷ୍ଠ ପୂର୍ଣ୍ଣମା ରବିବାର ଜୁଆର ସମୟରେ ମାଛ ଚିଙ୍ଗୁଡ଼ି ଗୋଦାମରେ ହାଉଯାଉ ହେବା ବଦଳରେ ଏବେ ମାଛ ଚିଙ୍ଗୁଡି ସ୍ୱପ୍ନ ହେବାକୁ ବସିଲାଣି।

ଚିଲିକା ହେଉଛି ପୁରୀ, ଖୋର୍ଦ୍ଧା ଓ ଗଂଜାମ ଜିଲ୍ଲାର ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଭାତ ହାଣ୍ଡି। ଚିଲିକାର ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ରାଜ୍ୟ ସରକାର ଚିଲିକା ଉନ୍ନୟନ ପରିଷଦ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଉକ୍ତ ଟଙ୍କାର ସଠିକ ବିନିଯୋଗ କରାଯାଉ ନଥିବାରୁ ବର୍ତ୍ତମାନ ଚିଲିକାରୁ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଇ ଚାଲିଥିବା ବେଳେ ବିଭାଗ ପକ୍ଷରୁ ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଉଥିବା ନେଇ ସରକାରଙ୍କୁ ଭୂଲ ରିପୋର୍ଟ ପ୍ରଦାନ କରାଯାଉଛି। ଚିଲିକାରେ ବର୍ଷ ତମାମ ମାଛ ଧରା ଯାଉଥିବା ସହ ମତ୍ସ୍ୟଜିବୀ ମାନେ ଜିରୋ ନେଟର ବହୁଳ ବ୍ୟବହାର ଯୋଗୁଁ ମାଛ ଯାଆଁଳ ଓ ଛୋଟରୁ ମାଛ ସବୁ ଧରି ନେଉଥିବାରୁ ଦିନ କୁ ଦିନ ମତ୍ସ୍ୟ ଉତ୍ପାଦନ ହ୍ରାସ ପାଉଥିବାର ପ୍ରମୁଖ କାରଣ ବୋଲି ଜଣାଯାଇଛି। ବାଗଦା ଚିଙ୍ଗୁଡି, ବେକ୍ଟି, ସାହାଳ, ବୋରଗ, ସୋରଡ଼ି, ଚଗଲା, ପାତୁଆ, ବଳିଙ୍ଗି, ଜାଗଲା, ଖୁରାଣ୍ଡି, ମେଂଜିଆ, କୁଣ୍ଡଳ, ଖଇଙ୍ଗା ଓ ତାହାର ମଂଜି ଆଦି ଚିଲିକା ମାଛ ସ୍ୱାଦିଷ୍ଟ ଥିବାରୁ ରାଜ୍ୟ ଓ ରାଜ୍ୟ ବାହାରେ ତଥା ବିଦେଶରେ ଏହାର ଅଧିକା ଚାହିଦା ରହିଥିବାରୁ ଚିଲିକାରୁ ଦୈ÷ନଦିନ ଟନ୍ ଟନ୍ ମାଛ ରପ୍ତାନୀ କରାଯାଉଛି। ମାଛ ଚିଙ୍ଗୁଡି ବାହାରକୁ ପଠାଯିବା ଫଳରେ ଉକ୍ତ ମାଛକୁ ସ୍ଥାନୀୟ ଖାଉଟିମାନେ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି। ଚିଲିକାରେ ଚିଙ୍ଗୁଡ଼ି ଆମଦାନୀ ହ୍ରାସ ହେବା ଫଳରେ ଆନ୍ଧ୍ରରୁ ବେନାମୀ ଚିଙ୍ଗୁଡି ଆସିବା ସହ କିଛି ଅଣ ମତ୍ସ୍ୟଜୀବୀ ଚିଲିକା ଅବବାହିକା ଅଞ୍ଚଳରେ ବେନାମୀ ଚିଙ୍ଗୁଡ଼ି ଚାଷ କରି ବଜାରକୁ ବିକ୍ରି ପାଇଁ ପଠାଉ ଥିବା ବେଳେ ଦୋକାନୀ ବେନାମୀ କୁ ଚିଲିକା ଚିଙ୍ଗୁଡି କହି ବିକ୍ରି କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ମତ୍ସ୍ୟଜୀବୀ ଦାଦନ ଖଟିବାକୁ ବାଧ ହେଉଛନ୍ତି। ଚିଲିକାରେ ମତ୍ସ୍ୟ ଉତ୍ପାଦନ ବହୁ ମାତ୍ରାରେ ହ୍ରାସ ପାଇଥିବା ଯୋଗୁଁ ସ୍ଥାନୀୟ ଖାଉଟିଙ୍କ ଚାହିଦା ମେଣ୍ଟାଇବା ପାଇଁ ଆନ୍ଧ୍ରପ୍ରଦେଶରୁ ଆସୁଥିବା ରୋହି, ଭାକୁର ଆଦି ମିଠା ମାଛ ଏବଂ ବେନାମୀ ଚିଙ୍ଗୁଡି ଉକ୍ତ ଚାହିଦାକୁ ପୂରଣ କରୁଛି। ଚିଲିକାର ମାଛ ଓ ଚିଙ୍ଗୁଡ଼ି ର ଚାହିଦା ଅଧିକା ଥିବାରୁ ଏଠାକୁ ଆସୁଥିବା ପର୍ଯ୍ୟଟକ ମାନେ ମାଛ କିଣିବା ପାଇଁ ମାଛ ଗୋଦାମ ଓ ବଜାରକୁ ଯାଉଥିବା ବେଳେ କେତେକ ମୁନାଫା ଖୋର ବ୍ୟବସାୟୀ ଚିଲିକା ମାଛ ପରିବର୍ତ୍ତେ ଆନ୍ଧ୍ର ସମେତ ବାଲେଶ୍ୱର, ପାରାଦ୍ୱୀପ, ଗୋପାଳପୁର ଆଦି ବିଭିନ୍ନ ପ୍ରାନ୍ତରୁ ସମୁଦ୍ର ମାଛ ଆଣି ଚିଲିକା ମାଛ କହି ଉଚ୍ଚ ଦରରେ ବିକ୍ରି କରିବାକୁ ପଛାଉ ନାହାଁନ୍ତି। ତେବେ ଚିଲିକା ଉପରେ ନିର୍ଭର କରି ଆସୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଓ ଅଣ ମତ୍ସ୍ୟଜୀବୀ ମତ୍ସ୍ୟ ଉତ୍ପାଦନ ହ୍ରାସ ଯୋଗୁଁ ବେଉସା ହରାଇ ପରିବାର ପ୍ରତିପୋଷଣ ନିମନ୍ତେ ଦାଦନ ଖଟିବା ପାଇଁ ବାଧ ହୋଇ ରାଜ୍ୟ ବାହାର ତଥା ବିଦେଶ ମୁହାଁ ହେଉଥିବା ଦେଖିବାକୁ ମିଳୁଛି। କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ଚିଲିକାରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଦୃଷ୍ଟି ଦେବାକୁ ମତ୍ସ୍ୟଜୀବୀ ମହାସଂଘ ଦୃଢ଼ ଦାବି କରିଛନ୍ତି।

## ସାହି ରାସ୍ତାରେ ନାହିଁ ଡ୍ରେନେଜ୍ ବ୍ୟବସ୍ଥା



ବୋଲଗଡ଼, ୩୧।୫ (ସମିସ): ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ଠାରୁ ଅନତି ଦୂରରେ ବୋଲଗଡ଼ ଗ୍ରାମରେ ଦଳବେହେରା ସାହି ଓ ପ୍ରଧାନ ସାହି ମଧ୍ୟରେ ଥିବା ରାସ୍ତା ରେ ଡ୍ରେନେଜ ବ୍ୟବସ୍ଥା ନାହିଁ । ଫଳରେ ଉକ୍ତ ରାସ୍ତା ରେ ବର୍ଜ୍ୟ ଜଳ ନିଷ୍କାସିତ ହୋଇ ନପାରି ଅସ୍ୱାସ୍ଥ୍ୟକର ଅବସ୍ଥା ସୃଷ୍ଟି ହେଉଛି। ଗ୍ରାମର ରାମଲୀଳା ମନ୍ଦିର ଠାରୁ ଆରମ୍ଭ କରି ପୂର୍ବ ଦିଗରେ ପ୍ରଧାନସାହି ମୁଣ୍ଡ ପର୍ଯ୍ୟନ୍ତ ପ୍ରାୟ ଏକ ସହ ମିଟର ଏହି ରାସ୍ତାରେ ବର୍ଜ୍ୟ ଜଳ ନିଷ୍କାସିତ ନହୋଇ ପାରିବା ସହିତ ଅଳିଆ ଜମି କର୍ଦ୍ଦମାକ୍ତ ହେବା ସହିତ ଆବର୍ଜନା ମୟ ହୋଇଛି । ଉକ୍ତ ସମସ୍ୟା ର ସମାଧାନ ପାଇଁ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ସ୍ଥାନୀୟ ସଧାରଣ ଜନତା ଙ୍କୁ ଚଳପ୍ରଚଳ ରେ ଅସୁବିଧା ଭୋଗିବାକୁ ପଡୁଛି । ଏପରି ଏହି ସମସ୍ୟା ଉକ୍ତ ସାହି ଅଞ୍ଚଳରେ ଏଭଳି ସମସ୍ୟା ଲାଗି ରହୁଛି । ଘର ଆଗରେ ଗାଁ ଦାଣ୍ଡ ରେ ବର୍ଜ୍ୟଜଳ ଜମିରହିବା ପୁଣି ସେଥିରେ ଭିଜୁଥିବା ବର୍ଜ୍ୟ ବସ୍ତୁ ପଚି ସଢ଼ି ପଙ୍କ କାଦୁଅ ସାଥୀକୁ ଦୁର୍ଗନ୍ଧମୟ ହେବା ଫଳରେ ଜଳ ଜମିବା ସ୍ଥାନରେ ମଶା ମାଛି ବଂଶ ବିସ୍ତାର ସଂକ୍ରମଣ ର ଆଶଙ୍କାକୁ ଏଡାଇଦେଇହେବ ନାହିଁ । ଏଭଳି ଅସ୍ୱାସ୍ଥ୍ୟକର ପରିସ୍ଥିତି ରେ ସାହି ର ଲୋକେ ଏଥିରେ ଚଳପ୍ରଚଳ କରିବାଲାଗି ଅସୁବିଧା ର ସମ୍ମୁଖୀନ ହେଉଛନ୍ତି ।ବର୍ଜ୍ୟତଥା ବର୍ଷା ଜଳ ଜମିରହୁଥିବା ସ୍ଥାନଟି ଖାଲୁଆ ରହିବା ସାଥୀକୁ ଏଠାରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜର କୌଣସି ସୁବିଧା କରାଯାଇ ନାହିଁ । ଏହି ଜମି ରହୁଥିବା ଜଳ ମଧ୍ୟରେ ସାହିର ଛୋଟ ଛୋଟ ପିଲା ଏବଂ ବୃଦ୍ଧବୃଦ୍ଧା ମାନେ ଚଳପ୍ରଚଳ ସମୟରେ ବହୁ ଅସୁବିଧା ଭୋଗୁଛନ୍ତି । ଉକ୍ତ ସାହି ରାସ୍ତାରୁ ବର୍ଜ୍ୟ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକୁ ବ୍ଲକ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି କରୁଛନ୍ତି।

# ଶରଧାପୁର ଖଣିରୁ ୨ ଜେସିବି, ୨ ହାଇୱା ଜବତ



ଖୋର୍ଦ୍ଧା, ୩୧।୫ (ସମିସ): ଆକ୍ସନ ମୁଡରେ ପୁଲିସ। ଖଣି ମାଫିଆଙ୍କୁ ମିଳିବନି ମାଫ୍। ପୁଲିସ ପକ୍ଷରୁ ବେଆଇନ ପଥର ମାଫିଆ ଏବଂ ଖଣିଖାଦନ ଉପରେ ଚଢାଉ ଜାରୀ ରହିଛି। ଶନିବାର ରାତିରେ ଖୋର୍ଦ୍ଧା ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଆଦର୍ଶଥାନା ଅନ୍ତର୍ଗତ ଶରଧାପୁର ଖଣିରେ ଚଢଉ କରି ବେଆଇନ ମୋରୋମ ଖନନରେ ନିୟୋଜିତ ୨ଟି ଜେସିବି ଓ ଚାଲାଣରେ ବ୍ୟବହୃତ ୨ଟି ହାଇୱା କୁ ଜବତ କରିଥିବା ଜଣାଯାଇଛି। ଏହି ଘଟଣାରେ ୪ଜଣଙ୍କୁ ଗିରଫ କରାଯାଇଛି। ଗିରଫମାନେ ହେଲେ ଆଦର୍ଶଥାନା ଅନ୍ତର୍ଗତ ଅର୍ଜ୍ଜୁନପୁର ର ସୁନୀଲ ପାଣ୍ଡ୍ୟା (୨୭), ଗୁରୁଜଙ୍ଗ ଉଇଲକିଶନ ନଗର ର ସୂର୍ଯ୍ୟ ପ୍ରକାଶ ମହାରଣା (୧୯), ବେଗୁନିଆ ଥାନା ଗୋଡା ଗ୍ରାମର ସତ୍ୟଜିତ୍ ସୁନ୍ଦରାୟ (୨୩) ଏବଂ କଟକ ବଡମ୍ବା ର ସେକ ମହମ୍ମଦ ଜାହିଦ୍ (୧୯)।

ପ୍ରକାଶ ଥାଉକି, ଶରଧାପୁର ଅଞ୍ଚଳରେ ବେଧଡକ ଖଣି ଚାଲିଥିବାବେଳେ ପୂର୍ବରୁ ଏହା ଉପରେ ଚଢଉ କରାଯାଇ ବହୁ ସଂଖ୍ୟାରେ ଗାଡିମାନ ଜବତ ହୋଇଥିଲା। ଏହାପରେ ଉକ୍ତ ଖଣି କୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇ ଶିଳ୍ପ ଲାଗି ଉକ୍ତ ଜମିକୁ ଦିଆଯାଇଥିଲା। ମାତ୍ର ତତ୍କାଳୀନ ଅଧିକାରୀମାନେ ବଦଳିବା ପରେ ପୁଣି ଉତ୍ପାତ ଆରମ୍ଭ କରିଥିଲେ ଖଣି ମାଫିଆ। ଉକ୍ତ ଖଣିର ଅନ୍ୟପାଶ୍ୱର୍ରେ ଆରମ୍ଭ ହୋଇଥିଲା ମୋରୋମ ଚୋରି। ଦୀର୍ଘଦିନ ହେବ ଶରଧାପୁର ଅଂଚଳରୁ ଦୈନିକ ରାତିରେ ଶହ ଶହ ଟ୍ରିପ୍ ମୋରମ ଚୋରା ଚାଲାଣ ହେଉଥିବାବେଳେ ପୁଲିସ କି ଖଣି ବିଭାଗ କିପରି ଜାଣୁନଥିଲେ ତାକୁ ନେଇ ଉଠିଥିଲା ପ୍ରଶ୍ନ। ଲଘୁ ଖଣିଜ ଚୋରା ଚାଲାଣକୁ ରୋକିବା ଲାଗି ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗତକାଲି ଏସ୍‌ଡିପିଓ ପଙ୍କଜ କୁମାର ମାଝିଙ୍କ ନେତୃତ୍ୱରେ ଏକ ଟିମ୍ ଶରଧାପୁର ର ବେଆଇନ୍ ମୋରୋମ ଖଣିରେ ଚଢଉ କରିଥିଲେ। ଚଢଉବେଳେ ମୋରୋମ ଉତୋଳନରେ ବ୍ୟବହୃତ ଓଡି୩୩ଏଭି-୩୮୨୮ ଏବଂ ଓଡି୩୩ଏସି-୨୦୪୩ ନଂ ବିଶିଷ୍ଟ ଦୁଇଟି ଜେସିବି ଓ ମୋରୋମ ଚାଲାଣ ରେ ନିୟୋଜିତ ଓଡି ୦୨ଏଏଚ୍-୦୬୫୦ ଏବଂ ଓଡି ୦୨ ବିୱାଇ-୩୬୦୨ ନଂ ବିଶିଷ୍ଟ ଦୁଇଟି ହାଇୱାକୁ ଜବତ କରିଥିଲେ। ଏହି ଘଟଣାରେ ଆଦର୍ଶଥାନାରେ ୩୨୨/୨୬ରେ ଏକ ମାମଲା ରୁଜୁ ହୋଇ ଗିରଫ ୪ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପକ୍ଷରେ ବେଆଇନଭାବେ ଖଣି ଚଳାଉଥିବା ମାଫିଆଙ୍କୁ ସାବାଡ କରିବା ଲାଗି ଜିଲ୍ଲା ପ୍ରଶାସନ ଧରପଗଡ କୁ ଜୋର ସୋର କରାଯିବା ଫଳରେ ଲଘୁ ଖଣିଜ ଦ୍ରବ୍ୟ ଚୋରାଚାଲାଣ କମିବ ବୋଲି ସ୍ଥାନୀୟ ଜନସାଧାରଣ ଆଶା କରିଛନ୍ତି।

## ମଦ ଓ ସ୍କୁଟି ଜବତ, ଜଣେ ଗିରଫ

ଖୋର୍ଦ୍ଧା,୩୧।୫(ସମିସ): ଶିଳ୍ପାଞ୍ଚଳ ପୁଲିସ ଶନିବାର ରାତିରେ ଚଢଉ କରି ଜଣେ ମଦ ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ମୁକ୍ତାପୁର କାଚେରାସାହିର ପ୍ରଭାତ କିଶୋର ସାହୁ (୫୫)। ପ୍ରଭାତ ଠାରୁ ପୁଲିସ ବିଭିନ୍ନ ପ୍ରକାର ର ୨୫ଲିଟର ବିଦେଶୀ ମଦ ସମେତ ଏକ ସ୍କୁଟି କୁ ଜବତ କରିଛି। ପ୍ରଭାତ ବାଙ୍କୀ ଅଂଚଳରୁ ବିଭିନ୍ନ ପ୍ରକାର ନାମିଦାମି ବିଦେଶୀ ମଦ ଆଣି ସ୍ଥାନୀୟ ଅଂଚଳରେ ଗ୍ରାହକଙ୍କୁ ଯୋଗାଉଥିଲା। ଏହି କ୍ରମରେ କାଲି ରାତିରେ ସ୍କୁଟି ଯୋଗେ ମାଲ ଧରି ଆସୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ତାକୁ ଧରିବାକୁ ଏସ୍‌ପି ପରମାର ସ୍ମିଥ ପର୍ଶୋତମଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଙ୍କଜ କୁମାର ମାଝି ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଗାଁ ନିକଟ ରାସ୍ତାରେ ଛପି ରହିଥିଲେ। ପ୍ରଭାତ ସ୍କୁଟିଯୋଗେ ବାଙ୍କୀ ଦିଗରୁ ଗାଁ ଅଭିମୁଖେ ମଦ ଧରି ଆସିବାବେଳେ ଚଢଉ କରି ତାକୁ ଧରିବା ସହ ଚାଲାଣରେ ବ୍ୟବହୃତ ସ୍କୁଟି ଓ ମଦକୁ ଜବତ କରିଥିଲେ। ବେଆଇନ୍ ମଦବିକ୍ରି ଅଭିଯୋଗରେ ପୁଲିସ ୧୫୨/୨୬ରେ ଏକ ମାମଲା ରୁଜୁ କରି ପ୍ରଭାତ କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

## ଟାଙ୍ଗୀ ବ୍ଲକସ୍ତରୀୟ ମାଟ୍ରିକ ପରୀକ୍ଷା ମେଧାବୀ ସମ୍ବର୍ଦ୍ଧନା ସମାରୋହ

ଟାଙ୍ଗୀ,୩୧।୫ (ସମିସ): ରାମଚନ୍ଦ୍ର ପାଇକରାୟ ସ୍ମାରକୀ ଶିକ୍ଷା ଟ୍ରଷ୍ଟ ତରଫରୁ ଟାଙ୍ଗୀ ବ୍ଲକ ସ୍ତରୀୟ ଏକାଦଶ ତମ ମାଟ୍ରିକ ପରୀକ୍ଷା ମେଧାବୀ ସମ୍ବର୍ଦ୍ଧନା ସମାରୋହ ଟାଙ୍ଗୀ ବ୍ଲକ ଅଧିନସ୍ଥ ନୂଆପଡ଼ା ପଦ୍ମାକୁମୁଦ ବିଦ୍ୟାନିକେତନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ ରାମଚନ୍ଦ୍ର ପାଇକରାୟ ଓ ଟ୍ରଷ୍ଟର ପ୍ରତିଷ୍ଠାତା ତାଙ୍କର ସୁପୁତ୍ର ଦିବଂଗତ ସୁରେଶ ଚନ୍ଦ୍ର ପାଇକରାୟ ପ୍ରମୁଖଙ୍କ ଫଟୋରେ ପୁଷ୍ପ ପ୍ରଦାନ କରାଯାଇଥିଲା। ଛାତ୍ରୀ ମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ପରେ ମାନେଜିଙ୍ଗ ଟ୍ରଷ୍ଟି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତା ରେ ସଭା କାର୍ଯ୍ୟରେ ଟ୍ରଷ୍ଟର ଅଧ୍ୟକ୍ଷ ଇଂ ଶିବରାମ ପ୍ରଧାନ, ଇଂ ସୁରେଶ ଚନ୍ଦ୍ର ବେହେରା, ସନ୍ତୋଷ ଚନ୍ଦ୍ର କର, କୁମର ପ୍ରଧାନ, ଶିକ୍ଷାନିକେତନ ପ୍ରଧାନ ଶିକ୍ଷକ ସରୋଜ କୁମାର ଆଚାର୍ଯ୍ୟ, ପ୍ରମୁଖ ଉଦବୋଧନ ଦେଇ ମେଧାବୀ ଛାତ୍ରଛାତ୍ରୀ ମାନେ ଭବିଷ୍ୟତରେ ଭଲ ମଣିଷ ହୋଇ ଦେଶ ଓ ଦଶର ଉର୍ନ୍ନତି କରିବା ସହିତ ପିତାମାତା ଗୁରୁଜନଙ୍କ ପ୍ରତି ଭକ୍ତି ଭାବ ପ୍ରଦର୍ଶନ କରିବାକୁ ପରାମର୍ଶ ଦେଇଥିଲେ। ଟ୍ରଷ୍ଟର ସଦସ୍ୟ ସୁରେନ୍ଦ୍ର ରାଉତ ଅତିଥି ପରିଚୟ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ବ୍ଲକର ୨୬ଟି ଶିକ୍ଷାନୁଷ୍ଠାନ ର ମାଟ୍ରିକ ପରୀକ୍ଷାରେ ଏଓ୍ୱାନ ନିଜନିଜ ବିଦ୍ୟାଳୟ ରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୮ ଜଣଛାତ୍ର ଛାତ୍ରୀଙ୍କୁ ପ୍ରଶସ୍ତି ପତ୍ର ସହ ଏକହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଟ୍ରଷ୍ଟି ସୁରେଶ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ଦେବ ଚହଟ ରାୟ, ପ୍ରତାପ କୁମାର ପ୍ରଧାନ, ରଞ୍ଜୁବାଳା ଚମ୍ପତିରାୟଙ୍କ ସମେତ ସ୍କୁଲର ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ସକ୍ରିୟ ସହଯୋଗ କରିଥିଲେ।

● ସାଂସଦଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ଘଟଣା

# ଦୁଇଜଣଙ୍କୁ କୋର୍ଟରେ ହାଜର କଲା ପୁଲିସ

ଖୋର୍ଦ୍ଧା, ୩୧।୫ (ସମିସ): ଗତ ୧୭ତାରିଖରେ ବୋଲଗଡ଼ ବ୍ଲକ ଅଂଚଳକୁ ଏକ ଗସ୍ତ ସମୟରେ ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ଘଟଣାରେ ପୁଲିସ ୨ଜଣଙ୍କୁ ଧରି କୋର୍ଟରେ ହଜାର କରିଛି। ଏଥିରେ ଜଣେ ନାବାଳକ ଥିବାର ସୁଚନା ମିଳିଛି। ଅନ୍ୟଜଣେ ଏଯାଏଁ ଫେରାର ରହିଥିବା ଜଣାଯାଇଛି। ବୋଲଗଡ଼ ଫ୍ଲାଏଓଭର ନିକଟରେ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ ହୋଇଥିଲା। ଏନେଇ ସାଂସଦଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଧନେଶ୍ୱର ବାରିକଙ୍କ ଲିଖିତ ଅଭିଯୋଗକ୍ରମେ,୧୯ ତାରିଖରେ ବୋଲଗଡ଼ ଥାନା ନଂ ୨୩୦ରେ ବିଏନ୍‌ଏସ୍‌ର ଧାରା ୧୨୬(୨)/୧୩୨/୩(୫)/୩୨୪(୪)/୩୫୨/୬୧(୨) ଅନୁଯାୟୀ ମାମଲା ରୁଜୁ କରାଯାଇଥିଲା। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସିସିଟିଭି ଫୁଟେଜ୍, ସିଡିଆର ବିଶ୍ଳେଷଣ ଏବଂ ସ୍ଥାନୀୟ ତଦନ୍ତ ଆଧାରରେ ଅଭିଯୁକ୍ତ ପ୍ରକାଶ କୁମାର ସାହୁ ଓ ଅଭିଯୁକ୍ତ ନାବାଳକ (୧୭) କୁ ୩୧ ତାରିଖରେ ଥାନାକୁ ଆଣି ପଚରାଉଚରା କରାଯାଇଥିଲା।ଏହି ଘଟଣାରେ ବ୍ୟବହୃତ ମୋଟରସାଇକଲ୍, ମୋବାଇଲ୍ ଫୋନ୍ କୁ ମଧ୍ୟ ଜବତ କରାଯାଇଥିଲା। ତଦନ୍ତ ପରେ ବିଏନ୍‌ଏସ୍ ର ଧାରା ୧୨୬(୨)/୧୩୨/୩୨୪(୪)/୩୫୨/୬୧(୨)/୧୦୯/୩(୫) ରେ କୋର୍ଟରେ ହାଜର କରାଯାଇଛି। ଅଭିଯୁକ୍ତ ପ୍ରକାଶ ଅଣ୍ଡା ଫୋପାଡ଼ିଥିବା ନାବାଳକ ଓ କାଳିଆ ବେହେରାକୁ ଉସକାଇଥିଲା। ଅଭିଯୁକ୍ତ ପ୍ରକାଶ ଙ୍କୁ ଖୋର୍ଦ୍ଧା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ହାଜର କରାଯାଇଛି। ତଦନ୍ତରେ ଉକ୍ତ ନାବାଳକ ଅଭିଯୁକ୍ତ ବିରୋଧରେ ବୋଲଗଡ଼ ଥାନାରେ ଦୁଇଟି ମାମଲା ପୂର୍ବରୁ ରହିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ବ୍ରହ୍ମାକୁମାରୀ ସେବା କେନ୍ଦ୍ରରେ ବିଶ୍ୱ ତମାଖୁ ବର୍ଜନ ଦିବସ



ଖୋର୍ଦ୍ଧା,୩୧।୫(ସମିସ): ସ୍ଥାନୀୟ ଗୋଡିପୋଖରୀ ସ୍ଥିତ ବ୍ରହ୍ମାକୁମାରୀ ସେବା କେନ୍ଦ୍ର ପରିସରରେ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି। କେନ୍ଦ୍ର ସଂଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଅବକାରୀ ଅଧିକ୍ଷକ ସୁମତି ତ୍ରିପାଠୀ ଯୋଗଦେଇ ତମାଖୁର ଭୟାଭୟତାକୁ ଅନୁଭବକରି ତମାଖୁ ବର୍ଜନ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ତେଣୁ ତମାଖୁର ବ୍ୟବହାର ଉପରେ ରୋକ ଲଗାଇବା ଲାଗି ଗ୍ରାମ ଓ ସହରାଂଚଳରେ ସଚେତନତା କରିବା ଆବଶ୍ୟକତା ରହିଛି ବୋଲି କହିଥିଲେ। ବ୍ରହ୍ମକୁମାର ଜୟକୃଷ୍ଣ ଭାଇ ନିଶା ମୁକ୍ତି ପାଇଁ ମାନସିକ ଦୃଢତା ଜରୁରୀ ବୋଲି କହିଥିଲେ। ଏହାପରେ ଖୋର୍ଦ୍ଧା ଜିଲ୍ଲା କାରାଗାର ପରିସରରେ ଅଧିକ୍ଷକ ରାଜିବ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ନିଶାମୁକ୍ତ ସଭାରେ ୨୦୦ରୁ ଉର୍ଦ୍ଧ୍ୱ କାରାଗାରରେ ଥିବା ଅନ୍ତେବାସୀ ଯୋଗଦାନ କରି ନିଶା ବର୍ଜନ କରିବା ପାଇଁ ଶପଥ ନେଇଥିଲେ। ବ୍ରହ୍ମାକୁମାରୀ ଖୋର୍ଦ୍ଧା ସେବା କେନ୍ଦ୍ର ତରଫରୁ ଜ୍ଞାନ ଦର୍ପଣ ମାସିକ ଆଧାତ୍ମିକ ପତ୍ରିକା ସମସ୍ତଙ୍କୁ ବଂଟନ କରାଯିବା ସହିତ ନିଶାମୁକ୍ତିର ଶିକ୍ଷା ଦିଆଯାଇଥିଲା। ଏଥିସହିତ ପଲ୍ଲାରେ ଥିବା ନିଶା ନିବାରଣ ସଂସ୍ଥା ମୁକ୍ତି ଫାଉଣ୍ଡେସନରେ ୨୫ଜଣ ଓ ଗୋଡିପୋଖରୀ ଠାରେ ଥିବା ନିଶା ନିବାରଣ ସଂସ୍ଥା ଜୀବନ ଆଶା ରେ ୧୫ଜଣ ଅନ୍ତେବାସୀ ନିଶାମୁକ୍ତ ହେବାର ଶିକ୍ଷା ପ୍ରଦାନ କରାଯାଇଥିଲା।

## ଭୂଷଣ୍ଡପୁର ଦାରୁବ୍ରହ୍ମଙ୍କ ରଥଯାତ୍ରା ପାଇଁ ରାଜାଙ୍କୁ ନିମନ୍ତ୍ରଣ




ଭୂଷଣ୍ଡପୁର,୩୧।୫(ସମିସ): ଟାଙ୍ଗୀ ବ୍ଲକ ଭୂଷଣ୍ଡପୁର ଠାରେ ପ୍ରତିଷ୍ଠିତ ଦାରୁବ୍ରହ୍ମ ରଥଯାତ୍ରା କମିଟି ତରଫରୁ ଆଗାମୀ ରଥଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଶ୍ରୀଶ୍ରୀ ଦାରୁବ୍ରହ୍ମ ରଥଯାତ୍ରା କମିଟି ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ପାରିକୁଦଗଡ ରାଜା ଙ୍କୁ ରଥଯାତ୍ରା ପାଇଁ ପ୍ରଥମେ ନିମନ୍ତ୍ରଣ କରାଯାଇଛି। ଦାରୁବ୍ରହ୍ମ ରଥଯାତ୍ରାର ମୁଖ୍ୟ ଆବାହକ ବିଜୟ ବାବାଙ୍କ ସହିତ କମିଟି ସଦସ୍ୟ ଯାଇ ରାଜାଙ୍କୁ ନିମନ୍ତ୍ରଣ କରିଛନ୍ତି।

## ୨୦୦୫ ମାଟ୍ରିକ୍ ବିଦ୍ୟାର୍ଥୀଙ୍କ ବନ୍ଧୁ ମିଳନ

ବାଲୁଗାଁ, ୩୧।୫(ସମିସ) : ବାଲୁଗାଁ ନିକଟସ୍ଥ ବଡକୂଳ ଚିଲିକା ଉଚ୍ଚ ବିଦ୍ୟାଳୟର ୨୦୦୫ ମସିହା ଦଶମ ଶ୍ରେଣୀ ବ୍ୟଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପିନାକି ପାଇକରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବିଦ୍ୟାଳୟର ପୂର୍ବତନ ଶିକ୍ଷକ ବିଘ୍ନନାଶ ପାଣିଗ୍ରାହୀ, ଭାଗୀରଥୀ ସ୍ୱାଇଁ, ସୁରେଶ ଶତ୍ରୁଷଲ୍ୟ, ବିଜୟକୁମାର ତ୍ରିପାଠୀ, ଅଶୋକ କୁମାର ପ୍ରଧାନ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ସାହୁଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇ ଥିଲେ। ପୂର୍ବତନ ଛାତ୍ରୀ ସସ୍ମିତା ପ୍ରଧାନ ଓ ଅର୍ଚ୍ଚନା ଜାଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଶ୍ୱିନୀ ବେହେରା, ସୁନୀଲ ପଲେଇ ଓ ବବିରାଣୀ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶେଷରେ ବାବୁନା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଟାଙ୍ଗୀ, ୩୧।୫ (ସମିସ): ଟାଙ୍ଗୀ ଶିକ୍ଷା ମଣ୍ଡଳ ଅଧିନସ୍ଥ ଅଚ୍ୟୁତପୁର ଆଞ୍ଚଳିକ ସାଧନ କେନ୍ଦ୍ର ରାତାମାଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ମୀନକେତନ ଦାସ ତାଙ୍କ ବୃତ୍ତିଗତ ଜୀବନରୁ ସେବା ଅବସର ନେଇଛନ୍ତି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଆୟୋଜିତ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଶିକ୍ଷବିତ ରମେଶ ଚନ୍ଦ୍ର ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଓଡ଼ିଶାର ସୁନାମଧନ୍ୟ ଶିକ୍ଷାବିତ ବଇଁଶୀଧର ଜଗଦେବ ମୁଖ୍ୟ ଅତିଥି ଓ କୃଷକ ନେତା କୃଷ୍ଣ ଚନ୍ଦ୍ର ଜଗଦେବ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ସହ ଶିକ୍ଷାଧିକାରୀ ନିରୁପମା ମହାପାତ୍ର, ଟାଙ୍ଗୀ ମଣ୍ଡଳ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସଲିଳ କୁମାର ସ୍ୱାଇଁ, ସମ୍ପାଦକ ସନ୍ତୋଷ କୁମାର ବେହେରା, ଜିଲ୍ଲା ସଂଗଠନ ସମ୍ପାଦକ ସମରେଶ ବେହେରା, ଶ୍ରୀରଞ୍ଜନ ମଙ୍ଗରାଜ, ଖୋର୍ଦ୍ଧା ବ୍ଲକ ପୂର୍ବତନ ସହ ଶିକ୍ଷାଧିକାରୀ ସତ୍ୟବାନ ପ୍ରଧାନ, ଖୋର୍ଦ୍ଧା ବିଧାୟକଙ୍କ ପ୍ରତିନିଧି ବାବୁ ସାମନ୍ତରାୟ, ଶିକ୍ଷକ ବଳରାମ ବେହେରା, ସୁଦର୍ଶନ ସାହୁ, ଅମର ଜୟସିଂହ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଅମ୍ଳାନ ପ୍ରହରାଜ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନୀଳାଦ୍ରି କୁମାର ସିଂହ ମଞ୍ଚ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ସେବା ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା




ଖୋର୍ଦ୍ଧା, ୩୧।୫ (ସମିସ): ସ୍ଥାନୀୟ ଜୟୀରାଜଗୁରୁ ଟାଉନ ହଲ ପରିସରରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ ସେବା ସମବାୟ ସମିତି କର୍ମଚାରୀ ସଂଘର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି କେଳୁଚରଣ ଜଗଦେବଙ୍କ ସଭାପିତ୍ୱରେ ବେଗୁନିଆ ର ଅନାଦି ସାହୁ, ଭୁବନେଶ୍ୱରର ଅନ୍ନପୂର୍ଣ୍ଣା ମିଶ୍ର, ବାଲିଅନ୍ତାର ରବୀନ୍ଦ୍ର କୁମାର ଜେନା, ପୂର୍ବତନ ସମବାୟ କର୍ମଚାରୀ ପର୍ଶୁରାମ ଦାଶ, ସୁନ୍ଦରପୁର ସମବାୟ ସମିତିର ପୂର୍ଣ୍ଣଚନ୍ଦ୍ର କଳସ, ବାଣପୁର ର ମନୋଜ କୁମାର ପ୍ରଧାନ, ବାଲିପାଟଣା ର ଅଭିମନ୍ୟୁ ନାୟକ, ହରି ବାବୁ, ରାଜ୍ୟ ସମବାୟ ସମିତି କର୍ମଚାରୀ ମହାମଂଚର କୋଷାଧ୍ୟକ୍ଷ ଲିଟନ କୁମାର ଦାସ ପ୍ରମୁଖ ମଂଚାସୀନ ଥିଲେ। ସେବା ସମବାୟ ସମିତି ଗୁଡ଼ିକ ଜନସାଧାରଣଙ୍କ ହିତ ପାଇଁ କାର୍ଯ୍ୟ କରୁଅଛି ୭୦ଭାଗ ରୁ ଉଦ୍ଧ୍ୱର୍ କୃଷକ ଙ୍କୁ କୃଷି ଋଣ ଲଗାଣ, ବିଭିନ୍ନ ପ୍ରକାର ଅନକୃଷି ଋଣ ଲଗାଣ, ସାର ବିହନ କୃଷି ଯନ୍ତ୍ରପାତି ଇତ୍ୟାଦି ବିକ୍ରି କରାଯାଉଛି। ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ କରୁଛନ୍ତି। ସେବା ସମବାୟ ସମିତି କୁ ଏକ ଜନହିତକର ସଂସ୍ଥା ବୋଲି ସରକାର ଘୋଷଣା କରିଛନ୍ତି।

ଏହି ପରିପେକ୍ଷୀରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ର ୧୭୨ଟି ସମିତି କାର୍ଯ୍ୟ କରୁଅଛି ସେଥିମଧ୍ୟରୁ ୮୦ଭାଗ ରୁ ଉଦ୍ଧ୍ୱର୍ ସମିତି କ୍ଷତିରେ ଚାଲୁଛି। ତେଣୁ ବିଭାଗୀୟ ଅଧିକାରୀ ମାନେ ଯେଉଁ କ୍ୟାଡ଼ର ଫଣ୍ଡ କୁ ୬୦ଭାଗ ଟଙ୍କା ସମିତିର ଲାଭାଂଶରୁ ଦେବା ପାଇଁ ରହିଛି ସେଥିପାଇଁ ସମିତି ସମ୍ପୂର୍ଣ୍ଣ ଅକ୍ଷମ ଅଟେ ବୋଲି ବକ୍ତାମାନେ କହିଥିଲେ। ତେଣୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଆଜିର ସଭା ରେ ୫ଦଫା ସମ୍ବଳିତ ଏକ ଦାବି ପତ୍ର ପ୍ରଦାନ କରାଯିବ ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି କରାଗଲା। ଦାବିଗୁଡିକ ମଧ୍ୟମରେ ସମିତି ରେ କାର୍ଯ୍ୟ କରୁଥିବା ସମସ୍ତ ବର୍ଗ ର କର୍ମଚାରୀ ମାନଙ୍କୁ ସମବାୟ ବିଭାଗର ତତ୍ତ୍ୱାବଧାନରେ ସରକାରୀ କ୍ୟାଡ଼ର ଭୂକ୍ତ କରି ସରକାର ଙ୍କ ବଜେଟ୍ ରେ ସେମାନଙ୍କର ଦରମା ବ୍ୟବସ୍ଥା କରାଯିବା, ସମିତି ର ନିର୍ବାଚିତ ପ୍ରତିନିଧି ମାନଙ୍କ ପାଇଁ ଗ୍ରାମ ପଂଚାୟତ ର ପ୍ରତିନିଧିମାନଙ୍କ ପରି ଦରମା ର ବ୍ୟବସ୍ଥା କରାଯିବା, ସମିତି ର କର୍ମଚାରୀ ଙ୍କ ପାଇଁ ଗ୍ରାଚ୍ୟୁଟି, ଲିଭ୍ ସାଲେରି, ପେନସନ ଇତ୍ୟାଦି ବ୍ୟବସ୍ଥା କରାଯିବା, ସମିତି ର କର୍ମଚାରି ମାନଙ୍କ ପାଇଁ ୨୦ଲକ୍ଷ୍ୟ ଟଙ୍କା ର ଜୀବନ ବୀମା କରାଯିବା, ସମିତିକୁ ୨ଏକର ସରକାରୀ ଜମି ଲିଜ୍ ସୂତ୍ର ରେ ଯୋଗାଇ ଦିଆଯାଉ ପ୍ରମୁଖ ଦାବି ରହିଛି। ଶେଷରେ ସଂଘର ସହ ସଭାପତି ନିତ୍ୟାନନ୍ଦ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ବିଶ୍ୱନାଥ ମହାରଣା ଓ ଝଜ ସାମନ୍ତରାୟ, ମାନସ ଛୋଟରାୟ, ସୌମ୍ୟ ରଞ୍ଜନ ରାଉତରାୟ, କୁନୁ ପଟ୍ଟନାୟକ, ପାତଞ୍ଜଳି ପ୍ରଧାନ, ନରେଶ ମହାନ୍ତି, ବାଙ୍କନିଧି ପ୍ରଧାନ, ନିରାମାଖି ସାହୁ, ପରମାନନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

ସକାଳ
THE SAKALA



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୫.୦୧
- ପାଉଣ୍ଡ ୧୨୮.୩୯
- ୟୁରୋ ୧୧୧.୨୫
- ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୩,୯୫୦ (ଭୁବନେଶ୍ୱର)
- ରୁପା : ୨,୯୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୭୭୫.୦୦
- ନିଫ୍ଟି ୨୩,୫୪୭.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



# ପଶ୍ଚିମ ଏସିଆ ସଙ୍କଟ ନୁହେଁ | ଦୁର୍ବଳ ଘରୋଇ ନିବେଶରେ ଅର୍ଥନୀତି ମନ୍ଥର

## ଅଧିକ ଟିକସ, କଠୋର ନିୟମରେ ବିଦେଶୀ ନିବେଶକ ପ୍ରଭାବିତ

## ଘରୋଇ ନିବେଶ ସୁଦୃଢ଼ କଲେ ଅଭିବୃଦ୍ଧି ହାର ୮%କୁ ବୃଦ୍ଧି ପାଇବ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ମଧ୍ୟପ୍ରାଚ୍ୟ ସଙ୍କଟରେ ବିଶ୍ୱ ଅର୍ଥନୀତି ପ୍ରଭାବିତ। ହେଲେ ଏଥିରେ ସବୁଠୁ ଅଧିକ ପ୍ରଭାବିତ ହେଲାଣି ଭାରତର ଅର୍ଥନୀତି। ଧିମେଇଛି ବଜାର କାରବାର ଆଉ ଅଭିବୃଦ୍ଧି। ଭାରତୀୟ ଅର୍ଥନୀତିରେ ଏଭଳି ସ୍ଥିତିକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଭାରତ ପ୍ରସିଦ୍ଧ ଅର୍ଥନୀତିଜ୍ଞ ସୁରଜିତ ଭଲ୍ଲା। ସେ ଦେଶର ଅର୍ଥନୀତି ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ବକ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ ଭାରତର ଅର୍ଥନୀତି ମନ୍ଥରତାର ପ୍ରକୃତ କାରଣ ପଶ୍ଚିମ ଏସିଆ ସଙ୍କଟ ନୁହେଁ, ବରଂ ଦେଶରେ ଦୁର୍ବଳ ଘରୋଇ ନିବେଶ। ଦୁର୍ବଳ ଘରୋଇ ନିବେଶ ଦେଶର ଅର୍ଥନୀତିକୁ ମନ୍ଥର କରିଛି।

ଶ୍ରୀ ଭଲ୍ଲାଙ୍କ ଅନୁଯାୟୀ, କିଛି ମାସ ପୂର୍ବରୁ ଭାରତର ଦୃଢ଼ ଜିଡ଼ିପି ଅଭିବୃଦ୍ଧି ଏହି ଧାରଣା ସୃଷ୍ଟି କରିଥିଲା ଯେ ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଉଛି, କିନ୍ତୁ ପ୍ରକୃତ ସମସ୍ୟା ଥିଲା ଘରୋଇ କ୍ଷେତ୍ରରେ ନିବେଶରେ ହ୍ରାସ। ଗତ ୬ରୁ ୮ମାସ ପୂର୍ବେ ଭାରତର ଅର୍ଥନୀତି ସମ୍ପର୍କରେ ଏକ ବହୁତ ସକାରାତ୍ମକ ଭାବନା ଥିଲା। ଜିଡ଼ିପି ଅଭିବୃଦ୍ଧି ଭଲ ରହିଥିବାବେଳେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ଥିଲା। ତଥାପି, ସେ ଆହୁରି ମଧ୍ୟ କହିଛନ୍ତି ଯେ ସେହି ସମୟରେ ମଧ୍ୟ ଘରୋଇ ନିବେଶ ଦୁର୍ବଳ ଥିଲା। ସରକାରୀ ଖର୍ଚ୍ଚ ଏବଂ ନିବେଶ ଯୋଗୁଁ ଅର୍ଥନୀତି ଦୃଢ଼ ଦେଖାଯାଉଥିଲା, ଯେତେବେଳେ କି ଘରୋଇ କମ୍ପାନୀଗୁଡ଼ିକ ନିବେଶ ବୃଦ୍ଧି କରିବାରୁ ନିବୃତ୍ତ ରହୁଥିଲେ। ସରକାରୀ ନିବେଶ ନିଶ୍ଚିତ ଭାବରେ ଅର୍ଥନୀତିକୁ ସମର୍ଥନ କରିଥାଏ, କିନ୍ତୁ ଏହା ଘରୋଇ ନିବେଶ ପରି ପ୍ରଭାବଶାଳୀ ନୁହେଁ। ସେ କହିଛନ୍ତି ଯେ ଭିତ୍ତିଭୂମି ଏବଂ ସରକାରୀ ପ୍ରକଳ୍ପଗୁଡ଼ିକରେ ଦୁର୍ନୀତି ଏବଂ ଖର୍ଚ୍ଚ ଅଧିକ ରହିଥାଏ। ଫଳସ୍ୱରୂପ, ସରକାରୀ ଖର୍ଚ୍ଚ ଘରୋଇ କ୍ଷେତ୍ର ନିବେଶ ପରି ସମାନ ଲାଭ ପ୍ରଦାନ କରେ ନାହିଁ। ଭଲ୍ଲାଙ୍କ ଅନୁଯାୟୀ, କେବଳ ସରକାରୀ ନିବେଶ ଉପରେ ନିର୍ଭର କରି ଦୀର୍ଘକାଳୀନ ଭାବରେ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ହାସଲ କରାଯାଇପାରିବନାହିଁ।





ଭଲ୍ଲା ସ୍ପଷ୍ଟ ଭାବରେ କହିଥିଲେ ଯେ ଚଳିତବର୍ଷ ଫେବୃଆରୀ ପରେ ବୃଦ୍ଧି ପାଇଥିବା ପଶ୍ଚିମ ଏସିଆ ସଙ୍କଟକୁ ଭାରତର ଆର୍ଥିକ ମନ୍ଥରତାର ମୁଖ୍ୟ କାରଣ ଭାବରେ ବିବେଚନା କରାଯାଇପାରିବନାହିଁ। ସେ କହିଥିଲେ ଯେ ତାଙ୍କର ଅର୍ଥନୈତିକ ବିଶ୍ଳେଷଣ ଜାନୁଆରୀ ୨୦୨୬ ପୂର୍ବର ତଥ୍ୟ ଉପରେ ଆଧାରିତ। ତେଣୁ, ପଶ୍ଚିମ ଏସିଆରେ ଉତ୍ତେଜନା ସିଧାସଳଖ ତାଙ୍କ ମତ ସହିତ ଜଡିତ ନୁହେଁ। ଯଦିଓ ସେ ସ୍ୱୀକାର କରିଛନ୍ତି ଯେ ଏହି ସଙ୍କଟ ବିଶ୍ୱର ପ୍ରତ୍ୟେକ ଦେଶକୁ ପ୍ରଭାବିତ କରିଛି, ଭାରତର ମୁଖ୍ୟ ସମସ୍ୟା ଘରୋଇ ନିବେଶ ସହିତ ଜଡିତ।

ତାଙ୍କ ମତରେ ଘରୋଇ କମ୍ପାନୀଗୁଡ଼ିକ ଯେଉଁଠାରେ ଅଧିକ ଲାଭ ଏବଂ ଉତ୍ତମ ପରିବେଶ ପାଆନ୍ତି ସେଠାରେ ନିବେଶ କରନ୍ତି। ତାଙ୍କ ଅନୁସାରେ, ଭାରତରେ ଅନେକ ନୀତିଗତ ପରିବର୍ତ୍ତନ ବିଦେଶୀ ଏବଂ ଘରୋଇ ନିବେଶକଙ୍କ ପାଇଁ ପରିବେଶକୁ କଷ୍ଟକର କରିଦେଇଛି। ସେ କହିଛନ୍ତି ଯେ ୨୦୧୫ ପରେ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମାରେ ପରିବର୍ତ୍ତନ ବିଦେଶୀ ନିବେଶକଙ୍କ ପାଇଁ ଭାରତରେ ନିବେଶ କରିବା କଷ୍ଟକର କରିଦେଇଛି। ଭଲ୍ଲା କହିଛନ୍ତି ଯେ ବିଦେଶୀ ନିବେଶକମାନେ ଅଧିକ ଟିକସ ଏବଂ କଠୋର ନିୟମ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ତାଙ୍କ ଅନୁସାରେ, ଭାରତ ନିବେଶକଙ୍କ ପାଇଁ ଏପରି ପରିସ୍ଥିତି ସୃଷ୍ଟି କରିଛି ଯାହା କମ୍ପାନୀଗୁଡ଼ିକ ପାଇଁ ବିଦେଶରେ ନିବେଶକୁ ସହଜ ଏବଂ ଅଧିକ ଲାଭଦାୟକ କରିଥାଏ। ସେ କହିଛନ୍ତି ଯେ ଯଦି ଭାରତ ଦ୍ରୁତ ଆର୍ଥିକ ଅଭିବୃଦ୍ଧି ଚାହୁଁଛି, ତେବେ ବିଦେଶୀ ନିବେଶକଙ୍କ ପାଇଁ ପରିବେଶକୁ ସହଜ ଏବଂ ପ୍ରତିଯୋଗିତାମୂଳକ କରିବାକୁ ପଡିବ। ଭାରତ ୨୦୧୫ ପୂର୍ବ ଦ୍ୱିପାକ୍ଷିକ ନିବେଶ ଚୁକ୍ତିନାମାକୁ ପୁନଃ କାର୍ଯ୍ୟକାରୀ କରିବା ଉପରେ ବିଚାର କରିବା ଉଚିତ। ସେ ପିଛିଲା ଟିକସକୁ ହଟାଇବା, ବିଦେଶୀ ନିବେଶକଙ୍କ ଉପରେ ଟିକସ ହ୍ରାସ କରିବା ଏବଂ ରପ୍ତାନି-ମୁଖୀ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଭଲ୍ଲାଙ୍କ ଅନୁସାରେ, ଯଦି ଭାରତ ଘରୋଇ ନିବେଶକୁ ସୁଦୃଢ଼ କରେ, ତେବେ ଦେଶର ଆର୍ଥିକ ଅଭିବୃଦ୍ଧି ହାର ୬ ପ୍ରତିଶତରୁ ପ୍ରାୟ ୮ ପ୍ରତିଶତକୁ ବୃଦ୍ଧି ପାଇପାରିବ।

# ଧୋକା ଦେଉଛନ୍ତି ବିଦେଶୀ ନିବେଶକ | ଭାରତରୁ କାଢ଼ି ନେଲେଣି ୨.୨୫ ଲକ୍ଷ କୋଟିର ପାଣ୍ଠି

## ତାଇୱାନ, ଦକ୍ଷିଣ କୋରିଆ ଭଳି ଟେକ୍ନୋଲୋଜି ସମ୍ପନ୍ନ ଦେଶରେ ନିବେଶ

**ମୁମ୍ବଇ, ୩୧।୫ (ଏଜେନ୍ସି):** ଚଳିତ ବର୍ଷ ୨୦୨୬ରେ ଭାରତୀୟ ଶେୟାର ବଜାରରୁ ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ଙ୍କ ଶେୟାର ବିକ୍ରି ପ୍ରକ୍ରିୟା ଜାରି ରହିଛି। ଜାତୀୟ ସିକ୍ୟୁରିଟିଜ୍ ଡିପୋଜିଟରି ଲିମିଟେଡ୍ (ଏନ୍‌ଏସ୍‌ଏଲ୍‌ଡି)ର ସଦ୍ୟତମ ତଥ୍ୟ ଅନୁଯାୟୀ, ୨୦୨୬ରେ ଏ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ଭାରତୀୟ ବଜାରରୁ ମୋଟ ୨.୨୫ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିସାରିଛନ୍ତି। ଏହି ପରିମାଣ ଗତ ବର୍ଷ ସମ୍ପୂର୍ଣ୍ଣ ବର୍ଷରେ ହୋଇଥିବା ୧.୬୬ ଲକ୍ଷ କୋଟି ଟଙ୍କାର ବିକ୍ରିଠାରୁ ବହୁ ଅଧିକ। ଫେବୃଆରୀକୁ ଛାଡ଼ି ଦେଲେ ଅନ୍ୟ ସବୁ ମାସରେ ବିଦେଶୀ ନିବେଶକ ଟଙ୍କା ପ୍ରତ୍ୟାହାର କରିଛନ୍ତି। କମ୍ପାନୀଗୁଡ଼ିକର ମନ୍ଥର ଆୟ ଅଭିବୃଦ୍ଧି, ଟଙ୍କା ଦୁର୍ବଳ ହେବା ଏବଂ ବିଶ୍ୱ ବଜାରରେ ଉପଲବ୍ଧ ଭଲ ସୁଯୋଗ ଯୋଗୁ ନିବେଶକମାନେ ଏହି ପଦକ୍ଷେପ ନେଇଛନ୍ତି।

ବିଦେଶୀ ନିବେଶକମାନେ ଜାନୁଆରୀ ମାସରେ ଭାରତୀୟ ବଜାରରୁ ୩୫,୯୬୨ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଫେବୃଆରୀ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ନେଟ୍ ବାୟର୍ସ (କ୍ରେତା) ପାଲଟିଥିଲେ ଏବଂ ସେମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ। ଗତ ୧୭ ମାସ ମଧ୍ୟରେ କୌଣସି ଗୋଟିଏ ମାସରେ ଏହା ସର୍ବାଧିକ ନିବେଶ (ଇନଫ୍ଲୋ) ଥିଲା। ହେଲେ ମାର୍ଚ୍ଚ ମାସରେ ଏହି ଧାରା ସମ୍ପୂର୍ଣ୍ଣ ଓଲଟି ଯାଇଥିଲା ଏବଂ ବିଦେଶୀ ନିବେଶକମାନେ ରେକର୍ଡ ୧.୧୭ ଲକ୍ଷ କୋଟିର ସେୟାର ବିକ୍ରି କରିଥିଲେ। ବିକ୍ରିର ଏହି ଧାରା ଏପ୍ରିଲ ମାସରେ ମଧ୍ୟ ଜାରି ରହିଥିଲା, ବଜାରରୁ ୬୦,୮୪୭ କୋଟି ଟଙ୍କାର ପାଣ୍ଠି ବର୍ହିଗମନ ଦେଖିବାକୁ ମିଳିଥିଲା।ମେ' ମାସରେ ମଧ୍ୟ ପ୍ରାୟ ୩୩,୦୦୦ କୋଟି ଟଙ୍କାର ପାଣ୍ଠି ବହିର୍ଗମନ ରେକର୍ଡ କରାଯାଇଛି। ବଜାର ବିଶେଷଜ୍ଞଙ୍କ ମତରେ ଏହି ବ୍ୟାପକ ସେୟାର ବିକ୍ରି ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ କାରଣ





ରହିଛି। ସେଗୁଡିକ ହେଉଛି, ଟଙ୍କା ମୂଲ୍ୟରେ ହ୍ରାସ ଏବଂ ତେଲ ଦର ଓ ଭୂ-ରାଜନୈତିକ ଉତ୍ତେଜନା ଏବଂ ଅନ୍ୟ କେତେକ କାରଣ। ୨୦୨୬ରେ ଟଙ୍କା ମୂଲ୍ୟରେ ପ୍ରାୟ ୬% ଏବଂ ଗତ ଏକ ବର୍ଷ ମଧ୍ୟରେ ପ୍ରାୟ ୧୦% ହ୍ରାସ ପାଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୯୫.୫ ସ୍ତରକୁ ଖସି ଆସିଥିବାରୁ ବିଦେଶୀ ନିବେଶକଙ୍କ ରିଟର୍ଣ୍ଣ ପ୍ରଭାବିତ ହେଉଛି। ଭାରତ ନିଜର ୮୦%ରୁ ଅଧିକ ଅଶୋଧିତ ତେଲ ଆମଦାନୀ କରୁଥିବାରୁ ଅନ୍ତର୍ଜାତୀୟ ବଜାରରେ ତେଲ ଦର ବୃଦ୍ଧି ଏହାର ଅର୍ଥନୀତି ଉପରେ ଚାପ ପକାଉଛି। 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ' ନିକଟରେ ଉତ୍ତେଜନା ବଢ଼ିବାରୁ ବ୍ରେଣ୍ଟ କ୍ରୁଡ୍ ଦାମ୍ ୭୦ ଡଲାରରୁ ବଢ଼ି ୯୫-୧୦୫ ଡଲାର ପ୍ରତି ବ୍ୟାରେଲ୍ ମଧ୍ୟରେ ରହିଛି, ଯାହା ଦେଶର ଆମଦାନୀ ବିଲ୍ ଏବଂ ଚଳିତ ଖାତା ନିଅଣ୍ଟ (ସିଏଡି) ବଢ଼ାଇଦେଇଛି। ଅନ୍ୟାନ୍ୟ କାରଣମଧ୍ୟରେ ବିଶ୍ୱରେ ଅର୍ଥନୈତିକ ଅନିଶ୍ଚିତତା, ମୁଦ୍ରାସ୍ଫୀତି ଏବଂ ସୁଧ ହାର ସମ୍ବନ୍ଧୀୟ ଆଶଙ୍କା ମଧ୍ୟ ନିବେଶକଙ୍କୁ ସତର୍କ କରିଛି। ଚଳିତବର୍ଷ କେବଳ ଫେବୃଆରୀ ମାସକୁ ଛାଡିଦେଲେ, ଅନ୍ୟ ପ୍ରତ୍ୟେକ ମାସରେ ବିଦେଶୀ ନିବେଶକମାନେ କ୍ରମାଗତ ଭାବେ ଶେୟାର ବିକ୍ରି କରି ଚାଲିଛନ୍ତି। ଫେବୃଆରୀରେ ୨୨,୬୧୫ କୋଟି ଟଙ୍କାର ନିବେଶ ଆସିଥିଲା, ଯାହା ଗତ ୧୭ ମାସର ସର୍ବାଧିକ ଥିଲା। କିନ୍ତୁ ଏହି ଆଶା ମଧ୍ୟ ପରେ ସ୍ୱଳ୍ପକାଳୀନ ବୋଲି ପ୍ରମାଣିତ ହୋଇଥିଲା।

# 'ରିଅଲ୍‌ମି ୧୬ଟି' ୫ଜିର ଶୁଭାରମ୍ଭ

**ମୁମ୍ବଇ,୩୧।୫(ଏଜେନ୍ସି):** ଅଗ୍ରଣୀ ସ୍ମାର୍ଟଫୋନ ବ୍ରାଣ୍ଡ ରିଅଲ୍‌ମି ପକ୍ଷରୁ ଯୁବ ଉପଭୋକ୍ତାଙ୍କ ପାଇଁ ନିର୍ମିତ ରିଅଲ୍‌ମି ବଡ୍‌ସ ଏୟାର ୮ ପ୍ରୋ ଓ ରିଅଲ୍‌ମି ୱାଚ ଏସ୫ ସହିତ ଏହାର ନମ୍ବର ସିରିଜ୍‌ରେ ନୂତନ ସ୍ମାର୍ଟଫୋନ ରିଅଲ୍‌ମି ୧୬ଟି ୫ଜିର ଶୁଭାରମ୍ଭ କରାଯାଇଛି। ୮୦୦୦ ଏମ୍‌ଏଏଚ ୩-ଡେ ପାୱାରହାଉସ' ଭାବେ ସ୍ଥାନିତ ହୋଇଥିବା ରିଅଲ୍‌ମି ୧୬ଟି ୫ଜି ଶ୍ରେଣୀ-ଅଗ୍ରଣୀ ବ୍ୟାଟେରୀ ସ୍ଥିରତା, ଏଆଇ-ପରିଚାଳିତ ପୋର୍ଟ୍ରେଟ ଇମେଜିଂ, ଦୀର୍ଘକାଳିନ ସୁଗମତା ବୃଦ୍ଧି ଓ ମଜବୁତ ସ୍ଥାୟିତ୍ୱକୁ ଏକତ୍ରିତ କରିଛି, ଯାହା ଗେମିଂ, ଭ୍ରମଣ, ମନୋରଞ୍ଜନ ଓ ଦୈନନ୍ଦିନ କଣ୍ଟେଣ୍ଟ ନିର୍ମାଣ ପାଇଁ ଏକ ନିର୍ଭରଯୋଗ୍ୟ ସାଥୀ ପ୍ରଦାନ କରୁଛି। ରିଅଲ୍‌ମି ୧୬ଟି ୫ଜିରେ ଏକ ଶ୍ରେଣୀ-ଅଗ୍ରଣୀ ୮୦୦୦ ଏମଏଏଚ ବ୍ୟାଟେରୀ, ସୋନି ୫୦ଏମ୍‌ପି ଏଆଇ କ୍ୟାମେରା ସହ ଏଆଇ ପୋର୍ଟ୍ରେଟ ଗ୍ଲୋ,ସେଗ୍‌ମେଣ୍ଟର ପ୍ରଥମ ସେଲ୍‌ଫି ମିରର, ୬ ବର୍ଷର ସହଜ ଅନୁଭୂତି ଓ ଆଇପି୬୯ ପ୍ରୋ-ଲେଭେଲ ୱାଟର ରେଜିଷ୍ଟାନ୍ସ ଭଳି ଫିଚର ରହିଛି। ରିଅଲ୍‌ମି ୧୬ଟି ୫ଜି ଆସନ୍ତା ମେ' ୨୭ ୨୬,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଫ୍ଲିପକାର୍ଟ, ରିଅଲ୍‌ମି ଡଟ୍ କମ୍ ଏବଂ ଦେଶବ୍ୟାପୀ ନିର୍ଦ୍ଦିଷ୍ଟ ବଜାରରେ ମେନ୍‌ଲାଇନ ଷ୍ଟୋର ଓ ଅଥୋରାଇଜ୍‌ଡ ରିଟେଲ ଚ୍ୟାନେଲଗୁଡିକରେ ଉପଲବ୍ଧ ହେବ।





# ଭଡ଼ା ବୃଦ୍ଧି ପରେ କମିଲେ ବିମାନ ଯାତ୍ରୀ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଦେଶର ଘରୋଇ ବିମାନ ଚଳାଚଳ କ୍ଷେତ୍ରରେ ଏପ୍ରିଲ ମାସରେ ମାନ୍ଦାବସ୍ଥା ପରିଲକ୍ଷିତ ହୋଇଛି। ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ତଥ୍ୟ ଅନୁଯାୟୀ, ମାର୍ଚ୍ଚ ତୁଳନାରେ ଏପ୍ରିଲରେ ଯାତ୍ରୀଙ୍କ ସଂଖ୍ୟା ୪.୨% ହ୍ରାସ ପାଇଛି। ବର୍ଦ୍ଧିତ ଖର୍ଚ୍ଚ ଏବଂ ଯାତ୍ରା ପାଇଁ କମ୍ ଚାହିଦା ଯୋଗୁଁ ଏହି ସ୍ଥିତି ଉପୁଜିଥିବା କୁହାଯାଉଛି। ଡିଜିସିଏ ରିପୋର୍ଟ ଅନୁସାରେ, ଏପ୍ରିଲରେ ବିଭିନ୍ନ ବିମାନ ସଂସ୍ଥା ମାଧ୍ୟମରେ ମୋଟ ୧.୩୮ କୋଟିରୁ ଅଧିକ ଯାତ୍ରୀ ଯାତ୍ରା କରିଛନ୍ତି, ଯାହା ଗତ ବର୍ଷ ଏହି ସମୟ ତୁଳନାରେ ୩.୪୭% କମ୍। ଗତ ବର୍ଷ ଏପ୍ରିଲରେ ୧.୪୩ କୋଟି ଏବଂ ଚଳିତ ବର୍ଷ ମାର୍ଚ୍ଚରେ ୧.୪୪ କୋଟି ଯାତ୍ରୀ ଯାତ୍ରା କରିଥିଲେ। ୨୦୨୬ ଜାନୁଆରୀରୁ ଏପ୍ରିଲ ମଧ୍ୟରେ ମୋଟ ୫୬୫.୪୯ ଲକ୍ଷ ଯାତ୍ରୀ ଯାତ୍ରା କରିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ମାତ୍ର ୦.୦୬% ଅଧିକ।

ବିମାନ ଇନ୍ଧନର ବଢୁଥିବା ମୂଲ୍ୟ ଏବଂ ସୀମିତ ଚାହିଦା ଯୋଗୁଁ ଏୟାରଲାଇନ୍ସଗୁଡ଼ିକ ପାଇଁ କାର୍ଯ୍ୟକ୍ଷମ ପରିବେଶ କଷ୍ଟକର ହୋଇପଡ଼ିଛି। ପ୍ରତିକାର ସ୍ୱରୂପ ଅନେକ ସଂସ୍ଥା ସାମୟିକ ଭାବେ ସେମାନଙ୍କର କିଛି ଗତିବିଧି କମାଇ ଦେଇଛନ୍ତି। ବିମାନ ସଂସ୍ଥାଗୁଡ଼ିକ ମଧ୍ୟରେ ଇଣ୍ଡିଗୋ ନିଜର ସ୍ଥିତି ମଜବୁତ କରିଛି। ଏହାର ବଜାର ଅଂଶଧନ ମାର୍ଚ୍ଚରେ ୬୩.୩% ଥିବାବେଳେ ଏପ୍ରିଲରେ ୬୫% କୁ ବୃଦ୍ଧି ପାଇଛି। ସେହିପରି ଆକାଶ ଏୟାରର ମଧ୍ୟ ସାମାନ୍ୟ ଉନ୍ନତି ଦେଖାଦେଇଛି। ମାତ୍ର ଅନ୍ୟ ସମସ୍ତ ବିମାନ ସଂସ୍ଥା ଗୁଡ଼ିକର ଅଂଶଧନ ହ୍ରାସ ପାଇଛି।

# ଜୁନ୍ ୩ରୁ ଆର୍‌ବିଆଇ ଏମ୍‌ପିସି ବୈଠକ | ସୁଧ ହାର ଅପରିବର୍ତ୍ତିତ ନେଇ ଆର୍‌ବିଆଇର ସଙ୍କେତ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ମୁଦ୍ରା ନୀତି କମିଟି(ଏମ୍‌ପିସି) ବୈଠକ ଜୁନ୍ ୩-୫ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି। ବୈଠକରେ କେନ୍ଦ୍ରୀୟ ବ୍ୟାଙ୍କ ରେପୋ ହାରକୁ ଅପରିବର୍ତ୍ତିତ ରଖିବ ବୋଲି ଆଶା କରାଯାଉଛି। କାରଣ ଏହା ବିଶ୍ୱବ୍ୟାପୀ ଅସ୍ଥିରତା ଏବଂ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ଏହାର ପ୍ରଭାବକୁ ଉଲ୍ଲେଖ କରିଛି। ବଜାର ବିଶେଷଜ୍ଞ ଏବଂ ଅର୍ଥନୀତିଜ୍ଞମାନେ ବିଶ୍ୱାସ କରନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ଜୁନ୍ ବୈଠକରେ ଏକ ସତର୍କ ମନୋଭାବ ବଜାୟ ରଖିବ ଏବଂ କୌଣସି ନୀତିଗତ ପଦକ୍ଷେପ ନେବା ପୂର୍ବରୁ ପଶ୍ଚିମ ଏସିଆର ବିକାଶ ଏବଂ ସାମଗ୍ରୀ ମୂଲ୍ୟ, ଯୋଗାଣ ଶୃଙ୍ଖଳା ଏବଂ ଆର୍ଥିକ ବଜାର ଉପରେ ଏହାର ପ୍ରଭାବ ନେଇ କଡ଼ା ନଜର ରଖିବ। ଆର୍‌ବିଆଇ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ଜୁନ୍ ୫ରେ ତିନି ଦିନିଆ ଏମ୍‌ପିସି ବୈଠକ ପରେ ନିଷ୍ପତ୍ତି ଘୋଷଣା କରିବେ। କମିଟି ଏପ୍ରିଲରେ ଏହାର ପୂର୍ବ ବୈଠକରେ ମଧ୍ୟ ସୁଧ ହାରକୁ





ଅପରିବର୍ତ୍ତିତ ରଖିଥିଲା। ଯେତେବେଳେ ସୁଧ ହାର ଅପରିବର୍ତ୍ତିତ ରହିବାର ସମ୍ଭାବନା ଅଧିକ, କିଛି ଅର୍ଥନୀତିଜ୍ଞ ବିଶ୍ୱାସ କରନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ଏହାର ମାକ୍ରୋ ଇକୋନୋମିକ୍ ଆକଳନକୁ ସଂଶୋଧନ କରିପାରେ। ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ନିରନ୍ତର ଯୋଗାଣ ଶୃଙ୍ଖଳ ବାଧା ଏବଂ ବାହ୍ୟ କାରଣ ଯୋଗୁଁ ଟଙ୍କା ଉପରେ ଚାପ ଆର୍‌ବିଆଇକୁ ଏହାର ମୁଦ୍ରାସ୍ଫୀତି ପୂର୍ବାନୁମାନ ବୃଦ୍ଧି କରିବାକୁ ଏବଂ ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ଆକଳନକୁ ହ୍ରାସ କରିବାକୁ ବାଧ କରିପାରେ। ଏସ୍‌ବିଆଇ ରିସର୍ଚ୍ଚର ଏକ ସାମ୍ପ୍ରତିକ ରିପୋର୍ଟ ଆକଳନ କରିଛି ଯେ କେନ୍ଦ୍ରୀୟ ବ୍ୟାଙ୍କ ଅସ୍ଥିର ବିଶ୍ୱ ପରିଦୃଶ୍ୟ ମଧ୍ୟରେ ବର୍ତ୍ତମାନର ନୀତି ହାର ବଜାୟ ରଖିବ। ରିପୋର୍ଟ ଅନୁଯାୟୀ, ମୁଦ୍ରାସ୍ଫୀତି ଧାରା ସୂଚାଇଛି ଯେ ଆଗାମୀ ତିନି ତ୍ରୈମାସିକ ପାଇଁ ଉପଭୋକ୍ତା ମୂଲ୍ୟ ମୁଦ୍ରାସ୍ଫୀତି ୫ ପ୍ରତିଶତରୁ ଅଧିକ ରହିପାରେ, ଯଦିଓ ଚଳିତ ତ୍ରୈମାସିକରେ ମୁଦ୍ରାସ୍ଫୀତି ୪ରୁ ୪.୧ ପ୍ରତିଶତ ମଧ୍ୟରେ ରହିବ ବୋଲି ଆଶା କରାଯାଉଛି। ରିପୋର୍ଟରେ ଭାରତର ପ୍ରକୃତ ଜିଡିପି ଅଭିବୃଦ୍ଧି ୨୦୨୬ ର ଚତୁର୍ଥ ତ୍ରୈମାସିକରେ ପ୍ରାୟ ୭.୨ ପ୍ରତିଶତ ଏବଂ ସାମଗ୍ରିକ ଅର୍ଥନୈତିକ ଅଭିବୃଦ୍ଧି ୨୦୨୬ ପାଇଁ ୭.୫ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଛି।

# ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ୬୬ତମ ଶାଖା ଉଦ୍‌ଘାଟିତ

**ଭୁବନେଶ୍ୱର, ୩୧।୫ (ସମିସ):** ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଏକ ନୂତନ ଶାଖା ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ନୂତନ ଶାଖା ସହିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ଗଞ୍ଜାମ ଜିଲ୍ଲାରେ ମୋଟ୍ ଶାଖା ସଂଖ୍ୟା ୮ରେ ପହଞ୍ଚିଛି। ଏହି ନୂତନ ଶାଖା ସହିତ ରାଜ୍ୟରେ ବ୍ୟାଙ୍କର ମୋଟ୍ ଶାଖା ସଂଖ୍ୟା ୬୬ରେ ପହଞ୍ଚିଛି। ବ୍ୟାଙ୍କ ରାଜ୍ୟରେ ଏହାର ଉପସ୍ଥିତି ଏବଂ ଗ୍ରାହକଙ୍କ ପହଞ୍ଚକୁ ଆହୁରି ସୁଦୃଢ଼ କରିବା ପାଇଁ ବିଭିନ୍ନ ଯୋଜନା ଘୋଷଣା କରିଛି। ମୁଖ୍ୟ ଅତିଥି ରୂପେ ଯୋଗଦେଇଥିବା ଗଞ୍ଜାମ ଜିଲ୍ଲା କୁକୁଡାଖଣ୍ଡିର ତହସିଲଦାର ରାଜକିଶୋର ପଟ୍ଟନାୟକ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଦିଲ୍ଲୀପ କୁମାର ରାଉଳ ଏବଂ କୁକୁଡାଖଣ୍ଡି ଶାଖାର ଶାଖା ପ୍ରବନ୍ଧକ ମାଲ୍ଲାଭରପୁ ଭିଭିଏସ୍ ପାର୍ବତୀସାମଙ୍କ ଉପସ୍ଥିତିରେ ଏହି ନୂତନ ଶାଖାର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପ୍ରଦାନ କରାଯାଉଥିବା ବ୍ୟାଙ୍କିଙ୍ଗ୍ ସେବାର ପ୍ରଶଂସା କରିଥିଲେ ଏବଂ କୁକୁଡାଖଣ୍ଡି ଜନସାଧାରଣ ଏହି ସୁବିଧାଗୁଡିକର ଲାଭ ଉଠାଇବା ପାଇଁ ଅଗ୍ରସର ହେବା ଉଚିତ୍ ବୋଲି ସେ କହିଥିଲେ। ଓଡିଶାରେ ସାମ୍ପ୍ରତିକ ଶାଖା ସଂପ୍ରସାରଣ ବିଷୟରେ ମତ ପ୍ରକାଶ କରି ଅଞ୍ଚଳ ପ୍ରବନ୍ଧକ ଶ୍ରୀ ରାଉଳ କହିଛନ୍ତି ଯେ, ରାଜ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଏବଂ ରଣନୈତିକ ପ୍ରାଧାନ୍ୟ ରଖୁଥିବା ଗଞ୍ଜାମ ଜିଲ୍ଲାରେ ଆଉ ଏକ ଶାଖା ଖୋଲାଯାଇଥିବାରୁ ସେ ଅତ୍ୟନ୍ତ ଖୁସି।



# ଆଜିଠୁ ବଡ଼ ପରିବର୍ତ୍ତନ | ଗ୍ୟାସ୍ ସିଲିଣ୍ଡରର ମୂଲ୍ୟଠାରୁ ୟୁପିଆଇ କାରବାର ଯାଏ ସବୁ ବଦଳିବ

**ନୂଆଦିଲ୍ଲୀ,୩୧।୫(ଏଜେନ୍ସି):** ଜୁନ୍ ମାସ ଆରମ୍ଭ ହେବା ସହ ଲୋକଙ୍କ ଦୈନନ୍ଦିନ ଜୀବନ ଏବଂ ଆର୍ଥିକ ଯୋଜନା ସହିତ ଜଡିତ ଅନେକ କ୍ଷେତ୍ରରେ ପ୍ରମୁଖ ପରିବର୍ତ୍ତନ ସବୁ କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ପରିବର୍ତ୍ତନଗୁଡ଼ିକ ସର୍ବସାଧାରଣଙ୍କ ଗ୍ୟାସ୍ ସିଲିଣ୍ଡର ମୂଲ୍ୟଠାରୁ ଆରମ୍ଭ କରି ଡିଜିଟାଲ୍ ପେମେଣ୍ଟ ଏବଂ ବ୍ୟାଙ୍କିଙ୍ଗ ସେବା ପର୍ଯ୍ୟନ୍ତ ସବୁକିଛିକୁ ପ୍ରଭାବିତ କରିବ।

ଜୁନ୍ ୧ ରୁ ୟୁପିଆଇ ମାଧ୍ୟମରେ ଯାହାଙ୍କୁ ଟଙ୍କା ସ୍ଥାନାନ୍ତର କରିଲେ, ତାଙ୍କ ପ୍ରକୃତ ବ୍ୟାଙ୍କ ପଞ୍ଜିକୃତ ନାମ ସ୍କ୍ରିନରେ ପ୍ରଦର୍ଶିତ ହେବ। ଠକେଇ ହ୍ରାସ କରିବା ପାଇଁ ୟୁପିଆଇ ପରିଚାଳନା କରୁଥିବା ସରକାରୀ ସଂସ୍ଥା, ନ୍ୟାସନାଲ ପେମେଣ୍ଟ୍ସ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଦ୍ୱାରା ଏହି ପଦକ୍ଷେପ ନିଆଯାଇଛି। ଜୁନ୍ ୧୫ କରଦାତାଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ତାରିଖ ହେବ, କାରଣ ଏହା ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପ୍ରଥମ କିସ୍ତିର ଅଗ୍ରିମ ଟିକସ ଜମା କରିବାର ଶେଷ ତାରିଖ। ଯେଉଁମାନଙ୍କର ଆନୁମାନିକ ଟିକସ ଦାୟିତ୍ୱ ୧୦,୦୦୦ ଟଙ୍କାରୁ ଅଧିକ, ସେମାନଙ୍କୁ ମୋଟ ଅଗ୍ରିମ ଟିକସର ୧୫ ପ୍ରତିଶତ ଜମା କରିବାକୁ ପଡିବ, ନଚେତ୍ ସୁଧ ଆଦାୟ ହୋଇପାରେ।


ମାରୁତି ସୁଜୁକି ଏବଂ ହୁଣ୍ଡାଇ ମୋଟର ଇଣ୍ଡିଆ ଭଳି କାର କମ୍ପାନୀଗୁଡ଼ିକ ଜୁନ୍ ପହିଲାରୁ ମୂଲ୍ୟ ବୃଦ୍ଧି ଘୋଷଣା କରିଛନ୍ତି। ମାରୁତି ସୁଜୁକି ଏହାର ସମସ୍ତ ମଡେଲରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରୁଛି। ମଡେଲ୍ ଏବଂ ପ୍ରକାର ଉପରେ ନିର୍ଭର କରି ଏହି ବୃଦ୍ଧି ଭିନ୍ନ ହେବ। କମ୍ପାନୀ ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚ ଏବଂ ମୁଦ୍ରାସ୍ଫୀତିକୁ କାରଣ ଭାବରେ ଉଲ୍ଲେଖ କରିଛି। କଞ୍ଚାମାଲ, ସାମଗ୍ରୀ ଏବଂ ପରିଚାଳନା ଖର୍ଚ୍ଚ ବୃଦ୍ଧି ଦର୍ଶାଇ ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ମଧ୍ୟ ଏହାର ସମଗ୍ର ପୋର୍ଟଫୋଲିଓରେ ୧୨,୮୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି ଘୋଷଣା କରିଛି।





ଜୁନ୍ ମାସଠାରୁ ସୌର ପ୍ୟାନେଲ୍ ସ୍ଥାପନ ପାଇଁ ନିୟମ ଆହୁରି କଠୋର ହେବ। ସରକାର ନିଷ୍ପତ୍ତି ନେଇଛନ୍ତି ଯେ କେବଳ ସରକାରୀ ଅନୁମୋଦିତ ତାଲିକା (ଏଏଲ୍‌ଏମ୍‌ଏମ୍) ରେ ଅନ୍ତର୍ଭୁକ୍ତ ସୌର ପ୍ୟାନେଲ୍ ଏବଂ ସୌର ସେଲ୍‌ଗୁଡ଼ିକୁ ସରକାରୀ ଯୋଜନା, ସବସିଡିଯୁକ୍ତ ସୌର ପ୍ରକଳ୍ପ ଏବଂ ନେଟ୍-ମିଟରିଂ ସିଷ୍ଟମରେ ବ୍ୟବହାର କରିବାକୁ ଅନୁମତି ଦିଆଯିବ। ଜୁନ୍ ପହିଲା ପରେ, କେବଳ ଏଏଲ୍‌ଏମ୍‌ଏମ୍‌ରେ ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକର ସୌର ପ୍ୟାନେଲ୍ ଏବଂ ସେଲ୍‌ଗୁଡ଼ିକୁ ସରକାରୀ ଯୋଜନାରେ ସ୍ଥାପନ ପାଇଁ ଅନୁମତି ଦିଆଯିବ।

ଇନ୍ଧନ ମୂଲ୍ୟ ମଧ୍ୟ ପରିବର୍ତ୍ତନ ହୋଇପାରେ: ଏହା ବ୍ୟତୀତ, ସରକାର ପ୍ରତି ମାସର ୧ ତାରିଖରେ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ର ମୂଲ୍ୟ ସମୀକ୍ଷା କରନ୍ତି। ତେଣୁ, ଜୁନ୍ ୧ ତାରିଖରେ ଇନ୍ଧନ ମୂଲ୍ୟ ମଧ୍ୟ ପରିବର୍ତ୍ତନ ହୋଇପାରେ।



## ଆଜିର ରାଶିଫଳ

**ମେଷ:** ଭାଗ୍ୟ ଆପଣଙ୍କ ସାଥ୍ ଦେବ। ମନ ପ୍ରସନ୍ନ ରହିବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। କର୍ମଚଞ୍ଚଳ ରହିବେ। ଆୟ ବ୍ୟୟ ସମାନ ରହିବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମିଥୁନ:** ଅଚାନକ ଖୁସି ଖବର ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଖର୍ଚ୍ଚ ବଢ଼ିପାରେ।

**କନ୍ୟା:** ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ଚକ୍ଷୁ ସମସ୍ୟା ଦେଖାଦେବ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

**ଧନୁ:** ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ସମସ୍ତ ଇଚ୍ଛା ପୂରଣ ହେବ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ। ସଙ୍ଗୀତ ପ୍ରତି ରୁଚି ବଢ଼ିବ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଇତିହାସ

- ୧୮୭୪- ଇଷ୍ଟ ଇଣ୍ଡିଆ କମ୍ପାନିକୁ ଭାଙ୍ଗି ଦିଆଗଲା।
- ୧୮୮୦- ପ୍ରଥମ ଥର ସର୍ବସାଧାରଣ ଟେଲିଫୋନ୍ ସେବା ଆରମ୍ଭ ହେଲା।
- ୧୯୪୧- ବ୍ରିଟିଶ ସେନା ଇରାକ୍ ରାଜଧାନୀ ବାଗଦାଦ୍ ଉପରେ କବ୍‌ଜା କଲା।
- ୧୯୮୦- ସିଏନ୍‌ଏନ୍‌ର ୨୪ ଘଣ୍ଟିଆ ସମାଚାର ପ୍ରସାରଣ ଆରମ୍ଭ ହେଲା।
- ୧୯୯୬- ଏଚ୍.ଡି ଦେବଗୌଡ଼ା ଭାରତର ଏକାଦଶ ପ୍ରଧାନମନ୍ତ୍ରୀ ହେଲେ।

# ବିଶ୍ୱ ଦୁଗ୍ଧ ଦିବସ



ଦୁଗ୍ଧଜାତ ଦ୍ରବ୍ୟର ଉପକାରିତା ଏବଂ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ପ୍ରତି ବର୍ଷ ଜୁନ୍ ପହିଲାକୁ ବିଶ୍ୱ ଦୁଗ୍‌ଧ ଦିବସ ଭାବେ ପାଳନ କରାଯାଉଛି। ମିଳିତ ଜାତିସଂଘ ଖାଦ୍ୟ ଏବଂ କୃଷି ସଂଗଠନ ୨୦୦୧ ମସିହାରୁ ଏହି ଦିବସ ପାଳନର ପରିକଳ୍ପନା କରିଥିଲା। କ୍ଷୀରକୁ ସୁପରଫୁଡ୍ ଭାବରେ ବିବେଚନା କରାଯାଏ। ଏଥିରେ ପ୍ରଚୁର ପରିମାଣର କ୍ୟାଲସିୟମ୍, ପ୍ରୋଟିନ୍, ଭିଟାମିନ୍ ଏବଂ ଅନ୍ୟାନ୍ୟ ପୁଷ୍ଟିକର ଉପାଦାନ ଥାଏ, ଯାହାକି ଶରୀରର ହାଡ଼କୁ ମଜଭୁତ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ। ଜୀବନ ଆରମ୍ଭରୁ ଆମ ଜୀବନରେ କ୍ଷୀର ମୁଖ୍ୟ ଭୂମିକା ଗ୍ରହଣ କରିଛି। ଏହା ଏପରି ଏକ ଖାଦ୍ୟ ଯାହା ସବୁ ବୟସର ଲୋକମାନେ ସେମାନଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ। ତେଣୁ ଏହାର ଆବଶ୍ୟକତା ବିଷୟରେ ଲୋକଙ୍କୁ ଅବଗତ କରାଇବା ଏବଂ ଦୁଗ୍ଧକୁ ବିଶ୍ୱବ୍ୟାପୀ ବ୍ୟବସାୟ ଭାବରେ ପ୍ରୋତ୍ସାହିତ କରିବା ପାଇଁ ଜୁନ୍ ୧କୁ 'ବିଶ୍ୱ ଦୁଗ୍ଧ ଦିବସ' ଭାବରେ ପାଳନ କରାଯାଏ। ଦୁଗ୍ଧ ବା କ୍ଷୀର ମଣିଷ ସମାଜ ପାଇଁ ସୃଷ୍ଟିର ଏକ ଅତୁଳନୀୟ ଉପହାର। ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ପାଇଁ କ୍ଷୀରର ଆବଶ୍ୟକତା ରହିଛି। ମା' କ୍ଷୀର ହେଉ ବା ଗାଈ କ୍ଷୀର ତାହା ଅମୃତ ସମାନ। ହିନ୍ଦୁ ଧର୍ମରେ ଗୋମାତାର ସ୍ଥାନ ସ୍ୱତନ୍ତ୍ର। ଆଧୁନିକ ଯୁଗରେ ଆଧୁନିକତାର ଛାପରେ ସମସ୍ତ କ୍ଷେତ୍ରରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଦୁଗ୍ଧ ବା କ୍ଷୀରର ଚାହିଦା ସଦା ସର୍ବଦା ରହି ଆସିଛି ଏବଂ ଭବିଷ୍ୟତରେ ରହିବ ମଧ୍ୟ। ଏହାବାଦ୍ ଦୁଗ୍ଧ ଉତ୍ପାଦନ ଉପରେ ଦୃଷ୍ଟି ଦେବା ତଥା ଏହାକୁ ମାଧ୍ୟମ କରି ଜୀବିକା ଉପାର୍ଜନ କରୁଥିବା ବ୍ୟକ୍ତିବିଶେଷଙ୍କୁ ସହାୟତା କରିବା ହେଉଛି ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ। ଛୋଟ ବେଳୁ ପିଲାଙ୍କୁ କ୍ଷୀର ଦିଆଯାଏ। ଏହା ସେମାନଙ୍କ ଶରୀରର ବିକାଶରେ ସାହାଯ୍ୟ କରେ। ତା'ସହ କ୍ଷୀର ଅସ୍ଥିକୁ ମଜଭୁତ ରଖିବା ସହ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ। ଏଣୁ ପ୍ରତିଦିନ ଗୋଟିଏ ଗ୍ଲାସ୍ କ୍ଷୀର ପିଇବା ଜରୁରି। ସେହିପରି କ୍ଷୀରରେ ଅପମିଶ୍ରଣ ବେଶ୍ ପୁରୁଣା। ଅବଶ୍ୟ ପୂର୍ବରୁ ଏହା କେବଳ ପାଣିରେ ସୀମିତ ଥିଲା। ଏବେ ମିଶ୍ରଣ କରିବାର ଶୈଳୀ ବଦଳିଗଲାଣି। କ୍ଷୀରରେ ଡିଟରଜେଣ୍ଟ, ୟୁରିଆ ଭଳି ମାରାତ୍ମକ ଜିନିଷ ଆଦି ମିଶୁଥିବା ଅନେକ ସମୟରେ ଅଭିଯୋଗ ହୁଏ। ଏହି କ୍ଷୀର ଶରୀର ପାଇଁ ବେଶ୍ କ୍ଷତିକାରକ ହୋଇଥାଏ। ଅମୃତ ଭଳି ପାନୀୟରେ କିଭଳି ଅପମିଶ୍ରଣକୁ ରୋକାଯିବ, ସେ ଦିଗରେ ସମସ୍ତଙ୍କୁ ଯତ୍ନବାନ ହେବା ଆବଶ୍ୟକ। ବିଶ୍ୱ ଦୁଗ୍ଧ ଦିବସ ଜୁନ୍ ୧ ତାରିଖରେ ପାଳନ କରାଯାଉଥିବାବେଳେ ଭାରତରେ ପ୍ରତିବର୍ଷ ନଭେମ୍ବର ୨୬ ତାରିଖକୁ 'ଜାତୀୟ ଦୁଗ୍ଧ ଦିବସ' ଭାବେ ପାଳନ କରାଯାଏ।

# ମାତ୍ରାଧିକ ଓଆର୍‌ଏସ୍ ପିଇବା କ୍ଷତିକାରକ



ଶରୀରରେ ଜଳୀୟ ଅଂଶ ଏବଂ ଲବଣର ସନ୍ତୁଳନ ବଜାୟ ରଖିବା ପାଇଁ ଓଆର୍‌ଏସ୍ ଅତ୍ୟନ୍ତ ଲାଭଦାୟକ। ଝାଡ଼ାବାନ୍ତି ନଚେତ୍ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଏହା ଶରୀରକୁ ଶୀଘ୍ର ଶକ୍ତି ପ୍ରଦାନ କରିଥାଏ। ହେଲେ କିଛି ଜଣ ଏହାକୁ ବୋତଲରେ ପୂରାଇ ରଖି ଦିନସାରା ପିଇଥାନ୍ତି। ମାତ୍ରାଧିକ ଓଆର୍‌ଏସ୍ ପିଇବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଓଆର୍‌ଏସ୍‌କୁ ସୀମିତ ମାତ୍ରାରେ ପିଇବା ଜରୁରି ବୋଲି ଦିଲ୍ଲୀ ସଫଦରଜଙ୍ଗ ହସ୍‌ପିଟାଲର ବରିଷ୍ଠ ଡା. ଦୀପକ ସୁମନ କହିଛନ୍ତି। ଏନେଇ ସେ କୁହନ୍ତି, ଖରାଦିନେ ଓଆର୍‌ଏସ୍ ପିଇବାର ଅନେକ ଫାଇଦା ରହିଛି। ଏହା ଶରୀରର ଜଳୀୟ ଅଂଶର ଅଭାବକୁ ଦୂର କରିବା ସହ ଇଲେକ୍ଟ୍ରୋଲାଇଟ୍ ମାତ୍ରାକୁ ସନ୍ତୁଳିତ ରଖିଥାଏ। ଏଥିରେ ସୋଡିୟମ୍, ପୋଟାସିୟମ୍, ଗ୍ଲୁକୋଜ୍ ଥିବାରୁ ଡିହାଇଡ୍ରେସନ୍ ସ୍ଥିତିରେ ଏହା ଶରୀରକୁ ଶୀଘ୍ର ସୁସ୍ଥ କରିଥାଏ। ହେଲେ ଅନ୍ୟ ଜିନିଷ ଭଳି ଏହାକୁ ମଧ୍ୟ ସୀମିତ ମାତ୍ରାରେ ବ୍ୟବହାର କରିବା ଭଲ। ହେଲେ ଯେଉଁମାନେ ସ୍ୱାଭାବିକ ଭାବେ ପାଣି ପିଉଛନ୍ତି ବା ଡିହାଇଡ୍ରେସନ୍‌ର ଶିକାର ହୋଇନାହାଁନ୍ତି ସେମାନେ ବାରମ୍ବାର ଓଆର୍‌ଏସ୍ ପିଇବା ଫଳପ୍ରଦ ନୁହେଁ। କାରଣ ଏଥିରେ ଶର୍କରା ଥିବାରୁ ମାତ୍ରାଧିକ ଓଆର୍‌ଏସ୍ ପିଇବା ଦ୍ୱାରା ରକ୍ତରେ ଶର୍କରା ମାତ୍ରା ବଢ଼ିଯାଇଥାଏ। ସେହିପରି ଓଆର୍‌ଏସ୍‌ରେ ଲୁଣ ଥିବାରୁ ଏହାକୁ ମାତ୍ରାଧିକ ପିଇବା ଦ୍ୱାରା ରକ୍ତଚାପ ରୋଗୀଙ୍କ ପାଇଁ ଏହା ବିପଜ୍ଜନକ। କେବଳ ସେତିକିନୁହେଁ, ଆବଶ୍ୟକତାଠାରୁ ଅଧିକ ଓଆର୍‌ଏସ୍ ପିଇଲେ ଶରୀରରେ ଇଲେକ୍ଟ୍ରୋଲାଇଟ୍ (ସୋଡିୟମ, ପୋଟାସିୟମ) ଭାରସାମ୍ୟକୁ ନଷ୍ଟ କରିଥାଏ। ଏହା କିଡ୍‌ନୀ ପାଇଁ କ୍ଷତିକାରକ ହୋଇଥାଏ। ସେଥିପାଇଁ ବୃକ୍‌କଜନିତ, ଉଚ୍ଚରକ୍ତଚାପ ରୋଗରେ ପୀଡ଼ିତ, ହୃଦ୍‌ରୋଗୀ, ମଧୁମେହ ରୋଗୀ ଡାକ୍ତରଙ୍କ ବିନା ପରାମର୍ଶରେ ଓଆର୍‌ଏସ୍ ପିଇବା ଅନୁଚିତ।

# ସରିଲା 'ଶକ୍ତିଶାଳିନୀ'ର ସୁଟିଂ



ଲୋକପ୍ରିୟ ପ୍ରଯୋଜନା ସଂସ୍ଥା ମ୍ୟାଡକ୍ ଫିଲ୍ମସ୍‌ର ହରର୍ ଫିଲ୍ମ 'ଶକ୍ତିଶାଳିନୀ'ର ସୁଟିଂ ଇତିମଧ୍ୟରେ ସରି ଯାଇଛି। ନିର୍ଦ୍ଦେଶକ ଆଦିତ୍ୟ ସରପୋତଦାର ଏହି ଚଳଚ୍ଚିତ୍ରରେ ବଙ୍ଗଳା ଲୋକକଥାକୁ ଅଲୌକିକ ଶକ୍ତି ଏବଂ ପ୍ରତିଶୋଧର କାହାଣୀ ସହିତ ଅତି ସୁନ୍ଦର ଭାବରେ ଯୋଡ଼ିଛନ୍ତି। ଅନୀତ ପଡ୍ଡା ଏଥିରେ ମୁଖ୍ୟ ଭୂମିକାରେ ଦେଖାଯିବେ। ସେ ଡବଲ୍ ରୋଲରେ ନଜର ଆସିବେ। ଗୋଟିଏ ଚରିତ୍ରରେ ସେ 'ଶକ୍ତି'ସାଜିଛନ୍ତି, ଯିଏ ଜଣେ ସାଧାରଣ ମହିଳାରୁ ରକ୍ଷାକର୍ତ୍ତ୍ରୀ ପାଲଟି ଯାଉଛନ୍ତି। ସେହିପରି ତାଙ୍କର ଦ୍ୱିତୀୟ ଚରିତ୍ରଟି ହେଉଛି 'ଶାଳିନୀ' ନାମକ ଆତ୍ମା ଯିଏ କି ପ୍ରତାରଣାର ଶିକାର ହେବା ପରେ ନ୍ୟାୟ ଚାହୁଁଛି। ଏହି ଚଳଚ୍ଚିତ୍ରର ସୁଟିଂ ମାର୍ଚ୍ଚ ମାସରେ ଆରମ୍ଭ ହୋଇଥିଲା। ଏହାର ଅଧିକାଂଶ ସୁଟିଂ ରାଜସ୍ଥାନ ଓ ମଧ୍ୟପ୍ରଦେଶରେ କରାଯାଇଛି। ଚଳଚ୍ଚିତ୍ରର ଶେଷ ସିନ୍‌ର ସୁଟିଂ ମେ' ୨୭ ତାରିଖରେ ମୁମ୍ବାଇର ଚିତ୍ରରଥ ଷ୍ଟୁଡିଓରେ କରାଯାଇଥିଲା। ବିନୀତ କୁମାର ସିଂ 'ଶକ୍ତିଶାଳିନୀ'ରେ ଖଳନାୟକ ଭାବେ ଦେଖାଯିବେ। ନାନା ପାଟେକର, ସୀମା ବିଶ୍ୱାସ ଏବଂ ବିଶାଳ ଜେଠୱାଙ୍କୁ ମଧ୍ୟ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବ। 'ଶକ୍ତିଶାଳିନୀ' ଏବେ ମ୍ୟାଡକ୍ ଫିଲ୍ମସ୍‌ର ହରର୍ କମେଡି ୟୁନିଭର୍ସରେ ସାମିଲ ହୋଇଛି। ପୂର୍ବରୁ ଏହା 'ସ୍ତ୍ରୀ', 'ଭେଡିୟା', 'ମୁଞ୍ଜ୍ୟା' ଭଳି ଫିଲ୍ମ ଆଣିଥିଲା।

## ଆସ୍ଥା

# ସଂକଳ୍ପ ବିନା ପୂଜା ଅଧୁରା

**ଶାସ୍ତ୍ରରେ ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ କରିବା ନିୟମ ଅଛି। ପୂଜା କରିବା ପୂର୍ବରୁ ତଥା ବ୍ରତ ରଖିବା ପୂର୍ବରୁ ନିଜ ଇଷ୍ଟ ଦେବଙ୍କ ଧ୍ୟାନ କରିବା ଦରକାର। ଏହା ପରେ ପୂଜା ତଥା ବ୍ରତ କରିବାକୁ କୁହାଯାଏ। ତେବେ ସଂକଳ୍ପ କାହିଁକି ଜରୁରି, ସେ ସମ୍ପର୍କରେ ଜାଣିବା।**



ଧାର୍ମିକ ମାନ୍ୟତାନୁସାରେ, ପୂଜା ତଥା ବ୍ରତ ପୂର୍ବରୁ ସଂକଳ୍ପ ନ ରଖିବା ପୂର୍ବରୁ ପୂଜା, ବ୍ରତ ଅଧୁରା ବୋଲି ବିବେଚନା କରାଯାଏ। ଏହାକୁ କରିବାର ଶୁଭଫଳ ପ୍ରାପ୍ତି ହୁଏ ନାହିଁ। ଧାର୍ମିକ ମାନ୍ୟତାନୁସାରେ, ଯେଉଁମାନେ ବିନା ସଂକଳ୍ପରେ ପୂଜା ତଥା ବ୍ରତ ରଖନ୍ତି, ସେମାନଙ୍କ ପୂଜାର ପୂରା ଫଳ ଦେବରାଜ ଇନ୍ଦ୍ର ନେଇଥାନ୍ତି।

ସେହିପରି କୌଣସି ପୂଜାପାଠ ତଥା ବ୍ରତ ରଖିବା ପୂର୍ବରୁ ସଂକଳ୍ପ ନେବାର ଅର୍ଥ ହେଉଛି ଇଷ୍ଟଦେବ ତଥା ନିଜେ ନିଜକୁ ସାକ୍ଷୀ ଭାବି ମନକୁ ମନ ସଂକଳ୍ପ ନେବା। ସଂକଳ୍ପ ଦ୍ୱାରା ପୂଜା ତଥା ବ୍ରତକୁ ପୂର୍ଣ୍ଣ କରିବା ପ୍ରାର୍ଥନା କରାଯାଏ। ତେବେ ସଂକଳ୍ପ କରିବାର ନିୟମ ଓ ବିଧି ରହିଛି। ଏଥିରେ ପୂଜା କରୁଥିବା ବ୍ୟକ୍ତି ପ୍ରଥମେ ହାତରେ ଜଳ ଧାରଣ କରେ। ତା'ସହ ଅକ୍ଷତ ଓ ଫୁଲ ରଖି ଭଗବାନ ଗଣେଶଙ୍କୁ ଧ୍ୟାନ କରି ସଂକଳ୍ପ କରନ୍ତି। ଶ୍ରୀଗଣେଶଙ୍କୁ ଧ୍ୟାନ କରିବା ପଛର କାରଣ ହେଲା ସେ ହେଉଛନ୍ତି ଅଗ୍ନି, ପୃଥିବୀ, ଜଳ, ବାୟୁ ଆକାଶର ଅଧିପତି। ଏହି ବିଧିରେ ସଂକଳ୍ପ କରିବା ଦ୍ୱାରା କୌଣସି ବିଘ୍ନ ବିନା ପୂଜା ପୂର୍ଣ୍ଣ ହୁଏ। ଏହା ସହ ବ୍ରତ ରଖିବାର ପୂରା ଫଳ ପ୍ରାପ୍ତ ହୁଏ। ସଂକଳ୍ପର ସବୁଠୁ ଜରୁରି ନିୟମ ହେଉଛି ଯେଉଁ ବ୍ରତ ତଥା ପୂଜା ଲାଗି ସଂକଳ୍ପ ନିଆଯାଏ, ତାହାକୁ ପୂରା ଜରୁରି କରାଯାଏ। ସଂକଳ୍ପ ନେବା ପରେ ବ୍ରତ ତଥା ପୂଜାକୁ ଅଧୁରା ଛାଡ଼ିଲେ ଇଷ୍ଟଦେବ କ୍ରୋଧ ପ୍ରକଟ କରିଥାନ୍ତି।

# ସପ୍ତାହର ୭ ଦିନରେ କେଉଁ କାର୍ଯ୍ୟ କରିବେ

**ସପ୍ତାହର ପ୍ରତ୍ୟେକ ଦିନର ବିଶେଷ ମହତ୍ତ୍ୱ ଅଛି। ପ୍ରତ୍ୟେକ ଦିନର ଆରମ୍ଭ ଅଲଗା ଅଲଗା ଗ୍ରହରୁ ହୋଇଥାଏ। ସୋମବାରରୁ ରବିବାର ମଧ୍ୟରେ କିଛି କାମ କରିବା ଅତ୍ୟନ୍ତ ଶୁଭ। ସେହିପରି ଏହି ସାତ ଦିନରେ କିଛି କାମ କରିବାକୁ ବାରଣ କରାଯାଇଛି।**





**ରବିବାର:** ସୂର୍ଯ୍ୟଦେବଙ୍କଠାରୁ ରବିବାର ଆରମ୍ଭ। ଏହିଦିନ ଶାସନ ତଥା ଅସ୍ତ୍ରଶସ୍ତ୍ର ସହ ଜଡ଼ିତ କାମ କରିବା ଉଚିତ। କୌଣସି ବଡ଼ ଚୁକ୍ତି ଏହିଦିନ କରିବା ଶୁଭ। ସେହିପରି ଏହି ଦିନ କାହା ସହିତ ଝଗଡ଼ା କରିବା ଅନୁଚିତ। ତୁଳସୀ ଛିଡ଼ାଇବା ଭଲ ନୁହେଁ। କଳା ବସ୍ତ୍ର ଏହିଦିନ ପିନ୍ଧିବା ଭଲ ନୁହେଁ। ରବିବାର କେଶ ଏବଂ କ୍ଷୌର କାର୍ଯ୍ୟ କରିବା ମନା।

**ସୋମବାର:** ଭଗବାନ ଶିବଙ୍କୁ ସୋମବାର ସମର୍ପିତ। ଦିନର ଆରମ୍ଭ ଚନ୍ଦ୍ରଦେବଙ୍କଠାରୁ ହୋଇଥାଏ। ଏହିଦିନ ଅର୍ଥ ନେଣଦେଣ କରିପାରିବେ। ବୃକ୍ଷ ରୋପଣ ସହ ପଶୁ ପାଳନ କରିପାରିବେ। ଆଭୂଷଣ କିଣିବା ଲାଗି ସୋମବାର ଶୁଭ। ବାପାମାଆଙ୍କ ଅପମାନ କରନ୍ତୁ ନାହିଁ। ଦ୍ୱିପହରରେ ଶୁଅନ୍ତୁ ନାହିଁ। ଏହିଦିନ ପୂର୍ବ, ଉତ୍ତର ଦିଗରେ ଯାତ୍ରା କରନ୍ତୁ ନାହିଁ। ଏହିଦିନ ଚାକିରି ଆରମ୍ଭ କରନ୍ତୁ ନାହିଁ।

**ମଙ୍ଗଳବାର:** ମଙ୍ଗଳବାରର ସ୍ୱାମୀ ହନୁମାନ। ଭୂମିପୁତ୍ର ମଙ୍ଗଳଙ୍କଠାରୁ ଦିନର ପ୍ରାରମ୍ଭ ହୋଇଥାଏ। ଜମି କିଣାବିକା ଲାଗି ଏହି ଦିନ ଶୁଭ। ସଶସ୍ତ୍ର ସମ୍ବନ୍ଧିତ କାର୍ଯ୍ୟ କରିବା ଶୁଭ। କାହାଠାରୁ ଧାରକରଜ କରନ୍ତୁ ନାହିଁ। ନଖ, କେଶ ଆଦି କାଟିବା ଭଲ ନୁହେଁ।

**ବୁଧବାର:** ବୁଧବାରର ସ୍ୱାମୀ ଶ୍ରୀଗଣେଶ। ଦିନର ଆରମ୍ଭ ବୁଧ ଗ୍ରହରୁ ହୋଇଥାଏ। ବୁଧବାର ନୂଆ ବ୍ୟବସାୟ ଆରମ୍ଭ କରିବା ଭଲ। ପିଲାଙ୍କ ପଢ଼ା ଲେଖା ବୁଧବାରରୁ ଆରମ୍ଭ କରିବା ଉଚିତ। ମିଛ ନ କହିବା ସହ କୌଣସି କନ୍ୟା ଏବଂ କିନ୍ନରଙ୍କ ଅପମାନ କରିବା ଅନୁଚିତ। ବୁଧବାର ପାନ ଖାଇବା ମନା।

**ଗୁରୁବାର:** ଗୁରୁବାରର ସ୍ୱାମୀ ଗ୍ରହ ଭଗବାନ ବିଷ୍ଣୁ। ଗୁରୁ ଗ୍ରହରୁ ଏହି ଦିନର ଆରମ୍ଭ। କଦଳୀ ଗଛ ପୂଜା କରିବା ଉଚିତ। ହଳଦିଆ ବସ୍ତ୍ର ପରିଧାନ କରିବା ଭଲ। ଧାର୍ମିକ ତଥା ମାଙ୍ଗଳିକ କାର୍ଯ୍ୟ କରିବା ଭଲ। କେଶ, ନଖ ତଥା କ୍ଷୌର କର୍ମ କରିବା ଭଲ ନୁହେଁ। ଧାର କରଜ କରିବା ଭଲ ନୁହେଁ। ଡ୍ରେସ ତଥା ଘର ସଫାସଫି କରିବା ଅନୁଚିତ।

**ଶୁକ୍ରବାର:** ଶୁକ୍ରବାରର ଆରମ୍ଭ ଶୁକ୍ର ଗ୍ରହରୁ ହୋଇଥାଏ। ଗୀତ-ସଙ୍ଗୀତ ସହ ଜଡ଼ିତ କାର୍ଯ୍ୟ ଏହିଦିନରୁ କରିବା ଭଲ। ପ୍ରେମ ଲାଗି ଏହିଦିନ ଶୁଭ। ନୂଆ ପୋଷାକ କିଣିବା ପାଇଁ ଭଲ ଦିନ। ସ୍ୱାମୀ-ସ୍ତ୍ରୀ, ପ୍ରେମିକ-ପ୍ରେମିକା ଏହିଦିନ ଝଗଡ଼ା କରିବା ଅନୁଚିତ। ଦୃଷ୍ଟିବାଧିତ ଏବଂ କନ୍ୟାଙ୍କ ଅପମାନ କରିବା ଭଲ ନୁହେଁ।

**ଶନିବାର:** ଶନିଦେବଙ୍କୁ ଏହିଦିନ ସମର୍ପିତ। ତନ୍ତ୍ର-ମନ୍ତ୍ର ସିଦ୍ଧି ଲାଗି ଏହା ଶୁଭ। ଲୁହା, ଜୋତା, ଚପଲ ଆଦି କିଣିବା ଭଲ ନୁହେଁ। ଶ୍ରମିକଙ୍କ ଅପମାନ କରନ୍ତୁ ନାହିଁ। କାହା ସହିତ ଅନ୍ୟାୟ କିମ୍ବା ଧାର କରଜ କରିବା ଭଲ ନୁହେଁ।

# ଜୁନ୍‌ରେ ୫ ଗ୍ରହଙ୍କ ରାଶି ପରିବର୍ତ୍ତନ

**ଜ୍ୟୋତିଷ ଶାସ୍ତ୍ରରେ ଗ୍ରହଙ୍କ ଗୋଚରର ବିଶେଷ ମହତ୍ତ୍ୱ ଅଛି। ଜୁନ୍‌ରେ ଗୁରୁ, ଶୁକ୍ର, ସୂର୍ଯ୍ୟ, ମଙ୍ଗଳ ଏବଂ ବୁଧ ଗ୍ରହଙ୍କ ଗୋଚର ହେବ। ଏହି ବଡ଼ ଗ୍ରହଙ୍କ ଗୋଚର ଦ୍ୱାରା ୫ ରାଶିଙ୍କୁ ଲାଭ ମିଳିବ।**



**ମେଷ:** ଏହି ରାଶି ବ୍ୟକ୍ତିବିଶେଷଙ୍କୁ ଜୁନ ମାସରେ ଶୁଭ ଫଳ ମିଳିବ। ମନରେ ଏକ ଅଲଗା ଉତ୍ସାହ ପରିଲକ୍ଷିତ ହେବ। ଅଟକି ରହିଥିବା କାମ ଶୀଘ୍ର ପୂରଣ ହେବ। କ୍ୟାରିୟରରେ ଲାଭ ମିଳିବ। କଠିନ କାମ ସହଜ ଏବଂ ବିନା ବାଧାରେ ପୂରଣ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

**ମିଥୁନ:** ଏହି ମାସରେ ଆର୍ଥିକ ସ୍ଥିତି ମଜଭୁତ ହେବ। ଆୟ ବୃଦ୍ଧି ପାଇବ। ମା' ଲକ୍ଷ୍ମୀଙ୍କ କୃପାରୁ ଅର୍ଥ ସଙ୍କଟ ଦୂର ହେବ। ବ୍ୟବସାୟ ଯୋଜନା ସଫଳ ହେବ। ବୈବାହିକ ଜୀବନ ସୁଖମୟ ହେବ। ସନ୍ତାନ ସୁଖ ପ୍ରାପ୍ତି ହେବ।

**କର୍କଟ:** ଏହି ମାସ କର୍କଟ ରାଶିଙ୍କ ପାଇଁ ଲାଭକାରୀ ହେବ। ମାନ ସମ୍ମାନ ଏବଂ ପଦୋନ୍ନତିରେ ବୃଦ୍ଧି ଘଟିବ। ଏହି ମାସ ଶେଷରେ କୌଣସି ଖୁସି ଖବର ମିଳିବ। କୌଣସି ବଡ଼ କାମ ପୂରା ହେବ। ଧର୍ମ-କର୍ମରେ ରୁଚି ବଢ଼ିବ। ଆୟ ଦ୍ୱିଗୁଣିତ ହେବ।

**କନ୍ୟା:** ଘର ତଥା ମାତା ସୁଖ ପ୍ରାପ୍ତ ହେବ। ପରିବାର ସଦସ୍ୟଙ୍କ ସାହାଯ୍ୟ ମିଳିବ। ପାରିବାରିକ ଜୀବନ ସୁଖମୟ ହେବ। ଧନ ଲାଭ ସହିତ ଜୀବନରେ ଉନ୍ନତି ଘଟିବ। କ୍ୟାରିୟରରେ ଆଗକୁ ବଢ଼ିବାର ସୁଯୋଗ ମିଳିବ।

**ବିଛା:** ବିଛା ରାଶିଙ୍କ ପାଇଁ ଏହି ମାସ ଲାଭକାରୀ ହେବ। ପୂରା ମାସ ଶୁଭ ଏବଂ ମଙ୍ଗଳକାରୀ ହେବ। ଅନେକ ଶୁଭ ଖବର ମିଳିବ। ଅଟକି ରହିଥିବା କାମ ପୂରଣ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ। ଘରେ ମାଙ୍ଗଳିକ କାର୍ଯ୍ୟ ହେବ। ଅଯଥା ଖର୍ଚ୍ଚ କରିବାରୁ ବଞ୍ଚିତ ହେବେ।

# ହନୁମାନ ଅଷ୍ଟକ ପାଠର ନିୟମ

**ପ୍ରଭୁ ଶ୍ରୀ ହନୁମାନଙ୍କ କୃପା ପ୍ରାପ୍ତି ଲାଗି ହନୁମାନ ଚାଳିଶା, ବଜରଙ୍ଗବାଣ, ସୁନ୍ଦରକାଣ୍ଡ, ହନୁମାନ ଅଷ୍ଟକ ପାଠ କରାଯାଏ। ସନାତନ ଧର୍ମ ଶାସ୍ତ୍ର ମୁତାବିକ ହନୁମାନ ଅଷ୍ଟକ ପାଠ କରିବାର ବିଶେଷ ନିୟମ ଅଛି।**

- ହନୁମାନ ଅଷ୍ଟକ ପାଠ କରିବା ପୂର୍ବରୁ ସ୍ନାନ କରିବା ଜରୁରି।
- ହାତରେ ଜଳ କିମ୍ବା ଗଙ୍ଗା ଜଳ ରଖି ସଂକଳ୍ପ କରନ୍ତୁ।
- ପୂଜା ସ୍ଥାନରେ ନାଲି ରଙ୍ଗ ଆସନ ପକାନ୍ତୁ। ନାଲି ରଙ୍ଗ ବସ୍ତ୍ର ପିନ୍ଧି ସେହି ଆସନରେ ବସନ୍ତୁ।
- ଏହାବାଦ୍ କୌଣସି ହନୁମାନ ମନ୍ଦିରରେ ବସି ଏହାକୁ ପାଠ କରିପାରିବେ।
- ପାଠ କରିବା ପୂର୍ବରୁ ହନୁମାନଙ୍କୁ ଧୂପ-ଦୀପ ପ୍ରଦାନ କରନ୍ତୁ। ସିନ୍ଦୁର, ନାଲି ଫୁଲ ଏବଂ ବୁନ୍ଦି ଲଡୁ ଅର୍ପଣ କରନ୍ତୁ।
- ଅଷ୍ଟକ ପାଠର ଶୁଭ ଫଳ ପାଇଁ ୩,୫,୧୧, ୨୧ ଥର ଏହାର ପାଠ କରନ୍ତୁ।
- ଅଷ୍ଟକ ପାଠ ଦିନ ଆମିଷ ଏବଂ ନିଶା ସେବନ କରିବା ଅନୁଚିତ।
- ଶାନ୍ତ ପରିବେଶ ଏବଂ ନିଷ୍ଠାର ସହ ଏହାକୁ ପାଠ କରିବା ଉଚିତ।



## କୋହଲି ପ୍ଲେୟର ଅଫ୍ ଦି ଫାଇନାଲ୍, ସୂର୍ଯ୍ୟବଂଶୀ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ

# ଆଇପିଏଲ୍ ଟାଇଟଲ ବଜାୟ ରଖିଲା ବେଙ୍ଗାଲୁରୁ

**ଅହମ୍ମଦାବାଦ୍,୩୧।୫(ଏଜେନ୍ସି):** କିଂବଦନ୍ତୀ ବିରାଟ କୋହଲି (୪୨ବଲ୍‌ରେ ଅପରାଜିତ ୭୫ରନ୍)ଙ୍କ ଆଉ ଏକ ମାଷ୍ଟର ଇନିଂସ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଟାଇଟଲ ବଜାୟ ରଖିଛି। ଏଠାରେ ୨୦୨୫ରେ ଖେଳାଯାଇଥିବା ଫାଇନାଲରେ ପଞ୍ଜାବ କିଙ୍ଗ୍‌ସକୁ ୬ ରନ୍‌ରେ ହରାଇଥିଲା ବେଙ୍ଗାଲୁରୁ। ଆଜି ଖେଳାଯାଇଥିବା ଟୁର୍ଣ୍ଣାମେଣ୍ଟର ୧୯ତମ ସଂସ୍କରଣ ଫାଇନାଲରେ ବେଙ୍ଗାଲୁରୁ ୫ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଥିଲା। ଏହା ଫଳରେ ଡିଫେଣ୍ଡିଂ ଚାମ୍ପିଅନ ବେଙ୍ଗାଲୁରୁ କ୍ରମାଗତ ଦ୍ୱିତୀୟ ଟାଇଟଲ ଜିତିବାରେ ସଫଳ ହୋଇଛି।

ବୋଲରଙ୍କୁ ସହାୟତା ଦେଉଥିବା ଅହମ୍ମଦାବାଦ୍ ପିଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଟାଇଟାନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୫୫ ରନ୍ କରିଥିଲା। ଦଳ ପକ୍ଷରୁ ସମସ୍ତ ପ୍ରମୁଖ ବ୍ୟାଟର ଫେଲ୍ ମାରିଥିଲାବେଳେ ଅଲ୍‌ରାଉଣ୍ଡର ୱାଶିଂଟନ ସୁନ୍ଦର ୩୭ ବଲ୍‌ରେ ସର୍ବାଧିକ ୫୦ ରନ୍ କରି ଅପରାଜିତ ରହିଥିଲେ। ଜବାବରେ ୧୫୬ ରନ୍‌ର ଟାର୍ଗେଟକୁ ପିଛା କରି ବେଙ୍ଗାଲୁରୁ ଯେପରି ରନ୍ ସଂଗ୍ରହ କରିଥିଲା ଠିକ୍ ସେହିପରି ୱିକେଟ ହରାଇଥିଲା। କିନ୍ତୁ ଗୋଟିଏ ପଟେ ପାହାଡ଼ ପରି ଛିଡା ହୋଇଥିଲେ କିଙ୍ଗ କୋହଲି। ଏହି ପିଚ୍‌ରେ କିପରି ବ୍ୟାଟିଂ କରିବାକୁ ହୁଏ ତାହା ବୋଧେ କୋହଲିଙ୍କୁ ଠିକ୍ ଜଣାଥିଲା। ଏଠାରେ ସେ ଆଦୌ ରିସ୍କ ନ ନେଇ ଖେଳିଥିଲେ। ଦଳକୁ ମ୍ୟାଚ୍ ଜିତିବା ଲାଗି ୧୧ ରନ୍ ଥିଲାବେଳେ ସେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ସେ ଦେଇଥିବା କ୍ୟାଚ୍‌କୁ ପ୍ରତିପକ୍ଷ ଅଧିନାୟକ ଶୁବମନ ଗିଲ୍ ଧରିଥିଲେ ମଧ୍ୟ ବଲ୍‌ଟି ତଳେ ଲାଗିଯାଇଥିବା ଭିଡିଓ ରେକର୍ଡିଂରୁ ସ୍ପଷ୍ଟ ଜଣାପଡ଼ିଥିଲା। ଏକପ୍ରକାର ଜୀବନଦାନ ପାଇବା ପରେ ସେ ଆଉ କୌଣସି ତ୍ରୁଟି ନ କରି ୧୮ତମ ଓଭରର ଶେଷ ବଲରେ ଏକ ବିରାଟ ଛକା ମାରି ବେଙ୍ଗାଲୁରୁକୁ ଦ୍ୱିତୀଥର ଆଇପିଏଲ୍ ଚାମ୍ପିଅନ କରାଇଥିଲେ। କୋହଲି ମାତ୍ର ୪୨ବଲ୍ ଖେଳି ୯ଦମ୍‌ଦାର ଚୌକା ଓ ୩ଟି ବିଶାଳ ଛକା ସହ ୭୫ରନ୍‌ରେ ଅପରାଜିତ ରହିଥିଲେ। ଫଳରେ ବେଙ୍ଗାଲୁରୁ ଆଉ ୨ ଓଭର ଖେଳ ପୂର୍ବରୁ ୫ ୱିକେଟ ହରାଇ ଫାଇନାଲ ମ୍ୟାଚ୍‌କୁ ଜିତିନେଇଥିଲା। ଦଳପକ୍ଷରୁ ଭେଙ୍କଟେଶ ଆୟରଙ୍କ ୧୬ବଲ୍‌ରୁ ୩୨, ଟିମ୍ ଡେଭିଡଙ୍କ ୧୭ବଲ୍‌ରୁ୨୪ ଓ ଅଧିନାୟକ ରଜତ ପାଟିଦାରଙ୍କ ୧୩ବଲ୍‌ରୁ ୧୫ ରନ୍ ଏଭଳି ପିଚ୍‌ରେ ବେଶ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ପ୍ରତିପକ୍ଷ ଦଳର ରସିଦ୍ ଖାନ୍ ଗୋଟିଏ ଓଭରରେ ୨ଟି ୱିକେଟ ନେଇ ଗୁଜରାଟ ଶିବିରରେ ଏକ ଆଶା ସୃଷ୍ଟି କରିଥିଲେ। ମହମ୍ମଦ୍ ସିରାଜ, ପର୍ପଲ କ୍ୟାପ୍ ବିଜେତା କାଗିସୋ ରାବାଡା ଓ ଅର୍ସାଦ୍ ଖାନ୍‌ଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।



### ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟ

ପୂର୍ବରୁ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ଗୁଜରାଟକୁ ଫାଇନାଲରେ ପ୍ରବେଶ କରାଇଥିବା ଦଳର ଟପ୍-୩ଜଣ ବ୍ୟାଟରଙ୍କ ମଧ୍ୟରୁ ନଂ-୧ ସାଇ ସୁଦର୍ଶନ ୧୨ବଲ୍‌ରେ ୧୨ ରନ୍ କରି ଚତୁର୍ଥ ଓଭର, ଅଧିନାୟକ ଶୁବମନ ଗିଲ୍ ୮ ବଲ୍‌ରେ ୧୦ରନ୍ କରି ତୃତୀୟ ଓଭରରେ ଆଉଟ ହୋଇôଲେ। ଜୋଶ ବଟ୍ଲର ୨୩ବଲ୍‌ରେ ୧୯ ରନ୍ କରିଥିଲେ। ଆଜି ବଟ୍ଲରଙ୍କ ସ୍ଥାନରେ ନଂ-୩ରେ ଖେଳିବାକୁ ଆସିଥିବା ନିଶାନ୍ତ ସିନ୍ଧୁଙ୍କ ବ୍ୟାଟରୁ ୧୮ ବଲ୍‌ରେ ମାତ୍ର ୨୦ରନ୍ ମିଳିଥିଲା। ପ୍ରଥମ କ୍ୱାଲିଫାୟରରେ ଅର୍ଦ୍ଧଶତକ ହାସଲ କରିଥିବା ରାହୁଲ ତେୱାତିଆ ଏହି ମ୍ୟାଚ୍‌ରେ ମାତ୍ର ୭ରନ୍ କରିବାକୁ ସମର୍ଥ ହୋଇଥିଲେ। ଯାହା ଫଳରେ ଗୁଜରାଟ ଏକ ସମ୍ମାନଜନକ ସ୍କୋର କରିବାକୁ ବଞ୍ଚିତ ହୋଇଥିଲା। ବେଙ୍ଗାଲୁରୁର ବୋଲରମାନେ ଅହମ୍ମଦାବାଦ୍ ପିଚ୍‌ରୁ ସହାୟତା ପାଇ ଆରମ୍ଭରୁ ଶେଷଯାଏ ବୋଲିଂକୁ ନିୟନ୍ତ୍ରଣରେ ରଖିଥିଲେ। ସେମାନଙ୍କ ମଧ୍ୟରୁ ରସିକ୍ ସଲାମ ଦାର ସର୍ବାଧିକ ୩ଟି ୱିକେଟ ନେବାରେ ସଫଳ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ ଜୋଶ ହାଜ୍‌ଲେଉଡ ୨ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବାରେ ସଫଳ ହୋଇଥିଲେ। କ୍ରୁନାଲ ପାଣ୍ଡ୍ୟାଙ୍କୁ ଗୋଟିଏ ୱିକେଟ ମିଳିଥିଲା।

### ସଂକ୍ଷିପ୍ତ ସ୍କୋର

**ଗୁଜରାଟ ଇନିଂସ: ୧୫୫/୮, ୨୦ ଓଭର**

ସାଇ ସୁଦର୍ଶନ-କ୍ୟା.ଜିତେଶ ବୋ.ଭୁବନେଶ୍ୱର-୧୨, ଶୁବମନ-କ୍ୟା.ପାଟିଦାର ବୋ.ହାଜ୍‌ଲେଉଡ-୧୦, ନିଶାନ୍ତ-କ୍ୟା.ପାଡିକଲ ବୋ.ରସିକ-୨୦, ବଟ୍ଲର-ଷ୍ଟମ୍ପ୍.ଜିତେଶ ବୋ.କ୍ରୁନାଲ-୧୯, ୱାଶିଂଟନ- ଅପରାଜିତ ୫୦, ଅର୍ସାଦ୍-କ୍ୟା. ରସିକ ବୋ.ହାଜ୍‌ଲେଉଡ୍-୧୫, ତେୱାତିଆ-କ୍ୟା.ପାଟିଦାର ବୋ.ରସିକ୍-୭, ହୋଲ୍ଡର-କ୍ୟା.ହାଜ୍‌ଲେଉଡ୍ ବୋ.ରସିକ୍-୭, ରାବାଡା- ଅପରାଜିତ ୩, ଅତିରିକ୍ତ-୫।

ୱିକେଟ ପତନ: ୧/୨୨, ୨/୨୬, ୩/୫୫, ୪/୭୩, ୫/୯୯, ୬/୧୧୫, ୭/୧୪୨, ୮/୧୫୧।

ବୋଲିଂ ବିଶ୍ଳେଷଣ (ବେଙ୍ଗାଲୁରୁ): ଡଫି-୪-୦-୩୮-୦, ଭୁବନେଶ୍ୱର- ୪-୦-୨୯-୨, ହାଜେଲଉଡ୍- ୪-୦-୩୭-୨, ରଶିକ ସଲମନ- ୪-୦-୨୭-୩, କ୍ରୁନାଲ- ୪-୦-୨୩-୧।

**ବେଙ୍ଗାଲୁରୁ ଇନିଂସ: ୧୬୧/୫, ୧୮ ଓଭର**

ଭେଙ୍କଟେସ୍-କ୍ୟା.ରାବାଡା ବୋ.ସିରାଜ- ୩୨, କୋହଲି- ଅପରାଜିତ ୭୫, ପାଡିକଲ- କ୍ୟା.ଅର୍ସାଦ ବୋ.ରାବାଡା- ୧, ପାଟିଦାର- କ୍ୟା.ରାବାଡା ବୋ.ରଶିଦ- ୧୫, କ୍ରୁନାଲ-ଏଲ୍‌ବି ରଶିଦ-୧, ଡେଭିଡ- କ୍ୟା.ବଟଲର ବୋ.ଅର୍ସାଦ-୨୪, ଜିତେଶ- ଅପରାଜିତ-୧୧, ଅତିରିକ୍ତ-୦୦୦୦୦

ୱିକେଟ ପତନ: ୧/୬୨, ୨/୬୩, ୩/୮୯, ୪/୯୧, ୫/୧୩୨।

ବୋଲିଂ ବିଶ୍ଳେଷଣ (ଗୁଜରାଟ): ସିରାଜ: ୪-୦-୩୬-୧, ରାବାଡା: ୩-୦-୪୪-୧, ହୋଲ୍ଡର: ୨-୦-୧୬-୦, ରଶିଦ: ୪-୦-୨୫-୨, ଅର୍ସାଦ: ୪-୦-୩୨-୧, ପ୍ରସିଦ୍ଧ: ୧-୦-୭-୦।

## ଶୀର୍ଷରେ ରାବାଡା, ସୂର୍ଯ୍ୟବଂଶୀ



**ଅହମ୍ମଦାବାଦ୍,୩୧।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୯ତମ ସଂସ୍କରଣ ଆଜି ଶେଷ ହୋଇଛି। ଏହି ସଂସ୍କରଣରେ ସର୍ବାଧିକ ୭୭୬ ରନ୍ କରି ରାଜସ୍ଥାନ ରୟାଲ୍ସର ୧୫ ବର୍ଷୀୟ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଅରେଞ୍ଜ କ୍ୟାପ୍ ଓ ଗୁଜରାଟ ଟାଇଟାନ୍ସର କାଗିସୋ ରାବାଡା ୨୮ଟି ୱିକେଟ ନେଇ ପର୍ପଲ କ୍ୟାପ୍ ପାଇଛନ୍ତି। ବ୍ୟାଟିଂରେ ସୂର୍ଯ୍ୟବଂଶୀ ୧୬ଟି ମ୍ୟାଚ୍ ଖେଳି ୪୮.୫୦ ହାରରେ ଓ ୨୩୭.୩୧ ଷ୍ଟ୍ରାଇକ୍‌ରେଟ୍‌ରେ ଏହି ସ୍କୋର କରିଛନ୍ତି। ଏହା ମଧ୍ୟରେ ରହିଛି ଗୋଟିଏ ଶତକ ଓ ୫ଟି ଅର୍ଦ୍ଧଶତକ। ସେହିପରି ସେ ୩୨୭ଟି ବଲ୍‌ର ସମ୍ମୁଖୀନ ହୋଇ ୭୭୬ରନ୍‌ରେ ୬୩ଚୌକା ଓ ୭୨ଛକା ମାରିବାରେ ରେକର୍ଡ କରିଛନ୍ତି। ଏଲିମିନେଟରରେ ସେ ୯୭ ଓ ଦ୍ୱିତୀୟ କ୍ୱାଲିଫାୟରରେ ୯୬ରନ୍ କରିଥିଲେ। ଏହାକୁ ମିଶାଇ ସେ ତୃତୀୟଥର ସକାଶେ ନର୍ଭସ ନାଇଣ୍ଟିଜ୍‌ର ଶିକାର ବନିଛନ୍ତି।

ସେହିପରି ଗୁଜରାଟର କାଗିସୋ ରାବାଡା ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୨୯ଟି ୱିକେଟ ନେଇଛନ୍ତି। ଏହା ଫଳରେ ସେ ପର୍ପଲ କ୍ୟାପ୍‌ର ଅଧିକାରୀ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ସେ ୧୭ଟି ମ୍ୟାଚ୍ ଖେଳି ୬୪.୪ ଓଭର ବୋଲିଂ କରିଥିଲେ। ଏଥିରେସେ ୬୨୬ ରନ୍ ବ୍ୟୟ କରିଥିଲାବେଳେ ୱିକେଟ ପ୍ରତି ୨୧.୫୮ ଓ ଓଭର ପ୍ରତି ୯.୬୮ ହାରରେ ରନ୍ ବ୍ୟୟ କରିଥିଲେ।



## ଆଇପିଏଲ୍-୧୯ : ସୂର୍ଯ୍ୟବଂଶୀଙ୍କୁ ଅରେଞ୍ଜ କ୍ୟାପ୍

| ଖେଳାଳି | ଟିମ୍ | ମ୍ୟାଚ୍ | ରନ୍ | ହାରାହାରି | ଷ୍ଟ୍ରାଇକ୍‌ରେଟ୍ | ୧୦୦/୫୦ | ଚୌକା/ଛକା |
|---|---|---|---|---|---|---|---|
| ସୂର୍ଯ୍ୟବଂଶୀ | ରାଜସ୍ଥାନ | ୧୬ | ୭୭୬ | ୪୮.୫୦ | ୨୩୭.୩୦ | ୧/୫ | ୬୩/୭୨ |
| ଗିଲ୍ | ଗୁଜରାଟ | ୧୭ | ୭୩୨ | ୪୫.୭୫ | ୧୬୩.୦୨ | ୧/୬ | ୭୪/୩୩ |
| ସୁଦର୍ଶନ | ଗୁଜରାଟ | ୧୭ | ୭୨୨ | ୪୫.୧୨ | ୧୫୭.୯୮ | ୧/୮ | ୭୫/୩୦ |
| କୋହଲି | ବେଙ୍ଗାଲୁରୁ | ୧୬ | ୬୭୫ | ୫୬.୨୫ | ୧୬୫.୮୪ | ୧/୫ | ୭୩/୨୫ |
| କ୍ଲାସେନ | ହାଇଦରାବାଦ | ୧୫ | ୬୨୪ | ୪୮.୦୦ | ୧୬୦.୦୦ | ୦/୬ | ୪୮/୩୧ |
| ଇଶାନ | ହାଇଦରାବାଦ | ୧୫ | ୬୦୨ | ୪୦.୧୩ | ୧୮୨.୪୨ | ୦/୬ | ୬୦/୩୨ |
| ରାହୁଲ | ଦିଲ୍ଲୀ | ୧୪ | ୫୯୩ | ୪୫.୬୨ | ୧୭୪.୪୧ | ୧/୫ | ୫୬/୩୧ |
| ଅଭିଷେକ | ହାଇଦରାବାଦ | ୧୫ | ୫୬୩ | ୪୦.୨୧ | ୨୦୪.୭୨ | ୧/୪ | ୫୦/୪୩ |

## କାଗିସୋ ରାବାଡାଙ୍କୁ ପର୍ପଲ କ୍ୟାପ୍

| ଖେଳାଳି | ଟିମ୍ | ମ୍ୟାଚ୍ | ଓଭର | ୱିକେଟ | ହାରାହାରି | ଇକୋନୋମି | ୪ୱିକେଟ୍ |
|---|---|---|---|---|---|---|---|
| ରାବାଡା | ଗୁଜରାଟ | ୧୭ | ୬୪.୪ | ୨୯ | ୨୧.୫୮ | ୯.୬୮ | ୦ |
| ଭୁବନେଶ୍ୱର | ବେଙ୍ଗାଲୁରୁ | ୧୬ | ୬୩.୦ | ୨୮ | ୧୭.୮୯ | ୭.୯୫ | ୧ |
| ଆର୍ଚର | ରାଜସ୍ଥାନ | ୧୬ | ୬୦.୦ | ୨୫ | ୨୨.୩୬ | ୯.୩୧ | ୦ |
| ରଶିଦ | ଗୁଜରାଟ | ୧୭ | ୫୬.୫ | ୨୧ | ୨୪.୫୭ | ୯.୦୭ | ୧ |
| କାମ୍ବୋଜ | ଚେନ୍ନଇ | ୧୪ | ୫୦.୨ | ୨୧ | ୨୫.୨୩ | ୯.୩୩ | ୦ |
| ମାଲିଙ୍ଗା | ହାଇଦରାବାଦ୍ | ୧୫ | ୫୪.୨ | ୨୦ | ୨୫.୩୫ | ୯.୩୩ | ୧ |
| ସିରାଜ | ଗୁଜରାଟ | ୧୭ | ୬୨.୦ | ୧୯ | ୨୯.୫୭ | ୯.୦୬ | ୦ |
| ରଶିକ ଦାର | ବେଙ୍ଗାଲୁରୁ | ୧୨ | ୪୨.୫ | ୧୯ | ୨୧.୩୧ | ୯.୪୫ | ୧ |

## ମ୍ୟାଚ୍- ୭୪, ରନ- ୨୭୪୫୦, ୱିକେଟ୍- ୮୭୮


**ଅହମ୍ମଦାବାଦ, ୩୧।୫ (ଏଜେନ୍ସି):** ବିଶ୍ୱର ସବୁଠୁ ବ୍ୟୟବହୁଳ ଟି-୨୦ ଲିଗ୍ ଆଇପିଏଲ୍‌ର ୧୯ତମ ସଂସ୍କରଣ ରବିବାର ଉଦ୍‌ଯାପିତ ହୋଇଯାଇଛି। ୬୬ ଦିନ ଧରି ଖେଳାଯାଇଥିବା ଚଳିତ ସଂସ୍କରଣରେ ଫାଇନାଲକୁ ମିଶାଇ ମୋଟ୍ ୭୪ଟି ମ୍ୟାଚ୍ ଖେଳାଯାଇଥିଲା। ଯେଉଁଥିରେ ମୋଟ୍ ୨୭୪୫୦ ରନ ଦେଖିବାକୁ ମିଳିଥିଲା। ସେହିଭଳି ମୋଟ୍ ଉପରେ ଏଥର ଆଇପିଏଲ୍‌ରେ ୮୭୮ଟି ୱିକେଟ୍ ପତନ ଘଟିଥିଲା। ମ୍ୟାଚ୍ ପିଛା ହାରାହାରି ୩୭୧ ରନ ସଂଗୃହିତ ହୋଇଥିଲା। ପ୍ରତି ଓଭର ପିଛା ୯.୮୮ ରନ ସଂଗୃହିତ ହୋଇଛି। ଅପରପକ୍ଷରେ ଏଥର ଆଇପିଏଲ୍‌ରେ ଚୌକା ଓ ଛକା ବର୍ଷା ହୋଇଛି। ଖେଳାଯାଇଥିବା ୭୪ଟି ମ୍ୟାଚରେ ୨୩୩୨ଟି ଚୌକା ଓ ୧୪୨୬ଟି ଛକା ଦେଖିବାକୁ ମିଳିଛି। ଏହି ସଂସ୍କରଣରେ ୬୫ଥର ଗୋଟିଏ ଇନିଂସରେ ୨୦୦ରୁ ଉର୍ଦ୍ଧ୍ୱ ରନ ସଂଗୃହିତ ହୋଇଛି। ସେହିଭଳି ୧୭ଟି ମ୍ୟାଚରେ ୨୦୦ କିମ୍ବା ଏହାଠାରୁ ଅଧିକ ରନକୁ ସଫଳତାର ସହ ଚେଜ୍ କରାଯାଇଛି।



ଆଇପିଏଲ୍ ଟ୍ରଫି ସହ ବେଙ୍ଗାଲୁରୁ ଅଧିନାୟକ ରଜତ ପାଟିଦାର(ମଝି)



ବେଙ୍ଗାଲୁରୁରେ ଆର୍‌ସିବି ସମର୍ଥକଙ୍କ ବିଜୟ ଉତ୍ସବ



ଫାଇନାଲ୍ ମ୍ୟାଚ୍ ଦେଖୁଛନ୍ତି କୋହଲିଙ୍କ ପତ୍ନୀ ଅନୁଷ୍କା (ମଝି)

## ମୋଟ ୧୫ ଶତକ

## ରାହୁଲଙ୍କ ୧୫୨ ସର୍ବାଧିକ, ସାମସନଙ୍କ ୨ଟି ଶତକ

ଚଳିତ ଟୁର୍ଣ୍ଣାମେଣ୍ଟରେ ବ୍ୟାଟର ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ମାତ୍ର ୧୫ଟି ଶତକ ଦେଖିବାକୁ ମିଳିଛି। ଏହା ମଧ୍ୟରେ ଚେନ୍ନଇର ସଞ୍ଜୁ ସାମସନ ସର୍ବାଧିକ ୨ଟି ଶତକ ହାସଲ କରିଛନ୍ତି। ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ଦିଲ୍ଲୀର ଲୋକେଶ ରାହୁଲ ସଂଗ୍ରହ କରିଥିବା ଅପରାଜିତ ୧୫୨ରନ୍ ଏହି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ସନ୍‌ରାଇଜର୍ସର ଅଭିଷେକ ଶର୍ମା ଅପରାଜିତ ୨୩୫, ମୁମ୍ବଇର ରିୟାନ ରିକେଲଟନ ଅପରଜିତ ୧୨୩ ରନ୍ କରି ପ୍ରଥମ ୩ଟି ଟପ୍ ସ୍କୋର ମଧ୍ୟରେ ରହିଛି।

ଏଥର ୧୫ଟି ଶତକ ସ୍କୋର ହୋଇଥିଲାବେଳେ ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ସର୍ବାଧିକ ୩ଟି ଶତକ ସ୍କୋର ହୋଇଛି। ଚେନ୍ନଇ, ପଞ୍ଜାବ ଓ ଗୁଜରାଟ ପକ୍ଷରୁ ୨ଟି ଲେଖାଏଁ ଶତକ ଦେଖିବାକୁ ମିଳିଛି। କୋଲକାତା, ରାଜସ୍ଥାନ, ବେଙ୍ଗାଲୁରୁ, ଲକ୍ଷ୍ନୌ, ହାଇଦରାବାଦ୍ ଓ ଦିଲ୍ଲୀ ଗୋଟିଏ ଲେଖାଏଁ ଶତକ ହାସଲ କରିଛି।

### କିଏ କେଉଁ ପୁରସ୍କାର ପାଇଲେ

**ଚାମ୍ପିଅନ:** ଆରସିବି- ୨୦ କୋଟି
**ରନର୍ସଅପ୍:** ଗୁଜରାଟ- ୧୩ କୋଟି
**ତୃତୀୟ ସ୍ଥାନ:** ରାଜସ୍ଥାନ- ୭ କୋଟି
**୪ର୍ଥ ସ୍ଥାନ:** ହାଇଦରାବାଦ- ୬.୫ କୋଟି
**ସୂର୍ଯ୍ୟବଂଶୀ:** ଇମର୍ଜି ଖେଳାଳି, ସୁପର ଷ୍ଟ୍ରାଇକର, ସର୍ବାଧିକ ଛକା (୬୫), ଅରେଞ୍ଜ କ୍ୟାପ (ସର୍ବାଧିକ ରନ୍- ୭୭୬), ମୋଷ୍ଟ ଭାଲ୍ୟୁଏବଲ୍ ଖେଳାଳି - ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ
**କୋହଲି:** ଫାଇନାଲର ଶ୍ରେଷ୍ଠ
**କାଗିସୋ ରାବାଡା:** ପର୍ପଲ କ୍ୟାପ୍ (ସର୍ବାଧିକ ୱିକେଟ-୨୯)
**ସୁଦର୍ଶନ:** ସର୍ବାଧିକ ଚୌକା- ୭୫
**ମନୀଷ ପାଣ୍ଡେ:** ସିଜନର ଶ୍ରେଷ୍ଠ କ୍ୟାଚ୍
**ସିରାଜ :** ସର୍ବାଧିକ ଡଟ୍ ବଲ୍ (୧୭୨ଟି)

## ପାଟିଦାରଙ୍କ ଲାଗି ଟସ୍ ଭାଗ୍ୟବାନ

ବେଙ୍ଗାଲୁରୁର ଅଧିନାୟକ ରଜତ ପାଟିଦାରଙ୍କ ଲାଗି ଟସ୍ ବିଜୟ ଭାଗ୍ୟବାନ ସାବ୍ୟସ୍ତ ହୋଇଆସିଛି। ଏହି ମ୍ୟାଚ୍‌କୁ ମିଶାଇ ସେ ତାଙ୍କ ନେତୃତ୍ୱ ନେବା ସମୟରେ ୧୩ଥର ଟସ୍ ଜିତିଛନ୍ତି। ଏହା ମଧ୍ୟରେ ବେଙ୍ଗାଲୁରୁ ୧୨ଥର ମ୍ୟାଚ୍ ଜିତିଛି। ସେ ମାତ୍ର ଥରେ ପରାଜିତ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରିଥିବା ବେଙ୍ଗାଲୁରୁ ଚଳିତ ଟୁର୍ଣ୍ଣାମେଣ୍ଟରେ ମାତ୍ର ୧୬ଜଣ ଖେଳାଳିଙ୍କୁ ଖେଳାଇଛି। ବେଙ୍ଗାଲୁରୁ ଲାଗି ପାଟିଦାର ଭାଗ୍ୟବାନ ସାବ୍ୟସ୍ତ ହୋଇଛନ୍ତି। ପାଟିଦାରଙ୍କ ନେତୃତ୍ୱରେ ଦଳ କ୍ରମାଗତ ଟାଇଟଲ ବିଜୟୀ ହୋଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS

## ୧୮ ବର୍ଷରୁ କମ୍ ଏସିଆ କପ୍ ହକି

# ମହିଳା ଜିତିଲେ, ପୁରୁଷ ହାରିଲେ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି)



ଜାପାନରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ହକିରେ ଆଜି ଭାରତକୁ ମିଶ୍ର ଫଳ ମିଳିଛି। ଆଜି ଉଭୟ ପୁରୁଷ ଓ ମହିଳା ଦଳ ସେମାନଙ୍କ ଦ୍ୱିତୀୟ ଲିଗ୍ ମ୍ୟାଚ୍ ଖେଳିଛନ୍ତି। ପ୍ରଥମେ ଖେଳିଥିବା ମହିଳା ଦଳ ୩-୧ ଗୋଲରେ ଦକ୍ଷିଣ କୋରିଆ ଦଳକୁ ପରାସ୍ତ କରିଛି। ଦଳ ପକ୍ଷରୁ ନୌସିନ ନାଜ୍, ଶ୍ରୁତି କୁମାରୀ ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଓଡ଼ିଶାର କିରଣ ଏକ୍କା ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଗତକାଲି ମହିଳା ଦଳ ସେମାନଙ୍କ ପ୍ରଥମ ମ୍ୟାଚ୍‌ରେ କଷ୍ଟେମଷ୍ଟେ ମାଲେସିଆକୁ ୨-୧ ଗୋଲରେ ହରାଇଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ମହିଳା ଦଳ ଖେଳିଥିବା ପ୍ରଥମ ୨ଟିଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ଅନ୍ୟପକ୍ଷରେ ପୁରୁଷ ଦଳକୁ ହାରମାନିବାକୁ ପଡ଼ିଛି। ହକିରେ ଲଢୁଆ ଖେଳୁଥିବା ଆୟୋଜକ ଜାପାନ ୪-୨ ଗୋଲରେ ଭାରତର ଉଦୀୟମାନ ଖେଳାଳିଙ୍କୁ ପରାସ୍ତ କରିଛି। ଭାରତ ପକ୍ଷରୁ ଅଧିନାୟକ କେତନ ଖୁସ୍‌ୱା ଓ ଆଶିଷ ତନି ପୁରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଜାପାନ ପକ୍ଷରୁ ଅଧିନାୟକ ମାହିରୋ, ୟୁମା, କେଙ୍ଗୋ ଓ ଆଓନେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଭାରତ ଲଢୁଆ ଖେଳିଥିଲେ ମଧ୍ୟ ମ୍ୟାଚ୍‌କୁ ଜିତିପାରି ନ ଥିଲା। ଗୋଟିଏ ଦିନ ଆଗରୁ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଜାକାଖସ୍ତାନକୁ ୧୩-୦ ଗୋଲରେ ପରାସ୍ତ କରି ବୃହତ୍ ବିଜୟ ହାସଲ କରିଥିଲା।

## ଫ୍ରେଞ୍ଚ ଓପନ୍: ଚାରିଥରର ଚାମ୍ପିଅନ ସ୍ୱିଆଟେକ ଜନ୍ମଦିନରେ ହାରିଲେ



ପ୍ୟାରିସ, ୩୧।୫ (ଏଜେନ୍ସି): ଚଳିତ ଫ୍ରେଞ୍ଚ ଓପନ୍‌ରେ ଗୋଟିଏ ପରେ ଗୋଟିଏ ବିପର୍ଯ୍ୟୟ ଜାରି ରହିଛି। ସଦ୍ୟତମ ଖେଳାଳି ଭାବେ ଏଠାରେ ଚାରିଥର ଟ୍ରଫି ଜିତିଥିବା ପୋଲାଣ୍ଡ ତାରକା ଇଗା ସ୍ୱିଆଟେକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ୟୁକ୍ରେନର ମାର୍ତା କୋସ୍ଟ୍ୟୁକ ୪-୬, ୬-୪, ୬-୦ ସେଟରେ ୩ୟ ସିଡ୍ ସ୍ୱିଆଟେକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ୧୫ତମ ସିଡ୍ ମାର୍ତା ମ୍ୟାଚର ପ୍ରଥମ ସେଟକୁ ହାରିଯାଇଥିଲେ। କିନ୍ତୁ ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇଟି ସେଟକୁ ଏକପାଖିଆ ଭାବେ ହାତେଇ ନେଇଥିଲେ। ରବିବାର ୨୫ତମ ଜନ୍ମଦିନ ଥିଲେ ମଧ୍ୟ ସ୍ୱିଆଟେକ ତାଙ୍କ ପ୍ରଶଂସକଙ୍କୁ ବିଜୟ ଭେଟି ଦେଇପାରି ନ ଥିଲେ। କ୍ଲେ କୋର୍ଟର ରାଣୀ ଆଖ୍ୟା ପାଇଥିବା ସ୍ୱିଆଟେକ ଏଠାରେ ୨୦୨୦, ୨୦୨୨, ୨୦୨୩ ଓ ୨୦୨୪ରେ ଚାମ୍ପିଅନ ହୋଇଥିଲେ। ମହିଳା ବିଭାଗରେ ରବିବାର ଅନୁଷ୍ଠିତ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ୭ମ ସିଡ୍ ଏଲିନା ସ୍ୱିତୋଲିନା, ୧୮ ତମ ସିଡ୍ ରୋମାନିଆର ସୋରାନା କ୍ରିଷ୍ଟି ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଅପରପକ୍ଷରେ ପୁରୁଷ ବିଭାଗ ପ୍ରି-କ୍ୱାର୍ଟରରେ କାନାଡାର ଫେଲିକ୍ସ ଆଗର ଆଲିସିମେ ବିଜୟୀ ହୋଇ ଅନ୍ତିମ-୮ରେ ପହଞ୍ଚିଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଫେଲିକ୍ସ ୪-୬, ୬-୪, ୪-୬, ୬-୧, ୭-୬ (୧୦/୭) ସେଟରେ ଜର୍ମାନୀର ଡାନିଏଲ ଅଲ୍ଟମେୟାରଙ୍କୁ ହରାଇଥିଲେ।

■ ୟୁଏଫା ଚାମ୍ପିଅନ୍ସ ଲିଗ୍ ଫୁଟବଲ

## ଟାଇଟଲ ବଜାୟ ରଖିଲା ପିଏସ୍‌ଜି

ବୁଦାପେଷ୍ଟ,୩୧।୫(ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ପିଏସ୍‌ଜି ଓ ଆର୍ସେନଲ ମଧ୍ୟରେ ଏଠାରେ ଅନୁଷ୍ଠିତ ୟୁଏଫା ଚାମ୍ପିଅନ୍ସ ଲିଗ୍ ଫୁଟବଲ ଫାଇନାଲର ଦ୍ୱିତୀୟ ଲେଗ୍ ୧-୧ ଗୋଲରେ ସମାନସ୍ତରରେ ରହିଥିଲା। ଏହା ଫଳରେ ଉଭୟ ଲେଗ୍‌ର ଖେଳପରେ ଖେଳ ସମାନସ୍ତରରେ ରହିଥିଲା। ମ୍ୟାଚ୍‌ର ଫଳାଫଳ ଜାଣିବା ଲାଗି ପେନାଲ୍ଟି ସୁଟ୍‌ଆଉଟର ସହାୟତା ନିଆଯାଇଥିଲା। ଏଥିରେ ପିଏସ୍‌ଜି ୪-୩ ଗୋଲରେ ଜିତିବା ସହ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଥିଲା। ଚାମ୍ପିଅନ୍ସ ଲିଗ୍ ଇତିହାସରେ ପିଏସ୍‌ଜି ମାତ୍ର ଦ୍ୱିତୀୟ ଦଳ ଭାବେ ଏକବିଂଶ ଶତାବ୍ଦୀରେ କ୍ରମାଗତ ଦ୍ୱିତୀୟ ଟାଇଟଲ ଜିତିବାରେ ସମର୍ଥ ହୋଇଛି। ସେହିପରି କୋଚ୍ ଲୁଇସ୍ ଏନ୍‌ରିକଙ୍କ ଲାଗି ଏହା ହ୍ୟାଟ୍ରିକ୍ ଚାମ୍ପିଅନ୍ସ ଲିଗ୍ ଟାଇଟଲ। ପୂର୍ବରୁ ୨୦୧୫ରେ ସେ କୋଚ୍ ଥିଲାବେଳେ ବାର୍ସିଲୋନା ଚାମ୍ପିଅନ୍ସ ଲିଗ୍ ଚାମ୍ପିଅନ ହୋଇଥିଲା।

## ପ୍ୟାରିସରେ ବିଜୟ ଉତ୍ସବ ପାଲଟିଲା ରଣକ୍ଷେତ୍ର

ପ୍ୟାରିସ,୩୧।୫(ଏଜେନ୍ସି): ବୁଦାପେଷ୍ଟଠାରେ ଶନିବାର ଅନୁଷ୍ଠିତ ଚାମ୍ପିଅନ୍ସ ଲିଗ୍ ଫାଇନାଲ୍ ମ୍ୟାଚରେ ଆର୍ସେନାଲକୁ ପେନାଲ୍ଟି ସୁଟ୍‌ଆଉଟ୍‌ରେ ୪-୩ ରେ ହରାଇ ପ୍ୟାରିସ ସେଣ୍ଟ-ଜର୍ମେନ୍ (ପିଏସ୍‌ଜି) ଟାଇଟଲ୍ ବଜାୟ ରଖିଛି। ତେବେ କ୍ଲବର ଏହି ବିଜୟ ଉତ୍ସବ ଫ୍ରାନ୍ସର ରାଜଧାନୀ ପ୍ୟାରିସ ରାଜରାସ୍ତାରେ ବ୍ୟାପକ ହିଂସା ଓ ଅରାଜକତାର ରୂପ ନେଇଛି। ବିଜୟ ଉଲ୍ଲାସ ମଧ୍ୟରେ ଆରମ୍ଭ ହୋଇଥିବା ହଙ୍ଗାମା ଯୋଗୁଁ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୨୬୪ରୁ ଅଧିକ ଗାଡ଼ିକୁ ପୋଡ଼ି ପାଉଁଶ କରିଦିଆଯାଇଛି। ମ୍ୟାଚ୍ ଜିତିବା ପରେ ପ୍ରାୟ ୨୦,୦୦୦ ସମର୍ଥକ ପ୍ରସିଦ୍ଧ ଚାମ୍ପସ୍-ଏଲିଜେ ଅଞ୍ଚଳରେ ଏକତ୍ରିତ ହୋଇଥିଲେ। ଏହି ସମୟରେ ଉତ୍ତ୍ୟକ୍ତ ପ୍ରଶଂସକମାନେ ବିଭିନ୍ନ ଦୋକାନ ବଜାରର କାଚ ଭାଙ୍ଗିବା ସହ ବେକେରୀ ଏବଂ ରେଷ୍ଟୁରାଣ୍ଟଗୁଡ଼ିକୁ ଭାଙ୍ଗିରୁଜି ନଷ୍ଟ କରିଦେଇଥିଲେ। ପିଏସଜି ଷ୍ଟାଡିୟମ୍ ବାହାରେ ଥିବା ପ୍ରାୟ ୪ରୁ ୫ ହଜାର ପ୍ରଶଂସକଙ୍କ ମଧ୍ୟରୁ କେତେକ ଜୋର ଜବରଦସ୍ତ ଗେଟ୍ ଭାଙ୍ଗି ଭିତରକୁ ପଶିବାକୁ ଚେଷ୍ଟା କରିବା ସହ ପୋଲିସ ଉପରକୁ ପଥରମାଡ଼ କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ୟାରିସରେ ୮,୦୦୦ ସମେତ ସମଗ୍ର ଦେଶରେ ୨୨,୦୦୦ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା। ଉଗ୍ର ଭିଡ଼କୁ ହଟାଇବା ପାଇଁ ପୋଲିସ ଲୁହବୁହା ଗ୍ୟାସ ବ୍ୟବହାର କରିବା ସହ ଏପର୍ଯ୍ୟନ୍ତ ୭୮୦ରୁ ଅଧିକ ଦଙ୍ଗାକାରୀଙ୍କୁ ଗିରଫ କରିଛି। ଏଥିରେ ୭ ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି।

**ଆଇପିଏଲ୍ ଚାମ୍ପିଅନ: ୨୦୦୮ ରୁ ୨୦୨୬**

| ସିଜନ | ବିଜେତା | ଉପବିଜେତା | ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ |
|---|---|---|---|
| ୨୦୦୮ | ରାଜସ୍ଥାନ | ଚେନ୍ନଇ | ଶେନ ୱାଟସନ |
| ୨୦୦୯ | ଡେକାନ ଚାର୍ଜସ | ବେଙ୍ଗାଲୁରୁ | ଆଦାମ ଗିଲ୍‌କ୍ରୀଷ୍ଟ |
| ୨୦୧୦ | ଚେନ୍ନଇ | ମୁମ୍ବଇ | ସଚିନ ତେନ୍ଦୁଲକର |
| ୨୦୧୧ | ଚେନ୍ନଇ | ବେଙ୍ଗାଲୁରୁ | କ୍ରିସ ଗେଲ୍ |
| ୨୦୧୨ | କୋଲକାତା | ଚେନ୍ନଇ | ସୁନିଲ ନାରାୟଣ |
| ୨୦୧୩ | ମୁମ୍ବଇ | ଚେନ୍ନଇ | ଶେନ ୱାଟସନ |
| ୨୦୧୪ | କୋଲକାତା | ପଞ୍ଜାବ | ଗ୍ଲେନ ମ୍ୟାକ୍ସୱେଲ |
| ୨୦୧୫ | ମୁମ୍ବଇ | ଚେନ୍ନଇ | ଆନ୍ଦ୍ରେ ରସେଲ |
| ୨୦୧୬ | ହାଇଦରାବାଦ | ବେଙ୍ଗାଲୁରୁ | ବିରାଟ କୋହଲି |
| ୨୦୧୭ | ମୁମ୍ବଇ | ପୁନେ | ବେନ୍ ଷ୍ଟୋକ୍ସ |
| ୨୦୧୮ | ଚେନ୍ନଇ | ହାଇଦରାବାଦ | ସୁନିଲ ନାରାୟଣ |
| ୨୦୧୯ | ମୁମ୍ବଇ | ଚେନ୍ନଇ | ଆନ୍ଦ୍ରେ ରସେଲ |
| ୨୦୨୦ | ମୁମ୍ବଇ | ଦିଲ୍ଲୀ | ଜୋଫ୍ରା ଆର୍ଚର |
| ୨୦୨୧ | ଚେନ୍ନଇ | କୋଲକାତା | ହର୍ଷଲ ପଟେଲ |
| ୨୦୨୨ | ଗୁଜରାଟ | ରାଜସ୍ଥାନ | ଜୋଶ୍ ବଟଲର୍ |
| ୨୦୨୩ | ଚେନ୍ନଇ | ଗୁଜରାଟ | ଶୁବମନ ଗିଲ୍ |
| ୨୦୨୪ | କୋଲକାତା | ହାଇଦରାବାଦ | ସୁନିଲ ନାରାୟଣ |
| ୨୦୨୫ | ବେଙ୍ଗାଲୁରୁ | ପଞ୍ଜାବ | ସୂର୍ଯ୍ୟକୁମାର ଯାଦବ |
| ୨୦୨୬ | ବେଙ୍ଗାଲୁରୁ | ଗୁଜରାଟ | ବୈଭବ ସୂର୍ଯ୍ୟବଂଶୀ |

## ସ୍ୱସ୍ତିକ୍ ଜିତିଲେ ଭୁବନେଶ୍ୱର ସ୍କୁଲ ଚେସ୍

ଭୁବନେଶ୍ୱର,୩୧।୫(ସମିସ): କେନ୍ଦ୍ରୀୟ ବିଦ୍ୟାଳୟର ନଂ-୧ ଛାତ୍ର ସ୍ୱସ୍ତିକ ତ୍ରିପାଠୀ ୩୯ତମ ଭୁବନେଶ୍ୱର ସ୍କୁଲ ଚେସ୍ ପ୍ରତିଯୋଗିତାରେ ଟାଇଟଲ ବିଜୟୀ ହୋଇଛନ୍ତି। ସେ ୫ ରାଉଣ୍ଡରୁ ୪.୫ ପଏଣ୍ଟ ପାଇ ପ୍ରଥମ ସ୍ଥାନରେ ରହିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୪ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ସେମାନଙ୍କ ମଧ୍ୟରୁ



କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ସତ୍ୟମ ସ୍ୱରୂପ ସାହୁ ରନର୍ସଅପ୍, ଭିଏସ୍‌ଏସ୍ ନଗର ଇଂଲିଶ ମିଡିୟମ୍ ସ୍କୁଲ୍‌ର ସାତ୍ତ୍ୱିକ ମହାନ୍ତି ତୃତୀୟ, ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ୍‌ର ଦିବ୍ୟାଂଶ ନାୟକ ଚତୁର୍ଥସ୍ଥାନ ଅଧିକାର କରିଛନ୍ତି। ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶନନ୍ଦ ଗୋସ୍ୱାମୀ ପଞ୍ଚମସ୍ଥାନ ଅଧିକାର କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଭୁବନେଶ୍ୱର ଚେସ ସଂଘ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍‌ରେ ଆୟୋଜିତ ହୋଇଥିଲା। ସ୍କୁଲ୍‌ର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲାବେଳେ ଭାଇସ୍ ପ୍ରିନ୍‌ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଓଡ଼ିଶା ରାଜ୍ୟ ଚେସ୍ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

● ସିଙ୍ଗାପୁର ଓପନ ୨୦୨୬

## ସାତ୍ତ୍ୱିକ-ଚିରାଗଙ୍କୁ ପ୍ରଥମ ଟାଇଟଲ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଭାରତର ନମ୍ବର ୱାନ୍ ପୁରୁଷ ଯୁଗଳ ବ୍ୟାଡ୍‌ମିଣ୍ଟନ ଯୋଡି ସାତ୍ତ୍ୱିକ ସାଇରାଜ ରଙ୍କୀରେଡ୍ଡୀ ଓ ତାଙ୍କ ପାର୍ଟନର ଚିରାଗ ସେଟ୍ଟୀ ଦୀର୍ଘ ୨ବର୍ଷ ପରେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଟୁର୍ ଟାଇଟଲ ଜିତିବାରେ ସମର୍ଥ ହୋଇଛନ୍ତି। ଆଜି ସିଙ୍ଗାପୁରରେ ଖେଳାଯାଇଥିବା ବିଡବ୍ଲ୍ୟୁଏଫ୍ ସୁପର ୭୫୦ ଟୁର୍ଣ୍ଣାମେଣ୍ଟରେ ସାତ୍ତ୍ୱିକ-ସାଇରାଜ ୧୮-୨୧, ୨୧-୧୭, ୨୧-୧୬ରେ ଇଣ୍ଡୋନେସିଆର ଫାଜର ଆଲଫିଆନ୍ ଓ ମହମ୍ମଦ୍ ସୋହିବୁଲ ଫିକ୍‌ରିଙ୍କ ଯୋଡିକୁ



ହରାଇ ଚାମ୍ପିଅନ ହୋଇଛନ୍ତି। ସିଙ୍ଗାପୁର ଓପନରେ ମଧ୍ୟ ଭାରତୀୟ ଯୋଡିଙ୍କର ଏହା ପ୍ରଥମ ତଥା ବିଡବ୍ଲ୍ୟୁଏଫ୍ ୭୫୦ କାଟାଗୋରୀରେ ତୃତୀୟ ଟାଇଟଲ। ଭାରତ ଏହି ଯୋଡି ଶେଷଥର ଲାଗି ୨୦୨୪ ଥାଇଲାଣ୍ଡ ଓପନରେ ଟ୍ରଫି ଜିତିଥିଲେ। ଏହା ପରେ ସେମାନେ ୪ଟି ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲେ। ଶେଷରେ ସିଙ୍ଗାପୁରରେ ରନର୍ସଅପ୍‌ର ଧାରା ଚାମ୍ପିଅନ୍‌ରେ ରୂପାନ୍ତରିତ ହୋଇଥିଲା।

# ଜୁଲାଇ ୧ରୁ ଫାଓ ଲିଗ୍

ଭୁବନେଶ୍ୱର, ୩୧।୫ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକରେ ଚାଲିଥିବା ଫାଓ ଲିଗ୍ ଫୁଟବଲର ଆଉ ଏକ ସଂସ୍କରଣ ଜୁଲାଇ ୧ ତାରିଖରୁ ଆରମ୍ଭ ହେବ। ଏଥିଲାଗି ଆଜି ଆସୋସିଏସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୁନ୍ ୩୦ ସୁଦ୍ଧା ଅଂଶଗ୍ରହଣକାରୀ କ୍ଲବ୍ ଗୁଡିକ ଖେଳାଳି ପଞ୍ଜିକରଣ ଶେଷ କରିବାକୁ ସ୍ଥିର ହୋଇଛି। ଖେଳାଳି ପଞ୍ଜିକରଣ ଲାଗି ଜନ୍ମତାରିଖର ପ୍ରମାଣପତ୍ର, ଅରିଜିନାଲ ଆଧାର କିମ୍ବା ପାନ୍ କାର୍ଡ ଏବଂ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋଗ୍ରାଫ୍ ଦେବାଲାଗି ବାଧ୍ୟତାମୂଳକ କରାଯାଇଛି। ଉଭୟ ପ୍ରଥମ ଓ ଦ୍ୱିତୀୟ ଡିଭିଜନ ଲାଗି ଏକାଥରକେ ସମସ୍ତ କାମ ଶେଷ ହେବ। କଟକର ବାରବାଟୀ ଷ୍ଟାଡିୟମ୍‌ରେ ଥିବା ଫାଓର ନିଜସ୍ୱ କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଏଥିରେ କୋଷାଧ୍ୟକ୍ଷ ଭକ୍ତବତ୍ସଲ ଦାସ, ଯୁଗ୍ମ ସମ୍ପାଦକ ଅଭିଜିତ ପାଲ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କ ସମେତ ଫାଓର ସମସ୍ତ କର୍ମକର୍ତ୍ତା, ଅଂଶଗ୍ରହଣକାରୀ କ୍ଲବ୍ ଗୁଡିକର ସଭାପତି/ ସମ୍ପାଦକ କିମ୍ବା ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।



■ ଶ୍ରୀଲଙ୍କାରେ 'ଏ' କ୍ରିକେଟ ସିରିଜ୍

## ପରାଗଙ୍କ ସ୍ଥାନରେ ଗାଏକ୍ୱାଡ୍ ଉପଅଧିନାୟକ

ନୂଆଦିଲ୍ଲୀ,୩୧।୫(ଏଜେନ୍ସି): ଭାରତ, ଶ୍ରୀଲଙ୍କା ଓ ଆଫଗାନିସ୍ତାନ-ଏ' ଦଳ ମଧ୍ୟରେ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ତ୍ରିରାଷ୍ଟ୍ରୀୟ ସିରିଜ୍ ଲାଗି ଭାରତୀୟ ଦଳରେ ଋତୁରାଜ ଗାଏକ୍ୱାଡଙ୍କୁ ସାମିଲ କରାଯାଇଛି। ସେ ଆହତ ରିୟାନ ପରାଗଙ୍କ ବଦଳରେ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି ଓ ଉପଅଧିନାୟକ ମଧ୍ୟ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଜୁ ୯ରୁ ୨୧ ତାରିଖଯାଏ ଖେଳାଯିବ। ଭାରତ-ଏ' ଜୁନ୍ ୯ରେ ଶ୍ରୀଲଙ୍କା-ଏ', ୧୧ରେ ଆଫଗାନିସ୍ତାନ-ଏ', ୧୫ରେ ଶ୍ରୀଲଙ୍କା-ଏ' ଓ ୧୭ରେ ଆଫଗାନିସ୍ତାନ-ଏ' ସହ ଖେଳିବ। ପଏଣ୍ଟ ଟେବୁଲର ଦୁଇ ଶ୍ରେଷ୍ଠ ଦଳ ଜୁନ୍ ୨୧ରେ ଫାଇନାଲ ମୁକାବିଲାରେ ଅବତୀର୍ଣ୍ଣ ହେବେ। ତିଳକ ବର୍ମାଙ୍କ ନେତୃତ୍ୱରେ ଭାରତ-ଏ' ଦଳ ଶ୍ରୀଲଙ୍କା ଯିବ।

**ଭାରତୀୟ ଦଳ:** ତିଳକ ବର୍ମା (ଅଧିନାୟକ), ଋତୁରାଜ ଗାଏକ୍ୱାଡ୍ (ଉପଅଧିନାୟକ), ପ୍ରିୟାଂଶ ଆର୍ଯ୍ୟ, ବୈଭବ ସୂର୍ଯ୍ୟବଂଶୀ, ଆୟୁଷ ବଦୋନି, ନିଶାନ୍ତ ସିନ୍ଧୁ, ସୂର୍ଯ୍ୟାଂଶ ଶେଦ୍‌ଜେ, ପ୍ରଭସିମରନ ସିଂହ, କୁମାର କୁଶାଗ୍ର, ବିପରାଜ ନିଗମ, ୟଶ ଠାକୁର, ଯୁଦ୍ଧବୀର ସିଂହ, ଅଂଶୁଲ କାମ୍ବୋଜ, ଅର୍ସାଦ୍ ଖାନ୍ ଓ ଅନୁକୂଳ ରୟ।



**ଶହୀଦ ସ୍ପୋର୍ଟିଂ ଚାମ୍ପିଅନ**

ଭୁବନେଶ୍ୱର, ୩୧।୫ (ସମିସ): ଆୟୋଜକ ରାମେଶ୍ୱର ସ୍ପୋର୍ଟିଂକୁ ୧୪ ରନ୍‌ରେ ହରାଇ ଶହୀଦ ସ୍ପୋର୍ଟିଂ ୧୫ ବର୍ଷରୁ କମ୍ ରାମେଶ୍ୱର କପ୍ କ୍ରିକେଟ୍ ଚାମ୍ପିଅନ ହୋଇଛି। ଚାମ୍ପିଅନ ଦଳ ପକ୍ଷରୁ ୨୮ ରନ୍ କରିବା ସହ ୪ଟି ୱିକେଟ୍ ନେଇଥିବା ଅଧିନାୟକ ଋତୁରାଜ ମହାନ୍ତିଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ବିଧାୟକ ବାବୁ ସିଂ, କ୍ଲବ୍ ସଭାପତି ସୁରେଶ ରାଉତରାୟ, ସମ୍ପାଦକ ଦୀପକ ମଙ୍ଗରାଜ, ଦୁଇ କ୍ରିକେଟ୍ ତାରକା ପ୍ରଭଞ୍ଜନ ମଲ୍ଲିକ ଓ ରଶ୍ମିରଞ୍ଜନ ପରିଡ଼ା ଅତିଥି ରୂପେ ଯୋଗ ଦେଇଥିଲେ।

# ଜାତୀୟ ଜୁନିଅର କିକ୍‌ବକ୍ସିଂ ଉଦ୍‌ଘାଟିତ

ଭୁବନେଶ୍ୱର, ୩୧।୫ (ସମିସ): ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଜାତୀୟ ଜୁନିଅର କିକ୍ ବକ୍ସିଂ ଚାମ୍ପିଅନସିପ୍ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆମେଚର୍ କିକ୍ ବକ୍ସିଂ ସଂଘ ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାକୁ ରାଜ୍ୟ ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜୁନ ୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ସାରା ଭାରତରୁ ୭୦୦ରୁ ଊର୍ଦ୍ଧ୍ୱ ଯୁବ କିକ୍ ବକ୍ସର ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଓଡ଼ିଶାର ୪୩ଜଣ କିକ୍ ବକ୍ସର ରହିଛନ୍ତି।

ସେହିଭଳି ୪୮ ରେଫରି, ୮୦ କୋଚ୍ ଓ ଟେକନିକାଲ ସପୋର୍ଟ ଷ୍ଟାଫ୍ ମ୍ୟାଚ୍ ପରିଚାଳନାରେ ସହଯୋଗ କରିବା ଲାଗି ନିୟୋଜିତ ରହିଛନ୍ତି। ଉଦ୍‌ଘାଟନୀ ଦିବସରେ ଅନ୍ୟମାନଙ୍କ ମଧ୍ୟରେ ୱାକୋ ଇଣ୍ଡିଆର ସଭାପତି ସନ୍ତୋଷ କୁମାର ଅଗରୱାଲ, ୱାକୋ ଓଡ଼ିଶାର ସଭାପତି କାର୍ତ୍ତିକ ଡାକୁଆ, ସମ୍ପାଦକ ବିଚିତ୍ର ନାରାୟଣ ଜେନା, ବିଜେପି ସଂଯୋଜକ ସଜ୍ଜନ ଶର୍ମା, କେଟି ଗ୍ଲୋବାଲ ସ୍କୁଲର ସିଓଓ ସିଦ୍ଧାର୍ଥ ଶଙ୍କର ରାଉତ, ଅଧ୍ୟକ୍ଷା ରିଙ୍କୁ ଷଡ଼ଙ୍ଗୀ, ତାମିଲନାଡୁ ରାଜ୍ୟପାଳଙ୍କ ଓଏସଡି ପ୍ରୀତୀଶ ଦେଶାଇ, ନୀଳମଣି ମହନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରୁ ଆଗାମୀ ଅନ୍ତର୍ଜାତୀୟ ପ୍ରତିଯୋଗିତା ଲାଗି ଖେଳାଳି ଚୟନ କରାଯିବ।



## ଓସିଏ ୧୯ ବର୍ଷରୁ କମ୍ ଆନ୍ତଃଜିଲ୍ଲା ଦିନିକିଆ

# ସେମିରେ କଟକ-ଏ, ଭୁବନେଶ୍ୱର-ଏ
















ଭୁବନେଶ୍ୱର, ୩୧।୫ (ସମିସ)

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୯ ବର୍ଷରୁ କମ୍ ପୁରୁଷ ଆନ୍ତଃଜିଲ୍ଲା ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ସୋମବାର ସୁନ୍ଦରଗଡ଼-ଭୁବନେଶ୍ୱର ଏ' ଏବଂ ରାଉରକେଲା-କଟକ ଏ' ମଧ୍ୟରେ ସେମିଫାଇନାଲ ଖେଳାଯିବ। ରବିବାର ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱର-ଏ ୭ ୱିକେଟରେ କନ୍ଧମାଳକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି କନ୍ଧମାଳ ୩୩.୩ ଓଭରରେ ୧୭୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ପ୍ରତିପକ୍ଷ ଭୁବନେଶ୍ୱର ପକ୍ଷରୁ ସୌମ୍ୟ ମହାନ୍ତି ୫ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଭୁବନେଶ୍ୱର କ୍ରିଷ୍ଣା ସାସମଲଙ୍କ ଦ୍ରୁତ ଅପରାଜିତ ଶତକ (୬୨ ବଲରେ ୧୦୧)ଙ୍କ ବଳରେ ୨୦.୧ ଓଭରରେ ୩ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ କଟକ-ଏ ମଧ୍ୟ ୨ ୱିକେଟରେ ନୟାଗଡ଼କୁ ହରାଇ ସେମିକୁ ଉଠିଛି। ବିଜୟୀ ଦଳର ଅଭିଷେକ କାଳିଆ ଓ ସାଇରାଜ ସାହୁ ୩ଟି ଲେଖାଏ ୱିକେଟ ନେଇଥିଲେ। ରେଭେନସା ଗ୍ରାଉଣ୍ଡରେ ସୁନ୍ଦରଗଡ଼ ଆଦିତ୍ୟ ଆନନ୍ଦ (ଅପରାଜିତ ୮୭ ଓ ୨ ୱିକେଟ)ଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ୭ ୱିକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଭୁବନେଶ୍ୱର-ବି ପ୍ରଦତ୍ତ ୧୬୦ ରନର ଲକ୍ଷ୍ୟକୁ ରାଉରକେଲା ୨୭.୪ ଓଭରରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ରାଉରକେଲାର ପ୍ରଚେତ ସିଂ ୯୨ ରନର ଅପରାଜିତ ପାଳି ଖେଳିଥିଲେ।


# ଏଥର ବି ଟ୍ରଫି ଆମର


BKT
TYRES
18






#CricketWith TOI


TORRENT
BIRLA


SUN
PHARMA
NOTHING
ATLASSIAN






muthoot
FINCORP


BIRLA
ESTATES



